ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 2/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 127 | ମୂଲ୍ୟ ₹୭/-


DSPL-08

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ୨୦୨୫
# ଶିଶୁ ବାଟିକାର ଶୁଭାରମ୍ଭ

## ସଭିଏଁ ସ୍କୁଲ ଯିବା

ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବାବୁ ସିଂ**
ବିଧାୟକ, ଏକାମ୍ର, ଭୁବନେଶ୍ୱର

**ଶ୍ରୀମତୀ ସୁଲୋଚନା ଦାସ**
ମେୟର, ଭୁବନେଶ୍ୱର ମହାନଗର ନିଗମ

୦୨ ଅପ୍ରେଲ ୨୦୨୫

ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ଗଡ଼, ଭୁବନେଶ୍ୱର

OIPR-27068/13/0044/2425

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା,୧।୪(ଦିନେଶ ମିଶ୍ର):** ଉଦିତନଗର ପୋଲିସ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସଞ୍ଜୀପ ବେସ୍ରା(୨୬) ଓ ମାଲଗୋଦାମର ପ୍ରମୋଦ ଶ୍ରୀବାସ୍ତବ ଓରଫ ଗଜ। ଉଭୟଙ୍କଠାରୁ ୨୧ କେ.ଜି ୨୨୦ ଗ୍ରାମ ଗଞ୍ଜେଇ, ଗୋଟିଏ କାର୍ (ନଂ.ଓଡିଓ୩ଏକିୟୁ/୭୭୫୮), ୨ଟି ସ୍ମାର୍ଟଫୋନ ସହ ୬ଟି ସିମ୍ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୪/୨୫) ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ମଙ୍ଗଳବାର ପ୍ରାତଃ ସମୟରେ ଉଦିତନଗର ପୋଲିସ ଓ ରାଉରକେଲା ଏମ୍‌ଭିଆଇ ପକ୍ଷରୁ ଡିଏଭି ଛକରେ ଚଢ଼ାଉ କରାଯାଉଥିବା ବେଳେ ଏହି ଗଞ୍ଜେଇ ଧରାପଡିଥିଲା।

### ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପିଲେ ଦୁର୍ବୃତ୍ତ

**ବଡ଼ଗାଁ.୧।୪(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅଞ୍ଚଳରେ ମଙ୍ଗଳବାର ଦୁର୍ବୃତ୍ତମାନେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଛନ୍ତି। ତୁଡାଲଗା ମଙ୍ଗଳ ମନ୍ଦିରରେ ଚାଲିଥିବା ନବରାତ୍ର ପୂଜାରେ ଭୋଗ ତିଆରି ଲାଗି କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରା ଗ୍ରାମର ଦନାର୍ଦ୍ଦନ ପୁରୋହିତ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ପୁରୋହିତ କିଛିଦିନ ହେଲା ସକାଳୁ ଆସୁଛନ୍ତି। ମଙ୍ଗଳବାର ସକାଳେ ସବଡେଗାରୁ ରାଉରକେଲା ଯାଉଥିବା ଷ୍ଟାର ଗୋଲ୍ଡ ବସରେ ଉଭୟେ ସ୍ୱାମୀ ସ୍ତ୍ରୀ ତୁଡ଼ାଲଗା ଆସିଥିଲେ। ତୁଡ଼ାଲଗା ବସଷ୍ଟାଣ୍ଡରେ ସକାଳ ସାଢ଼େ ଆଠଟାରେ ଓହ୍ଲାଇ ସେମାନେ ଚାଲିଚାଲି ମନ୍ଦିରକୁ ଯାଉଥିଲେ। ଅମୀୟ ଡ଼ାବା ନିକଟରେ ଦୁଇଜଣ ଯୁବକ ବାଇକରେ ଆସି ଶକୁନ୍ତଳାଙ୍କ ବେକରୁ ଦୁଇଭରିର ସୁନା ଚେନ୍ ଟାଣି ନେଇ ରାଜଗାଙ୍ଗପୁର ପଟକୁ ଦ୍ରୁତ ଗତିରେ ବାଇକରେ ଫେରାର ହୋଇଯାଇଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା କଲେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର

#### କୁତ୍ରାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କୁତ୍ରା ୧।୪(ଦେବାଶିଷ ସାହୁ):** କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ.ବିଭୂତି ପଟ୍ଟନାୟକ ଯୋଗଦେଇ ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ଭାଦୁଆ ଓରାମ ଓ ଷ୍ଟାଫ ନର୍ସ ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ମଙ୍ଗଳବାର ଆଦିବାସୀଙ୍କ ପ୍ରକୃତି ପର୍ବ ସାରହୁଲ ପୂଜା ମହୋତ୍ସବ ଅବସରରେ ଆଦିବାସୀ ମହିଳାମାନେ ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ବାହାରିଛନ୍ତି।

# ପ୍ରକୃତି ଉପାସନା କଲେ ଆଦିବାସୀ

**ସାରହୁଲ ପୂଜା ମହୋତ୍ସବ-୨୦୨୫ ପାଳିତ**

**ରାଉରକେଲା,୧।୪(ଦିନେଶ ମିଶ୍ର)**

ରାଉରକେଲା ଉଦିତନଗରସ୍ଥିତ ସାରନାପୂଜା ସ୍ଥଳରେ ରାଜୀ ପାଡ୍‌ହା ସାରନା ପ୍ରାର୍ଥନା ସଭା ଓ ସାରନା ସମିତି ରାଉରକେଲା ପକ୍ଷରୁ ଆଦିବାସୀଙ୍କ ପ୍ରକୃତି ପର୍ବ ସାରହୁଲ ପୂଜା ମହୋତ୍ସବ-୨୦୨୫ ମଙ୍ଗଳବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ଏକତିତ୍ର ହୋଇ ପ୍ରକୃତି ଓ ପରିବେଶ ମଧ୍ୟରେ ସମନ୍ୱୟ ବଜାୟ ରଖିବା ପାଇଁ ସାରନା ପୂଜାସ୍ଥଳରେ ଗଛ, ଲତା, ଜଳ, ସୂର୍ଯ୍ୟଦେବତାଙ୍କୁ ପୂଜା କରିଥିଲେ। ସାରନା ପୂଜାସ୍ଥଳରେ ସେମାନେ ପୃଥିବୀର ପଞ୍ଚତତ୍ତ୍ୱକୁ ପୂଜା କରି ବିଶ୍ୱର ଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ଏହି ମହୋତ୍ସବରେ ରାଉରକେଲା ସମେତ ନୂଆଗାଁ, ବିଶ୍ରା, ରାଜଗାଙ୍ଗପୁର, ବୀରମିତ୍ରପୁର, ଝାଡ଼ଖଣ୍ଡ, ସିମଡେଗା, ଭାଲୁଲତା, ଓରାମପଡା, ଝିରପାଣି ଆଦି ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ସାରନା ପୂଜାସ୍ଥଳରେ ପ୍ରକୃତି ମା'କୁ ଜଳ ସମର୍ପଣ କରିଥିଲେ। ସାରନାପୂଜା ସ୍ଥଳର ମୁଖ୍ୟ ପୂଜକ ମାଙ୍ଗନାଥ ଖାଲକୋ, ମଣିଲାଲ କେରକେଟ୍ଟା ପ୍ରମୁଖ ପ୍ରକୃତି ଇଷ୍ଟଦେବତାଙ୍କୁ ନୂତନ ପୁଷ୍ପମାଲ୍ୟ, ନୂଆ ଅରୁଆ ଚାଉଳ, ଫଳ ଅର୍ପଣ ସହ ପୂଜାର୍ଚ୍ଚନା କରି ପରସ୍ପରକୁ ଅଭିର ଲଗାଇ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସାରହୁଲ ପୂଜା କମିଟି ପକ୍ଷରୁ ଆଧ୍ୟାତ୍ମିକ ପ୍ରବଚନ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରବଚକ ମାଙ୍ଗନାଥ ଖାଲକୋ ସାରହୁଲ ପୂଜାର ମହତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ। ସାରହୁଲ ପର୍ବ ଆଦିବାସୀ ସମାଜରେ ଭାଇଚାରା, ଚେତନା, ସଞ୍ଜମ, ସମାନତା, ପ୍ରେମ ଓ ସମାଜକୁ ସୁଦୃଢ଼ କରିବାରେ ପ୍ରେରଣା ଦେଇଥାଏ ବୋଲି ସାରନା ସମିତି ସଭାପତି ମଣିଲାଲ କେରକେଟ୍ଟା କହିଥିଲେ। ଏହି ଅବସରରେ ବିଶ୍ରା ଛକ ଦେଇ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ମୁଣ୍ଡରେ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଧନେଶ୍ୱର ତିର୍କୀ, ସୁଶୀଲ ଲାକ୍ରା, ମୀନା ତିର୍କୀ, ଲକ୍ଷ୍ମୀ ଖାଲକୋ, ଝୁନୁକୁ ଟୋପୋ, ଗଙ୍ଗାଧର ଖାଲକୋ, ସମା ଲାକ୍ରା, ଦାଲୁ ଟୋପୋ, ନେହେରୁ ମିଞ୍ଜ, ବିଲୁ ତିର୍କୀ, ଅନନ୍ତ ଓରାମ, ହେମା ଏକ୍କା, ବିଶ୍ରା ବାଡା, ଜେଜେ କେରକେଟ୍ଟା, ମହାଦେବ କୁଜୁର, କିସୁ ଓରାମ, ଧନେଶ୍ୱର ତିଗା ପ୍ରମୁଖ ସହଯୋଗ କରିଥିଲେ।

# ପୂର୍ବତନ ବିଧାୟକଙ୍କ ହସ୍ତକ୍ଷେପ ପରେ ମିଳିଲା ଆଶ୍ୱସ୍ତି

**ରେଳବାଇ ଜମି ବିବାଦ**

**ବନ୍ଧମୁଣ୍ଡା,୧।୪(ସୁବ୍ରତ ଦେ)**

ବନ୍ଧମୁଣ୍ଡାଠାରେ ଗତ କିଛି ଦିନ ଧରି ଚାଲିଥିବା ରେଳବାଇ ଜମି ବିବାଦରୁ ମଙ୍ଗଳବାର ସ୍ଥାନୀୟ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ରାଉରକେଲାର ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ହସ୍ତକ୍ଷେପ ପରେ ଲୋକମାନେ ଆଶ୍ୱସ୍ତିର ନିଶ୍ୱାସ ନେଇଛନ୍ତି। ଗତ ଗୋଟିଏ ମାସ ଧରି ବନ୍ଧମୁଣ୍ଡାରେ ରେଳବାଇ ଜମିରେ ଥିବା ବସ୍ତି ଏବଂ କଲୋନୀ ମଧ୍ୟ ଭାଗରେ ଥିବା ଝୁମ୍ପୁଡ଼ି ଗୁଡ଼ିକୁ ଭାଙ୍ଗିବା ପାଇଁ ରେଳବାଇ ପ୍ରଶାସନ ଲୋକଙ୍କୁ ଲଗାତାର ନୋଟିସ ପଠାଉଥିଲେ। ସ୍ଥାନୀୟ ଲୋକମାନେ ଏହି ସମସ୍ୟାକୁ ଏଡ଼ାଇବା ଏବଂ ସେମାନଙ୍କ ଘର ଭାଙ୍ଗିବାରୁ ରକ୍ଷା କରିବା ପାଇଁ ରାଉଲକେଲାର ପୂର୍ବତନ ବିଧାୟକ ଦିଲୀପ ରାୟଙ୍କୁ ନିବେଦନ କରିଥିଲେ। ପରେ ଦିଲୀପ ରାୟ କଲୋନୀର ଲୋକଙ୍କ ସପକ୍ଷରେ ଏ ସମ୍ପର୍କରେ ରେଳବାଇର ବରିଷ୍ଠ ଅଧିକାରୀଙ୍କ ସହ କଥା ହୋଇଥିଲେ। ପରେ ରେଳବାଇ ଅଧିକାରୀମାନେ ଆପାତତଃ ବନ୍ଧମୁଣ୍ଡାଠାରେ ଥିବା ବସ୍ତିର ଘର ଭାଙ୍ଗିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦିଲୀପ ରାୟ କଲୋନୀରେ ଥିବା ଘରଗୁଡ଼ିକୁ ମଧ୍ୟ ନ ଭାଙ୍ଗିବା ପାଇଁ ରେଳ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଦିଲୀପ ରାୟଙ୍କ ଏହି ପଦକ୍ଷେପ ଯୋଗୁ ସ୍ଥାନୀୟ ଗରିବ ଲୋକମାନେ ଆଶ୍ୱସ୍ତି ପାଇଛନ୍ତି। ଅଞ୍ଚଳର ଲୋକମାନେ ଦିଲୀପ ରାୟଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ଅବସରରେ ଭାଜପାର ବନ୍ଧମୁଣ୍ଡା ମଣ୍ଡଳ ସଭାପତି ଲଖନ ଲୋହାର କହିଛନ୍ତି, ଦିଲୀପ ରାୟଙ୍କ ପ୍ରୟାସ ଯୋଗୁ ଲୋକଙ୍କ ସମସ୍ୟାର ସମାଧାନ ହୋଇଛି। ଏଥିପାଇଁ ଭାଜପା ମାଣିକ ଚୌଧୁରୀ, ଆଇ ରାଜା ରମେଶ, ପ୍ରମିଳା ସୁନା, ହରି ଡୋରା, ଭାରତୀ ସିଂ, ରଂଜନ କୁମାର ସିଂ, ସୁଭାଷ ପଣ୍ଡା, ଲୀନା ନାଇଡୁ ଏବଂ ଅନ୍ୟ କର୍ମୀମାନେ ମଧ୍ୟ ଦିଲୀପ ରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଓଡ଼ିଶା ଦିବସରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି




ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ରାଉରକେଲା, ୧।୪(ବିପ୍ଳବ ରଞ୍ଜନ ଦାଶ)**

ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। କମିଟି ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ବିର୍ସା ଛକରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା, ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଧଶକ ସୁଦିପ ପାଲ ଚୌଧୁରୀ, ଏମ.ଏମ. ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ସହର ସେବା ପ୍ରଶାସନିକ ମୁଖ୍ୟ ମହାପ୍ରବନ୍ଧକ ପି. କେ. ସ୍ୱାଇଁ, ଟାଉନ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ବି. କେ. ଜୋଜୋ, ମହାପ୍ରବନ୍ଧକ ଏସ.ଏସ. ମହାପାତ୍ର, ଜେ. ପି. ମିଶ୍ର ଓ ଟି. ଜି. କାନିତକର, ଉପମହାପ୍ରବନ୍ଧକ ଏ.କେ. ବିଶ୍ୱାସ, ଏଜିଏମ୍ ପୁରୁଷୋତ୍ତମ ସାହୁ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପେକ୍ଷୀରେ ଜିଲା ପ୍ରଶାସନ ପକ୍ଷରୁ ଆର୍‌ଏମ୍‌ସି ଆୟୁକ୍ତ ତଥା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ଆୟୁକ୍ତ ଅଜିତ ପଟ୍ଟନାୟକ, ତହସିଲଦାର ନିବେଦିତା ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫଟିମା ଏକ୍କା, ସମାଜସେବୀ ଶ୍ରଦ୍ଧା ଷଡଙ୍ଗୀ, ଉତ୍କଳ ସମ୍ମିଳନୀ ରାଉରକେଲା ସଭାପତି ସୁଦାମ ଦାସ, ନୀଳଶୈଳ ସଭାନେତ୍ରୀ ସୌଭାଗିନୀ ମୁଦାଲି, ଗରିମା ସଭାପତି ସୁନିଲ କୟାଲ, ସାଧାରଣ ସମ୍ପାଦକ ଶଙ୍କର ଜେନା, ଗଞ୍ଜାମ ଗଜପତି ବିକାଶ ପରିଷଦ ସଭାପତି ହାଡିବନ୍ଧୁ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଷ୍ଟାଚ୍ୟୁ କମିଟି ଯୁଗ୍ମ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାପତି ଡା. ଏମ୍. ସୋରେନ, କୋଷାଧ୍ୟକ୍ଷ ସୁବାସ ସାହୁ, ବରିଷ୍ଠ ସଦସ୍ୟ ପି.ଏଲ. ନାୟକ, ମନୋରଞ୍ଜନ କାଣ୍ଡୁଲାନା, ଦୀପକ ରାଉତରାୟ, ଲଳିତ କୁଜୁର, ଦେବେନ୍ଦ୍ର କୁମାର ନାୟକ ପ୍ରମୁଖ ବୀର ଉପସ୍ଥିତ ଥିଲେ।

# ପୋଲିସ ସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ

**୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ**

**ରାଉରକେଲା,୧।୪(ଦିନେଶ ମିଶ୍ର)**



କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା ରିଜର୍ଭ ପୋଲିସ ପଡିଆରେ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ-୨୦୨୫ ମଙ୍ଗଳବାର ଧୁମ୍‌ଧାମରେ ପାଳିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୋଲିସ ସମାଜ ପାଇଁ ସର୍ବଦା ନିଷ୍ଠାର ସହ କାର୍ଯ୍ୟ କରିବାକୁ ଡିଆଇଜି ରାୟ ଆହ୍ୱାନ ଦେଇଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନି, ଜିଆରପି ଏସ୍‌ପି ବି. କେ. ଜେନା, ଓସ୍‌ଏପି କମାଣ୍ଡାଣ୍ଟ ପ୍ରଫୁଲ୍ଲ ବଡଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ଓଡ଼ିଶା ପୋଲିସ, ଗୃହରକ୍ଷୀ ବାହିନୀ, ଟ୍ରାଫିକ୍ ପୋଲିସ ଓ ଓଏସ୍‌ଏପି ଯବାନମାନଙ୍କ ଦ୍ୱାରା ପରେଡ ପ୍ରଦର୍ଶନ ହୋଇଥିଲା। ଏହି ଅବସରରେ ରାଉରକେଲା ପୋଲିସ ବିଭାଗରେ ନିଷ୍ଠାର ସହ କାର୍ଯ୍ୟ କରିଥିବା ସବ୍ ଇନ୍ସପେକ୍ଟର ସୁବ୍ରତ କୁମାର ପଣ୍ଡା, ଜିଆରପି ଏସ୍‌ଆଇ ବିନୟ କୁମାର ଭୋଇ, ଓଏସ୍‌ପି ଏସ୍‌ଆଇ ଅଖିଳ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଏସ୍‌ଆଇ ରୂପେଶ କୁମାର ନାୟକ, ଜିଆର୍‌ପି ଏସ୍‌ଆଇ ରାମ କିଶୋର ସାହୁ, ଓଏସ୍‌ଏପି ଏସ୍‌ଆଇ ଈଶ୍ୱର କନୱାର, ହାବିଲଦାର ମେଘାନନ୍ଦ ମାଝୀ, ଜିଆର୍‌ପି ହାବିଲଦାର ଦୁର୍ଗାଚରଣ ହାସଁଦା, ଫ୍ରାନ୍ସିସ୍ କାଣ୍ଡୁଲାନା, ଟ୍ରାଫିକ୍ ପୋଲିସ ବିନୋଦ ବିଜୟ ମାରାଣ୍ଡି, ସୁଶିଲ କୁମାର ବିଶ୍ୱାଳ, ବିମଲ କୁମାର କିଷାନ, ଅଜୟ ମିଞ୍ଜ, ବିନୋଦ ବାରୁଆ ଓ ଦମୟନ୍ତୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଉରକେଲା ପୋଲିସ ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ରାଉରକେଲା ପୋଲିସ ଓ ରିଜର୍ଭ ପୋଲିସ କର୍ମଚାରୀ ସହଯୋଗ କରିଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ରାଜ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରଗଡ଼ ଜିଲା କିଷାନ ସମାଜର ସାଙ୍ଗଠନିକ ବୈଠକ

**ସୁନ୍ଦରଗଡ,୧।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା କୁଣହାଁ କିଷାନ ସମାଜ ପକ୍ଷରୁ ରାଜଗାଙ୍ଗପୁର ସ୍ଥିତ ଲମଲେଇ କମ୍ୟୁନିଟି ହଲ୍‌ଠାରେ ସୋମବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା କିଷାନ ସମାଜ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଜିଲା କମିଟି ଗଠନ ସହ କର୍ମକର୍ତ୍ତା ଚୟନ ସମେତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ କିଷାନ ସମାଜର ବରିଷ୍ଠ ନେତୃବୃନ୍ଦ ସପ୍ନା ମିଞ୍ଜ, ନରସିଂହ ମିଞ୍ଜ, କପିଳେଶ୍ୱର ଟପୋ, ଗଣେଶ୍ୱର ପିଙ୍ଗ, ବିଶ୍ୱନାଥ ଟପ୍ପୋ, ଚନ୍ଦ୍ରମଣି କିସାନ, ଯୁଗେଶ୍ୱର ଲାକ୍ରା, କ୍ରିଷ୍ଟା ଲାକ୍ରା, ବିତନା ମାଝୀ, ପ୍ରେମଚାନ୍ଦ ଲାକ୍ରା, କଳାକାର ବାଘ, ଗମାହାଏ ଲାକ୍ରା, ଦୀନବନ୍ଧୁ କିଷାନ, ହେମନ୍ତ ଏକ୍କା, ବୀର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।

# ଡାକ୍ତର ଅଭାବ, ମିଳୁନି ଉପଯୁକ୍ତ ସ୍ୱାସ୍ଥ୍ୟସେବା

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)**

୪ଶହ ଶଯ୍ୟା ବିଶିଷ୍ଟ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)କୁ ପ୍ରତିଦିନ ୫ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏହି ଡାକ୍ତରଖାନା ଉପରେ ରାଉରକେଲା, ସୁନ୍ଦରଗଡ଼ ଜିଲା ସମେତ ପଡୋଶୀ ଝାଡ଼ଖଣ୍ଡ ଅଞ୍ଚଳରୁ ଶତାଧିକ ରୋଗୀ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ମାତ୍ର ଡାକ୍ତର ଅଭାବ ଯୋଗୁ ଡାକ୍ତରଖାନାର ବହିଃ ବିଭାଗରେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଆରଜିଏଚ୍ ନିକଟସ୍ଥ କେନ୍ଦ୍ରରେ ଆଶ୍ରୟ ନେଉଛନ୍ତି।

ରାଉରକେଲା ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଚିକିତ୍ସା ସେବା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ସୁବିଧା ମିଳିପାରିନାହିଁ। ଡାକ୍ତର ଅଭାବ ଯୋଗୁ ରୋଗୀ ଓ ସମ୍ପର୍କୀୟ ବହିଃ ବିଭାଗରେ ଘଣ୍ଟା ଘଣ୍ଟା ଧରି ଲାଇନ୍ ଲଗାଇ ରହୁଛନ୍ତି। ଆରଜିଏଚ୍‌ରେ ୯୨ଟି ପଦବୀ ଥିବାବେଳେ ୫୦ଟି ପଦବୀ ଖାଲି ରହିଛି। ମାତ୍ର ୪୨ଜଣ ପ୍ରଶାସନିକ ବିଭାଗ ଅଧିକାରୀ, ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଏବଂ ଚତୁର୍ଥ କର୍ମଚାରୀଙ୍କ ଭରସାରେ ଚାଲିଛି ୪ଶହ ଶଯ୍ୟା ବିଶିଷ୍ଟ ଆରଜିଏଚ୍‌ରେ ୭ଲକ୍ଷ ରୋଗୀଙ୍କ ଚିକିତ୍ସା ସେବା। ମାତ୍ର ୧୩ଜଣ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଏତେସଂଖ୍ୟକ ରୋଗୀଙ୍କ ଚିକିତ୍ସା କରାଯାଉଥିବାବେଳେ ମଧ୍ୟାହ୍ନ ପରେ ବହିଃ ବିଭାଗରେ ବିଶେଷଜ୍ଞ ଡାକ୍ତର ରହୁ ନ ଥିବାରୁ ରୋଗୀମାନେ ଚିକିତ୍ସିତ ହୋଇପାରୁନାହାନ୍ତି। ବର୍ଷ ବର୍ଷ ଧରି ଆରଜିଏଚ୍‌ର ଖାଲି ପଦବୀ ପୂରଣ ପାଇଁ ସରକାରଙ୍କୁ ଅବଗତ କରାଯାଉଛି। ସରକାରଙ୍କ ପକ୍ଷରୁ ମଧ ଆରଜିଏଚ୍‌ର ବିଭିନ୍ନ ସମସ୍ୟା ସମାଧାନ ନେଇ ରିପୋର୍ଟ ତଲବ ହେଉଛି। ମାତ୍ର ଡାକ୍ତରଖାନା ସମସ୍ୟା ସମାଧାନ ହୋଇପାରୁନାହିଁ। ଆରଜିଏଚ୍‌ର ବହିଃ ବିଭାଗରେ ମଧ୍ୟାହ୍ନ ପରେ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥାନ ବଳବତ୍ତର ଏବଂ ଅତି ଜରୁରୀ ଡାକ୍ତରୀ ପଦବୀ ପୂରଣ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନେବାକୁ ରୋଗୀ ମହଲରେ ଦାବି ହେଉଛି।

ଏ ନେଇ ଆରଜିଏଚ୍ ନିର୍ଦ୍ଦେଶକ ମନୋଜ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଲେ, ବହିଃ ବିଭାଗରେ ମଧ୍ୟାହ୍ନ ପରେ ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥାନ ଉପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଜରୁରୀକାଳୀନ ଡାକ୍ତର ପଦବୀ ପୂରଣ ନେଇ ସରକାର ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଶୀଘ୍ର ଜରୁରୀ ଡାକ୍ତର ପଦବୀ ପୂରଣ ହେବ ବୋଲି ସେ କହିଥିଲେ। ସେହିପରି ଆରଜିଏଚ୍ ନିକଟସ୍ଥ ଆଶ୍ରୟସ୍ଥଳୀ ମ୍ୟାନେଜର ବିଶ୍ୱଜିତ ଦାଶ କୁହନ୍ତି, ଆର୍‌ଏମ୍‌ସି ପକ୍ଷରୁ ଆରଜିଏଚ୍ ନିକଟରେ ଆଶ୍ରୟସ୍ଥଳ ରହିଛି। ଏହା ୫୦ଶଯ୍ୟା ବିଶିଷ୍ଟ ଅଟେ। ବର୍ତ୍ତମାନ ଏଠାରେ ୪୨ ରୋଗୀ ଚିକିତ୍ସା ପାଇଁ ଆଶ୍ରୟ ନେଇଛନ୍ତି। ମାତ୍ର ବହିଃ ବିଭାଗରେ ମଧ୍ୟାହ୍ନ ପରେ ବିଶେଷଜ୍ଞ ଡାକ୍ତର ରହୁ ନ ଥିବା ଯୋଗୁ ଚିକିତ୍ସା ହୋଇ ନ ପାରି ରୋଗୀ ସେଲଟର କେନ୍ଦ୍ରରେ ଆଶ୍ରୟ ନେଉଛନ୍ତି ବୋଲି ସେ କହିଥିଲେ।



ଆରଜିଏଚ୍ ବହିଃ ବିଭାଗ ବାହାରେ ରୋଗୀଙ୍କ ଭିଡ଼ ଲାଗିଛି।

# ଓଡ଼ିଆ ଭାଷାକୁ ମା' ଭଳି ଆପଣାଇବାକୁ ପରାମର୍ଶ



ବେଦବ୍ୟାସ ସଂସ୍କୃତ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ରାଉରକେଲା ସ୍ୱୟଂଶାସିତ କଲେଜରେ ଓଡ଼ିଶା ଦିବସ ପାଳନ କରାଯାଉଛି।

**ରାଉରକେଲାର ବିଭିନ୍ନ ଅନୁଷ୍ଠାନରେ ଓଡ଼ିଶା ଦିବସ**

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ଛେଣ୍ଡସ୍ଥିତ ଧାମରା ସଂଘ ସମ୍ମିଳନୀ କେନ୍ଦ୍ରରେ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡି. ଆର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ପ୍ରଦ୍ୟୁମ୍ନ ତ୍ରିପାଠୀ, ଶିକ୍ଷାବିତ୍ ଛାୟାକାନ୍ତ ଷଡଙ୍ଗୀ, ଗୃହସ୍ଥି ଉଦ୍ୟୋଗ ରାଉରକେଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. କେ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଷଡଙ୍ଗୀ ଉତ୍କଳ ପ୍ରଦେଶ ଗଠନରେ ମଧୁସୂଦନ ଦାସ ଏବଂ ଗଙ୍ଗାଧର ମେହେର ଓ ସମ୍ବଲପୁରର ଭୂମିକା ଉପରେ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲା ଗଜପତି ବିକାଶ ପରିଷଦ ଓ ଗୋପାଳ ସମାଜ, ରାଉରକେଲା ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ଉଭୟ ପରିଷଦ ପକ୍ଷରୁ ଉତ୍କଳ ପ୍ରଦେଶ ଗଠନରେ ବିଶେଷ ଭୂମିକା ନିର୍ବାହ କରିଥିବା ଜନନାୟକମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସଚେତନତା ଅଭିଯାନ କରାଯାଇଥିଲା। ହାଡିବନ୍ଧୁ ବେହେରା, ସୁରେନ୍ଦ୍ର ନାଥ ଜେନା, ବିପ୍ର ଚରଣ ବିଶ୍ୱାଳ, ଶ୍ରଦ୍ଧା ଷଡଙ୍ଗୀ, କମ୍ୟୁନିଷ୍ଟ ଗୌଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ଗାୟତ୍ରୀ ଆର୍ଟ ଏଣ୍ଡ କ୍ରାଫ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରକଳା ପ୍ରଦର୍ଶନୀ ହୋଇଥିଲା। ଡକ୍ଟର କଲ୍ୟାଣୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସମାଜସେବୀ ଅକ୍ଷୟ ସାମଲ ମୁଖ୍ୟଅତିଥି, ଚିତ୍ରଶିଳ୍ପୀ ଗୋକୁଳାନନ୍ଦ ଦାଶ ଓ ଗୋପବନ୍ଧୁ ପାଠାଗାର ସଭାପତି ନବଘନ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ପିଲାମାନଙ୍କୁ ଓଡ଼ିଆ ସଂସ୍କୃତି ଓ ସଭ୍ୟତାର ସମୃଦ୍ଧି ପାଇଁ ଓଡ଼ିଆ ଭାଷାକୁ ମା' ଭଳି ଆପଣାଇବାକୁ ପରାମର୍ଶ ଦେଇଥିଲେ। ଶକ୍ତିପ୍ରଦ ଜେନା ଓ ସମ୍ପ୍ରତନୀ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ସ୍ୱାମୀ ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଓଡିଶା ଦିବସ ପାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସ୍ୱାମୀ ନକୁଳ ଦେବଜୀ ଉଦ୍‌ଘାଟନ କରିଥିଲେ। ବକ୍ତା ଭାବେ ଶରତ ଚନ୍ଦ୍ର ଦେହୁରୀ, ରମେଶ ଚନ୍ଦ୍ର ଜେନା ,ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଯୋଗ ଦେଇ ଓଡ଼ିଶା ଦିବସ ଉପରେ ଆଲୋକପାତ କରିଥିଲେ। ସନ୍ତୋଷ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ରାଉରକେଲା ଆଇନ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡକ୍ଟର ବିଭୂରଞ୍ଜନ ମହାପାତ୍ର ଓଡ଼ିଶା ପ୍ରଦେଶ ଗଠନ, ଭାଷା, ଖାଦ୍ୟ ଓ ଭାଷା ଆନ୍ଦୋଳନରେ ଯୋଗ ଦେଇଥିବା ସଂଗ୍ରାମୀମାନଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ପରିସ୍ମିତା ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ଶର୍ମିଷ୍ଠା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଓଡିଶା ଦିବସ ପାଳିତ ହୋଇଥିଲା। ଏଥିରେ ରାଉରକେଲା ଏନ୍‌ଆଇଟିର ପୃଥିବୀ ଏବଂ ବାୟୁମଣ୍ଡଳ ବିଜ୍ଞାନ ବିଭାଗ ପ୍ରଫେସର ଜଗବନ୍ଧୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ଡକ୍ଟର ସସ୍ମିତା ସାମଲ ଅଧ୍ୟକ୍ଷତା କରି ଓଡ଼ିଶା ଦିବସ ପାଳନର ଗୁରୁତ୍ୱ ଓ ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାଟଣାଗଡ,(ସଚ୍ଚିଦାନନ୍ଦ ମହାକୁର): ବଲାଙ୍ଗୀର ଜିଲା ପାଟଣାଗଡ ଥାନା ବଗଲାବନ୍ଧ ଗାଁ  ନିକଟ ଏକ ନାଳ ପାଖରେ ଥିବା ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗାଁର ପୁରନ୍ଦର ଧରୁଆ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତହେଦ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ନଂ ୧୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ  ହୋଇଛି ।



**ସଂକ୍ଷେପରେ**

## ୪ କୁଇଣ୍ଟାଲ ମହୁଲ ଫୁଲ ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

କଣ୍ଟାବାଞ୍ଜି,୧।୪ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଚଢାଉ କରାଯାଇ ୪ କୁଇଣ୍ଟାଲ ୨୦କେଜି. ମହୁଲ ଫୁଲ ଜଣେ ବ୍ୟକ୍ତିଙ୍କ ଠାରୁ ଜବତ ହୋଇଛି। ଏହି ଘଟଣାରେ ତୁରେକେଲା ଥାନା ଗଏନ୍ଦିମାଲ ଗ୍ରାମର ଚିନ୍ତାମଣି ବାଗଙ୍କୁ ଗିରଫ କରାଯାଇଛି । ଗଏନ୍ଦିମାଲ ରୁ ଲାଠୋରକୁ ମହୁଲ ଫୁଲ ଚୋରା ଚାଲାଣ ହେଉଥିବା ଖବର ପାଇ ବିଭାଗୀୟ କର୍ମଚାରୀମାନେ ଚଢାଉ କରି ଗଏନ୍ଦିମାଲ ନିକଟରୁ ଜବତ କରିଥିଲେ । ମହୁଲ ଫୁଲ ଚୋରା ଚାଲାଣ ହେଉଥିବା ଏକ ପିକ୍‌ଅପ୍ ଭ୍ୟାନ( ନଂ. ଓଡି୦୩ଜେଡ୬୨୫୧)କୁ ଜବତ କରାଯାଇଛି । ଅଭିଯୁକ୍ତ ଚିନ୍ତାମଣିଙ୍କୁ କଣ୍ଟାବାଞ୍ଜି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଚଢାଉରେ କଣ୍ଟାବାଞ୍ଜି ଅବକାରୀ ଥାନା ଅଧିକାରୀ ପ୍ରବିଣ କୁମାର ସାହୁ, ଏଏସଆଇ ଇଶ୍ୱରଚନ୍ଦ୍ର ଭୋଇ,ରଞ୍ଜନ ମିଶ୍ର ଏବଂ ଆଶିଷ ପଟେଲ ସାମିଲ ଥିଲେ।

## ଟିଟିଲାଗଡ଼ ଡିଏଭି ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ଟିଟିଲାଗଡ,୧।୪(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବାଳକୃଷ୍ଣ ଶର୍ମାଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସହ ଉପଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରକାର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଉତ୍ତମ ନାଗରିକ ହୋଇ ଦେଶ ସେବାରେ ବ୍ରତୀ ହେବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଟିଟିଲାଗଡ ଉପଖଣ୍ଡ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ସମ୍ମାନିତ ଅତିଥି, ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାଳକୃଷ୍ଣ ଶର୍ମା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ପରେ ଶିକ୍ଷୟିତ୍ରୀ ପଞ୍ଚମୀ ମାଝୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ରୁବିନା ଷଡ଼ଙ୍ଗୀ ଓ ସାଇମନ କୋଷଲିଆ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ । ଶିକ୍ଷକ ଦେବାଶିଷ ସାହା ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଦିବସ ପାଳିତ

ପାଟଣାଗଡ,୧।୪(ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ଏନଏସିସ୍ଥିତ ରମାଁଇ ହାଇସ୍କୁଲ ଠାରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝି, ସୂଚନା ଓ ଲୋକସଂପର୍କ ଅଧିକାରୀ ସରୋଜ ମେହେର, ଲକ୍ଷ୍ମୀକାନ୍ତ ମିଶ୍ର ଓ ଶିକ୍ଷାବିତ୍ ଗୋପାଳ ନାଏକ ଉପସ୍ଥିତ ଥିଲେ।

# ‘ଗିରଫଦାରି ଅଗଣତାନ୍ତ୍ରିକ’

ବଲାଙ୍ଗୀର,୧।୪(ବୀରେନ୍ଦ୍ର କୁମାର ଝାଙ୍କର)

■ଏପ୍ରିଲ ୨ରୁ ୮ ପର୍ଯ୍ୟନ୍ତ ପାଳନ କରାଯିବ ପ୍ରତିବାଦ ସପ୍ତାହ

■ବଲାଙ୍ଗୀରରେ ୬ ଜଣ ପ୍ରମୁଖ କୋଶଲବାଦୀ ଗିରଫ


ବଲାଙ୍ଗୀର ଟାଉନ ଥାନାରେ ଗିରଫ ହୋଇଥିବା କୋସଲବାଦୀ ନେତାମାନେ।

ଏପ୍ରିଲ୧ ଓଡିଶା ଦିବସ ପାଳନକୁ ବିରୋଧ କରି କୋସଲବାଦୀମାନେ ମଙ୍ଗଳବାର କଳା ଦିବସ ପାଳନ କରିଛନ୍ତି। କୋସଲାଞ୍ଚଳର ବିଭିନ୍ନ ସ୍ଥାନରେ କଳାପତାକା ଉତ୍ତୋଳନ କରାଯିବା ସହ କୋସଲବାଦୀମାନେ କଳା ବ୍ୟାଜ୍ ପରିଧାନ ସହ ପ୍ରତିବାଦ ସଭା ମାଧ୍ୟମରେ କଳା ଦିବସ ପାଳନ କରିଛନ୍ତି। କଳା ଦିବସ ପାଳନ କରୁଥିବା କୋସଲବାଦୀମାନଙ୍କୁ ପୋଲିସ ଗିରଫ କରିଥିବା ଅଭିଯୋଗ ହୋଇଛି। ପୋଲିସର ଏଭଳି ଗିରଫଦାରିକୁ କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ତୀବ୍ର ବିରୋଧ କରିବା ସହ କଠୋର ଭାଷାରେ ସମାଲୋଚନା କରିଛନ୍ତ । ଏକ ବାର୍ତ୍ତାରେ ସେ କହିଛନ୍ତି, ବଲାଙ୍ଗୀରରେ ସେ ଅନୁପସ୍ଥିତ ଥିବାବେଳେ ତାଙ୍କ ବାସଭବନକୁ ପୋଲିସ ଜଗିଛି। ୧୯୯୧ ମସିହାରୁ ପ୍ରତିବର୍ଷ ଏପ୍ରିଲ ୧ ତାରିଖରେ କଳା ଦିବସ ପାଳନ କରାଯାଉଛି। କିନ୍ତୁ ପ୍ରଥମ ଥର ଏଭଳି ବ୍ୟାପକ ଗିରଫଦାରି କରାଯାଇଛି। ଏହା ଅତୀବ ନିନ୍ଦନୀୟ ତଥା ଅଗଣତାନ୍ତ୍ରିକ ଓ ସମ୍ବିଧାନ ବିରୋଧୀ କାର୍ଯ୍ୟକଳାପ ବୋଲି ସେ କହିଛନ୍ତି। ଏଭଳି ଗିରଫଦାରି କରି ରାଜ୍ୟ ସରକାର ତାଙ୍କର କୋସଲ ବିରୋଧୀ ମନୋଭାବ ପ୍ରଦର୍ଶନ କରିଛନ୍ତି ଏବଂ କଳା ଦିବସ ପାଳନ ସଫଳ ହେଲା ବୋଲି ସ୍ୱୀକାର କରିଥିବା ସେ କହିଛନ୍ତି। ଏଭଳି ଗିରଫଦାରିରୁ ଶିକ୍ଷାଲାଭ କରି କୋସଲାଞ୍ଚଳର ସବୁ ସଙ୍ଗଠନ ଓ ସଂଗ୍ରାମୀ ତୁରନ୍ତ ଆଗାମୀ ଦିନରେ ଏକତ୍ରିତ ହୋଇ ସ୍ୱତନ୍ତ୍ର କୋସଲ ରାଜ୍ୟ ଆନ୍ଦୋଳନକୁ ଆହୁରି ତେଜିଆନ କରନ୍ତୁ ବୋଲି ମିଶ୍ର ଆହ୍ୱାନ ଦେବା ସହ ଆଗାମୀ ଏପ୍ରିଲ ୨ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରତିବାଦ ସପ୍ତାହ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରତ୍ୟହ ବିଭିନ୍ନ ସ୍ଥାନରେ ଏଭଳି ଅଗଣତାନ୍ତ୍ରିକ ଗିରଫଦାରି ବିରୋଧରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ସରକାରଙ୍କୁ ଦାବି ପତ୍ର ଦେବାକୁ ସେ ଆହ୍ୱାନ ଦେଇଥିଲେ। ମଙ୍ଗଳବାର ସକାଳେ ଓଡିଶା ଦିବସ ପାଳନକୁ ଆଖି ଆଗରେ ରଖି ଜିଲା ସଦର ମହକୁମାର ପ୍ରମୁଖ କୋସଲବାଦୀ ରଣରାଜ ସିଂଦେଓ, ରବି ମିଶ୍ର, ମନୋରଞ୍ଜନ ସାହୁ, ବିଭୁଦତ୍ତ ମିଶ୍ର, ପ୍ରଭାସ ମିଶ୍ର ଓ ପ୍ରସନ୍ନ ନେଗିଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି। ସକାଳ ପ୍ରାୟ ୬ଟାରୁ ଏହି କୋସଲବାଦୀ ନେତାମାନଙ୍କୁ ରାତି ପର୍ଯ୍ୟନ୍ତ ଟାଉନ ଥାନାରେ ଗିରଫ କରି ରଖିଥିବା ସୂଚନା ମିଳିଛି।

## ତହସିଲଦାରଙ୍କ ନାଁରେ ଇଟା ଭାଟିରୁ ବଟି ଆଦାୟ ଅଭିଯୋଗ

ଦେଓଗାଁ,୧।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅନ୍ତର୍ଗତ ବିଭିନ୍ନ ଗାଁରୁ କିଛି ଦିନ ହେଲା କେତେଜଣ ଯୁବକ ତହସିଲଦାରଙ୍କ ନାଁ ନେଇ  କିମ୍ବା ନିଜକୁ ଗଣମାଧ୍ୟମ ପ୍ରତିନିଧି ଦର୍ଶାଇ ଇଟାଭାଟିରୁ ବଟି ଆଦାୟ କରୁଥିବା ଅଭିଯୋଗ ହେଉଛି । ବଟି ମାଗୁଥିବା ସମୟର କେତେକ ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି ।

ବର୍ତ୍ତମାନ କେତେକ ଗାଁରେ ବେଆଇନ ଭାବେ ଛୋଟ ବଡ ଇଟାଭାଟି ଗଢିଉଠିଥିବା ବେଳେ ଅନେକ ବ୍ୟବସାୟୀ ଇଟା ବେପାର ମଧ୍ୟ ଆରମ୍ଭ କରିଛନ୍ତି । ମାତ୍ର କେତେଜଣ ଇଟା ଭାଟି ମାଲିକ ତହସିଲରେ କମ ରୟାଲଟି ଦେଇ ଅଧିକ ଇଟା ତିଆରି କରି ଚାଲିଛନ୍ତି । କିଛିଦିନ ତଳେ ଦେଓଗାଁ ତହସିଲରେ ନୂତନ ତହସିଲଦାର ଯୋଗ ଦେଇଛନ୍ତି । ସେ ପ୍ରାୟତଃ ଗାଁ ବୁଲି ନ ଥିବା ବେଳେ ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକମାନେ ଇଟାଭାଟି ମାଲିକଙ୍କୁ ଡରାଇବା ସହ ବଟି ନ ଦେଲେ ତହସିଲଦାରଙ୍କୁ ଏବେ ଡାକୁଛୁ ତୁମେ ବୁଝିବ କହି ଟଙ୍କା ଅସୁଲି କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତହସିଲ ଅଧୀନ ବିଭିନ୍ନ ଆରଆଇ ସର୍କଲରେ ବେଆଇନ ଇଟା ଭାଟି ଚାଲିଛି। କିନ୍ତୁ ଆରଆଇମାନେ ହାତଗୁଞ୍ଜା ନେଇ ଇଟାଭାଟି ମାଲିକଙ୍କ ସହ ସାଲିସ କରୁଥିବା ଅଭିଯୋଗ ହେଉଛି। ସରକାରୀ ନିୟମାନୁସାରେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ହେଉଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ମୃତ୍ତିକା କ୍ଷୟ ଏକ ଚିନ୍ତାର କାରଣ। ତେଣୁ ତହସିଲଦାରଙ୍କ ଠାରୁ ଆରମ୍ଭ କରି ଆରଆଇ ପର୍ଯ୍ୟନ୍ତ ସମସ୍ତେ ସବୁ ଜାଣିଥିଲେ ବି ନୀରବଦ୍ରଷ୍ଟା ସାଜିବା କେତେ ଯୁକ୍ତିଯୁକ୍ତ ତାହା ତଦନ୍ତସାପେକ୍ଷ। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏ ନେଇ ସ୍ଥାନୀୟ ତହସିଲଦାର ନର୍ମଦା ନାୟକଙ୍କୁ ପଚାରିବାରେ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ପାଇଛି। କାର୍ଯ୍ୟାନୁଷ୍ଠାନ ନେବାକୁ ଆରଆଇ ମାନଙ୍କୁ ନିର୍ଦ୍ଦେଶ ଦେଇଛି । ଛୁଟିରେ ଅଛି, ଯୋଗଦେଲା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଜିଲାପାଳ ଏବଂ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ  ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ୧୪ କୋଶଳବାଦୀ ନେତା ଥାନାରେ ଅଟକ

ପାଟଣାଗଡ଼,୧।୪(ସଚ୍ଚିଦାନନ୍ଦ ମହାକୁର)

**କଳାଦିବସ ପାଳନ ପୂର୍ବରୁ ଉଠାଇନେଲା ପୋଲିସ**

ସାରା ରାଜ୍ୟରେ ଏପ୍ରିଲ ୧କୁ ଓଡ଼ିଶା ଦିବସ ରୂପେ ପାଳନ କରାଯାଉଛି। କିନ୍ତୁ ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପାଇଁ କୋଶଳ ସଂଗ୍ରାମୀମାନେ ଦୀର୍ଘବର୍ଷରୁ ଦାବି କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଉପଖଣ୍ଡରେ କୋଶଳ ସଂଗ୍ରାମୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ବିରୋଧକରିବା ସହ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିକୁ ସମର୍ଥନ ଜଣାଇ ଆସୁଛନ୍ତି। ଯାହାକୁ ନେଇ କୋଶଳ ସଂଗ୍ରାମୀମାନେ ଗତ ସୋମବାର ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ସେମାନେ ଏପ୍ରିଲ ୧କୁ କଳା ଦିବସ ରୂପେ ପାଳନ କରିବାକୁ ସ୍ଥିର କରିଥିଲେ। ଖବର ପାଇ ମଙ୍ଗଳବାର ସକାଳୁ ପାଟଣାଗଡ ପୋଲିସ କୋଶଳ ସଂଗ୍ରାମୀ ନେତା ଗିରିରାଜ ଭୋଇ, ଜନସନ ନାଗଙ୍କୁ ଧରି ଆଣି ଥାନାରେ ଅଟକ ରଖିଥିବା ବେଳେ ଲରମ୍ଭା ପୋଲିସ ସୁଶୀଲ ଗୁରୁ ଓ ଜଗନ ମେହେରଙ୍କୁ ଅଟକ ରଖିଥିଲା। ଅନୁରୂପ ଭାବରେ ବେଲପଡା ପୋଲିସ ଶିପୁନ ଖମାରୀ, ଜିତୁ ନାଏକ, ଦନାର୍ଦ୍ଦନ ସିଂ, ଯୁଗଳ ମେହେର, ବ୍ରହ୍ମା ରଣା, ଟିଲୁ ରଣା, କାର୍ତ୍ତିକ ହଂସ, ରାମଚନ୍ଦ୍ର ପଧାନ,ସମ୍ପଦ ଦଣ୍ଡସେନା ଓ ବିଷ୍ଣୁ ବୁଡେକଙ୍କୁ  ଅଟକ ରଖିଥିବା ବେଳେ ପରେ ସେମାନଙ୍କୁ ଛାଡ଼ି ଦେଇଥିଲା। ଏହାକୁ ନେଇ କୋଶଳ ସଂଗ୍ରାମୀ ନେତା, କର୍ମୀ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଥାନାରେ ଅଟକ ସତ୍ତ୍ୱେ କୋଶଳ ସଂଗ୍ରାମୀମାନେ କୋଶଳ ରାଜ୍ୟର ନାରା ଦେଇ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପକୁ ନେଇ ସମାଲୋଚନା କରିଥିଲେ।

## ଜଣଙ୍କୁ ଥାନାରେ ଅଟକ, ୨ କୋଶଲ ସଂଗ୍ରାମୀ ଗୃହବନ୍ଦୀ

ଲୋଇସିଂହା,୧।୪(ସୁଶାନ୍ତ ବାରିକ)

ମଙ୍ଗଳବାର ଓଡିଶା ଦିବସ ପାଳନ ଅବସରରେ ବଲାଙ୍ଗୀର ଜିଲା ଲୋଇସିଂହା ପୋଲିସ ପକ୍ଷରୁ ୨ ଜଣ କୋଶଲ ସଂଗ୍ରାମୀଙ୍କୁ ଗୃହବନ୍ଦୀ ରଖାଯାଇଥିଲା । ସେମାନେ ହେଲେ ବାଦିବାହାଲ ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ ଓ ଲୋଇସିଂହାର ସରୋଜ ବିଶ୍ୱାଳ। ଏମାନଙ୍କ ଘର ଆଗରେ ପୋଲିସ ବସି ରହି ସେମାନଙ୍କୁ ଘରୁ ପଦାକୁ ବାହାରିବାକୁ ଦେଇ ନ ଥିଲେ। କୋଶଲ ସଂଗ୍ରାମଙ୍କ ପ୍ରତିବାଦକୁ ଏଡାଇବା ପାଇଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବି ନେଇ କୋଶଲ ସଂଗଠନ ସମୂହ ପକ୍ଷରୁ ଉତ୍କଳ ଦିବସ ଏବଂ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତକୁ ବିରୋଧ କରାଯାଇ ଆସୁଛି। ଏପରି କି  ଉତ୍କଳ ଦିବସକୁ କଳାଦିବସ ଭାବେ ପାଳନ କରିବାକୁ କୋଶଲ ସଂଗ୍ରାମୀମାନେ ଡାକରା ଦେଇଥିଲେ। ଏହି କ୍ରମରେ କୋଶଲ ସଂଗ୍ରାମୀ ସରପଞ୍ଚ ତ୍ରିପାଠୀ ଓ ବିଶ୍ୱାଲଙ୍କୁ ପୋଲିସ ସେମାନଙ୍କ ଘରେ ଏକରକମ ଗୃହ ବନ୍ଦୀ ରଖିଥିଲେ। ଏହାଛଡା ବାଳଗୋପାଳ ମିଶ୍ରଙ୍କ ଅନୁଗତ ତଥା ଲୋଇସିଂହା ବ୍ଲକ କୁଶମେଲ ସରପଞ୍ଚ କୌସ୍ତୁଭ ସାହୁଙ୍କୁ  ବଲାଙ୍ଗୀର ସଦର ପୋଲିସ ଥାନାରେ ଅଟକ ରଖିଥିଲା । ଏହାକୁ ସରପଞ୍ଚ  ସାହୁ ନିନ୍ଦା କରିଛନ୍ତି।

## ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଜୟନ୍ତୀ


ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଅତିଥି ଓ ଅନ୍ୟମାନେ।

ବଲାଙ୍ଗୀର,୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପାଟଣା ଷ୍ଟେଟ୍‌ର ଶେଷ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୩ ତମ ଜୟନ୍ତୀ ସୋମବାର ସ୍ଥାନୀୟ ରାଜେନ୍ଦ୍ର ପାର୍କଠାରେ ପାଳିତ ହୋଇଥିଲା। ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୌରାଧକ୍ଷା ଲିକା ସାହୁ ଯୋଗଦେଇ ପାର୍କଠାରେ ଥିବା ସ୍ୱର୍ଗତ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ପୂର୍ବତନ ଅଧ୍ୟକ୍ଷା ଦମୟନ୍ତୀ ବାଗ, ଓଁକାର ନାୟକ, ନରସିଂହ ବାଗ, ଧ୍ରୁବ କୁଏଡ, କୈଳାସ ଚନ୍ଦ୍ର ମହାନ୍ତି, ଲକ୍ଷ୍ମଣ ମେହେର, ଭଗବାନ ବର୍ଗୋ, ଅସୀମ ପଟ୍ଟନାୟକ, ପ୍ରଭାସ ପାଣିଗ୍ରାହୀ, ରାଜେନ୍ଦ୍ର ହୋତା, ମହେନ୍ଦ୍ର ବାଗ, ଶମ୍ଭୁ ନାଗ, ଶତ୍ରୁଘ୍ନ ବାଗ, କିଶୋର କୁମ୍ଭାର, ଗଙ୍ଗା ଚାନ୍ଦ, ସଚିନ ନନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ବିଧୁ ଭୂଷଣ ତ୍ରିପାଠୀ, ଜିତେନ୍ଦ୍ର ମିଶ୍ର, ସୁମନ ନନ୍ଦ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୋଲିସ ବାହିନୀର ସେବା, ତ୍ୟାଗ ଅତୁଳନୀୟ


ପୋଲିସ ପ୍ରତିଷ୍ଠା ଉତ୍ସବରେ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

ବଲାଙ୍ଗୀର,୧।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମନୋହରପୁର ରିଜର୍ଭ ପୋଲିସ ପଡିଆରେ ୯୦ତମ ଓଡିଶା ପୋଲିସ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିଲାଷ ଜି. ପୋଲିସ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ଓଡିଶା ପୋଲିସର ଅତୁଳନୀୟ ସେବା, ଅବଦାନ ଏବଂ ତ୍ୟାଗ ସମ୍ପର୍କରେ କହି ପୋଲିସ ବାହିନୀର ଉତ୍ସାହ ବଢ଼ାଇଥିଲେ। ଆଗାମୀ ଦିନରେ ଜନସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ସବୁ ପ୍ରକାର ଆହ୍ୱାନକୁ ମୁକାବିଲା ଦିଗରେ ପୋଲିସ ସବୁବେଳେ ପ୍ରସ୍ତୁତ ବୋଲି କହିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏସଆଇ ଅବିନାଶ ନାଏକ, ଏଏସଆଇ ଶିଓନ କେରକେଟ୍ଟା , ହାବିଲଦାର ଲତା ନାଏକ, ଓଆର୍ କନେଷ୍ଟବଳ ପ୍ରମିଳା ମିଶ୍ର ,ଏପିଆର୍ କନେଷ୍ଟବଳ ଦେବବ୍ରତ ଦୀପ , ଟ୍ରାଫିକ କନଷ୍ଟେବଳ ଶୈଳେନ୍ଦ୍ରୀ ସେଠଙ୍କୁ ଏସପି ଅଭିଲାଷ ଜି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଡିସନାଲ ଏସ୍‌ପି ଜିଏନ ମଲିକ, ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ରାଜେଶ କୁମାର ବାର୍ନେଲା, ଏସଡିପିଓ ସରୋଜ ଉପାଧ୍ୟାୟ, ଥାନା ଅଧିକାରୀ ଅବନୀ ସାହୁ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ମାନେ ଉପସ୍ଥିତି ଥିଲେ ।

## ଜାମୁଟରେ ଜୈବିକ ଖତ ଉତ୍ପାଦ କେନ୍ଦ୍ର

ଗୁଡଭେଲା,୧।୪(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଜାମୁଟ ଗ୍ରାମ ପଞ୍ଚାୟତ ପରିସରରେ ଏକ ଜୈବିକ ଖତ ଉତ୍ପାଦ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଭାବସିଂ ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ମାଝୀ, ଜି.ପି.ଏଲ.ଏଫ. ସଭାନେତ୍ରୀ ସୁମିତ୍ରା ବାଗ, ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟିର ମାଷ୍ଟର ଟ୍ରେନର ଭାଗବତ ନାହାକ, କୃଷକ ସାଥୀ ଶ୍ରୀପତି ଭୋଇ ଓ ଅଗ୍ରଣୀ ଚାଷୀ କାନ୍ତ ରଣା ପ୍ରମୁଖ ଯୋଗଦାନ କରିଥିଲେ । ମାଷ୍ଟର ଟ୍ରେନର ଭାଗବତ ଜମିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଦ୍ୱାରା ପରିବେଶ ତଥା ଜୀବଜଗତ ଉପରେ ପଡୁଥିବା କୁପ୍ରଭାବରୁ ମୁକୁଳିବା ପାଇଁ ଜୈବିକ କୃଷି ବା ପ୍ରାକୃତିକ କୃଷିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ପ୍ରାଥମିକ କୃଷି ସମବାୟ ସମିତି ସାଧାରଣ ସଭା

ଖପ୍ରାଖୋଲ,୧।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଜୁରିଆଠାରେ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସମିତିସଭାପତି କନ୍ଦର୍ପ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ଲାଠୋର ଶାଖା ପରିଚାଳକ କିଶୋର ପୁଟେଲ, ସମ୍ମାନିତ ଅତିଥି ଭାବେ ସୁପର ଭାଇଜର ଶ୍ରୀକାନ୍ତ ପାଣିଗ୍ରାହୀ, ସମିତିର ନିର୍ଦ୍ଦେଶକ ଜୟନ୍ତ ମେହେର, ସାନନ୍ଦ ଠାକୁର, ସୁଦାମ ସୁଆର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସେହିପରି ରାଜ୍ୟରେ ଭାଜପା  ସରକାର ଆସିଲା ପରେ ଧାନ କୁଇଣ୍ଟାଲ ପ୍ରତି ୮ ଶହ ଟଙ୍କା ବୋନସ ଦେଇଥିବାରୁ ରାଜ୍ୟ ସରକାର, ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଚାଷୀମାନେ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ କ୍ଷମାସାଗର ବରିହା, ରାଜକିଶୋର ମେହେର, ଧନର୍ଯ୍ୟ ବରିହା, ରଜନୀ ରଞ୍ଜନ ବାଗ, ଗନ୍ଧର୍ବ ବରିହା, ସନ୍ତୋଷ ପଟେଲ, ଲଳିତ ପଟେଲ, ଧୀରେନ୍ଦ୍ର ସୁଆରଙ୍କ ସମେତ ସମିତି ନିର୍ଦ୍ଦେଶକ, ସଭ୍ୟ ଓ ଚାଷୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂପାଦକ ଜଗଦୀଶ ରଣା ପରିଚାଳନା କରିଥିଲେ । ଯଦୁମଣି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଲାଠୋରରେ ବଏଲ ଯାତ୍ରା

ଲାଠୋର,୧।୪(ଭୁବନେଶ୍ୱର ବାରିକ)


ଜିଭରେ ତ୍ରିଶୂଳ ମାରି ବରୁଆ ଗ୍ରାମ ପରିକ୍ରମା କରୁଛନ୍ତି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମରେ ମଙ୍ଗଳବାର ଚୈତ୍ର ବଏଲ ଯାତ୍ରା ସମ୍ପନ୍ନ ହୋଇଯାଇଛି। ପ୍ରାୟ ୪ ପୀଢ଼ି ହେବ ଗ୍ରାମର ମଙ୍ଗଳ ପାଇଁ ପ୍ରତିବର୍ଷ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଚୈତ୍ର ମାସ ମଙ୍ଗଳବାର ଦିନ ବଏଲ ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ସେହି କ୍ରମରେ ଚଳିତବର୍ଷ ଗ୍ରାମର ମଝିପଡ଼ାରେ ଥିବା ଗୁଡ଼ିରେ ଯାତ୍ରା ଅନୁଷ୍ଠିତ ହୋଇଛି। ପୂଜାରୀ ସହଦେବ ଭଇଁଷାଲ ଏବଂ ବରୁଣ ଭଇଁଷାଲ ଗୁଡ଼ିରେ ପୂଜାର୍ଚ୍ଚନା କଲାପରେ ଦେହେରୀ(ବରୁଆ)ମନୁ ଭଇଁଷାଲ,ଦୁର୍ଜନ ଭଇଁଷାଲ ଏବଂ ଭରତ ଭଇଁଷାଲ ଙ୍କୁ ବୁଢି ମା, ବାବୁରା, କାଲକା,ବସ୍ରେନ ଓ ଲାଛବୁଢା ଆଦି ଦେବୀ ଦେବତା ଚଢିଥିଲା। ଦେବୀ କୃପା ଲାଭ କଲେ ରୋଗ,କଷ୍ଟ ଦୁର ହେବା ସହ ଘରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହି ଆଶା ନେଇ ବଏଲ ଯାତ୍ରାରେ ଗ୍ରାମ ତଥା ଆଖପାଖ ଗ୍ରାମର ସଂଖ୍ୟାଧିକ ଶ୍ରଦ୍ଧାଳୁ ବରୁଆଙ୍କୁ ମୁଣ୍ଡିଆ ମାରି ଦେବୀ କୃପା ଲାଭ କରିଥାନ୍ତି। ନିଜ ନିଜର ମନସ୍କାମନା ନେଇ ଶ୍ରଦ୍ଧାଳୁମାନେ ସାଙ୍ଗରେ ଆଣିଥିବା ବୋଦା,ପେଠି, କୁକୁଡ଼ା, ପାରା, ବତକ ଆଦିକୁ ଗୁଡ଼ିରେ ବଳି ଦିଆଯାଇଥିଲା। ବଳି ପରେ ବରୁଆମାନେ ଜିଭରେ ତ୍ରିଶୂଳ ମାରି ଗ୍ରାମ ପରିକ୍ରମାରେ ବାହାରିଥିଲେ। ଗ୍ରାମର ମଙ୍ଗଳ ପାଇଁ ସେମାନେ ଘରକୁ ଘର ବୁଲି ଥିଲେ। ଲୋକେ ତାଙ୍କୁ ଧୂପ, ଦୀପ, ମନ୍ଦାର ମାଳ ଦେଇ ମୁଣ୍ଡିଆ ମାରି ଦେବୀ କୃପା ଲାଭ କରିଥିଲେ। ଦେବୀମାନେ ଗୁଡ଼ିକୁ ଫେରିଲା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯାତ୍ରାକୁ ରାଇଟ ଟୁ ଫାଇଟ ଅନୁଷ୍ଠାନରସଦସ୍ୟସୁଶୀଳଅଗ୍ରୱାଲ,ଅନିରୁଦ୍ଧ ମେହେର, ସଚ୍ଚିକାନ୍ତ ଦାସ ଏବଂ ପ୍ରକାଶ ଚନ୍ଦ୍ର ବେହେରା ସହଯୋଗ କରିଥିଲେ।

## ‘୨୦୩୬ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟ କରିବା ଲକ୍ଷ୍ୟ ହେଉ’

ବଲାଙ୍ଗୀର,୧।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଜିଲାସ୍ତରୀୟ ଓଡିଶା ଦିବସ ସମାରୋହ**



ଜିଲାସ୍ତରୀୟ ଓଡିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ପୃଥୀରାଜ ହାଇସ୍କୁଲ ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଜିଲା ସଂସ୍କୃତ ଅଧିକାରୀ ଭାବେ ରଶ୍ମିରଞ୍ଜନ ମିଶ୍ର ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଓଡିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟଅତିଥି ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ସମସ୍ତଙ୍କୁ ଓଡିଶା ଦିବସର ଅଭିନନ୍ଦନ ଦେବା ସହ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଓଡିଆ ମହାମନୀଷୀ ମାନଙ୍କ ବଳିଦାନ ଏବଂ ତ୍ୟାଗ ସମ୍ପର୍କରେ କହିଥିଲେ। ଚଳିତବର୍ଷ ଓଡିଶା ଦିବସ ପାଳନ ପରିପ୍ରେକ୍ଷୀରେ ଆଗାମୀ ୧୫ ଦିନ ଧରି ଓଡିଶା ଦିବସ ପକ୍ଷ ପାଳନ କରିବା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହି ପକ୍ଷ ପାଳନ ବେଳେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ୱତନ୍ତ୍ର ଓଡିଆ ଖାଦ୍ୟ ଓ ପାନୀୟର ପ୍ରଚାର ପ୍ରସାର, ଓଡିଆ ଭାଷା ଓ ସାହିତ୍ୟର ମହନୀୟତା ସମ୍ପର୍କରେ ସଚେତନତା ସୃଷ୍ଟି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସୂଚନା ଦେଇଥିଲେ। ଓଡିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଗଢ଼ି ଉଠିଥିଲା। ୨୦୩୬ରେ ଓଡିଶା ଗଠନର ଶହେ ବର୍ଷ ପାଳନ ବେଳେ ଓଡିଶା କିଭଳି ଏକ ବିକାଶିତ ରାଜ୍ୟ ହେବ ସେ ଦିଗରେ ସମସ୍ତେ ମିଳିତ କାର୍ଯ୍ୟ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଡ. ସେଠୀ ତାଙ୍କ ବକ୍ତବ୍ୟରେ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡିଶାର ଆତ୍ମ ପ୍ରକାଶ ସମ୍ପର୍କରେ ସେ କହିଥିଲେ। ଓଡିଆ ଜାତିର ମହାପୁରୁଷଙ୍କ ତ୍ୟାଗ ଓ ପ୍ରେମ ଯୋଗୁ କିଭଳି ଓଡିଶା ଗଠନ ହୋଇଥିଲା କହିଥିଲେ। ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ଦିଗରେ ସମସ୍ତେ ଚେଷ୍ଟିତ ହେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଜିଲାସ୍ତରୀୟ ଓଡିଶା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ବକ୍ତୃତା ଓ ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସଭା ପରେ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆଗେଇ ଆସିବାକୁ ଆହ୍ବାନ

ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଟାଉନ ହଲରେ ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ୩୨ତମ ଜିଲା ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥିଭାବେ ଜିଲାପାଳ ଅନ୍ୟା ଦାସ ଯୋଗଦାନ କରି ଭାଷା ଭିତ୍ତିରେ ଓଡ଼ିଶା ରାଜ୍ୟ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ସାଂସ୍କୃତିକ ଐତିହ୍ୟ ସଂରକ୍ଷଣ ଓ ଓଡ଼ିଶାର ପରିଚୟକୁ ବଜାୟ ରଖିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ସୋନପୁର ଉପଜିଲାପାଳ ସୌମ୍ୟା ରୁପା ରଥ ଏବଂ ମୁଖ୍ୟବକ୍ତା ଭାବେ ଐତିହାସିକ ସୁଦାମ ନାଏକ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ଗଠନ ସହ ଜିଲା ଗଠନର ସ୍ମୃତିଚାରଣ କରିଥିଲେ । ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମସ୍ତେ ଆଗେଇ ଆସିବାକୁ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ । ଜିଲା ସୂଚନା



ଓଡ଼ିଶା ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ଜଣେ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

ଓ ଲୋକ ସମ୍ପର୍କ ଅଧିକାରୀ ଅଶିନୀ କୁମାର ଭୋଇ ସ୍ୱାଗତ ଭାଷଣ ଓ ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ । ପରେ ସୋନପୁର ସରକାରୀ ବାଳିକା ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ, ଶିଶୁ ବିଦ୍ୟାମନ୍ଦିର ଓ ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରଯାଇଥିଲା। ଓଡ଼ିଶାର ବରପୁତ୍ର ତଥା ଓଡିଶା ଗଠନର ଐତିହ୍ୟ ସହ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଦିବସ ପରିପ୍ରେକ୍ଷୀରେ ରାଜ୍ୟ ବାସୀଙ୍କ ଉଦେଶ୍ୟରେ ଦେଇଥିବା ବାର୍ତ୍ତାକୁ ନେଇ ଫଟୋ ପ୍ରଦର୍ଶନୀ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ପୌରପରିଷଦ ଦ୍ୱାରା କଚେରୀ ଛକ ଠାରେ ନବନିର୍ମିତ ଶୌଚାଳୟର ଉଦ୍‌ଘାଟନ ସହ ଫକୀର ପଟ୍ଟନାୟକ ଛକ ଓ ନୂତନ ଟାଉନ ହଲ ପରିସରରେ ନିର୍ମଳ ଜଳଧାରାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ନିର୍ବାହୀ ଅଧିକାରୀ ରଷି କୁମାର ମାଝୀ, କାଉନସିଲରମାନେ ଉପସ୍ଥିତ ରହିଥିଲେ। ଜିଲା ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ପୂର୍ବରୁ

## ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳିତ

ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ସିନେ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ସଭା ସଂଯୋଜନା କରିଥିଲେ ।

ସମାରୋହ ଅବସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପଲ୍ଲବୀ ରାଣୀ ରାଜ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଆରଟିଓ ଅକ୍ଷୟ କୁମାର ଜେନା, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଡେପୁଟି କଲେକ୍ଟର ସତ୍ୟବ୍ରତ ସାହୁ, ଓରମାସ ଡେପୁଟି ସିଇଓ ସମୀର ନାୟକ, ଡିସିପିଓ ଚତୁର୍ଭୁଜ ଦାସ ତଥା ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ନାଟ୍ୟଶ୍ରୀ ଗଦାଧର ବାରିକ, ଅଧ୍ୟାପକ ସୌରଭ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଦିବସକୁ କଳା ଦିବସ ଭାବେ ପାଳିଲା କୋଶଳ ସେନା




ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ଚାରି ଛକରେ କୋଶଳ ପ୍ରେମୀମାନେ କଳା ଦିବସ ଭାବେ ପାଳନ କରୁଛନ୍ତି।

ଡୁଙ୍ଗୁରିପାଲି, ୧।୪ (ଦୀନବନ୍ଧୁ ସୁନା)

ରାଜ୍ୟରେ ଏପ୍ରିଲ ୧କୁ ଓଡ଼ିଶା ଦିବସ ପାଳନ କରାଯାଉଥିବା ବେଳେ ଏହାକୁ ବିରୋଧ କରି ମଙ୍ଗଳବାର କଳା ଦିବସଭାବେ ପାଳନ କରିଛନ୍ତି ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କୋଶଳ ସେନା। ଡୁଙ୍ଗୁରିପାଲି ବସ୍‌ଷ୍ଟାଣ୍ଡ ଚାରିଛକରେ ଶତାଧିକ କୋଶଳ ସେନା ସଦସ୍ୟ ମୁଣ୍ଡରେ କଳା ପଟି ବାନ୍ଧି ଆନ୍ଦୋଳନ କରିଥିଲେ। ଉତ୍କଳ ଗୋ ବେକ ନାରାବାଜି ଦେଇଥିଲେ। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି କୋଶଳ ସେନାର ବରିଷ୍ଠ ନେତୃତ୍ୱ କର୍ମୀ ସରୋଜ ପଧାନ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନରେ ଡୁଙ୍ଗୁରିପାଲି ବ୍ଲକର ସଂଗ୍ରାମୀ କୋଶଲ ପ୍ରେମୀ ମୃତ୍ୟୁଞ୍ଜୟ ମିଶ୍ର, ସରୋଜ ପଧାନ, ଯଦୁମଣି କୁଦେଇ, ସୁଶାନ୍ତ ବାରିକ, ପ୍ରବୀର ସୁନା, ଦେବାଶିଷ ମହାକୁର, କାହ୍ନୁ ଚରଣ ମହାରଣା, ଲବ ପଧାନ, ଯୁଧିଷ୍ଠିର ଭୁଏ, ରାଜକୁମାର ସାହୁ, ମନୋଜ ଦିଶ୍ରୀ, ରୋଷନ କୁମାର ବିଶ୍ୱାଳ, ନାରାୟଣ ବିଶ୍ୱାଳ, ଶୁଭମ ବରିହା, ସଂକର୍ଷଣ ବୁଡ଼େକ, ଅଭି ବେହେରା, ପ୍ରମୋଦ ମେହେର, ପପୁ ମେହେର, ଅର୍ଜୁନ ଆଦାବର, ଯଶୋବନ୍ତ ନାଗ, ବଷ୍ଟୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରବେଶ ଉତ୍ସବରେ ନୂତନ ଶିଶୁଙ୍କୁ ସ୍ୱାଗତ

ଡୁଙ୍ଗୁରିପାଲି,୧।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ପ୍ରବେଶ ଉତ୍ସବରେ ନୂତନ ଶିଶୁଙ୍କ ସ୍ୱାଗତ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ପ୍ରଦୀପ ଜାଳି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ହୋମ ଆହୁତି ଯଜ୍ଞ ଶିଶୁ ବାଟିକା ପ୍ରମୁଖ ନାରାୟଣ ବାରିକ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ୬୪ଜଣ ମାତା ପିତା ସେମାନଙ୍କ ଶିଶୁଙ୍କ ସହ ପ୍ରବେଶ ଉତ୍ସବରେ ଉପସ୍ଥିତ ଥିଲେ। ସମସ୍ତ ଶିଶୁଙ୍କ ପାଦଧୋଇ ଚନ୍ଦନ ଲଗାଇ ସ୍ୱାଗତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପଣ୍ଡା କହିଥିଲେ ଶିଶୁ ମାନଙ୍କ ଯତ୍ନ ନେବା, ପାଠ ପଠାଇବା ସହ ବ୍ୟାୟାମ ଯୋଗର ଉପକାରିତା ବିଷୟରେ ଶିକ୍ଷା ପ୍ରଦାନ କରାଯିବା ସହ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଉତ୍ସବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉତ୍କଳ ଦିବସ ପାଳନ କରିଥିଲେ।

# ଧୁମ୍‌ଧାମରେ ପାଳନ ହେଲା ସୁବର୍ଣ୍ଣପୁରୀ ଦିନ୍




ଦିବସ ପାଳନ ଅବସରରେ ଅତିଥି ଓ କଳାକାର।

ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)

ଏପ୍ରିଲ ପହିଲା ହେଉଛି ଓଡ଼ିଶା ପ୍ରତିଷ୍ଠା ଦିବସ ସହ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ। ଏହି ଉପଲକ୍ଷେ ସୁବର୍ଣ୍ଣପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରର ବିଜୁ ପଟ୍ଟନାୟକ ଛକରେ ପ୍ରଥମ ଥର ପାଇଁ ସୁବର୍ଣ୍ଣପୁରୀ ଦିନ୍ ପାଳିତ ହୋଇଯାଇଛି। ଆୟୋଜିତ ପଥପ୍ରାନ୍ତ ସଭାରେ ଅତିଥିମାନେ ଜିଲାର ଗୌରବଶାଳୀ ଅତୀତ ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ବର୍ତ୍ତମାନ ଏହି ଜିଲା କିପରି ଅବହେଳାର ଶିକାର ହୋଇଛି ସେ ସମ୍ପର୍କରେ ଆଲୋଚନା ହୋଇଥଲା। ଏଥିପାଇଁ ଜିଲା ପ୍ରଶାସନ ଓ ସରକାରଙ୍କୁ ଦାୟୀ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାର ପ୍ରଗତି ସକାଶେ ଖଇରମାଲ ଓ ଗୋଧନେଶ୍ୱର ପ୍ରକଳ୍ପ, ସମ୍ବଲପୁର-ସୁବର୍ଣ୍ଣପୁର ରେଳପଥ ନିର୍ମାଣ ପରି ଯୋଜନା ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତ ଦାବି ଉପସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଖବରଦାତା ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ସୁବର୍ଣ୍ଣପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମୀତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବ୍ରଜ ମୋହନ ଦାନୀ, କବି ଆର୍ତ୍ତତ୍ରାଣ ବାବୁ, ନାଟ୍ୟଶ୍ରୀ ଗଦାଧର ବାରିକ, ପଏଁରୀ ସମ୍ପାଦକ ଚୌଧୁରୀ ବିଭାର, ନାଟ୍ୟକାର ମନୋଜ ବାରିକ, କଳାକାର ଅବିନାଶ ହୋତା, ଯୁବନେତା ନିରଞ୍ଜନ ତ୍ରିପାଠୀ, କୃଷକ ନେତା ପ୍ରତାପ ଦେହୁରୀ, ପ୍ରାକ୍ତନ ପୌରପାଳ ପ୍ରକାଶ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସଚେତନ ନାଗରିକ ସଂଘ ସଭାପତି ସୀତାଂଶୁ ଶେଖର ମିଶ୍ର, ପ୍ରାଧ୍ୟାପକ ଅନନ୍ତ ନାରାୟଣ ଦାଶ, ଡ. ସୌରଭ ରଞ୍ଜନ ଖମାରୀ, ଗୁଣନିଧି ମେହେର, କବି ଶ୍ରୀଧର ବାଘ, ପ୍ରାଧ୍ୟାପିକା ମୀନା ମହାରଣା, ଶିକ୍ଷାବିତ୍ ଇନ୍ଦୁମତୀ ପୁରୋହିତ, ଅଧ୍ୟାପକ ପ୍ରହଲ୍ଲାଦ ମିଶ୍ର, ପଦ୍ମଲୋଚନ ସାହୁ, ଶ୍ରଦ୍ଧା ମହାପାତ୍ର, ଆରତୀ ଖମାରୀ, ପଙ୍କଜ କୁମାର ମେହେର, ସୁନନ୍ଦା ସାହୁ, କଳ୍ପନା ମେହେର, କଲ୍ୟାଣୀ ମିଶ୍ର, ପ୍ରତୀମା ସାହୁ, ସୁରଭି ବିଶି, ଜୟନ୍ତୀ ସା, ପୁଷ୍ପା ମେହେର ଓ ଗୀତା ବହିଦାର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶ୍ରଦ୍ଧାଞ୍ଜଳି ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ସହ ସମ୍ବଲପୁରୀ ଗୀତ ତାଳେ ତାଳେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ।

# ମାତୃଭାଷାକୁ ଭଲପାଇଲେ ରାଜ୍ୟର ବିକାଶ ହେବ



ବୀରମହାରାଜପୁର ମୈତ୍ରୀ ସଦନରେ ଓଡ଼ିଶା ଦିବସ ପାଳନ ଅବସରରେ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବୀରମହାରାଜପୁର,୧।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ଓ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ ପାଳନ ସମାରୋହ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ମୈତ୍ରୀ ସଦନରେ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଜିଲାପାଳ ଶୁଭମ ସୁଭାଶିଷ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ ଯୋଗ ଦେଇ ମା’ ମାଟି ଓ ମାତୃଭାଷାକୁ ଭଲ ପାଇଲେ ରାଜ୍ୟର ବିକାଶ ହୋଇ ପାରିବେ ବୋଲି କହିଥିଲେ।

ମୁଖ୍ୟବକ୍ତାଭାବେ ବୀରମହାରାଜପୁର କଲେଜ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ଯୋଗ ଦେଇ ଯେଉଁ ଅଞ୍ଚଳରେ ଲକ୍ଷ୍ମୀ ପୁରାଣ ପାଠ କରା ଯାଉଥିଲା ଏବଂ ସଞ୍ଜବେଳେ ତୁଳସୀ ଚଉରା ମୂଳରେ ଯେଉଁଠି ସଞ୍ଜବତୀ ଜଳୁଥିଲା ତାହାହିଁ ଓଡ଼ିଆ ଅଞ୍ଚଳ ଏବଂ ତାଙ୍କୁ ନେଇ ଭାଷା ଭିତ୍ତିକ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ବୋଲି କହିଥିଲେ। ସମ୍ମାନିତ ବକ୍ତାଭାବେ ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର, ବିଶିଷ୍ଟ ଅତିଥି ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ସମ୍ମାନିତ ଅତିଥି

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ଓ ସୁବର୍ଣ୍ଣପୁର ଜିଲା ପ୍ରତିଷ୍ଠା ଦିବସ

## ଓଡ଼ିଶା ଦିବସକୁ କୋଶଳ ସମନ୍ୱୟ ସମିତିର ବିରୋଧ

ଉପଖଣ୍ଡ ସାମ୍ବାଦିକ ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୂନାଥ ଖଣ୍ଡଗିରୀ, ସହକାରୀ ଜିଲାପାଳ ନରେନ୍ଦ୍ର କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା କାର୍ଯ୍ୟକୁ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିଲାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଚାଲିଥିବା ବେଳେ କୋଶଲ ସମନ୍ୱୟ ସମିତିର ଆବାହକ କିଶୋର ହୋତା, ସଦସ୍ୟ ଆଇନଜୀବୀ ଆଶ୍ରୟ ମହାନନ୍ଦ, ନୀଳ କମଳ ମିଶ୍ର, ବ୍ରଜ ଗୋପାଳ ପଣ୍ଡା, ପୃଥ୍ୱୀରାଜ ଜଗଦଲା ପ୍ରମୁଖ ଓଡ଼ିଶା ଦିବସକୁ ବିରୋଧ କରି କୋଶଲ ନାରାବାଜି କରିଥିଲେ। ଏଥିପାଇଁ କିଛି ସମୟ ସଭାକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।

# ବିଲ୍ ଆଦାୟ ବେଳେ ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼

ତରଭା,୧।୪(ମାନଭଞ୍ଜନ ମିଶ୍ର): ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ରାଣୀସର୍ଡା ଗ୍ରାମରେ ରବିବାର ବିଲ୍ ଆଦାୟ ବେଳେ ବିଦ୍ୟୁତ କର୍ମଚାରୀଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଲୋଇସିଂହା ବିଦ୍ୟୁତ ବିଭାଗ ଇଏସଓ ଶୁଭେନ୍ଦୁ ପ୍ରକାଶ ଗିରି ନିଜ କର୍ମଚାରୀଙ୍କ ସହ ରାଣିସର୍ଡା ଗ୍ରାମର ବିଶ୍ୱାମିତ୍ର ସୁନାଙ୍କ ଘରକୁ ବିଲ୍ ଆଦାୟ ପାଇଁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲା। ଏନେଇ ଇଏସଓ ଗିରିଙ୍କୁ ଲାଠିରେ ମୋତେ ବିଶ୍ୱାମିତ୍ର ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏକ ମାମଲା(ନଂ.୭୪/୨୫)ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ମେଣ୍ଡା ଫାଣ୍ଡି ଅଧିକାରୀ ରବିନ୍ଦ୍ର ସାହୁ କହିଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା

ବୀରମହାରାଜପୁର,୧।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଘମାରି କର୍ଣ୍ଣପାଲି ଗ୍ରାମରେ ନବନିର୍ମିତ ନାମ ମଣ୍ଡପ ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଘମାରି ଧୁବାମଣ୍ଡା ବନ୍ଧରୁ ଜଳ ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଅଣାଯାଇ ମଣ୍ଡପରେ ସ୍ଥାପନା କରାଯାଇଥିଲା। କର୍ତ୍ତାଭାବେ ସୁଦାମ ଖଣ୍ଡଗିରୀ ଓ ତାଙ୍କ ଧର୍ମପତ୍ନୀ ପ୍ରମୋଦିନୀ ଖଣ୍ଡଗିରୀ କାର୍ଯ୍ୟ ତୁଲାଉଛନ୍ତି। ବୁଧବାର ସକାଳ ୮ଟାରେ ଅଷ୍ଟ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହେବ। କଳସ ଶୋଭାଯାତ୍ରାରେ କ୍ୟାପଟେନ ସୂର୍ଯ୍ୟ ନାରାୟଣ ପଣ୍ଡା, କୃତ୍ତିବାସ ଖଣ୍ଡଗିରୀ, ହୃଷୀକେଶ ଖଣ୍ଡଗିରୀ, ଜଗବନ୍ଧୁ ମହାକୁଡ଼, ଭୂବନ ଖଣ୍ଡଗିରି, ଚନ୍ଦନ ଷଡ଼ଙ୍ଗୀ, ଚୌଧୁରୀ କର୍ଣ୍ଣ, ପ୍ରହଲ୍ଲାଦ ଖଣ୍ଡଗିରୀ, ରଘୁନାଥ ଖଣ୍ଡଗିରୀ ଓ ବାଘମାରି କର୍ଣ୍ଣପାଲି ଗ୍ରାମବାସୀ ସହଯୋଗ କରିଥିଲେ।

# ଲୁତୁରପଙ୍କକୁ ହରାଇ ମେଣ୍ଡିଲିପାଲି ଚାମ୍ପିୟନ

ଅମରପାଲି, ୧।୪(ପୀତାମ୍ବର ସାହୁ)

## ୧୫ବର୍ଷରୁ କମ୍ ମା’ ମାହେଶ୍ୱରୀ କ୍ରିକେଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ବଡ଼ବର୍ଡାକଟାରେ ୧୫ ବର୍ଷରୁ କମ୍ ମା’ ମାହେଶରୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଲୁତୁରପଙ୍କକୁ ହରାଇ ମେଣ୍ଡିଲିପାଲି ଦଳ ଚାମ୍ପିୟନ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ମେଣ୍ଡିଲିପାଲି ଦଳ ବ୍ୟାଟିଂ କରି ୬ ଓଭରରେ ୪ ଉଇକେଟ ହରାଇ ୮୪ରନ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୮୧ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ମେଣ୍ଡିଲିପାଲି ଦଳ ଦ୍‌୪ ଓଭରରେ ୨ ଉଇକେଟ ହରାଇ ୫୭ରନ ସଂଗ୍ରହ କରିଥିଲା। ଜବାବରେ ଲୁତୁରପଙ୍କ ଦଳ ନିର୍ଦ୍ଧାରିତ ୪ ଓଭରରେ ୫୨ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ମେଣ୍ଡିଲିପାଲି ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ ବଙ୍କିଆ ଓ ଲୁତୁରପଙ୍କ ମଧ୍ୟରେ ହୋଇଥିବା ବେଳେ ଏଥିରେ ଲୁତୁରପଙ୍କ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ବହଳପଦରକୁ ହରାଇ ମେଣ୍ଡିଲିପାଲି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଘିଚାପାଲିକୁ ହରାଇ କମିରା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ଘଣ୍ଟରାପଡ଼ା ହରାଇ ବଡବର୍ଡାକଟା ବିଜୟୀ ହୋଇଥିଲା। ପ୍ରଥମ ସେମି ଫାଇନାଲରେ କମିରାକୁ ହରାଇ ଲୁତୁରପଙ୍କ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସେମି ଫାଇନାଲରେ ବଡ଼ବର୍ଡ଼ାକଟାଦ୍‌କୁ ହରାଇ ମେଣ୍ଡିଲିପାଲି ଦଳ ବିଜୟୀ ହୋଇ ଫାଇନାଲ ଖେଳିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ାବିତ ଦେବବ୍ରତ ପୁରୋହିତ, ଜ୍ଞାନରଞ୍ଜନ ମିଶ୍ର, ବିନୋଦ ଗାଇଗରିଆ, ବାସୁଦେବ ବେହେରା ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କୃତ କରିଥିଲେ। ଅଭିଳାଷ ପୁରୋହିତ ଓ ଶ୍ରୀମତ ଦେହୁରୀ ମ୍ୟାଚ ପରିଚାଳନା କରିଥିବା ବେଳେ ରାଧାକାନ୍ତ ମିଶ୍ର ସ୍କୋରିଂ କରିଥିଲେ।



ଅତିଥିଙ୍କ ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

# ଅପରାଧ ନିୟନ୍ତ୍ରଣରେ ପୋଲିସର ବଡ଼ ଭୂମିକା

ସୋନପୁର,୧।୪(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ପୋଲିସର ୯୦ତମ ପ୍ରତିଷ୍ଠା ଦିବସ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏସ୍‌ପି ରାମ ପ୍ରସାଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଏସ୍‌ପି ସାହୁ କହିଥିଲେ ଏକ ବିକାଶଶୀଳ ରାଷ୍ଟ୍ରରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବୈଷୟିକ ଜ୍ଞାନକୌଶଳ ଓ ଦକ୍ଷତା ବଳରେ ପୋଲିସ ନିଜର କାର୍ଯ୍ୟ ସମ୍ପାଦନ କରିଆସୁଛି। ଆଭ୍ୟନ୍ତର ଶାନ୍ତିଶୃଙ୍ଖଳା ଓ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୋଲିସର ବଡ ଭୂମିକା ରହିଛି। ଏବେ ପୋଲିସର ଦାୟିତ୍ୱ ଦିନକୁ ଦିନ ବଢି ଚାଲିଛି। ପୋଲିସ ସବୁ ଚ୍ୟାଲେଞ୍ଜ ସଫଳତା ସହ ମୁକାବିଲା କରୁଛି। ଧନଜୀବନ ରକ୍ଷା କାର୍ଯ୍ୟ ପୋଲିସ କରିଆସୁଛି। ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ସମୟରେ ଉଲ୍ଲେଖନୀୟ କାର୍ଯ୍ୟ କରି ପୋଲିସ ଲୋକଙ୍କୁ ସୁରକ୍ଷା ଯୋଗାଉଛି। ଏହି ସମାରୋହରେ ସୁବର୍ଣ୍ଣପୁର ପୋଲିସ ଜିଲାରେ ୨୦୨୪-୨୫ ବର୍ଷରେ ଉତ୍ତମ ସେବା ଓ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମେଣ୍ଡା ଫାଣ୍ଡିର ଆରକ୍ଷୀ ଉପ ନିରୀକ୍ଷକ ରବିନ୍ଦ୍ର ସାହୁ, ବିନିକା ଥାନାର ସହାୟକ ଆରକ୍ଷୀ ଉପ ନିରୀକ୍ଷକ ରଞ୍ଜୟ ନାୟକ, ହାବିଲଦାର ଚମରା ପଧାନ, ଟ୍ରାଫିକ୍ ମହିଳା କନେଷ୍ଟବଳ ଭାରତୀ ବେହେରା, ଏପିଆର କନେଷ୍ଟବଳ ଲିଙ୍କନ ପ୍ରଧାନଙ୍କୁ ଏସ୍‌ପି ମାନପତ୍ର ଦେଇ ସମ୍ମାନିତ କରିବା ସହ ପୁରସ୍କୃତ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ କାହ୍ନୁ ଚରଣ ମାରାଣ୍ଡି ପରେଡକୁ ପରିଚାଳନା କରିଥିବା ବେଳେ ସର୍ଜେଣ୍ଟ ନୀଳକଣ୍ଠ କହଁର ସହଯୋଗ କରିଥିଲେ। ବ୍ୟାଣ୍ଡ ଟିମ୍ ସହ ଜିଲା ପୋଲିସର ଦୁଇ ପ୍ଲାଟୁନ୍ ଆରକ୍ଷୀ ବାହିନୀ ପରେଡ୍‌ରେ ସାମିଲ ହୋଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର ନାୟକ ଓ ଡିଏସ୍‌ପି ଚନ୍ଦ୍ର ଶେଖର ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏସ୍‌ପି ରେଣୁକା ସୁନା, ପ୍ରତାପ କୁମାର ରଣା, ବୈକୁଣ୍ଠ ବିହାରୀ ସେଠ୍, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ନାଥ ଦେ, ଆରକ୍ଷୀ ନିରୀକ୍ଷକ ରମେଶ ମହାନା, ରଜେଶ୍ୱରୀ ଭୋଇ, ହାବିଲଦାର-କନେଷ୍ଟବଳ ସଂଘ ସଭାପତି ଦୀନେଶ ମିଶ୍ର ଓ ସମ୍ପାଦକ ରଞ୍ଜିତ କୁମାର ପ୍ରଧାନଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ଗହଣରେ ପୁରସ୍କୃତ ହୋଇଥିବା ୫ ପୋଲିସ କର୍ମଚାରୀ ।

## ସୁବର୍ଣ୍ଣପୁରରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

## ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୫ ପୁରସ୍କୃତ

# ବିକାଶ ପାଇଁ ସଙ୍କଳ୍ପ ନେବାକୁ ହେବ

ସମ୍ବଲପୁର,୧୪(ପ୍ରମୋଦ ବହିଦାର)



ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ସମ୍ବଲପୁର ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇଥିଲେ। ସେ ତାଙ୍କ ଅଭିଭାଷଣରେ ମାତୃଭଷାର ସୁରକ୍ଷା ଓ ବିକାଶ ଦ୍ୱାରା ହିଁ ନିଜର ପରିଚୟ ସୃଷ୍ଟି କରାଯାଇ ପାରେ ବୋଲି କହିଥିଲେ। ସେହିପରି ଓଡ଼ିଶା ଗଠନର ଶହେ ବର୍ଷ ପୂର୍ତ୍ତି ପର୍ଯ୍ୟନ୍ତ ସମ୍ବଲପୁରର ସମନ୍ୱିତ ବିକାଶରେ ବ୍ରତୀ ହେବାକୁ ସଙ୍କଳ୍ପ ନେବାପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ୧ ତାରିଖ ଓଡ଼ିଶା ଦିବସଠାରୁ ୧୪ ତାରିଖ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ପାଇଁ ହୋଇଥିବା ଘୋଷଣା ସମ୍ପର୍କରେ ଜିଲାପାଳ ସୂଚନା ଦେଇଥିଲେ।

ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉତ୍ତରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶିକା କଲ୍ୟାଣୀ ଦାଶ, ସମ୍ବଲପୁର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ଯୋଗଦେଇ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ।

### ସମ୍ବଲପୁରରେ ଓଡ଼ିଶା ଦିବସ ପାଳିତ

ପ୍ରାରମ୍ଭରେ ଅତିଥିମାନେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଉଲେଖନୀୟ ଭୂମିକା ଗ୍ରହଣ କରିଥିବା ସଂଗ୍ରାମୀମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମ ମହମ୍ମଦପୁର ଉଚ୍ଚ ବିଦ୍ୟାଳୟକୁ ୫ ହଜାର ଟଙ୍କା, ଦ୍ୱିତୀୟ ସମ୍ବଲପୁର ବଳାଶ୍ରାମକୁ ୩ ହଜାର ଟଙ୍କା ଓ ତୃତୀୟ ଲେଡି ଲୁଇସ ବାଳିକା ଉଚ୍ଚବିଦ୍ୟାଳୟକୁ ୨ହଜାର ଟଙ୍କା ପ୍ରଦାନ କରା ଯାଇଥିଲା। ପ୍ରାରମ୍ଭରେ ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିପୂର୍ବରୁ ପ୍ରାତଃ ସାଢ଼େ ୫ଟାରେ ସହରର ମୁଖ୍ୟରାସ୍ତାରେ ଡାକବାଜି ଯନ୍ତ୍ରରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରଭାତଫେରୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ଖବରକାଗଜ ବିକ୍ରେତାଙ୍କ ସ୍ୱାସ୍ଥ୍ୟବୀମାଭୁକ୍ତ କର

ସମ୍ବଲପୁର,୧୪(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଶ୍ରମିକ ମାନ୍ୟତା ସହିତ ସମନ୍ୱିତ ସାମାଜିକ ସୁରକ୍ଷା ଦାବି କରାଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ସଂଯୋଜକ ଦଶରଥ ଶର୍ମାଙ୍କ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସ୍ୱପ୍ନେଶ୍ୱର ସେନାପତି ଖବରକାଗଜ ବିକ୍ରେତାଙ୍କ ବିଭିନ୍ନ ସମସ୍ୟା ଉପ ପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଭାବେ ଶ୍ରମିକନେତା ଗଦାଧର ଧର କୁଅଁର ଯୋଗଦେଇ କହିଥିଲେ ଖବର କାଗଜ ମୁଦ୍ରଣକୁ ସରକାର ଶିଳ୍ପର ମାନ୍ୟତା ଦେଇଛନ୍ତି। ତେଣୁ ବିକ୍ରେତାମାନଙ୍କୁ ମଧ ଶ୍ରମିକର ମାନ୍ୟତା ପ୍ରଦାନକରି ସର୍ବନିମ୍ନ ମଜୁରି ଧାର୍ଯ୍ୟ କରାଯାଉ। ସମସ୍ତ ଖବରକାଗଜ ବିକ୍ରେତା ନିଜର ନାର୍ଯ୍ୟ ଅଧିକାର ପାଇଁ ସରକାରଙ୍କ ନିକଟରେ ଦାବି କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ରଜମୋହନ ସାହୁ ସଂପ୍ରତି ସାମାଜିକ ଗଣମାଧ୍ୟମର ଅହେତୁକ ପ୍ରସାର ଯୋଗୁଁ ଖବରକାଗଜ ଶିଳ୍ପରେ ଉପୁଜିଥିବା ସଙ୍କଟକୁ ନେଇ ଆଲୋଚନା କରିଥିଲେ। ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ସାଧାରଣ ସମ୍ପାଦକ ଲଳିତ ପଟ୍ଟନାୟକ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ କେନ୍ଦ୍ର ସରକାର ଖବରକାଗଜ ବିକ୍ରେତାଙ୍କ ପକ୍ଷରୁ ହୋଇଥିବା ଶ୍ରମିକ ମାନ୍ୟତା ସହ ସାମାଜିକ ସୁରକ୍ଷା ଦାବିକୁ ସମର୍ଥନ କରିଥିଲେ। ସେହିପରି ଖବରକାଗଜ ବିକ୍ରେତାମାନେ ଏକଜୁଟ ନ ହେବା ଯାଏ ଖବରକାଗଜ ସଂସ୍ଥା ଓ ସରକାରଙ୍କ ଦ୍ୱାରା ଖବରକାଗଜ ବିକ୍ରେତା ମାନେ ଏଭଳି ଉପେକ୍ଷିତ ହେଉଥିବେ ବୋଲି କହିଥିଲେ ବରଗଡ଼ ଖବରକାଗଜ ବିକ୍ରେତା ସଙ୍ଘର ସମ୍ପାଦକ ଅଚ୍ୟୁତ ସର। ଏହି ଅବସରରେ ମହାନଗର ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ଖବରକାଗଜ ବିକ୍ରେତା ମାନଙ୍କୁ ଶ୍ରମିକ ମାନ୍ୟତା, କମିଶନ ବୃଦ୍ଧି, ପେନ୍‌ସନ ସହିତ ସ୍ୱାସ୍ଥ୍ୟବୀମା ଆଦି ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ବୈଠକରେ ନୀଳାଚଳ ଘୋଷୀ, ପ୍ରଶାନ୍ତ ନାୟକ, କୁଞ୍ଜବିହାରୀ ପଣ୍ଡା, ସୁଶୀଲ ଛୁରିଆ, ପ୍ରୀତମ ଦାଶ, ସୁଶାନ୍ତ ନାୟକ, ଜୟପ୍ରକାଶ କୁମ୍ଭାର, ଯୋଗେନ୍ଦ୍ର ସାହୁ ପ୍ରମୁଖ ସମ୍ବଲପୁର ମହାନଗର ଖବରକାଗଜ ବିକ୍ରେତା ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ଆନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘ ପାଳିଲା ଓଡ଼ିଶା ଦିବସ

କୁଚିଣ୍ଡା,୧୪(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡାରେ ମଙ୍ଗଳବାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଭକ୍ତବତ୍ସଳ ଶର୍ମାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶାନ୍ତନୁ କୁମାର ସାହୁ, ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ ଓଡିଶା ଦିବସର ମହତ୍ତ୍ୱ ଓ ସ୍ୱତନ୍ତ୍ର ପ୍ରଦେଶ ଗଠନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ଏକ ସମୃଦ୍ଧ ଓଡିଶା ଗଠନରେ ବରିଷ୍ଠ ନାଗରିକ କର୍ତ୍ତବ୍ୟ ଉପରେ ଆଲୋଚନା କରି ସମସ୍ତ କ୍ଷେତ୍ରରେ ଜନହିତକର ସେବା ଜାରିରଖିବେ ବୋଲି କହିଥିଲେ। ସଂଘ ସମ୍ପାଦକ ତୁଳାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ ଜନ କାମିଲ ଲାକଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ବନମାଳି ଶତପଥୀ, ଉପଦେଷ୍ଟା ଜୟପ୍ରକାଶ ଗୁପ୍ତା, ଜଗନ୍ନାଥ ପାଣିଗ୍ରାହୀ, ଭଦ୍ରଚରଣ କିଷାନ, ପ୍ରମୋଦ କୁମାର ପଟେଲ, ଗୋପାଳ ଚନ୍ଦ୍ର ମିଶ୍ର, ବିନୋଦ ନାଏକ, ଦେବେନ୍ଦ୍ର କୁମାର ପଣ୍ଡା, ପଦ୍ମନାଭ ବେହେରାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

# ଛାତ ଉପରେ ଉଦ୍ୟାନ ପାଇଁ ପ୍ରଶିକ୍ଷଣ ଶିବିର



ଆୟୋଜିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଓ ଅଂଶଗ୍ରହଣକାରୀ ।

ସମ୍ବଲପୁର,୧୪(ପ୍ରମୋଦ ବହିଦାର)

- ଯୋଗଦେଲେ ୭୦ରୁ ଅଧିକ ଉତ୍ସାହି
- ପ୍ରୋତ୍ସାହନ ସ୍ୱରୂପ ପରିବା ମଞ୍ଜି ବଣ୍ଟନ

ଛାତଉପରେ ଉଦ୍ୟାନ ଉପରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ଉଦ୍ଭିଦ ପରୀକ୍ଷଣ କେନ୍ଦ୍ର(ସିଏଚ୍‌ଇଏସ୍) ଭୁବନେଶ୍ୱର ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ବୁଢାରଜା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ଏସପି ଆରଟିଜି ପ୍ରକଳ୍ପ ଅନ୍ତର୍ଗତ ପ୍ରଶିକ୍ଷଣ ଶିବିରରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନକୃଷି ପରୀକ୍ଷଣ କେନ୍ଦ୍ର(ସିଏଚ୍‌ଇଏସ୍) ନିର୍ଦ୍ଦେଶକ ଡ. ପି. ଶ୍ରୀନିବାସ, ସମ୍ବଲପୁର ଉଦ୍ୟାନକୃଷି ବିଭାଗ ଅଧିକାରୀ ହିମାଂଶୁ ଶେଖର ସାହୁ, ଅଭିନବ କୃଷି ଗବେଷଣା ସଂସ୍ଥା ପରିଚାଳନା ଟ୍ରଷ୍ଟି ଡ. ଅଭିଲାଶ ପଧାନ ବୁଢାରଜା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ ଯୋଗଦେଇଥିଲେ। ଏଥିରେ ଏକ ଉପସ୍ଥାପନା ମାଧ୍ୟମରେ ଡ. ଶ୍ରୀନିବାସ ଘରଛାତରେ ବାଗିଚା ଓ ଅର୍ବାନ ବଗିଚାର ଉପାଦେୟତା ଓ କୌଶଳ ଉପରେ ଅଲୋଚନା କରିଥିଲେ। ସେହିପରି ଜିଲା ଉଦ୍ୟାନକୃଷି ଅଧିକାରୀ ସାହୁ ଏଭଳି ବଗିଚା ବା ଉଦ୍ୟାନ ସହରରେ ତାପମାତ୍ରା ବୃଦ୍ଧି ନିବାରଣରେ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଅଂଶଗ୍ରାହୀମାନଙ୍କୁ ଅର୍ବାନ ବଗିଚା କରିବା ପାଇଁ ପରିବା ମଞ୍ଜି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର ସହରର ବରିଷ୍ଠ ନାଗରିକ, ସ୍ଥାନୀୟ ଗୃହିଣୀଙ୍କ ସହିତ ୭୦ରୁ ଅଧିକ ଉତ୍ସାହୀ ଉଦ୍ୟାନ ଓ ବଗିଚା ପ୍ରେମୀମାନଙ୍କ ସହ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଅଭିଲାଶ ପଧାନ ଓ ଜଟା ଭୂଷଣ ସାହୁ, ନରୋତ୍ତମ ରାଉତ ପ୍ରମୁଖ ପରିଚଳନା କରିଥିଲେ।

## ଭାଷା,ସଂସ୍କୃତି ଓଡ଼ିଶାର ସ୍ୱତନ୍ତ୍ର ପରିଚୟ

### ଉପଖଣ୍ଡ ସ୍ତରୀୟ ଓଡିଶା ଦିବସ

କୁଚିଣ୍ଡା,୧୪(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମଙ୍ଗଳବାର ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ପ୍ରଶାସନ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର ଅଧ୍ୟକ୍ଷତା କରିଥିଲେ। କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥି, ଓଡ଼ିଆ ବିଭାଗ ଅଧ୍ୟାପିକା ମମତା ସାହୁ ମୁଖ୍ୟବକ୍ତା, ଡେପୁଟୀ କଲେକ୍ଟର ସରିତା ଓରାମ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ତହସିଲଦାର ମିତାଲି ମଧୁସ୍ମିତା ଦଳେଇ, ଅଧ୍ୟାପିକା ସୁଭଦ୍ରା ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ଓଡିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିସହ ଓଡ଼ିଆ ଭାଷା ଓ ସଂସ୍କୃତି ହେଉଛି ଓଡ଼ିଶାର ସ୍ୱତନ୍ତ୍ର ପରିଚୟ। ତେଣୁ ସମସ୍ତେ ଏକତ୍ରିତ ହୋଇ ଓଡ଼ିଶାର ଗର୍ବ ଓ ଗୌରବକୁ ବଜାୟ ରଖି ସାମଗ୍ରିକ ବିକାଶ ପାଇଁ ଆଗେଇ ଆସିବାକୁ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସହରରେ ପ୍ରଭାତଫେରୀ କରାଯାଇଥିଲା। ମୁଖ୍ୟ ଅତିଥି ସୂଚନା କେନ୍ଦ୍ରସ୍ଥିତ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଅନ୍ୟତମ ଆସିଷ୍ଟାଣ୍ଟ କଲେକ୍ଟର ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ



ଶିକ୍ଷା ଉପକରଣ ପ୍ରଦର୍ଶନୀ ସ୍ଥଳ ଅତିଥିମାନେ ବୁଲି ଦେଖୁଛନ୍ତି।

ସମ୍ବଲପୁର,୧୪(ପ୍ରମୋଦ ବହିଦାର)

### ଯୋଗଦେଲେ ୯ ବ୍ଲକର ଏଫ୍‌ଏଲ୍‌ଏନ୍ ଛାତ୍ରୀଛାତ୍ର

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ବଲପୁରରେ ଜିଲାସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷା ଡ. ଗୀତାଞ୍ଜଳି ଭୋଇଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ କୁମାର ପଣ୍ଡା, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷା ମଣ୍ଡଳାଧୀଶ ଡ. ଗିରିଧାରୀ ହୋତା, ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ, ହରି ନାରାୟଣ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ନିଜ ବକ୍ତବ୍ୟରେ ଶିକ୍ଷାଦାନ ସମୟରେ ଶିକ୍ଷା ଉପକରଣର ଉପଯୁକ୍ତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ ପ୍ରଦର୍ଶନୀସ୍ଥଳୀ ପରିଦର୍ଶନ କରି ବିଭିନ୍ନ ଶିକ୍ଷା ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ। ପ୍ରଦର୍ଶନୀରେ ଜିଲାର ୯ଟି ବ୍ଲକର ୪୫ ଜଣ ପାରମ୍ଭିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ(ଏଫ୍‌ଏଲ୍‌ଏନ୍) ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ସହିତ ସମ୍ପୃକ୍ତ ପ୍ରତିଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୋଗଦାନ କରିଥିବା ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଶିକ୍ଷା ଉପକରଣର ବ୍ୟବହାର ତଥା ଏହାର ଉପଯୋଗିତା ଉପରେ ବକ୍ତବ୍ୟ ରଖଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷା ପ୍ରଶିକ୍ଷକ ଆଜାଦ ଶେଖର ପ୍ରଧାନ ପରିଚାଳନା କରିଥିଲେ।

## ଶିଶୁ ବିଦ୍ୟା ମନ୍ଦିରରେ ଓଡ଼ିଶା ଦିବସ ପାଳିତ

ଜମନକିରା,୧୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଉତ୍କଳ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂତନ ଶିଶୁ ଭାଇ ଭଉଣୀ ମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟରେ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଥିଲା। ଉକ୍ତ ପୂଜାରେ କର୍ତ୍ତାଭାବେ ନୂତନ ଅଭିଭାବକ ବିନୁ ସାହୁ ଓ ତାଙ୍କ ପତ୍ନୀ ଶ୍ରୀମ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ନୂତନ ଭାବେ ନାମ ଲେଖାଇଥିବା ଶିଶୁ ଭଉଣୀଭାଇ, ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିଶୁବାଟିକା ପ୍ରମୁଖ ଡିଲେଶ୍ୱରି ଖମାରୀଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଲେକରାମ ପ୍ରଧାନଙ୍କ ସମସ୍ତ ଗୁରୁମା, ଗୁରୁଜୀ, ଅବିଭାବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବର

ସମ୍ବଲପୁର,୧୪(ବି.ଶଙ୍କର)



ସ୍ୱାସ୍ଥ୍ୟ ଶିବରରେ ଅତିଥି ଓ କର୍ମକର୍ତ୍ତାମାନେ ।

ହୀରାକୁଦସ୍ଥିତ ହିଣ୍ଡାଲକୋ ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ହିଣ୍ଡାଲକୋ ୟୁନିଟ ମୁଖ୍ୟ ଦେବାଶିଷ ମଲ୍ଲିକ, କମ୍ପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂ, ବରିଷ୍ଠ ନାଗରିକ ସଙ୍ଗଠନର ସଭାପତି ସୁରେନ୍ଦ୍ର କୁମାର ଚୌବେ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସେଠ, ପାରିପାର୍ଶିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ଲ୍ୟାଣ୍ଡ ଏବଂ କର୍ପୋରେଟ ବ୍ୟାପାର ମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ୟୁନିଟ ମୁଖ୍ୟ ମଲ୍ଲିକ କହିଥିଲେ, ହୀରାକୁଦ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ମହିଳା, ଯୁବକଙ୍କ ଉନ୍ନତି ସହ ସଂସ୍କୃତି ରକ୍ଷା ପାଇଁ କମ୍ପାନୀ ସର୍ବଦା କାମ କରୁଛି ଏବଂ ଆଗକୁ ମଧ ଏହା ଜାରି ରହିବ। ଶିବିରରେ ବରିଷ୍ଠ ନାଗରିକ ସଙ୍ଗଠନ ସାଧାରଣ ସମ୍ପାଦକ ମଧୁସୂଦନ ଦାସ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସେଠ, ସହକାରୀ ଶିକ୍ଷୟିତ୍ରୀ ନିବେଦିତା ସାହୁ, ରସ୍ମିତା ବାରିକ, ସ୍କୁଲ ପରିଚାଳନା କମିଟ ସଦସ୍ୟ ଦିଲ୍ଲୀପ ଦାସ, ବରିଷ୍ଠ ସମାଜସେବୀ ସୁଶାନ୍ତ ପାଣିଗ୍ରାହୀ, ଅଶୋକ କୁମାର ପଣ୍ଡା, କୃଷକ ନେତା ଇତୁଆ ଖଡିଆ, କ୍ରୀଡା ସଂସଦ ସଭାପତି ଗଣେଶ ପଲେଇଙ୍କ ସମେତ ଅଞ୍ଚଳର ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା, ମହିଳା ସଙ୍ଗଠନ ସଦସ୍ୟା, ସ୍ୱୟଂ ସହାୟତା ଗୋଷ୍ଠୀ ସଭ୍ୟା ଉପସ୍ଥିତ ଥିଲେ। ଶିବିରରେ ଡାକ୍ତର ସୁବ୍ରତ ଚାଟାର୍ଜୀ ନେତୃତ୍ୱରେ ଡାକ୍ତର ତ୍ରିଲୋଚନ ବାରିକ, ଡାକ୍ତର ପଦ୍ମାଳୟା ମିଶ୍ର, ଡାକ୍ତର ପୂଜା ଶ୍ରୀବସ୍ତବ, ଡାକ୍ତର ଚନ୍ଦନ ମାରଛଣ୍ଡୀ, ଡାକ୍ତର ରାଜେଶ ମିଶ୍ର, ଡାକ୍ତର ବିଶ୍ୱନାଥ ମିଶ୍ର ପ୍ରଭୃତି ଅଭିଜ୍ଞ ଡାକ୍ତରୀ ଦଳ ବହୁବିଧ ରୋଗର ଚିକିତ୍ସା କରି ଆବଶ୍ୟକ ଔଷଧ ବିତରଣ କରିଥିଲେ। ହିଣ୍ଡାଲକୋ ସ୍ୱାସ୍ଥ୍ୟସେବା ବିଭାଗର ଡାକ୍ତର ପ୍ରବୀଣ ଯାଦବଙ୍କ ନେତୃତ୍ୱରେ ହିଣ୍ଡାଲକୋ ସ୍ୱାସ୍ଥ୍ୟ ସେବା ବିଭାଗର ଏକ ଦଳ ଏବଂ ସିଏସ୍‌ଆର ବିଭାଗର, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ମିଳନ କୁମାର ସାହୁ, ହିଣ୍ଡାଲକୋ ସାସ୍ଥ୍ୟ ବିଭାଗ କର୍ମଚାରୀ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ସହ ସ୍କୁଲର କମିଟି ସଭ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଧନୁଯାତ୍ରା କଳା ସଂସ୍କୃତି ବିକାଶର ମାଧ୍ୟମ

କୁଚିଣ୍ଡା,୧୪(ବିରଞ୍ଚି ଦର୍ଚ୍ଚା)



ଉଦ୍‌ଯାପନୀ ଉତ୍ସବରେ କଂସ ଦରବାରରେ ମନ୍ତ୍ରୀ ରବିନାରାୟଣ ନାଏକ।

### ଟାଇଁସର ଧନୁଯାତ୍ର ଉଦ୍‌ଯାପିତ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଟାଇଁସରଠାରେ ଗତ ୨୬ତାରିଖରୁ ଆରମ୍ଭ ହୋଇଥିବା ଷଷ୍ଠତମ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଧନୁଯାତ୍ରା ହେଉଛି କଳା ସଂସ୍କୃତି ବିକାଶର ଏକ ମାଧ୍ୟମ। ଏଭଳି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଏକତା ଓ ଭାଇଚାରାକୁ ସୁଦୃଢ଼ କରି କଳାକାରଙ୍କୁ ଆଗକୁ ଯିବା ପାଇଁ ପ୍ରେରଣା ଦେଇଥାଏ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଏହି ଧନୁଯାତ୍ରାକୁ ଟାଇଁସର, କୁ.ଜମନକିରା,ସାଲେଭାଡି, କୁସୁମୀ, କୁନ୍ତରା, ବାଙ୍କେ, ଗୋଛରା, ତେଲିଡିଲେଇମାଲ ଆଦି ପଞ୍ଚାୟତର ବହୁସଂଖ୍ୟକ ଜନସାଧାରଣ ଉପଭୋଗ କରିଥିଲେ। ୬ଦିନ ବ୍ୟାପି ହୋଇଥିବା ଏହି ମହୋତ୍ସବରେ ଉଗ୍ରସେନଙ୍କ ଗାଦିଚ୍ୟୁତ, ଦେବକୀ ବସୁଦେବ ବିବାହ, ଶୂନ୍ୟବାଣୀ, କୃଷ୍ଣ ବଳରାମ ଜନ୍ମ, ବିଜୁଳି କନ୍ୟାଙ୍କ ଭବିଷ୍ୟତ ବାଣୀ, ଜରାସନ୍ଧ ଯୁଦ୍ଧ, କଂସଙ୍କ ରଙ୍ଗସଭା, ଅକ୍ରୂରଙ୍କ ଗୋପପୁର ପ୍ରେରଣ, ଅଷ୍ଟମଲ୍ଲ ଯୁଦ୍ଧସହ କୃଷ୍ଣବଳରାମଙ୍କ ଦ୍ୱାରା କଂସ ବଧ ଆଦି ନାଟ୍ୟ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବରଗଡ ଜିଲା ଚିଚିଣ୍ଡାର ଝସକେତନ ପ୍ରଧାନଙ୍କ କଂସ ଭୂମିକାରେ ଅଭିନୟ ବେଶ ଚିତ୍ତାକର୍ଷକ ହୋଇଥିଲା। ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ଅଶ୍ୱିନୀ ସେନାପତି, ଉପସଭାପତି ପପୁ ସିଂ, ସମ୍ପାଦକ ତସ୍ମିନ ରଣା, ଅଶ୍ୱିନୀ ପଟେଲ, ରମାକାନ୍ତ ରାଉତଙ୍କ ସମେତ ଟାଇଁସର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨/୨୦୨୫ | Bhubaneswar, Wednesday, April 2/2025 | ପୃଷ୍ଠା-୧



**ନାଁ ବଦଳାଇପାରନ୍ତି ଅଲ୍ଲୁ**

ଅଭିନେତା ଅଲ୍ଲୁ ଅର୍ଜୁନ ନିଜ ନାମର ଇଂଲିଶ ସ୍ପେଲିଂକୁ ବଦଳାଇବାକୁ ଯୋଜନା କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।

୦୬

୧୨

**କୁହ୍ନେମାନ ଆଶ୍ୱସ୍ତ**

ସନ୍ଦେହଜନକ ବୋଲିଂ ଆକ୍ସନ ଅଭିଯୋଗରୁ ମୁକ୍ତି ପାଇଛନ୍ତି ଅଷ୍ଟ୍ରେଲିଆର ବାମହାତୀ ସ୍ପିନର ମ୍ୟାଟ୍ କୁହ୍ନେମାନ।






କଟକ ଦୋଳମୁଣ୍ଡାଇସ୍ଥିତ ଏକ ଲଗେଜ୍ ଶୋ'ରୁମ୍‌ରେ ମଙ୍ଗଳବାର ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

# ଟଙ୍କା ଅପେକ୍ଷାରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ

## ଆଗେଇପାରୁନି ଫେରସ୍ତ ପ୍ରକ୍ରିୟା, କଥା ଉଠାଉନାହିଁ ବିଜେଡି

**ଓଡ଼ିଶାରେ ପୂର୍ବ ସରକାର ସମୟରେ ଚିଟ୍‌ଫଣ୍ଡ ଠକେଇ ଏକ ବଡ଼ ପ୍ରସଙ୍ଗ ଥିଲା। ଅନେକ ଲକ୍ଷ ଲୋକ ଅଧିକ ଲାଭ ଲୋଭରେ ନିଜ କଷ୍ଟ ଉପାର୍ଜିତ ଅର୍ଥକୁ କମ୍ପାନୀଗୁଡ଼ିକରେ ଜମା ଦେଇଥିଲେ। ୨୦୧୩ରେ ବିଜେଡି ସରକାର ଏହାର ତଦନ୍ତ ଏବଂ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଚିହ୍ନଟ ସହ ଅର୍ଥ ଫେରସ୍ତ ସକାଶେ କମିଶନ ଗଠନ କରିଥିଲେ। ତେବେ ୨୦୨୦ ଫେବୃଆରୀ ୫ ପରେ କମିଶନଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି କରାଯାଇ ନ ଥିଲା। ୨୦୨୪ ବିଧାନସଭା ନିର୍ବାଚନ ବେଳେ ଭାଜପା କ୍ଷମତାକୁ ଆସିବାର ୨୪ ଘଣ୍ଟା ଭିତରେ ଅଧ୍ୟାଦେଶ ଆଣି ଟଙ୍କା ଫେରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଇତିମଧ୍ୟରେ ଭାଜପା ସରକାରକୁ ୯ ମାସ ବିତିଲାଣି, କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳୁନାହିଁ। ଫଳରେ ପ୍ରାୟ ୬୦ ଲକ୍ଷ ଜମାକାରୀ ମୁଣ୍ଡରେ ହାତ ଦେଇ ଟଙ୍କାକୁ ଅନେଇ ବସିଛନ୍ତି। ବର୍ତ୍ତମାନର ବିରୋଧୀ ଦଳ ମଧ୍ୟ ଏହା ଉପରେ ସରକାରଙ୍କୁ ପ୍ରଶ୍ନ କରୁନାହିଁ। ବିଜେଡି ନେତାମାନେ ଅଜାଣତରେ ନୁହେଁ, ବରଂ ନିଜେ ଛନ୍ଦିହୋଇଯିବା ଭୟରେ ଏ କଥାରୁ ଦୂରେଇ ଯାଉଥିବା ଚର୍ଚ୍ଚା ହେଉଛି।**

ଭୁବନେଶ୍ୱର,୧।୪(ସୁନିତ୍ ମିଶ୍ର)

ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଭବିଷ୍ୟତ ଏକପ୍ରକାର ଅନ୍ଧାର ଭିତରେ ରହିଛି। ଅନେକ ଲକ୍ଷ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ, ଯେଉଁମାନେ ନିଜ କଷ୍ଟ ଉପାର୍ଜିତ ଅର୍ଥକୁ ଚିଟ୍‌ଫଣ୍ଡ ସଂସ୍ଥାରେ ଲଗାଇଥିଲେ, ସେମାନେ ତାଙ୍କର ଟଙ୍କା ପାଇପାରି ନାହାନ୍ତି। ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଅନୁଯାୟୀ ଓଡ଼ିଶାରେ ୨୪,୭୫, ୭୮୨ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ରହିଛନ୍ତି। ହେଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପ୍ରକୃତ ସଂଖ୍ୟା କେତେ, ତା'ର ନିର୍ଦ୍ଦିଷ୍ଟ ଆକଳନ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର କରିପାରିନାହାନ୍ତି। ବିଜେଡି ସରକାର ଅମଳରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନେ ବାରମ୍ବାର ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ସତ୍ତ୍ୱେ ତା'ର ସମାଧାନ ହୋଇପାରି ନ ଥିଲା। ବିଜେଡି ୨୪ ବର୍ଷ ପରେ ଶାସନ ଗାଦିରୁ ହଟିବା ଉତ୍ତାରୁ ରାଜ୍ୟରେ ନୂଆକରି ସରକାରକୁ ଆସିଥିବା ଭାଜପା ଏ ପର୍ଯ୍ୟନ୍ତ ଚିଟ୍‌ଫଣ୍ଡ ଜମାକାରୀ ଚିହ୍ନଟ କରି ଟଙ୍କା ଫେରାଇବା ଦିଗରେ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନେଇପାରିନାହାନ୍ତି। ସରକାରକୁ ଆସିବା ପୂର୍ବରୁ ନିର୍ବାଚନ ପ୍ରଚାର ସମୟରେ ଭାଜପା ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ ହେବ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ବିଜେଡିର ଅନେକ ନେତା ଚିଟ୍‌ଫଣ୍ଡ ଲିଙ୍କ୍‌ରେ ଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିବାବେଳେ ସେମାନେ ମଧ୍ୟ ଭାଜପା ସରକାରକୁ ଏହି ପ୍ରଶ୍ନ ପଚାରିବାକୁ ଚାହୁଁନାହାନ୍ତି। କାଳେ ଏହି ପ୍ରସଙ୍ଗ ଉଠାଇଲେ ନିଜେ ଅଡ଼ୁଆରେ ପଡ଼ିଯିବେ ସେଥିଲାଗି ବିଜେଡି ନେତା ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ଭୁଲିଗଲା ଭଳି ଅଭିନୟ କରୁଥିବା ମନେହେଉଛି।

ରାଜ୍ୟ ଗୃହ ବିଭାଗର ସୂଚନା ଅନୁଯାୟୀ, ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସଂଖ୍ୟା କେତେ ଏବଂ ସେମାନେ କେତେ ଟଙ୍କା ବିଭିନ୍ନ ସଂସ୍ଥାରେ ଜମା କରିଛନ୍ତି ତା'ର ତଦନ୍ତ ସକାଶେ ୨୦୧୩ରେ ତତ୍କାଳୀନ ବିଜେଡି ସରକାର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଆର୍.କେ. ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରିଥିଲେ। ତାଙ୍କୁ ମୁଖ୍ୟତଃ ରାଜ୍ୟର ଚିଟ୍‌ଫଣ୍ଡ ଜମାକାରୀ ଚିହ୍ନଟ ଲାଗି ଦାୟିତ୍ୱ ଦିଆଯାଇଥିଲା। ହେଲେ ଜାନୁଆରୀ ୨୦୧୫ରେ ଜଷ୍ଟିସ୍ ପାତ୍ରଙ୍କ ପରଲୋକ ହୋଇଥିଲା। ସେ ଏ ସମ୍ବନ୍ଧୀୟ ରିପୋର୍ଟ ଦାଖଲ କରିପାରି ନ ଥିଲେ। ଏହାପରେ ୨୦୧୫ରେ ଜଷ୍ଟିସ୍ ଏମ୍.ଏମ୍. ଦାସଙ୍କୁ ଏହି କମିଶନର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ୨୦୨୦ ଫେବୃଆରୀ ୫ ତାରିଖ ପରେ କମିଶନଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି କରାଗଲା ନାହିଁ। ଏହା ପରଠାରୁ ଏଯାବତ୍ କମିଶନ ଗଠନ ଦିଗରେ ରାଜ୍ୟ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ନ ଥିବା ଗତ ୧୦ ତାରିଖରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଲିଖିତ ଉତ୍ତରରେ ଉଲ୍ଲେଖ କରିଥିଲେ। ସେ ତାଙ୍କ ଉତ୍ତରରେ ଆହୁରି କହିଥିଲେ, ତଦନ୍ତ କମିଶନ ୭ଟି ଅନ୍ତରୀଣ ରିପୋର୍ଟ ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲେ। କମିଶନଙ୍କ ସୁପାରିସ ମୁତାବକ କ୍ଷେତ୍ରୀୟ ତଦନ୍ତ ପରେ ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ବାସ୍ତବ ଜମାରାଶି କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ ପ୍ରକ୍ରିୟା ☞ପୃଷ୍ଠା-୨

# ଘର ଭାଙ୍ଗିଥିବାରୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ୟୁପି ସରକାରଙ୍କୁ ୬୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୪ (ପି.ଟି.)

ଆଇନଗତ ପ୍ରକ୍ରିୟାର ଅନୁପାଳନ ନ କରି ବେଆଇନ ଭାବେ ଘର ଭଙ୍ଗାଯିବା ଘଟଣାରେ ସୁପ୍ରିମକୋର୍ଟ ମଙ୍ଗଳବାର ଉତ୍ତରପ୍ରଦେଶ ସରକାର ଏବଂ ପ୍ରୟାଗରାଜ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଭର୍ତ୍ସନା କରିଛନ୍ତି। ଏଭଳି କାର୍ଯ୍ୟ ଅମାନବୀୟ ଏବଂ ବେଆଇନ। ଏହା ଆମ ଅନ୍ତରାତ୍ମାକୁ ଦୋହଲାଇ ଦେଇଛି ବୋଲି ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ୬ ସପ୍ତାହ ମଧ୍ୟରେ କ୍ଷତିଗ୍ରସ୍ତ ୬ ଜଣ ଘର ମାଲିକଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ୬୦ ଲକ୍ଷ ଟଙ୍କା କ୍ଷତିପୂରଣ ପୈଠ କରିବା ପାଇଁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନର ଉପଯୁକ୍ତ ପ୍ରକ୍ରିୟା ଅନୁପାଳନ ନ କରି ଉଦାସୀନ ମନୋଭାବ ପ୍ରଦର୍ଶନ କରୁଥିବା ଉତ୍ତରପ୍ରଦେଶ ସରକାରଙ୍କୁ ଖଣ୍ଡପୀଠ ଚେତାବନୀ ଦେଇ କହିଛନ୍ତି, ସରକାର ଏବଂ ବିଶେଷ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଏହା ନିଶ୍ଚିତ ମନେରଖିବାକୁ ହେବ ଯେ ଆଶ୍ରୟ ଅଧିକାରୀ ସମ୍ବିଧାନର ଅନୁଚ୍ଛେଦ ୨୧ର ଅବିଚ୍ଛେଦ୍ୟ ଅଙ୍ଗ।

ପ୍ରୟାଗରାଜ ଉନ୍ନୟନ କର୍ତ୍ତୃପକ୍ଷ ବେଆଇନ ଭାବେ ଗୃହ ଉଚ୍ଛେଦ କରିବା ପରେ ଆଇନଜୀବୀ ଜୁଲଫିକର ହାଇଦର, ପ୍ରଫେସର ଅଲି ଅହମଦ ଓ ଅନ୍ୟମାନେ ଏହାକୁ ଆଲ୍ଲାହାବାଦ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନକୁ ଖାରଜ କରିଦେବାରୁ ସେମାନେ ମିଳିତ ଭାବେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ☞ପୃଷ୍ଠା-୨

# ବାଣ ଗୋଦାମରେ ବିସ୍ଫୋରଣ: ୧୮ ମୃତ

ପାଲାନପୁର(ଗୁଜରାଟ),୧।୪(ପି.ଟି.)

ଗୁଜରାଟର ବନସକଣ୍ଠା ଜିଲାରେ ମଙ୍ଗଳବାର ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟି ନିଆଁ ଲାଗିଯିବା ସହ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହିତ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ଦିସା ସହର ନିକଟ ଶିଳ୍ପାଞ୍ଚଳରେ ସକାଳ ୯ଟା ୪୫ ମିନିଟ୍ ସମୟରେ ଏହି ଭୟାବହ ବିସ୍ଫୋରଣ ଘଟିଥିଲା। ଫଳରେ ବିଲ୍ଡିଂର ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ଏତେ ସଂଖ୍ୟାରେ ଲୋକ ମୃତାହତ ହେଲେ ବୋଲି ଏସ୍‌ପି ଅକ୍ଷୟରାଜ ମକୱାନା କହିଛନ୍ତି। ମୃତକମାନେ ମଧ୍ୟପ୍ରଦେଶରୁ ଆସିଥିବା ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟ। ଉକ୍ତ ବିଲ୍ଡିଂରେ ବାଣ ଗଚ୍ଛିତ ☞ପୃଷ୍ଠା-୨

# ସମୃଦ୍ଧ ଓଡ଼ିଶା ଗଢ଼ି ବରପୁତ୍ରଙ୍କ ସ୍ୱପ୍ନ ପୂରଣ କରିବୁ: ମୁଖ୍ୟମନ୍ତ୍ରୀ




ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରୁଛନ୍ତି।

କଟକ,୧।୪(କାର୍ତ୍ତିକ ସାହୁ)

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳିତ**

ସମୃଦ୍ଧ ଓଡ଼ିଶା ଗଠନରେ ଆମର ମୁଖ୍ୟ ଆଧାର ହେବ ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ବରପୁତ୍ରମାନଙ୍କ ତ୍ୟାଗର ଋଣ ଶୁଝି ହେବ ନାହିଁ। ତେବେ ଏକ ସମୃଦ୍ଧ ଓଡ଼ିଶା ଗଠନ କରି ସେମାନଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ସ୍ୱତନ୍ତ୍ର ଓଡ଼ିଶା ଗଠନର ମୁଖ୍ୟ ବିଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମମାଟି କଟକ ଜିଲା ସତ୍ୟଭାମାପୁରରେ ରାଜ୍ୟ ସରକାର ପ୍ରଥମଥର ପାଇଁ ଆୟୋଜନ କରିଛନ୍ତି ରାଜ୍ୟସ୍ତରୀୟ ଓଡ଼ିଶା ଦିବସ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ☞ପୃଷ୍ଠା-୨

# ୧୪ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ' ପାଳିବାକୁ ଆହ୍ୱାନ

ଭୁବନେଶ୍ୱର,୧।୪(ସୁନିତ୍ ମିଶ୍ର)

ଓଡ଼ିଆ ପକ୍ଷ ପାଳନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ପାଇଁ ବାର୍ତ୍ତା ଦେଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏପ୍ରିଲ ୧ 'ଓଡ଼ିଶା ଦିବସ' ଠାରୁ ୧୪ ଏପ୍ରିଲ 'ଓଡ଼ିଆ ନବବର୍ଷ' ପର୍ଯ୍ୟନ୍ତ ଏହି ୧୪ ଦିନ ଆମେ 'ଓଡ଼ିଆ ପକ୍ଷ' ଭାବେ ପାଳନ କରୁଛେ। ଏହି ପକ୍ଷର ପ୍ରତ୍ୟେକ ମୁହୂର୍ତ୍ତ ସବୁ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ସମୟ ହେଉ। ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ। ଏହି ସମୟ ମଧ୍ୟରେ ଯେଉଁ ମହାପୁରୁଷଙ୍କ ତ୍ୟାଗ ଏବଂ ☞ପୃଷ୍ଠା-୨

# ରାସ୍ତାରେ ସ୍ତ୍ରୀଙ୍କ ରିଲ୍ସ, କନ୍‌ଷ୍ଟେବଲ ସ୍ୱାମୀ ନିଲମ୍ବିତ

ଚଣ୍ଡିଗଡ଼, ୧।୪

ଚଣ୍ଡିଗଡ଼ରେ ଜଣେ ମହିଳା ମଝି ରାସ୍ତାରେ ରିଲ୍ସ କରିବା ତାଙ୍କ କନ୍‌ଷ୍ଟେବଲ ସ୍ୱାମୀଙ୍କୁ ଭାରିପଡ଼ିଛି। ମହିଳାଙ୍କ ରିଲ୍ସ ଭିଡିଓ ଭାଇରାଲ ହେବା ପରେ ଚଣ୍ଡିଗଡ଼ ପୋଲିସ ତାଙ୍କ ସ୍ୱାମୀ ତଥା ସେକ୍ଟର-୧୯ ଥାନାରେ ନିୟୋଜିତ ବରିଷ୍ଠ କନ୍‌ଷ୍ଟେବଲ ଅଜୟ କୁଣ୍ଡୁଙ୍କୁ ନିଲମ୍ବନ କରିଛି।



ଚଣ୍ଡିଗଡ଼ର ଏକ ରାସ୍ତାରେ ଜ୍ୟୋତି କୁଣ୍ଡୁ ବିଭିନ୍ନ ପୋଜ୍ ଦେଇ ରିଲ୍ସ କରୁଛନ୍ତି।

ଚଣ୍ଡିଗଡ଼ ସେକ୍ଟର-୨୦ର ଗୁରୁଦ୍ୱାରା ଛକରେ ନିର୍ମିତ ଜେବ୍ରା କ୍ରସିଂଠାରେ ଗତ ୨୨ ତାରିଖ ଅପରାହ୍ଣରେ ଜ୍ୟୋତି ନାମ୍ନୀ ଜଣେ ମହିଳା ହରିୟାଣାର ଏକ ଲୋକପ୍ରିୟ ଗୀତରେ ନାଚୁଥିବା ସହ ରିଲ୍ସ ପ୍ରସ୍ତୁତ କରୁଥିଲେ। ଜ୍ୟୋତି ତାଙ୍କ ଭାଉଜ ପୂଜାଙ୍କ ସହାୟତାରେ ରିଲ୍ସ କରୁଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ଉପସ୍ଥିତ ଥିବା ଅନ୍ୟ ଚାଳକମାନେ ନିଜ ନିଜ ଗାଡ଼ିକୁ ଅଟକାଇ ଜ୍ୟୋତିଙ୍କ ରିଲ୍ସକୁ ଦେଖୁଥିଲେ। ଫଳରେ ସେଠାରେ ଟ୍ରାଫିକ୍ ଜାମ ସ୍ଥିତି ସୃଷ୍ଟି ହୋଇଥିଲା। ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହୋଇଥିଲା, ଯାହାକୁ ନେଇ ଅନେକ ୟୁଜର୍ସ ଜ୍ୟୋତିଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ।

ଭିଡିଓ ଭାଇରାଲ ହେବା ପରେ ଚଣ୍ଡିଗଡ଼ର ଜଣେ ହେଡ୍ କନ୍‌ଷ୍ଟେବଲ ଯଶବୀର ସେକ୍ଟର-୩୪ ଥାନାରେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପ୍ରବେଶ ଉତ୍ସବ, ସ୍ଥାନ: ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ନହରକଣ୍ଟା, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ପ୍ରବେଶ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗଡ଼ ହାଇସ୍କୁଲ, ସମୟ: ସକାଳ ୯ଟା ୧୫।
- ୩୦୦ ୟୁନିଟ୍ ଛାଡ଼ ଦାବିରେ ଟାଟା ପାୱାର ଅଫିସ ଘେରାଉ, ସ୍ଥାନ: ଶହୀଦ ନଗରସ୍ଥିତ ଟାଟା ପାୱାର ଅଫିସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଖୋର୍ଦ୍ଧା
- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ସମାରୋହ, ସ୍ଥାନ: ରାମଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚକାପଦା, ସମୟ: ସକାଳ ୮ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର
- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବ, ସ୍ଥାନ: କୁଲିଗାଁ କଲେଜ ପଡ଼ିଆ, ରେମୁଣା, ସମୟ: ଦିବସବ୍ୟାପୀ।
- ଦାଣ୍ଡକାଳୀ ସର୍ଜିକାଲ୍‌ସର ରୌପ୍ୟଜୟନ୍ତୀ ସମାରୋହ, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିଦ୍ୟାଳୟ ପ୍ରବେଶ ପଥ ସଚେତନତା ଶୁଭାରମ୍ଭ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳପୁର ମାତୃଭୂମି, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ଝାଟୀପଡ଼ା, ପାଟଣା, ସମୟ: ପ୍ରାତଃ ୫ଟା।
- ବ୍ଲକସ୍ତରୀୟ ବିଦ୍ୟା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ପାଟଣା ମୁଖ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ବାର୍ଷିକ ତାଳପର୍ବ ଉତ୍ସବ, ସ୍ଥାନ: ମଲ୍ଲୀପଶି, ଛେନାପଦି, ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଚିତ୍ରଡ଼ା କାକୁଡ଼ିହା ଗ୍ରାମ, ମୋରଡ଼ା, ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ
- ବିଦ୍ୟାଳୟ ପ୍ରବେଶ ସଚେତନତା ରଥ ଉଦଘାଟନ, ସ୍ଥାନ: ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୬ଟା୩୦।
- ବିଦ୍ୟାଳୟରେ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ, ସ୍ଥାନ: ପାତ୍ରପୁର ବ୍ଲକ କଇଠା ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ଦଶ ଦିନାତ୍ମକ ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ଆସିକା ସୁନାମ୍ବ ସାହି ରଘୁନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ଶିକ୍ଷା ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଢେଙ୍କାନାଳ, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା ୩୦।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାର୍ଷିକ ପଣ୍ୟ କାରବାର ସମ୍ପର୍କିତ ତଥ୍ୟ ସାର୍ବଜନୀନ ବୈଠକ, ସ୍ଥାନ: ପ୍ରଶାସନିକ ଭବନ ବୋର୍ଡ କକ୍ଷ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଏକାଦଶତମ ଶ୍ରୀରାମ ଚରିତ ମାନସ ପାରାୟଣ ଶୁଭାରମ୍ଭ, ସ୍ଥାନ: ଗୋବିନ୍ଦପୁର ହନୁମାନ ମନ୍ଦିର ପରିସର, ତିର୍ତ୍ତୋଲ, ଜଗତ୍‌ସିଂହପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ହଂସୁଆ କଳା ପ୍ରତିଷ୍ଠାନ ପତିଷ୍ଠା ଦିବସ ଉପଲକ୍ଷେ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଦୁର୍ଗା ମଣ୍ଡପ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।।

## ଯାଜପୁର
- ଜୟ ମା' ସିଘାରଶୁଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକ ସିଘାରସାହି, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଖଡ଼ିଛୁଆଁ ଏବଂ ପ୍ରବେଶ ଉତ୍ସବ, ସ୍ଥାନ : ନଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୯ଟା।
- ବ୍ୟାସନଗର ପୌରପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ୍, ସ୍ଥାନ: ବ୍ୟାସନଗର ପୌର ପରିଷଦର କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୧୧ଟା।
- ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରିର ଷଷ୍ଠ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ:ସକାଳ ୮ଟା।
- ୨ୟ ଅଯୋଧ୍ୟାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ପଞ୍ଚମ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ପ୍ରବେଶ ଦିବସ ଓ ଖଡିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ:ବ୍ରଜେନ୍ଦ୍ର ହାଇସ୍କୁଲ ନୟାଗଡ଼, ସମୟ: ସକାଳ ୯ଟା୩୦।
- ୧୫ ଦିନିଆ ଦଣ୍ଡପର୍ବର ଚତୁର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସିଦ୍ଧାମୂଳା, ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ଦଶଦୋଳ ଯାତ୍ରାର ଦଶମ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଦିବସ, ସ୍ଥାନ: ଶରଣକୁଳ ଭିକାରୀପଡା, ସମୟ: ଅପରାହ୍ନ ୫ଟା।
- ୨ୟ ଅଯୋଧ୍ୟାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଦଶରଥଙ୍କ ମହାପ୍ରୟାଣ ଓ ଭରତଙ୍କ ଚିତ୍ରକୁଟ ଗମନ , ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।

## ରାୟଗଡ଼ା
- ଗ୍ରାମଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବହ୍ମପଦର ଗ୍ରାମ, ପଦ୍ମପୁର, ସମୟ: ଭୋର ୪ଟା।
- ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥକୁ ସ୍ୱାଗତ, ସ୍ଥାନ: ଉପର ଜୁଗୁଡୁଗୁଡା ବିଦ୍ୟାଳୟ, ପଦ୍ମପୁର, ସମୟ: ସକାଳ ୬ଟା।
- ଠାକୁରାଣୀଙ୍କ ଘଣ୍ଟ ଯାତ୍ରା, ସ୍ଥାନ: ଗଙ୍ଗା ଦେବୀ ମନ୍ଦିର, ଜିଙ୍ଗିରି, ସମୟ: ସକାଳ ୭ଟା।
- ଶିଶୁ ବାଟିକା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ନୋଡାଲ ହାଇସ୍କୁଲ ପରିସର, ଚନ୍ଦ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଲନରା ସେବାଶ୍ରମ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଖଡି ଛୁଆଁ କାର୍ଯ୍ୟକ୍ରମ ଏବଂ ପ୍ରବେଶ ଉତ୍ସବ, ସ୍ଥାନ: ଗୋପବନ୍ଧୁ ପୌର ଉଚ୍ଚ ବିଦ୍ୟାଳୟ,ରାୟଗଡା, ସମୟ: ସକାଳ ୯ଟା।

## ନବରଙ୍ଗପୁର
- ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ, ସ୍ଥାନ: ନବରଙ୍ଗପୁର ଏକ୍ସ ବୋର୍ଡ, ତେନ୍ତୁଲଖୁଣ୍ଟି, ଡାବୁଗାଁ, ଝରିଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ, ସମୟ: ସକାଳ ୬ଟା।
- ମା ଜଗତ ଜନନୀ ଠାକୁରାଣୀଙ୍କ ସହର ପରିକ୍ରମା, ସ୍ଥାନ: ଉମରକୋଟ,ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରକାଳୀନ ଅଭ୍ୟାସ ମ୍ୟାଚ ଉଦ୍‌ଘାଟନ, ସ୍ଥାନ: ଉମରକୋଟ ସନ୍ତୋଷୀ ନଗର, ସମୟ: ସନ୍ଧ୍ୟା ୬ ଟା।

## କୋରାପୁଟ
- ପୁତ୍ରାଘାଟି ଗ୍ରାମରେ ଠାକୁରାଣୀ ଯାତ୍ରା, ସ୍ଥାନ: ପୁତ୍ରାଘାଟି, ସମୟ: ସକାଳ ୬ଟା।
- ବିଦ୍ୟାଳୟ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ, ସ୍ଥାନ: ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ, ମାଥାଲପୁଟ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରବେଶ ଉତ୍ସ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ବ୍ଲକ୍ ଅନ୍ତର୍ଗତ ଜାନିଗୁଡା ସେବାଶ୍ରମ, ସମୟ:ସକାଳ ୮ଟା।
- ମା' ବିମଳାଙ୍କ ବାସାନ୍ତିକ ଦୁର୍ଗାପୂଜା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୮ଟା।
- ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବୈପାରୀଗୁଡା, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ମା' ମଙ୍ଗଳା ମନ୍ଦିର କମିଟି ଆୟୋଜନରେ ଷୋଡଶ ଉପଚାର ପୂଜା ଓ ଚଣ୍ଡିପାଠ, ସ୍ଥାନ: ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଗୁରୁନାନକ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଲୋଇସିଂହା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ବାଟିକା ଓ ବିଦ୍ୟା ପ୍ରବେଶ ଉତ୍ସବ, ସ୍ଥାନ: ବୁର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲୋଇସିଂହା ବ୍ଲକ,ସମୟ : ସକାଳ ୮ଟା ୩୦ମିନିଟ।

## ରାଉରକେଲା
- ଭିନ୍ନକ୍ଷମ ଅନୁଷ୍ଠାନ ଶ୍ରଦ୍ଧା ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬, ସମୟ: ସକାଳ ୯ଟା।
- ଶିକ୍ଷା ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଉଦିତନଗର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ଧର ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଆପୋଲୋ ହସ୍ପିଟାଲ, ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା।
- ଗାରିମା ପକ୍ଷରୁ ୭ମ ଓଡ଼ିଶା ଦିବସ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ବଜରଙ୍ଗ ଆଖଡା ପକ୍ଷରୁ ଝଣ୍ଡାପୂଜା ଆରମ୍ଭ, ସ୍ଥାନ: ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ବ୍ଲକସ୍ତରୀୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ଏବଂ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ,ସ୍ଥାନ: ପଦମପୁର ହାଇସ୍କୁଲ,ସମୟ: ସକାଳ ୮ ଟା।

## ବରଗଡ଼
- ସମଲେଶରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା,ସମୟ: ସକାଳ ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ, ସ୍ଥାନ: ଜୁନାଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଶିଶୁ ବାଟିକାର ଶୁଭାରମ୍ଭ, ସ୍ଥାନ: ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାରକୋଟ ବ୍ଲକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ଶିଶୁ ବାଟିକାର ଶୁଭାରମ୍ଭ, ସ୍ଥାନ: ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ସକାଳ ୯ଟା।
- ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ଚୈତ୍ର ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ବ୍ଲକ ବାଘମାରି କର୍ଣ୍ଣପାଲିରେ ନୂତନ ନାମ ମଣ୍ଡପ ପ୍ରତିଷ୍ଠା ଓ ଅଷ୍ଟ ପ୍ରହରୀ ନାମଯଜ୍ଞ, ସ୍ଥାନ: କର୍ଣ୍ଣପାଲି ନାମ ମଣ୍ଡପ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ମହିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ମନ୍ଦିର ପ୍ରତିଷ୍ଠା ଉତ୍ସବ, ଜଳନ୍ଧର ଦରବାର କାର୍ଯ୍ୟକ୍ରମ ଉଦ୍‌ଯାପନ, ସ୍ଥାନ: ଡୁଙ୍ଗୁରିପାଲି ପରରାପାଲି ଗ୍ରାମ ନିକଟ ଚନ୍ଦଳି ପାଠ ମନ୍ଦିର ପରିସର, ସମୟ: ରାତି ୮ଟା।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ ନୂଆପଡ଼ା, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ୩୦।
- ଷୋହଳପ୍ରହର ତାରକ ବ୍ରହ୍ମ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଲ ବ୍ଲକ ସୁନାରୀ ସିକୁଆଁ ଗାଁ, ସମୟ: ସକାଳ ୭ଟା ୧୫।
- ଧାରନି ଗୁଡିରେ ବିହନ ଛିନ୍ନା ପର୍ବ ପାଳନ, ସ୍ଥାନ: କୋମନା ବ୍ଲକ ଜଟଗଡ଼ ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟନପଡ଼ା ଗାଁ, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଦ୍ୱିତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଧରଣୀ ଦେବୀ ଗୁଡିରେ ବିହନ ଛିନ୍ନା ପର୍ବ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ଅପରାହ୍ନ ୨ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ଖଡିଆଲ ବ୍ଲକ ରାଣିପୁର ଗାଁ, ସମୟ: ଅପରାହ୍ନ ୫ଟା।
- ତରବୋଡ ପ୍ରିମିୟର ଲିଗ ଫ୍ଲଡଲାଇଟ କ୍ରିକେଟ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ମାରାଗୁଡ଼ା ଲୋକ ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ସ୍ଥାନୀୟ ମିନିଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ପୂର୍ଣ୍ଣାହୁତି, ସ୍ଥାନ: ପିପିଲିମାଲ ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମ ସଂକୀଉନ, ସ୍ଥାନ: ବିଜାପାଲି ଯଜ୍ଞ ମଣ୍ଡପ, ସମୟ: ସକାଳ ୭ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗୁରୁ ସହ ଚନ୍ଦ୍ରଜନିତ ପାରିବାରିକ ସଦ୍‌ଭାବ, ବ୍ୟବସାୟିକ ସଫଳତା ଓ ଯାତ୍ରାରେ ଲକ୍ଷ୍ୟସାଧନ ଅବଶ୍ୟମ୍ଭାବୀ। ସାମାଜିକ ସମ୍ମାନ, ବନ୍ଧୁଙ୍କ ଆଦରଗୌରବ ସଙ୍ଗକୁ ମୂଲ୍ୟବାନ୍ ଧାତୁ, ଅଳଙ୍କାରାଦି ଖରିଦ କରିପାରନ୍ତି। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ମନରେ ଦୁଃଖ ଆଣିବ।

**ବୃଷ**
ଲାଭଭାବରେ ରବି ଅନ୍ୟଗ୍ରହଙ୍କ ସହ ଉଚ୍ଚବର୍ଗର ଲୋକଙ୍କ ସହିତ ସୁସମ୍ପର୍କ ସ୍ଥାପନରେ ସହାୟକ ହେବେ। ବୁଦ୍ଧିଦାତା ବୁଧ ଅର୍ଥପ୍ରାପ୍ତି ସହ ଶିକ୍ଷା, ସନ୍ତାନ, ସମ୍ପର୍କକୁ ମଜଭୁତ ରଖିବେ। ଜଣେ ପ୍ରିୟ ବ୍ୟକ୍ତି ସମ୍ମୁଖରେ ମିଠାକଥା କହି ପୂର୍ବରାଗ ଶୁଝାଇବାର ଉପକ୍ରମ କରିବେ। ଯାନବାହନ, ଦୋକାନବାଡ଼ି, ଚୁକ୍ତିପତ୍ର ଦିଗରୁ ଉପକୃତ ହେବେ।

**ମିଥୁନ**
ଏକାଧିକ ଗ୍ରହ ପ୍ରଭାବରେ ଉଚ୍ଚ ସମ୍ମାନ ପାଇବା ସହ ଶିକ୍ଷାରେ ଉନ୍ନତି ଏବଂ ଗବେଷଣାଦିରେ ସଫଳତା ମିଳିବ। ପୁସ୍ତକ ଉନ୍ମୋଚନ, ବନ୍ଧୁସମ୍ପର୍କ, ସାହିତ୍ୟାଦିରେ ପ୍ରଶଂସା ପାଇପାରନ୍ତି। ବ୍ୟବସାୟାରମ୍ଭ, ବାଣିଜ୍ୟରେ ପୁଞ୍ଜିଲଗାଣ, ବିଦେଶଯାତ୍ରା, ପୂର୍ବନିର୍ଦ୍ଧାରିତ କାର୍ଯ୍ୟରେ ଅଗ୍ରଗତି ଘଟିବ। ଷଷ୍ଠାଧିପ ରାଶିରେ ଥିବାରୁ ଆତ୍ମୀୟ ଦାଉ ସାଧିପାରନ୍ତି।

**କର୍କଟ**
ଆଜିର ଯାତ୍ରା, ବାଣିଜ୍ୟ, ଆଲୋଚନା ଓ ସମ୍ପର୍କରେ ବାଧାଜନିତ ସଙ୍କଟଜନକ ସ୍ଥିତି ଉପୁଜି ହୋଇପାରେ। କଚେରି ମାମଲାରେ ବିଜୟୀ ହେବା ସହ ବିବାଦର ଅବସାନ ଘଟିବ। କଠିନ ଶ୍ରମ ଓ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ସିଂହ**
ଅଷ୍ଟମଭାବସ୍ଥ ରବି ପ୍ରଭୃତି ଗ୍ରହ ହେତୁ କୌଣସି କାମ ସହଜ ଓ ସୁବିଧାରେ ସମ୍ପନ୍ନ ନ ହୋଇପାରେ। ଅବଶ୍ୟ କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଆର୍ଥିକ ଅନଟନ କାମକୁ କେତେକାଂଶରେ ଝୁଲା ଅବସ୍ଥାରେ ରଖିବାର ସୂଚନା ରହିଛି।

**କନ୍ୟା**
ଗୁରୁଙ୍କ ପ୍ରଭାବରୁ ପାରିବାରିକ ସମସ୍ୟା ସମାଧାନର ରାସ୍ତା ବାହାର କରିବାରେ ସମର୍ଥ ହେବେ। କଠିନ ଶ୍ରମ ଓ ପରିଶ୍ରମଜନିତ ସାମୟିକ କ୍ଲାନ୍ତିବୋଧ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ପ୍ରଶାସନ, ପରିବହନ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆସ୍ଥାଭାଜନ ହୋଇ କାର୍ଯ୍ୟ ହାସଲ କରିବେ।

**ତୁଳା**
ଆଜି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବ। ସଭାସମିତି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ବିଶେଷ କିଛି ଅପ୍ରୀତିକର ପରିସ୍ଥିତିର ସମ୍ଭାବନା ନାହିଁ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବାର ଆଶା ରହିଛି।

**ବିଛା**
ଅନାବଶ୍ୟକ ଖର୍ଚ୍ଚ, ଅସାବଧାନତାଜନିତ ଧନହାନି, ମତମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ଯାନ ବାହନ, ଗୃହସୀମା, ଦୂର ବନ୍ଧୁ, ସଭାସମିତି, ଜମିଜମା, ସମ୍ପର୍କୀୟଙ୍କ ସ୍ଥିତି ମଧ୍ୟମ ପ୍ରକାରର ରହିବ। ପ୍ରକାଶନ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ**
ଚତୁର୍ଥସ୍ଥ ଗ୍ରହ ସମ୍ପର୍କରୁ ଘରର ବରାଦ ଅନୁଯାୟୀ ମୂଲ୍ୟବାନ ଜିନିଷ କ୍ରୟ କରିପାରନ୍ତି। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଦେଖାଦେବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିବେ।

**ମକର**
ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଘର ଲୋକଙ୍କ ଅପେକ୍ଷା ବାହାର ଲୋକଙ୍କ ସ୍ନେହ, ଶ୍ରଦ୍ଧା, ଆଦର ପାଇବେ। ଉଚ୍ଚସ୍ଥ ଶୁକ୍ରଙ୍କ ପ୍ରଭାବରୁ ଶୁକ୍ର କଳା, ସାହିତ୍ୟ ଆସର, ପ୍ରବଚନ, ସଙ୍ଗୀତ ସାଧନା ପାଇଁ ଅନୁକୂଳ ରହିବ। କିନ୍ତୁ ଈର୍ଷାପରାୟଣ ଲୋକଙ୍କ ପାଖରୁ ଶୁଭ କାମନା ଆଶା କରିବା ବୃଥା। ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**କୁମ୍ଭ**
କର୍ମକ୍ଷେତ୍ରକୁ ଗୁରୁଦୃଷ୍ଟି ସମସ୍ତ କାର୍ଯ୍ୟ ସାଧନ ଦିଗରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବ। ଅଭାବବୋଧରେ ଛଟପଟ ହେଉଥିବା ମନକୁ ବନ୍ଧୁ ସାନ୍ତ୍ୱନା ଦେଇପାରିବେ ନାହିଁ। ଆକସ୍ମିକ କେତେକ ସମସ୍ୟା ଦେଖାଦେବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ ନଚେତ୍ ଅସୁବିଧାରେ ପଡ଼ିବାର ସୂଚନା ରହିଛି।

**ମୀନ**
କେତେକ ଅସୁବିଧା ରହିଥିଲେ ମଧ୍ୟ ଆଜିର କାମ ଉପରେ କୌଣସି ପ୍ରଭାବ ରହିବ ନାହିଁ। କାଳେ କିଛି ଦେବାକୁ ପଡ଼ିବ ଏହି ଚିନ୍ତାରେ ବନ୍ଧୁ ମୁହଁ ଫେରାଇ ନେବେ। ସାମାଜିକ ସ୍ତରରେ, ସଭାସମିତିରେ ତଥା ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ରାଶିରେ ଏକାଧିକ ଗ୍ରହ ସଂଯୋଗ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

ଆଜି ଏପ୍ରିଲ ୦୨ ତାରିଖ, ଅନ୍ତର୍ଜାତୀୟ ଶିଶୁପୁସ୍ତକ ଦିବସ, ଚୈତ୍ର ଶୁକ୍ଳ ୫ମୀ ବୁଧବାର, ରାଶି ନକ୍ଷତ୍ର-ଦିବା ଘ.୦୮.୫୦ମି. ଗତେ ରୋହିଣୀ/ବୃଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଜଳାଶୟ ଖନନ, ଦେବତା ଗଠନ ପାଇଁ ଶୁଭଦିନ। ଦିବା ଘ.୦୫.୪୩ମି. ଗତେ ଘ.୦୭.୨୧ମି. ମଧ୍ୟେ, ଘ.୧୦.୧୮ମି. ଗତେ ଘ.୧୧.୨୫ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁ କାଳ।

## ଟଙ୍କା ଅପେକ୍ଷାରେ...

ପ୍ରଥମ ପୃଷ୍ଠାରୁ...

ଚାଲିଛି। ଜମାକାରୀଙ୍କୁ କ୍ଷତିପୂରଣ ରାଶି ଫେରାଇବା ନିମନ୍ତେ ରାଜ୍ୟ ସରକାର ୩୦୦ କୋଟି ଟଙ୍କାର କର୍ପସ ପାଣ୍ଠି ସୃଷ୍ଟି କରିଛନ୍ତି। ସରକାରଙ୍କ ଆନୁମାନିକ ଆକଳନ ଅନୁଯାୟୀ ୨୪, ୭୫, ୭୮୨ କ୍ଷତିଗ୍ରସ୍ତ ଜମାକାରୀ ପ୍ରାୟ ୬୮୬୦ ହଜାର କୋଟି ୧୪ ଲକ୍ଷ ୪୨ ହଜାର ୨୬୩ ଟଙ୍କା ବିଭିନ୍ନ ବେଆଇନ ଆର୍ଥିକ ପ୍ରତିଷ୍ଠାନରେ ନିବେଶ କରିଛନ୍ତି। ସରକାରଙ୍କ ତଥ୍ୟକୁ ଦେଖିଲେ, କ୍ଷତିଗ୍ରସ୍ତ ଜମାକାରୀ ଆହୁରି ୬୫୬୦,୧୪,୪୨୨୬୩ କୋଟି ଟଙ୍କା ପାଇବା ଅପେକ୍ଷାରେ ଅଛନ୍ତି। ଏବେ ସୁଦ୍ଧା ୬୭ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସରକାର ଅନ୍ତରୀଣ ଆଦେଶ ଦେଇଛନ୍ତି। ସେଥିରୁ ୩୧ କମ୍ପାନୀର ସମ୍ପତ୍ତି ଉପରେ ୫୦ଟି ମାମଲା ନ୍ୟାୟାଳୟରେ ଚାଲିଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିୟମାବଳୀ ଅନୁଯାୟୀ ଏବେ ସୁଦ୍ଧା ସେମାନଙ୍କ ୫୬.୫୩ ଏକର ସମ୍ପତ୍ତି ନିଲାମ କରାଯାଇଛି। ସେଥିରୁ ୨ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନ ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀ ଏବଂ ଗୋଲ୍‌ଡେନ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀର ବାଜ୍ୟାପ୍ତ ସ୍ଥାବର ସମ୍ପତ୍ତିକୁ ନିଲାମ କରାଯାଇ ୨ ଲକ୍ଷ ୫ ହଜାର ୭୩୦ ଜଣ କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଜମାରାଶି ଫେରାଯାଇଛି। ୬୭ ବେଆଇନ ଆର୍ଥିକ ପ୍ରତିଷ୍ଠାନର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ନିମିତ୍ତ ୯୦ଟି ପ୍ରସ୍ତାବକୁ ଅନୁଧ୍ୟାନ କରିବା ପରେ ସରକାର ଅନ୍ତରୀଣ କୋରଖ ଆଦେଶ ପ୍ରଦାନ କରିଛନ୍ତି। ସେଥିରୁ ନିର୍ଦ୍ଧାରିତ ନ୍ୟାୟାଳୟ ୪୦ଟି ମାମଲାରେ ସରକାରଙ୍କ ଅନ୍ତରୀଣ କୋରଖ ଆଦେଶକୁ କାଏମ କରିଛନ୍ତି। ରୋଜ୍ ଭ୍ୟାଲି, ଗୋଲ୍‌ଡେନ ଲ୍ୟାଣ୍ଡ ଏବଂ ହାଇଟେକ୍ ଇଷ୍ଟେଟସ୍ ଗ୍ରୁପ୍ ଅଫ୍ କମ୍ପାନୀଗୁଡିକର ସମ୍ପତ୍ତି ନିଲାମ ଏବଂ ବ୍ୟାଙ୍କ ଜମା ଜବତ ଅର୍ଥରୁ ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଫେରସ୍ତ ଚାଲିଛି ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଭାଜପା ନିର୍ବାଚନକୁ ଆସିବା ପୂର୍ବରୁ ଯେଉଁ କେତୋଟି ମୂଳ ପ୍ରତିଶ୍ରୁତି ରଖିଥିଲା, ତାହା ଭିତରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଟଙ୍କା ଫେରସ୍ତ ବିଷୟକୁ ଗୁରୁତ୍ୱ ଦେଇଥିଲା। ପ୍ରଥମେ ଦଳର ରାଜ୍ୟ ସଭାପତି ସରକାରକୁ ଆସିବାର ୨୪ ଘଣ୍ଟା ଭିତରେ ଅର୍ଡିନାନ୍ସ କରି ଟଙ୍କା ଫେରାଇବେ ବୋଲି କହିଥିଲେ। ସରକାରକୁ ଆସିବାର ୨ ଦିନ ପରେ ୧୮ ମାସ ଭିତରେ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଯିବ ବୋଲି ଗଣମାଧ୍ୟମ ଆଗରେ କହିଥିଲେ। ୨୦୨୪ ଏପ୍ରିଲ ୨୮ରେ ସରକାରକୁ ଆସିବାର ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଜମାକାରୀଙ୍କୁ ଟଙ୍କା ଫେରାଯିବ ବୋଲି ମଧ୍ୟ କହିଥିଲେ। ହେଲେ ସରକାରୀ ସ୍ତରରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଯିବା ନେଇ ଏ ପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ଜମାକାରୀ ମିଳିତ ମଞ୍ଚ ଆବାହକ ଜୟନ୍ତ ଦାସ କହିଛନ୍ତି, ରାଜ୍ୟରେ ପ୍ରାୟ ୬୦ ଲକ୍ଷ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ରହିଛନ୍ତି। ଭାଜପା ସରକାରକୁ ଆସିବା ପୂର୍ବରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବ ବୋଲି ଦେଇଥିବା ପ୍ରତିଶ୍ରୁତି ପୂରଣ ଦିଗରେ କିଛି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ସେତେବେଳେ ଗଠିତ ତଦନ୍ତ କମିଶନ ଜମାକାରୀ ଚିହ୍ନଟ ପ୍ରକ୍ରିୟା ଶେଷ କରିବେ ବୋଲି ଦାୟିତ୍ୱ ନେଇଥିଲେ। ତହସିଲଦାରମାନଙ୍କ ଜରିଆରେ ହିଁ ଜମାକାରୀ ଚିହ୍ନଟ ପ୍ରକ୍ରିୟା କରାଯିବା ଉପରେ ସେମାନେ ମତ ରଖିଥିଲେ। ହେଲେ ଏ ଯାଏ ସେହି ପ୍ରକ୍ରିୟା କରାଯାଇପାରିଲା ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ବିଜେଡି ବିଧାନସଭାରେ ଅନେକ ପ୍ରସଙ୍ଗ ଉଠାଉଥିଲେ ମଧ୍ୟ ଚିଟ୍‌ଫଣ୍ଡ କଥା ନେଇ ମୁହଁ ଖୋଲିବାକୁ ଅନାଗ୍ରହ ପ୍ରକାଶ କରୁଛନ୍ତି। କାଳେ ଚିଟ୍‌ଫଣ୍ଡ ବିଷୟ ଆସିଲେ ବିଜେଡିକୁ ସମସ୍ୟା ହେବ ସେଥିଲାଗି ଏ ବିଷୟ ଯେତେ ନ ଉଠିବ ସେତେ ଭଲ ବୋଲି ଜଣେ ବରିଷ୍ଠ ନେତା ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଅନ୍ୟପକ୍ଷେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଜମା ଟଙ୍କା ଫେରସ୍ତ ଦିଗରେ କଂଗ୍ରେସର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି।

## ଘର ଭାଙ୍ଗିଥିବାରୁ...

ବେଆଇନ ଭାବେ ଘରୋଇ ବ୍ୟକ୍ତିବିଶେଷଙ୍କ ଘର ନ ଭାଙ୍ଗିବା ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ରାୟ ଦେଇଥିବା ସତ୍ତ୍ୱେ ଏହାକୁ ଅନୁପାଳନ ନ କରି ଉତ୍ତରପ୍ରଦେଶ, ଗୁଜରାଟ ଓ ଅନ୍ୟାନ୍ୟ ରାଜ୍ୟରେ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାରୁ ସର୍ବୋଚ୍ଚ ଅଦାଲତ ଏଥିରେ କ୍ଷୁବ୍ଧ ହୋଇଛନ୍ତି। ଏଭଳି ଢଙ୍ଗରେ ଗୃହ ଉଚ୍ଛେଦ କରାଯିବା ବୈଧାନିକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ ସମ୍ବେଦନହୀନତାର ପ୍ରଦର୍ଶନ ବୋଲି ଯୁକ୍ତି ସରକାରଙ୍କୁ ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି। ଆବେଦନକାରୀମାନଙ୍କ ପକ୍ଷର ଓକିଲ କହିଥିଲେ, ୨୦୨୩ରେ ପୋଲିସ ଗୁଳିରେ ନିହତ ହୋଇଥିବା ଗ୍ୟାଙ୍ଗଷ୍ଟରରୁ ରାଜନେତା ଆତିକ୍ ଅହମଦଙ୍କ ଜାଗା ଭାବି ରାଜ୍ୟ ସରକାର ଭୁଲ୍‌ବଶତଃ ଅନ୍ୟମାନଙ୍କ ଘରକୁ ଭାଙ୍ଗିଛନ୍ତି। ନୋଟିସ୍ ପଠାଯିବାର ୨୪ ଘଣ୍ଟା ମଧ୍ୟରେ ବେଆଇନ ଭାବେ ସରକାର ସେମାନଙ୍କ ଘର ଭାଙ୍ଗିଥିଲେ। ଏହା ସମ୍ପୂର୍ଣ୍ଣ ବେଆଇନ କାର୍ଯ୍ୟ। ଏବେ ଘର ନିର୍ମାଣ କରିବାକୁ ସେମାନଙ୍କ ପାଖରେ ଟଙ୍କା ନାହିଁ ବୋଲି ଆବେଦନକାରୀଙ୍କ ଓକିଲ କହିବା ପରେ ଖଣ୍ଡପୀଠ ଦୁଃଖ ପ୍ରକାଶ କରିଥିଲେ।

## ବାଣ ଗୋଦାମରେ...

ରହିଥିଲା। ତେବେ ସେଠାରେ ବାଣ ପ୍ରସ୍ତୁତ ହେଉଥିବାର କୌଣସି ପ୍ରମାଣ ମିଳି ନ ଥିବା ଏସ୍‌ପି କହିଛନ୍ତି। ଏହି ଦୁଃଖଦ ଘଟଣାରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ଘଟଣାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ମଧ୍ୟପ୍ରଦେଶ ସରକାର ଗୁଜରାଟ କର୍ତ୍ତୃପକ୍ଷଙ୍କ ସହ ଏନେଇ କ୍ରମାଗତ ଯୋଗାଯୋଗରେ ରହିଛନ୍ତି। ଶ୍ରମିକମାନଙ୍କ ପରିବାରକୁ ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସମୃଦ୍ଧ ଓଡ଼ିଶା ଗଢ଼ି...

କହିଛନ୍ତି, ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁର ହେଉଛି ଆମ ପାଇଁ ଏକ ପବିତ୍ର ସ୍ଥାନ, ଏକ ତୀର୍ଥ। ଏହି ସ୍ଥାନକୁ ଓଡ଼ିଆ ଜାତୀୟତା ଭାବର ଏକ କେନ୍ଦ୍ରସ୍ଥଳ ଭାବେ ବିକଶିତ କରାଯିବ। ଆଜି ଦିନଟି ହେଉଛି ଓଡ଼ିଆ ଅସ୍ମିତା ଏବଂ ଓଡ଼ିଆ ସ୍ୱାଭିମାନର ଦିବସ। ଓଡ଼ିଆ ଅସ୍ମିତା, ଓଡ଼ିଆ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ଓଡ଼ିଶାବାସୀ ଯେଉଁ ପରିବର୍ତ୍ତନ ଆଣିଥିଲେ, ତାହାକୁ ସମ୍ମାନ ଦେଇ ଆମେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ମଧୁବାବୁଙ୍କ ଗାଁ ମାଟିରେ ଓଡ଼ିଶା ଦିବସ ପାଳନ କରିଛୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ସ୍ଥାନର ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୧ କୋଟି ଟଙ୍କା ବିନିଯୋଗରେ ବିକଶିତ ହେଉଥିବା ପ୍ରକଳ୍ପରେ ମଧୁବାବୁଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ସହିତ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ, ଅନ୍ତୁଡ଼ିଶାଳର ଉନ୍ନତୀକରଣ, ପ୍ରତିମୂର୍ତ୍ତି ନିର୍ମାଣ, ଅତିଥି ଭବନ, ପାଠାଗାର ଏବଂ ସେଠାରେ ଥିବା ଜଳାଶୟରେ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସିଷ୍ଟମ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**■ ମଧୁବାବୁଙ୍କ ଜନ୍ମପୀଠକୁ ଓଡ଼ିଆ ଜାତୀୟତା ଭାବର କେନ୍ଦ୍ରସ୍ଥଳ ରୂପେ ବିକଶିତ କରାଯିବ**

**■ ଜନ୍ମସ୍ଥାନ ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ଖର୍ଚ୍ଚ ହେବ ୨୧ କୋଟି**

ସେହିପରି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି, ଓଡ଼ିଆ ଜାତି ପୂଜ୍ୟପୂଜା ପରମ୍ପରାରେ ବିଶ୍ୱାସ ରଖେ। ଏ ଜାତି ଓ ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କୁ ସମ୍ମାନ ଦେବା ଆମ ସରକାରର ପ୍ରଥମ ପ୍ରାଥମିକତା। ମଧୁବାବୁଙ୍କ ଜୀବନୀରୁ ଆମକୁ ବହୁତ କିଛିଶିଖିବାର ଅଛି। ଆମ ସରକାର ଦ୍ୱାରା ଆରମ୍ଭ ହୋଇଥିବା ପୂଜ୍ୟପୂଜା ପରମ୍ପରା ସବୁଦିନ ପାଇଁ ଅବ୍ୟାହତ ରହିବ।

ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଉତ୍କଳ ଗୌରବ ମଧୁସୂଦନଙ୍କ ଜନ୍ମମାଟିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଓଡ଼ିଆ ସ୍ୱାଭିମାନ, ଓଡ଼ିଶା ଓ ଓଡ଼ିଆ ଭାଷାକୁ ଭଲ ପାଇବାର କାର୍ଯ୍ୟକ୍ରମ। ଏ ଜାତିକୁ ମହାନ କରିଥିବା ବରପୁତ୍ରମାନଙ୍କ ନୀତି ଓ ଆଦର୍ଶକୁ ଆମେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଲଗେଇ ପାରିଲେ ତାହା ସେମାନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଏହି ଅବସରରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କ ପ୍ରଦତ୍ତ ବାର୍ତ୍ତା ପାଠ କରାଯାଇଥିଲା। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ବେହେରା, ସୌଭିକ୍ ବିଶ୍ୱାଳ, ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଛବି ମଲ୍ଲିକ, ସାରଦା ପ୍ରଧାନ, ବିଜୟ କୁମାର ଦଳବେହେରା ଓ ବିଧାୟିକା ଇଂ.ସୋଫିଆ ଫିର୍ଦ୍ଦୋସ ଉପସ୍ଥିତ ଥିଲେ। କେନ୍ଦ୍ରାଞ୍ଚଳ ଆରଡିସି ବି. ପରମେଶ୍ୱରନ ସ୍ୱାଗତ ଭାଷଣ ଓ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଧନ୍ୟବାଦ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ସକାଳୁ ପ୍ରଥମେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ସେ ସତ୍ୟଭାମାପୁର ଯାଇ ମଧୁବାବୁଙ୍କ ଜୀବନୀ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ୧୪ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ'...

ବଳିଦାନ ଯୋଗୁ ୧୯୩୬ରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ସମ୍ଭବ ହୋଇଥିଲା, ସେହି ବିନ୍ଧାଣିମାନଙ୍କୁ ଆମେ ସ୍ମରଣ କରିବା ଓ ସମ୍ମାନ ଦେବା। ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିରେ ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର। ସମସ୍ତେ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା। ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା ଦିଗରେ କାର୍ଯ୍ୟ କରିବା। ଉତ୍ସାହର ସହ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲରୁ ୧୪ ଏପ୍ରିଲ ଯାଏଁ 'ଓଡ଼ିଆ ପକ୍ଷ' ପାଳନ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାସ୍ତାରେ ସ୍ତ୍ରୀଙ୍କ ରିଲ୍ସ...

ଏତଲା ଦେଇଥିଲେ। ଏହାପରେ ଏଏସ୍‌ଆଇ ବଲ୍‌ଜିତ ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁଦ୍ୱାରା ଛକରେ ଲାଗିଥିବା ସିସିଟିଭି ଫୁଟେଜର ଯାଞ୍ଚ କରିଥିଲେ। ଟ୍ରାଫିକରେ ବାଧା ଏବଂ ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିବା ଅଭିଯୋଗରେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୧୨୫, ୨୯୨ ଏବଂ ୩(୫) ଅନୁଯାୟୀ ଜ୍ୟୋତି ଓ ପୂଜାଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ତେବେ ଜ୍ୟୋତିଙ୍କ ଉକ୍ତ ରିଲ୍ସ ଭିଡିଓକୁ ତାଙ୍କ ସ୍ୱାମୀ ଅଜୟ ନିଜ ସୋସିଆଲ ମିଡିଆରେ ଶେୟାର କରିଥିବା ନେଇ ତଦନ୍ତରୁ ଜଣାପଡ଼ିଥିଲା। ତେଣୁ ଚଣ୍ଡିଗଡ଼ ପୋଲିସ ମାମଲାକୁ ଗୁରୁତ୍ୱର ସହ ନେଇ ଅଜୟଙ୍କୁ ମଧ୍ୟ ନିଲମ୍ବନ କରିଛି। ତେବେ ଅଜୟଙ୍କ ନିଲମ୍ବନକୁ ନେଇ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। କେତେଜଣ ୟୁଜର୍ସ ଏହି କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ସ୍ତ୍ରୀଙ୍କ ଭୁଲ୍ ପାଇଁ ସ୍ୱାମୀଙ୍କୁ ଉତ୍ତରଦାୟୀ କରାଯିବା କେତେଦୂର ଠିକ୍ ବୋଲି ସେମାନେ କହିଛନ୍ତି। ସେହିପରି ଆଉ କେତେଜଣ ୟୁଜର୍ସ ଏହି କାର୍ଯ୍ୟାନୁଷ୍ଠାନକୁ ଠିକ୍ ପଦକ୍ଷେପ ବୋଲି କହିଛନ୍ତି।




# ୨ ସପ୍ତାହ ଭିତରେ ଲାଗୁହେବ 'ଆୟୁଷ୍ମାନ୍ ଭାରତ'

**ଭୁବନେଶ୍ୱର, ୧୪(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଆସନ୍ତା ୨ ସପ୍ତାହ ଭିତରେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁକରିବେ। ଏହାଦ୍ୱାରା ରାଜ୍ୟର ୩.୫୨ କୋଟି ଲୋକ ଉପକୃତ ହେବେ। ରାଜ୍ୟ ଭିତରେ ଏବଂ ବାହାରେ ମୋଟ୍ ୨୯ ହଜାର ହସ୍ପିଟାଲରେ ଏହି ଯୋଜନାରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ମିଳିବ। ୨୯ ହଜାର ହସ୍ପିଟାଲ ଭିତରେ ରାଜ୍ୟ ଏବଂ ଦେଶର ବହୁ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଏହି ସୁବିଧା ମିଳିବ। ଗତ ସରକାର ସମୟରେ ମାତ୍ର ୯୦୦ଟି ହସ୍ପିଟାଲରେ ଉକ୍ତ ସୁବିଧା ମିଳୁଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଜପା ସରକାର ରାଜ୍ୟରେ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦିଗରେ ପଦକ୍ଷେପ ନେଉଛନ୍ତି। ଗତ ସରକାର ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ କରାଇ ଦେଇ ନ ଥିଲେ। ହେଲେ ଆମ ସରକାର ଆସନ୍ତା ଗୋଟିଏ କିମ୍ବା ୨ ସପ୍ତାହ ଭିତରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର କାର୍ଡ କାର୍ଯ୍ୟକାରୀକରି ଲୋକଙ୍କୁ ଯୋଗାଇ ଦିଆଯିବ। ଏହି କାର୍ଡରେ ପୁରୁଷମାନଙ୍କୁ ୫ ଲକ୍ଷ ଏବଂ ମହିଳାମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ଏହା ପରେ ୭୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ବୟୋବନ୍ଦନା ଯୋଜନାରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଆସନ୍ତା ୧୨ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମରେ ଆସିବେ ବୋଲି ଜଣାପଡ଼ିଛି। ଏହି ଅବସରରେ ସେ କେତେକ ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗଦେଇପାରନ୍ତି। ଏହି ଅବସରରେ ନଡ୍ଡା ରାଜ୍ୟରେ ଆୟୁଷ୍ମାନ୍ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ କରିପାରନ୍ତି। ଏପ୍ରିଲ ପହିଲାରୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁହେବ ବୋଲି କୁହାଯାଇଥିଲା। ହେଲେ ମୁଖ୍ୟମନ୍ତ୍ରୀ ୨ ସପ୍ତାହ ଭିତରେ ଏହା ଲାଗୁହେବ ବୋଲି କହିବା ପରେ ନଡ୍ଡା ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ନଡ୍ଡାଙ୍କ କାର୍ଯ୍ୟକ୍ରମ ପାଇଁ ଜନତା ମଇଦାନ ସରକାରଙ୍କ ପକ୍ଷରୁ ବୁକ୍ ହୋଇଥିବା ଜଣେ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

## ୩୦ ଓଏଏସ୍ ଅଫିସର ଆଇଏଏସ୍ ର୍ୟାଙ୍କକୁ ଗଲେ

**ଭୁବନେଶ୍ୱର, ୧୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ୩୦ଜଣ ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କୁ ଏପ୍ରିଲ ପହିଲାରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପାହ୍ୟାକୁ ପଦୋନ୍ନତି ମିଳିଛି। ଏସଂକ୍ରାନ୍ତରେ ମଙ୍ଗଳବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି।

କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଅନୁସଚିବ ସଞ୍ଜୟ କୁମାର ଚୌରାସିଆଙ୍କ ବିଜ୍ଞପ୍ତି ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୦୨୩ ଜାନୁଆରୀ ପହିଲାରୁ ଡିସେମ୍ବର ମଧ୍ୟରେ ଧରମ ହାଁସଦା, ରୀନା ମହାପାତ୍ର, ନିୟତି ପଟ୍ଟନାୟକ, ଡ. ମହେଶ୍ୱର ସ୍ୱାଇଁ, ମୃଣାଳ କାନ୍ତି ଦାସ, ଶ୍ରୀକାନ୍ତ ତରାଇ, ବୀରେନ୍ଦ୍ର କୋରକୋରା, ଲକ୍ଷ୍ମଣ କୁମାର ମଲ୍ଲିକ, ଉପମା କାଲୋ, ଲିଲି କୁମାରୀ କୁଲୁ, କବୀନ୍ଦ୍ର କୁମାର ସାହୁ, ଆରାଧନା ଦାସ, ପ୍ରଦୀପ କୁମାର ନାୟକ, ମଧୁସୂଦନ ଦାସ ଓ ପ୍ରେମଜିତ ନାୟକ ପ୍ରୋଭିଜନାଲି ଆଇଏଏସ୍‌କୁ ପଦୋନ୍ନତି ପାଇଛନ୍ତି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୪ ଜାନୁଆରୀ ପହିଲାରୁ ଡିସେମ୍ବର ମଧ୍ୟରେ ନରହରି ସେଠୀ, ଯୁଗଳେଶ୍ୱରୀ ଦାଶ, ମଧୁମିତା ରଥ, ଦେବାଶିଷ ସିଂହ, ସୁବ୍ରତ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ହୋତା, ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ଅଞ୍ଜନା ପଣ୍ଡା, ନିବେଦିତା ପୃଷ୍ଟି, ସ୍ୱୟଂପ୍ରଭା ମହାନ୍ତି, ଇନ୍ଦ୍ରମଣି ନାୟକ, ସୁଦାମ ଚରଣ ମଣ୍ଡଳ ଓ ଗିରୀଶ ଚନ୍ଦ୍ର ସିଂହ ପ୍ରମୁଖ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି।

# ୨୮ହଜାରରୁ ଅଧିକ ରାଜନୈତିକ ପ୍ରତିନିଧି ସାମିଲ

## ଇସିଆଇଙ୍କ ସମ୍ପର୍କ ଅଭିଯାନ

**ଭୁବନେଶ୍ୱର, ୧୪ (ରବିନାରାୟଣ ଜେନା)**

ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ରାଜନୈତିକ ଦଳଗୁଡ଼ିକ ସହିତ ସମ୍ମିଳିତ ସମ୍ପର୍କ ଅଭିଯାନରେ ୨୮ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଛନ୍ତି ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି। ଆୟୋଗଙ୍କ ପକ୍ଷରୁ ମଙ୍ଗଳବାର ହୋଇଥିବା ବୈଠକ ପରେ ଜଣାଯାଇଛି ଯେ, ଭାରତୀୟ ନିର୍ବାଚନ କମିଶନ ସାରା ଦେଶରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀସ୍ତରରେ ରାଜନୈତିକ ଦଳଗୁଡ଼ିକ ସହିତ ସଂରଚିତ ସମ୍ପର୍କର ଏକ ଶୃଙ୍ଖଳା ପରିଚାଳନା କରିଥିଲେ। ଗତ ୨୫ ଦିନ ମଧ୍ୟରେ ୭୧୯ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୪୦ ଜଣ ମୁଖ୍ୟ ନିର୍ବାଚନ ଅଧିକାରୀ, ୮୦୦ ଜିଲା ନିର୍ବାଚନ ଅଧିକାରୀ ଏବଂ ୩,୮୭୯ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ନେଇ ବୈଠକ କରାଯାଇଥିଲା, ଯେଉଁଥିରେ ଦେଶବ୍ୟାପୀ ୨୮,୦୦୦ରୁ ଅଧିକ ରାଜନୈତିକ ଦଳର ପ୍ରତିନିଧି ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ, ନୂଆଦିଲ୍ଲୀର ଆଇଆଇଆଇଡିଇଏମ୍‌ଠାରେ ମାର୍ଚ୍ଚ ୪ ଓ ୫, ୨୦୨୫ରେ ଅନୁଷ୍ଠିତ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହିତ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜାରି ନିର୍ଦ୍ଦେଶ ଅନୁଯାୟୀ ଜନପ୍ରତିନିଧିତ୍ୱ ଆଇନ ୧୯୫୦ ଏବଂ ୧୯୫୧, ଭୋଟର ପଞ୍ଜୀକରଣ ନିୟମ-୧୯୬୦ ; ନିର୍ବାଚନ ଆଚରଣ ନିୟମ-୧୯୬୧ ଏବଂ ସମୟ ସମୟରେ ଭାରତୀୟ ନିର୍ବାଚନ କମିଶନ ଦ୍ୱାରା ଜାରି ମାନୁଆଲ୍, ଜିଲା ନିର୍ବାଚନ ଅଧିକାରୀ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ କରିବା ପାଇଁ ଏହି ବୈଠକଗୁଡ଼ିକର ଲକ୍ଷ୍ୟ ରଖାଯାଇଥିଲା। ଅଧିକ ମୂଲ୍ୟାଙ୍କନ ପାଇଁ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କଠାରୁ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଗାଯାଇଛି ଏବଂ ଯଦି ବିଦ୍ୟମାନ ଆଇନଗତ ଢାଞ୍ଚା ମଧ୍ୟରେ ସମାଧାନ ନହୁଏ, ତେବେ କମିଶନ ଦ୍ୱାରା ବିଚାର କରାଯିବ ବୋଲି କୁହାଯାଇଛି। ବିଧାନସଭା ନିର୍ବାଚନମଣ୍ଡଳୀ, ଜିଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ଏହି ଆଲୋଚନାଗୁଡ଼ିକୁ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ।

# 'ଉତ୍କଳ ନା ଓଡ଼ିଶା' ଦିବସ

■ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟକୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା
■ ସବୁ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ପୋଷ୍ଟ କରାଯାଇଛି

**ଭୁବନେଶ୍ୱର, ୧୪(ସୁନିତ୍ ମିଶ୍ର)**

ରାଜ୍ୟବ୍ୟାପୀ ମଙ୍ଗଳବାର ଉତ୍କଳ ଦିବସ ପାଳନ କରାଯାଉଛି। ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଏହି ଦିବସ ପାଳନ ହେଉଛି। ହେଲେ ଏହା 'ଉତ୍କଳ ନା ଓଡ଼ିଶା' ତାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ୍ସ ହ୍ୟାଣ୍ଡେଲରେ ଆସିଥିବା ପୋଷ୍ଟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି, ଓଡ଼ିଶା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ନିଜର ଅସୀମ ତ୍ୟାଗ ତଥା ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ମହାପୁରୁଷମାନଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି। ଏଭଳି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି, ଉତ୍କଳ ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଏହି ଦିବସ ଓଡ଼ିଶାର ସମୃଦ୍ଧ ସଂସ୍କୃତି ପ୍ରତି ଏକ ଉପଯୁକ୍ତ ସମ୍ମାନ। ଓଡ଼ିଶାର ଇତିହାସ, ସାହିତ୍ୟ ଓ ସଙ୍ଗୀତକୁ ନେଇ ଭାରତ ଗର୍ବିତ। ଏଭଳି ୨ ପ୍ରକାର ପୋଷ୍ଟକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ ବହୁ ଆଲୋଚନା ଆରମ୍ଭ ହୋଇଯାଇଛି।

ସେହିପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଏହିସବୁ ପୋଷ୍ଟ ଦେଖିବା ପରେ ଆଉ ଏକ ବିଷୟ ମଧ୍ୟ ଦୃଷ୍ଟିକୁ ଆସିଛି, ଯାହା ସାଧାରଣ ଲୋକମାନଙ୍କ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ବିଭିନ୍ନ ବିଭାଗ ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ପୋଷ୍ଟ କରିଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଆ ଦିବସ ବୋଲି ତା'ର ଏକ୍ସ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛି। ଓଡ଼ିଶା ଟୁରିଜମ୍‌ର ଏକ୍ସ ହ୍ୟାଣ୍ଡେଲରେ ଏହା ଉତ୍କଳ ଦିବସ ଭାବେ ଉଲ୍ଲେଖ କରାଯାଇଛି। କ୍ରୀଡ଼ା ବିଭାଗର ଏକ୍ସ ହ୍ୟାଣ୍ଡେଲରେ ଏହା ଓଡ଼ିଶା ଦିବସ ବୋଲି ଉଲ୍ଲେଖ କରାଯାଇଛି।

ଏଭଳି ଏକ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କିଛିଦିନ ତଳେ ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଏହା ଉପରେ ଏକ ପ୍ରତିକ୍ରିୟା ରଖିଥିଲେ। ସେ ଉତ୍କଳ ଦିବସ ଆଉ ନାହିଁ, ୨୦୧୦ରୁ ଏହା ଓଡ଼ିଶା ଦିବସ ହେଲାଣି ବୋଲି କହିଥିଲେ। ଏହାକୁ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିରୋଧ କରିଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର କହିଛନ୍ତି, ବହୁ ବର୍ଷ ଧରି ଆମେ ଉତ୍କଳ ଦିବସ ବୋଲି ପାଳନ କରିଆସୁଥିଲେ। ତେଣୁ ଏବେ ଓଡ଼ିଶା ଦିବସ ଉଲ୍ଲେଖ ହେଲା ବେଳକୁ ଟିକେ ସମସ୍ୟା ସୃଷ୍ଟି ହେଉଥିବା ସାମାଜିକ ଗଣମାଧ୍ୟମରେ ହେଉଥିବା ବିଭିନ୍ନ ପୋଷ୍ଟ ଦେଖିଲେ ଜଣାପଡୁଛି। ହେଲେ ଯେହେତୁ ଓଡ଼ିଆ ଭାଷା ଆଧାରରେ ଓଡ଼ିଶା ଗଠନ ହେଇଥିଲା ତେଣୁ ଓଡ଼ିଶା ଦିବସ ବୋଲି ଉଲ୍ଲେଖ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ରହୁଥିବା ଦ୍ୱନ୍ଦ୍ୱ ସମସ୍ତଙ୍କର ଦୂରକରିବା ସକାଶେ ସରକାର ସ୍ପଷ୍ଟୀକରଣ ରଖିଦେଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

# ଆଜିଠାରୁ ୪ଦିନ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

## ଶିଶୁବାଟିକା, ପ୍ରଥମଶ୍ରେଣୀ ପାଇଁ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ୧୪(ସୁଚିସ୍ମିତା ସାହୁ)**

ନୂଆ ଶିକ୍ଷାବର୍ଷରେ ଜାତୀୟ ଶିକ୍ଷା ନୀତିକୁ ସରକାରୀ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବୁଧବାରଠାରୁ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ପିଲାଙ୍କ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଥିସହ ରାଜ୍ୟର ସମସ୍ତ ବିଦ୍ୟାଳୟରେ ନୂଆକରି ଖୋଲିଥିବା ଶିଶୁ ବାଟିକାରେ ପଢ଼ିବାକୁ ଆସୁଥିବା ପିଲାମାନେ ପ୍ରବେଶ ଉତ୍ସବ କରିବା ସହିତ ଖଡିଛୁଇଁ ପାଠପଢ଼ା ଆରମ୍ଭ କରିବେ। ଏହି ଖଡିଛୁଆଁ କାର୍ଯ୍ୟକ୍ରମ ୪ ଦିନ ଧରି ଚାଲିବ। ନୂଆ କରି ନାମ ଲେଖୁଥିବା ପିଲାଙ୍କ ମଥାରେ ଫୁଲ ଓ ଚନ୍ଦନ ଲଗାଇ ଦୁବ, ବରକୋଳି ପତ୍ର ପକାଇ ନୃତ୍ୟ, ବାଦ୍ୟ ଓ ଗୀତରେ ସ୍ୱାଗତ କରାଯିବ। ପ୍ରତିଦିନ ନୂଆ କରି ଆସୁଥିବା ଛାତ୍ରୀଛାତ୍ରଙ୍କୁ ଏଭଳି ଅଭିନବ ଭାବେ ସ୍ୱାଗତ କରାଯିବ। ସିଲଟରେ ତିନୋଟି ଗୋଲ କରି ଶିକ୍ଷକମାନେ ପିଲାଙ୍କ ବିଦ୍ୟାରମ୍ଭ କରିବେ। ପିଲାମାନେ ଶିକ୍ଷକଙ୍କୁ ମୁଣ୍ଡିଆମାରି ସାରିବା ପରେ ବିଦ୍ୟାଳୟର ସବୁ ସ୍ଥାନ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଅଭିଭାବକଙ୍କ ସମେତ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ପାଇଁ ବିଦ୍ୟାଳୟଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରବଳ ଖରା ହେଉଥିବାରୁ ସକାଳ ସାଢ଼େ ୬ଟାରୁ ବିଦ୍ୟାଳୟଗୁଡ଼ିକ ଖୋଲାଯିବ। ରାଜ୍ୟର ସମସ୍ତ ବିଦ୍ୟାଳୟରେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯିବ। ପ୍ରଶିକ୍ଷଣ ନେଇଥିବା ଶିକ୍ଷକମାନେ ପିଲାଙ୍କୁ ଖଡିଛୁଆଁ କାର୍ଯ୍ୟକ୍ରମରେ ସହଯୋଗ କରିବେ। ସେହିପରି ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀ ପାଇଁ ନାମ ଲେଖାଉଥିବା ପିଲାଙ୍କୁ ବିଦ୍ୟାଳୟ ପକ୍ଷରୁ ସିଲଟ, ଖଡି, ଖେଳନା ସାମଗ୍ରୀ ସହିତ ମାଣ୍ଡିଆ ଲଡୁ ଖାଇବାକୁ ଦିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଶୁଭାରମ୍ଭକଲେ ଗଣଶିକ୍ଷା ମନ୍ତ୍ରୀ

## ରାଜ୍ୟରେ ଉପକୃତ ହେବେ ୧୦ ଲକ୍ଷ ୮୦ ହଜାର ଛାତ୍ରୀଛାତ୍ର

**ଉମରକୋଟ, ୧୪ (ସନ୍ତୋଷ ଶତପଥୀ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ପୋଷଣଯୁକ୍ତ ମାଣ୍ଡିଆଲଡୁ ଓ ନବମ, ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଉମରକୋଟସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବକ ଉଭୟ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ମାଣ୍ଡିଆରୁ ପ୍ରସ୍ତୁତ ଲଡୁ ପ୍ରଦାନ କରାଯାଇଛି। ସ୍କୁଲ ପିଲାଙ୍କ ମାନସିକ ଓ ବୌଦ୍ଧିକ ଚିନ୍ତାର ବିକାଶ ପାଇଁ ରାଜ୍ୟ ସରକାର ପୋଷଣକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ ପିଲାଙ୍କୁ ମାଣ୍ଡିଆ ଲଡୁ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନଭୋଜନ ସହ ମାଣ୍ଡିଆ ଲଡୁ ସପ୍ତାହକୁ ୩ ଦିନ ବଣ୍ଟାଯିବ। ରାଜ୍ୟର ୧୦ ଲକ୍ଷ ୮୦ ହଜାର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି। ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏହି ଯୋଜନା ଆରମ୍ଭ କରିଥିବାରୁ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଲେସ୍ମା ଦଳେଇ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢ଼ୀ, ଏମ୍‌ପି ପ୍ରତିନିଧି ରାମ ନାୟକ, ଅଶୋକ ସାହୁ, ଡିଇଓ ଛତ୍ରପତି ସାହୁ, ସ୍କୁଲ ପ୍ରଧାନ ଶିକ୍ଷକ ଅସୀମ ବିଶ୍ୱାସ, ବିଇଓ ଈଶ୍ୱର ମାଝି, ଏବିଇଓ ପୁରୁଷୋତ୍ତମ ମାଝି, ଶିକ୍ଷକ ପ୍ରଦୀପ ବିଶ୍ୱାସ, ନବୀନ ବିଶ୍ୱାସ, ମାଧୁରୀ ବିଷୋୟୀ, ଶ୍ରଦ୍ଧାଞ୍ଜଳି ସାହୁ, ସତ୍ୟରଞ୍ଜନ ମାଝି, ନମିତା ପଣ୍ଡା, ଗାୟତ୍ରୀ ପ୍ରଧାନ, ଶୁଭେଚ୍ଛାମୟୀ ସିଂ ବାରିକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ମନ୍ତ୍ରୀ ନିଜେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ବାଢ଼ିବା ସହ ସେମାନଙ୍କ ସାଙ୍ଗରେ ଖାଇଥିଲେ।




# ଆକାଉଣ୍ଟରୁ ଟଙ୍କା କଟିଯିବାରୁ ଯୁବକଙ୍କ ଉନ୍ମତ୍ତକାଣ୍ଡ | ଗୋଇଠା ମାରି ଏଟିଏମ୍ ଭାଙ୍ଗିଦେଲେ

**ଆନନ୍ଦପୁର, ୧୪ (ସୁଶାନ୍ତ କୁମାର ସାହୁ)**

ଆକାଉଣ୍ଟରୁ ଟଙ୍କା କଟିଗଲା ବୋଲି ଜଣେ ଯୁବକ ଗୋଇଠା ମାରି ଏଟିଏମ୍ ଭାଙ୍ଗିଦେବା ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଷ୍ଟେଟ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରେ ମଙ୍ଗଳବାର ଏଭଳି ଘଟଣା ଘଟିଛି। ଖବରପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଧରିନେଇ ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ଘଷିପୁରା ଥାନା ଅଧୀନ ତାଳଗାଁର ସଞ୍ଜୟ ପାତ୍ର ପୂର୍ବାହ୍ନ ୧୧ଟା ୩୦ରେ ଘଷିପୁରା ଥାନା ସାମ୍ନାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍‌କୁ ଟଙ୍କା ଉଠାଣ ପାଇଁ ଯାଇଥିଲେ। କୌଣସି କାରଣରୁ ତାଙ୍କ ସେଭିଂସ ଆକାଉଣ୍ଟରୁ ୧୧୦ ଟଙ୍କା କଟିଯାଇଥିଲା। ଏଥିରେ ରାଗିଯାଇ ସେ ଗୋଇଠା ମାରି ଏଟିଏମ୍ ଭାଙ୍ଗି ଦେଇଥିବା ପୋଲିସ କହିଛି।



କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ପରେଡ୍‌ରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଅଭିବାଦନ ଗ୍ରହଣ କରୁଛନ୍ତି।

# 'ଉପଯୁକ୍ତ ପୋଲିସ ସେବା ଯୋଗାଇବା ପ୍ରାଥମିକ କର୍ତ୍ତବ୍ୟ'

## ୯୦ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ

**କଟକ, ୧୪(କାର୍ତ୍ତିକ ସାହୁ)**

ସମାଜର ଦୁର୍ବଳ ଶ୍ରେଣୀ, ଅବହେଳିତ, ନିଷ୍ପେଷିତ, ମହିଳା ଓ ଶିଶୁଙ୍କୁ ଉପଯୁକ୍ତ ପୋଲିସ ସେବା ଯୋଗାଇ ଦେବା ଆମ ସମସ୍ତଙ୍କ ପ୍ରାଥମିକ କର୍ତ୍ତବ୍ୟ। ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଏବଂ ନ୍ୟାୟ ପ୍ରଦାନ କରିବାରେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ମଙ୍ଗଳବାର ଓଡ଼ିଶା ପୋଲିସର ୯୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଜିପି ଖୁରାନିଆ ଯୋଗଦେଇ କହିଛନ୍ତି, ୧୯୩୬ ଏପ୍ରିଲ ୧ରେ ନୂତନ ଓଡ଼ିଶା ପ୍ରଦେଶ ଗଠନ ସହ ଓଡ଼ିଶା ପୋଲିସ ପ୍ରତିଷ୍ଠା ହୋଇଥିଲା। ଦୀର୍ଘ ୯୦ବର୍ଷର ଅତିକ୍ରମ ପଥରେ ଓଡ଼ିଶା ପୋଲିସ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଛି। ହେଲେ ପ୍ରତ୍ୟେକ ଥର ସଫଳତାର ସହିତ ସମସ୍ତ ସମସ୍ୟାର ମୁକାବିଲା କରି ଲୋକଙ୍କୁ ନିରନ୍ତର ସେବା ପ୍ରଦାନ କରିବାରେ ସଫଳ ହୋଇଛୁ ବୋଲି ସେ କହିଛନ୍ତି। ଡିଜିପି ପ୍ରଥମେ ଶହୀଦ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ଶ୍ରଦ୍ଧା ଓ ସମବେଦନା ଜ୍ଞାପନ କରିଥିଲେ। ଏଥିସହ ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ ପରେଡରେ ଡିଜିପି ଅଭିବାଦନ ଗ୍ରହଣକରି ପୋଲିସ ସେବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ।

ଆସନ୍ତା ୭ରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମଠାରେ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ ଆୟୋଜନ ହେବାକୁ ଯାଉଛି। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ ଓ ସୁପରିଚାଳନା ନିମନ୍ତେ ସମସ୍ତେ ଯତ୍ନବାନ ହେବାକୁ ଡିଜିପି ଆଶାବ୍ୟକ୍ତ କରିଛନ୍ତି। ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର ଦଳଗତ ସଫଳତା ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ସାଧୁବାଦ ଜଣାଇଥିଲେ। ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧରେ ରାଜ୍ୟ ପୋଲିସ କଠୋର ପଦକ୍ଷେପ ନେଉଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ୨୮୦ଟି ମାମଲା ରୁଜୁ କରାଯାଇ ୧ ଲକ୍ଷ ୬ ହଜାର ୫୦୦ କେଜିରୁ ଅଧିକ ଗଞ୍ଜେଇ ଜବତ କରାଯିବା ସହ ୩୩୫ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଉପାନ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ରୋକିବା ପାଇଁ ମଧ୍ୟ ରାଜ୍ୟ ପୋଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଚଳିତବର୍ଷ ରେକର୍ଡ ପରିମାଣର ୩୦ ହଜାରରୁ ଅଧିକ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି ବୋଲି ଡିଜିପି କହିଛନ୍ତି। ସେହିପରି ରାଜ୍ୟରେ ବାଲିମାଫିଆଙ୍କ ବିରୋଧରେ ୧୪୦୦ରୁ ଅଧିକ ମାମଲା ରୁଜୁ କରାଯାଇଥିବାବେଳେ ୧୭୦୦ରୁ ଊର୍ଦ୍ଧ୍ୱ ବାଲି ବୋଝେଇ ଟ୍ରକ୍, ଟ୍ରାକ୍ଟର, ଟିପ୍ପର ଓ ହାଇୱା ଜବତ କରାଯାଇଛି। ଏଥିସହ ୭୫୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି।

# ଭୂତଳ ଜଳ ଚିନ୍ତା

କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ଗ୍ରାଉଣ୍ଡ ୱାଟର କ୍ୱାଲିଟି ଇନ୍ ଶାଲୋ ଆକ୍ୱିଫାୟର୍ସ ଅଫ୍ ଇଣ୍ଡିଆ ସର୍ଭେ ରିପୋର୍ଟ ୨୦୨୩ରେ ପ୍ରକାଶ ପାଇଛି ଯେ, ଓଡ଼ିଶାର ପୁରୀ ସହରରେ କ୍ରମାଗତ ଭାବେ ଭୂତଳ ଜଳ ସ୍ତର ହ୍ରାସ ପାଇବାରେ ଲାଗିଛି। ଏହାସହ ପୁରୀ ସହରର ଭୂତଳ ଜଳରେ କ୍ଲୋରାଇଡ୍, ଫ୍ଲୋରାଇଡ୍, ନାଇଟ୍ରେଟ୍ ପରିମାଣ ବୃଦ୍ଧି ପାଉଛି। ଏଭଳି ସମସ୍ୟା କେବଳ ପୁରୀ ସହରରେ ସୀମିତ ରହିନାହିଁ, ଏହା ରାଜ୍ୟ ସ୍ତରରେ ଏକ ଚିନ୍ତାର କାରଣ ହେଲାଣି। ନିକଟରେ ବିଧାନସଭାରେ ସରକାର ଦେଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୨୭ଟିରେ ଭୂତଳଜଳ ସ୍ତର ହ୍ରାସ ପାଇଛି। ଗତ ପାଞ୍ଚବର୍ଷରେ ଏହା ୦.୫୩ ମିଟର ତଳକୁ ଖସିଛି। ତେବେ ଭୂତଳ ଜଳ ସ୍ତରର ନିରୀକ୍ଷଣ ଓ ସଞ୍ଚାଳନ ପାଇଁ ଜଳ ସମ୍ପଦ ସଚିବଙ୍କ ନେତୃତ୍ୱରେ ଓଡ଼ିଶା ଭୂତଳ ଜଳ ପ୍ରାଧିକରଣ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ବିଳମ୍ବରେ ହେଲେ ମଧ୍ୟ ସରକାର ଏହା ଉପରେ ବିଚାରକରିବା ଏକ ସକାରାତ୍ମକ ଦିଗକୁ ସୂଚିତକରେ।

ଉଲ୍ଲେଖନୀୟ ଯେ, ସହରୀ ବିକାଶ, ଶିଳ୍ପ ଓ କୃଷି କାର୍ଯ୍ୟରେ ଅତ୍ୟଧିକ ଭୂତଳ ଜଳ ବ୍ୟବହାର ଏହାର ସ୍ତରକୁ କମାଇବାରେ ଲାଗିଛି। ଦରକାରଠାରୁ ଅଧିକ ଜଳ ଉତ୍ତୋଳନ କରାଯାଉଛି। ଦେଖାଯାଉଛି ଘରେ ବାସନ ଧୋଇବା, ଲୁଗା ସଫା କରିବା, ଗାଡ଼ି ଧୋଇବା ଓ ବଗିଚାରେ ଭୂତଳ ଜଳର ଅପବ୍ୟବହାର ହେଉଛି। ଏହାଠାରୁ ଅଧିକ ଭୂତଳ ଜଳ ଚାଷ ଏବଂ ଶିଳ୍ପରେ ବ୍ୟବହାର ହେଉଥିବା ପରିଲକ୍ଷିତ ହେଉଛି। ଜଳର ପୁନଃ ଉପଯୋଗ ପଦ୍ଧତିକୁ ଏବେ ସୁଦ୍ଧା ଆପଣାଯାଇନାହିଁ। ଭୂତଳ ଜଳ ସମସ୍ୟା ଓ ତା'ର ସମାଧାନ ସରକାର କରିବେ କହି ଚୁପ୍ ହୋଇ ବସିଗଲେ ସେଥିରେ ସଫଳ ହେବା କଷ୍ଟକର। ଦେଖିବାକୁ ଗଲେ ସୀମିତ ମଧୁର ଜଳ (ଉଭୟ ପ୍ରବାହିତ ଓ ଭୂତଳ ଜଳ)ର ସୁରକ୍ଷା ପଛରେ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ଉଲ୍ଲେଖନୀୟ ଯେ ପୃଥିବୀର ୭୧ ଭାଗ ହେଉଛି ଜଳ। ଏହାର ଶତକଡ଼ା ୯୭.୩ ଭାଗ ଲବଣ ଜଳ ଏବଂ ଅବଶିଷ୍ଟ ୨.୭ ଭାଗ ମଧୁର ଜଳର ଶତକଡ଼ା ୮୮ ଭାଗ ଜୀବଜଗତ ପାଇଁ ଉପଲବ୍ଧ ନୁହେଁ। ସମୁଦାୟ ମଧୁର ଜଳର ମାତ୍ର ୧୨ ଭାଗ କାମରେ ଲାଗିଥାଏ। ନଦୀ, ଝରଣା, ଜଳାଶୟ, ଭୂତଳରୁ ଆମେ ଏହି ଜଳ ପାଇଥାଉ। ଏହା ବ୍ୟତୀତ ବର୍ଷାଜଳ ଏହାର ଏକ ବଡ଼ ଭାଗ। କିନ୍ତୁ ତାହାକୁ ସଂରକ୍ଷଣ କରି ଉପଯୋଗ କରିବାକୁ ଏଯାବତ୍ ସକ୍ଷମ ହୋଇପାରିନାହୁଁ। ପୂର୍ବରୁ ଆକଳନ କରାଯାଇଥିଲା ଯେ, ଓଡ଼ିଶାର ଭୌଗୋଳିକ ଅଞ୍ଚଳରେ ବର୍ଷକୁ ଯେତିକି ବର୍ଷା ହୁଏ, ସେହି ଜଳ ଯଦି ପୋଖରୀ, ଜଳ ଅମଳ ପ୍ରକଳ୍ପ ଏବଂ ଭୂତଳ ଜଳ ଭରଣା କରିବାର ବ୍ୟବସ୍ଥା କରାଯାଇପାରନ୍ତା, ତେବେ ଗୋଟିଏ ବର୍ଷର ବର୍ଷାଜଳ ୧୦ ବର୍ଷ ପାଇଁ ଯଥେଷ୍ଟ ହୁଅନ୍ତା। ଏହା ବ୍ୟତୀତ ଆମେ ଭାରତୀୟମାନେ ଚରିତ୍ରଗତ ଭାବେ ପୋଖରୀ ଭଳି ଜଳାଶୟକୁ ସହ୍ୟ କରିପାରୁ ନାହୁଁ। ସହରାଞ୍ଚଳର ପୋଖରୀ ପୋତିଦେଇ ଘର କରିବା ଏକ ସାଧାରଣ ଦୃଶ୍ୟ। ସେହିଭଳି ପୋଖରୀ, ଝରଣା ଏବଂ ନଦୀଜଳକୁ ବିଷାକ୍ତ କରିବା ପାଇଁ ସବୁ ପ୍ରକାର ଅଳିଆ ଆବର୍ଜନା ଛାଡ଼ିଦେଉ। ଏପରିକି ପଇଡ଼ ପିଇକରି ତାକୁ ପୋଖରୀରେ ଫୋପାଡ଼ିବା ପାଇଁ ପିଲାଙ୍କୁ ଶିଖେଇଥାଉ।

କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ତଥ୍ୟ ଦର୍ଶାଇଛି ଯେ ଓଡ଼ିଶା ସମେତ ୨୩ଟି ରାଜ୍ୟରେ ୨୦୧୭ ତୁଳନାରେ ୩୫୯ଟି ଜିଲାରେ ଭୂତଳ ଜଳରେ ନାଇଟ୍ରେଟ୍ ଥିବାବେଳେ ଏହି ସଂଖ୍ୟା ୨୦୨୩ରେ ୪୪୦ରେ ପହଞ୍ଚିଛି। ଏଭଳି ଜଳ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହା ସହ ବିଶ୍ୱ ପରିସଂସ୍ଥାକୁ ମଧ୍ୟ କ୍ଷତି କରିଥାଏ। କାରଣ ନାଇଟ୍ରେଟ୍ ଥିବା ଭୂତଳ ଜଳ ଭୂପୃଷ୍ଠକୁ ଆସି ନଦୀ, ନାଳ, ଝରଣା ଆଦିରେ ମିଶି ଜଳଚର ପ୍ରାଣୀ ଓ ଉଦ୍ଭିଦଙ୍କ ଜୀବନ ପ୍ରତି ବିପଦ ସୃଷ୍ଟିକରେ। ନିକଟ ଅତୀତରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ତଥ୍ୟରୁ ଜଣାପଡ଼ିଥିଲା ଯେ, ରାଜ୍ୟର ଭୁବନେଶ୍ୱର ସମେତ କଟକ, ଢେଙ୍କାନାଳ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ବରଗଡ଼, ସମ୍ବଲପୁର, ଫୁଲବାଣୀ ଆଦି ୨୬ଟି ସହରରେ କେତେକ ସ୍ଥାନରେ ଭୂତଳ ପାନୀୟ ଜଳ ଗୁଣବତ୍ତାର ମାନକ ପୂରଣ କରିପାରିନାହିଁ। ବର୍ତ୍ତମାନ ପଞ୍ଚାୟତରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଉଛି। ଗାଁ ଗାଁରେ ପ୍ରତି ଘରକୁ ଟ୍ୟାପ୍ ସଂଯୋଗ ବ୍ୟବସ୍ଥା ହୋଇଛି। ସବୁ ପାଣି ଭୂତଳରୁ ଆସୁଛି। କୌଣସି ନଦୀ କିମ୍ବା ଝରଣାର ପାଣିକୁ ଆଣି ବିଶୋଧନ କରାଯାଇ ଏହା କରାଯାଉନାହିଁ। ଏପରିକି ନଦୀ କୂଳ ଗ୍ରାମଗୁଡ଼ିକରେ ମଧ୍ୟ ଏହା ହେଉନାହିଁ। ଅନ୍ୟପକ୍ଷରେ କୃଷି ପାଇଁ ଉଠାଜଳସେଚନ ବ୍ୟବସ୍ଥା ହୋଇଛି। ଅନେକ ଘରେ ମୋଟର ଯୋଗେ ଭୂତଳ ଜଳ ଉତ୍ତୋଳନ କରାଯାଇ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ଯେଉଁ ଜଳ ଲୋକେ ବ୍ୟବହାର କରୁଛନ୍ତି ସେଥିରେ ଫ୍ଲୋରାଇଡ୍ କିମ୍ବା ନାଇଟ୍ରେଟ୍ କେତେ ପରିମାଣରେ ଅଛି ତାହା ସେମାନେ ଜାଣିନାହାନ୍ତି କିମ୍ବା ସେମାନଙ୍କୁ ଅବଗତ କରାଯାଉନାହିଁ। ଫଳରେ ଏଭଳି ଜଳ ବ୍ୟବହାରକରି ଅନେକ ସମୟରେ ଲୋକେ କିଡ୍‌ନୀ କିମ୍ବା ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଖବର ଶୁଣିବାକୁ ମିଳୁଛି। ଏଣୁ ମଧୁର ଭୂତଳ ଜଳର ସଂରକ୍ଷଣ ଓ ସଦୁପଯୋଗ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥାକୁ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଆମକୁ ଅଧିକ ସଂଖ୍ୟକ ନଦୀବନ୍ଧ ଯୋଜନା, ଚେକ୍ ଡ୍ୟାମ୍, ଗଡ଼ିଆ, ପୋଖରୀଗୁଡ଼ିକର ପୁନରୁଦ୍ଧାରକରି ଜଳ ଧାରଣର କ୍ଷମତା ବଢ଼ାଇବାକୁ ହେବ। କୃଷି ପାଇଁ ସିଞ୍ଚନ କିମ୍ବା ବୁନ୍ଦା ଜଳସେଚନ ଲାଭଦାୟକ ହେବ। ଯେଉଁ ଅଞ୍ଚଳରେ ଭୂତଳ ଜଳ ହ୍ରାସ ପାଉଛି ସେଠାରେ ଏହାର ପ୍ରତିକାର ସ୍ୱରୂପ କୃତ୍ରିମ ଜଳ ଭରଣ ୟୁନିଟ୍ ସ୍ଥାପନ କରିବାକୁ ପଡ଼ିବ। ଏକ ଦଶନ୍ଧି ପୂର୍ବରୁ ବୈଜ୍ଞାନିକମାନେ ଏହି ଉପାୟ ବତାଇଥିଲେ ଏବଂ ଏହା ଉତ୍ତର ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ଗୁଜରାଟ ଓ ତାମିଲନାଡୁରେ କାର୍ଯ୍ୟକାରୀ ହୋଇଥିବା ବେଳେ ଓଡ଼ିଶାରେ ଏଯାବତ୍ ହୋଇନାହିଁ। ଏ ଦିଗରେ ଏଠାରେ ଉଦ୍ୟମ ହେବା ଦରକାର। ଜଳର ଗୁଣବତ୍ତା ଜାଣିବାକୁ ବ୍ଲକ୍ ଓ ମ୍ୟୁନିସିପାଲିଟି ୱାର୍ଡ ସ୍ତରରେ ନିୟମିତ ସମୀକ୍ଷା ଓ ଅନୁଧ୍ୟାନ କରାଯିବା ଆବଶ୍ୟକ। ଜଳ ବିବାଦ ନେଇ ଯେତିକି ଆଲୋଚନା ହେଉଛି ଭୂତଳ ଜଳର ସ୍ଥିତି ନେଇ ଅନେକେ ଚିନ୍ତିତ ଥିବା ଭଳି ମନେହେଉନାହିଁ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ଜଳ ପ୍ରତି ସଚେତନହେବା ସହ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ନ ପାଇଲେ ଆଗକୁ ଭୟଙ୍କର ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ।



# କିଛି ଗୋପନୀୟ ରହିବ ନାହିଁ

ସହଦେବ ସାହୁ

ଆଦିମ ଅବସ୍ଥାରେ ଆମେ ଲଙ୍ଗଳା ଥିଲୁ, ମଣିଷମାନେ ଅନ୍ୟ ପ୍ରାଣୀ ଭଳି ଜୀବନଯାପନ କରୁଥିଲେ, ଲଜ୍ଜା ଧାରଣା ନ ଥିଲା। ଏବେ ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ବହୁବିଧ ବସ୍ତ୍ରରେ ସଜ୍ଜିତ ହୋଇଥିଲେ ବି ଟେକ୍ନୋକ୍ରାଟ୍‌ମାନେ ଆମକୁ ନଗ୍ନ ଦେଖିପାରିବେ। ଆମ ଚିନ୍ତାଧାରା ପଢ଼ିପାରିବେ, କେବଳ ଦେହ ନଗ୍ନ ନୁହେଁ, ମନ ବି ନଗ୍ନ ହୋଇଯିବ, କିଛି ଗୋପନୀୟ (ପ୍ରାଇଭେସି) ରହିବ ନାହିଁ। ଆଧାର କାର୍ଡ ଭଳି ପରିଚୟପତ୍ରରେ ଥିବା କ୍ୟୁଆର୍ କୋଡ୍ (Quick Response Code) ବ୍ୟକ୍ତିର ସମସ୍ତ ସୂଚନା ଜଣାଇବ (ବନ୍ୟଜନ୍ତୁକୁ ଠାବ କରିବା ପାଇଁ ଏପରି ଚିପ୍ ତା' ଚମ ତଳେ ପୋତାଯାଉଛି)। ମୁଁ ମୋବାଇଲ୍ ଫୋନ୍ ଧରିବା ମାନେ ମୁଁ କୁଆଡ଼େ ଯାଉଛି, କ'ଣ କରୁଛି ତା' ଇଣ୍ଟରନେଟ୍‌ରେ ଜାଣିହେବ, ଗନ୍ତବ୍ୟ ସ୍ଥଳରେ ଡିଜିଟାଲ୍ କ୍ୟାମେରା ଥିଲେ ଦୃଶ୍ୟମାନ ବିବରଣୀ ମିଳିବ। ଫୋନ୍‌ପେ, ପେଟିଏମ୍ ବା ଆକାଉଣ୍ଟ-ଟ୍ରାନ୍ସଫର୍ ଭଳି ପେମେଣ୍ଟ (ଦାମ୍ ବା ପାଉଣା ଦେବା) ବ୍ୟବସ୍ଥା ଚାଲୁ ହେବାରୁ ଯେ ମୁଦ୍ରାର ଠଣଠଣ ଶବ୍ଦ କି ନୋଟ୍ ବା ଚେକ୍‌ର ଫଡ୍ ଫଡ୍ ଶବ୍ଦ ଯେ ଶୁଭିବ ନାହିଁ ବା ମୁଦ୍ରା ପାଇଁ ଧାତୁ ତରଳା ବା ନୋଟ ପାଇଁ ଗଛକଟା ଦରକାର ହେବ ନାହିଁ ଏବଂ ପରିବେଶ ସୁସ୍ଥତର ହେବ ତା' ଯେତେ ଶାନ୍ତିଦାୟକ ନୁହେଁ ତା'ଠାରୁ ବେଶି ଆତଙ୍କିତ ହେବାକୁ ପଡ଼ିବ ଯେ ପ୍ରତ୍ୟେକର ଜୀବନ ଏକ ଏକ ଖୋଲା ବହି ହୋଇଯିବ। ଏଇ ୩ ବର୍ଷ ତଳେ ଆରମ୍ଭ ହୋଇଥିବା ଏଆଇ ବିଭିନ୍ନ ସଂସ୍କରଣ ଦେଇ ଏମିତି ମାଡିଯାଉଛି (INVASIVE ହେଉଛି) ଯେ ଆମର ପ୍ରତିଟି କାରବାରର ସୂଚନା ଚିପି ରଖୁଛି। ପରିବାରରେ କଥାବାର୍ତ୍ତା, ବଜାରରେ କିଣାବିକା, ସୋସିଆଲ୍ ମିଡିଆ ପଢ଼ାପଢ଼ି ଏ ତହିଁରେ ଲେଖାଲେଖି, ୟୁଟ୍ୟୁବ୍ ଚାନେଲ୍‌ରେ ବର୍ଣ୍ଣନା ଆଦିରୁ ଆମର ଗୁମର, ଆମର ମାନସିକତା ଜାଣିନେଉଛି। ସୋସିଆଲ୍ ମିଡିଆରେ ଆମେ ଗୋଟିଏ ଗୋଟିଏ ଡକୁମେଣ୍ଟାରି। ତାକୁ ବ୍ୟବହାର କରି ବ୍ୟବସାୟୀମାନେ ତାଙ୍କ ଜିନିଷ କିପରି କିଣିବେ, ପ୍ରବଞ୍ଚକମାନେ ତୁମଠୁ କିପରି ପଇସା ଝଡ଼ାଇନେବେ, ରାଜନୈତିକ ଦଳମାନେ ତୁମକୁ କିପରି ତାଙ୍କର ସମର୍ଥକ କରିବେ ବା ତୁମ ଭୋଟ୍‌କୁ କିପରି କିଣିପାରିବେ ତା'ର ଉପାୟ କରୁଛନ୍ତି। ବଜାର କାରବାରରେ ସର୍ଭେଲାନ୍ସ ଇକନମି – ନିରୀକ୍ଷଣ ଅର୍ଥନୀତି – କାମ କରୁଛି, ଯାହା ବିଭିନ୍ନ ସୂତ୍ରରୁ ତୁମର ସମସ୍ତ ବ୍ୟକ୍ତିଗତ ସୂଚନା ଆହରଣ କରି, ସେଗୁଡ଼ିକୁ ଯୋଡ଼ିଯାଡ଼ି ତୁମର ମାନସିକତା, ଆଚରଣ ଓ ଚରିତ୍ର ସମ୍ପର୍କରେ ତଥ୍ୟ ହାସଲ କରୁଛି। ବ୍ରାଉଜିଂ ହିଷ୍ଟ୍ରି, କିଣାକିଣି ଇତିହାସ, କ୍ରେଡିଟ୍ କାର୍ଡ ବ୍ୟବହାରର ଇତିହାସ, ସୋସିଆଲ୍ ମିଡିଆ, ପବ୍ଲିକ୍ ରେକର୍ଡ ଆଦିରୁ ଖଳଲୋକେ ଜାଣିପାରନ୍ତି ତୁମକୁ କିପରି ଠକି ହେବ। ନିରୀକ୍ଷଣ ଇକନମିକୁ



ବଳ ଯୋଗାଇଲାଣି ଏଇ ତିନି ଚାରି ବର୍ଷର ଏଆଇ (କୃତ୍ରିମବୁଦ୍ଧିମତ୍ତା)ର କ୍ରମବର୍ଦ୍ଧିଷ୍ଣୁ ସଂସ୍କରଣ।

ଅନ୍ୟପକ୍ଷରେ ଆମେ ପ୍ରତ୍ୟେକେ ଚାହୁଁ ମୋର କେତେକ କଥା ମୋ ଭିତରେ ରହୁ, ଏହା ହିଁ ତ ପ୍ରାଇଭେସି। ଆମେ ଆଇନ କରିଛୁ ଦୋଷ ସ୍ୱୀକାର କଲେ ବି ସ୍ୱୀକାରୋକ୍ତି ଦୋଷୀ ବିରୋଧରେ ସାକ୍ଷ୍ୟ ରୂପେ ଧରାଯିବ ନାହିଁ। ଅଥଚ ଏଆଇ ଆମର ସବୁକଥା ଜାଣିନେଉଛି। ଇଣ୍ଟରନେଟ୍‌ରେ ଖୋଜିଲା ବେଳେ ସମ୍ପୃକ୍ତ ଅନୁଷ୍ଠାନ ବା ବ୍ୟବସାୟୀ ବା ପ୍ରବଞ୍ଚକ ତା'ର କୁକିଜ୍ (ମିଠା ସନ୍ଦେଶ) ଗ୍ରହଣ କର ବୋଲି ମେସେଜ୍ ଛାଡୁଛନ୍ତି, ଗ୍ରହଣ ନ କଲେ ଖୋଜିବା ସହଜ ହେବ ନାହିଁ ବୋଲି ପରୋକ୍ଷ ଧମକ ଦେଉଛନ୍ତି, ଥରେ ତୁମେ କୁକିଜ୍ ଗ୍ରହଣ କରିନେଲ ତ ତୁମ ମଗଜକୁ କଣ୍ଟ୍ରୋଲ କରିବାର ଉପାୟ ସେମାନେ ପ୍ରୟୋଗ କରିବେ – ସାଇକୋଲଜି ବିଦ୍ୟା ଉପାୟ ବତାଏ। କୁକିଜ୍ ଗ୍ରହଣ ନ କଲେ ବି ତୁମେ କୌଣସି ୱେବ୍ ଖୋଲିଲ ତ ୱେବ୍-କମ୍ପାନୀର ଗୋଇନ୍ଦା ପଶିଯିବ, ତୁମକୁ ନ ଜଣାଇ ତୁମର ସବୁ ତଥ୍ୟ ସଂଗ୍ରହ କରିନେବ। ଉଦାହରଣ ସ୍ୱରୂପ, ବ୍ୟାଙ୍କ୍‌ର କିରାଣିକୁ ପଇସା ଯାଚି ଖଳଲୋକମାନେ ଉଚ୍ଚ ଆୟକାରୀଙ୍କ (High Net-worth Individual) ଫୋନ୍ ନମ୍ବର ହାତେଇ ପାରୁଛନ୍ତି- ଡିଜିଟାଲ୍ ଆରେଷ୍ଟ ଡର ଦେଖାଉଛନ୍ତି ବା ଅଶ୍ଳୀଳ କାରବାରର ଶିକାର କରୁଛନ୍ତି। ବ୍ୟାଙ୍କ୍ ବା ବ୍ୟାଙ୍କ୍‌ର କୌଣସି କର୍ମଚାରୀ ଆପଣଙ୍କ ଏକାଉଣ୍ଟ ବିଷୟରେ କୌଣସି ତଥ୍ୟ ମାଗନ୍ତି ନାହିଁ ବୋଲି ବ୍ୟାଙ୍କମାନେ ଯେତେ କହିଲେ ବି ଆମ ଭିତରୁ କେତେକ ଖଳ ଲୋକଙ୍କ ଫାଶରେ ପଡ଼ିଯାଉଛନ୍ତି।

ଇକନମିକ୍ସ ବା ଅର୍ଥନୀତି ଶାସ୍ତ୍ର ନୀତି ଅନୀତି ମାନେ ନାହିଁ, ଇକନମି ଇଜ୍ ଆମୋରାଲ୍। ଭଲ ସାଙ୍ଗରେ ଭେଲ କାରବାର ବି ଏକ ଅର୍ଥନୈତିକ କାରବାର। ତେଣୁ ଛକାଛକି ଅର୍ଥବ୍ୟବସ୍ଥା (surveillance economy) ଅର୍ଥନୀତି ଶାସ୍ତ୍ରର ଏକ ଅଙ୍ଗ: ବ୍ୟକ୍ତିଗତ ସୂଚନା ତୁମର ନିଜସ୍ୱ, କିନ୍ତୁ ଛକାଛକି ଅର୍ଥନୀତି ତୁମର ଅଜାଣତରେ, ତୁମକୁ ସାମାନ୍ୟତମ ଭ୍ରୂକ୍ଷେପ ନ କରି ବଜାର କାରବାର କରାଇଥାଏ। ଠକିବା ଓ ଭେଜାଲ କାରବାର କରିବା କିଣାଳିକୁ ମୃତ୍ୟୁମୁଖକୁ ଠେଲିଦେଇପାରେ ତା'ର ଚିନ୍ତା ନାହିଁ, ବେଶି ଲାଭ ତ ହେବ। ଏଥିଲାଗି ପ୍ରବଞ୍ଚକମାନଙ୍କ ଉପରେ ମୃତ୍ୟୁ-ଉଦ୍ରେକକାରୀ ଅପରାଧ (ଆବେଟ୍‌ମେଣ୍ଟ ଟୁ ମର୍ଡର୍) ଦଫା ଲାଗୁ ହେଉନାହିଁ। ନିଜର ନିଜତ୍ୱ ବା ପ୍ରାଇଭେସି ରକ୍ଷା କରିବାକୁ ହେଲେ ଏହି ସର୍ଭେଲାନ୍ସ ଇକନମିର ପାଚେରିକୁ ଠେଲି ଭାଙ୍ଗିବାକୁ ପଡ଼ିବ। କମ୍ପ୍ୟୁଟର ସିକ୍ୟୁରିଟି ବିଷୟରେ ଜାଣିବାକୁ ପଡ଼ିବ, ପ୍ରାଇଭେସି ରକ୍ଷା କରିବା ତା' ଉପରେ ନିର୍ଭର କରେ। ଗୋଟିଏ ସହଜ ଉପାୟ ହେଉଛି ପ୍ରାଇଭେସି ରକ୍ଷା କରୁଥିବା ବ୍ରାଉଜର୍, ଯଥା ବ୍ରେଭ୍, ବ୍ୟବହାର କରିବା। ବ୍ରେଭ୍‌ରେ ଅଛି କଡ଼ା ପ୍ରାଇଭେସି ରକ୍ଷା କରିବା ବ୍ୟବସ୍ଥା। ଆମର ବ୍ୟକ୍ତିଗତ ସୂଚନା ସଂଗ୍ରହ କରିବାର ଉପାୟ ହେଉଛି କୁକିଜ୍, ଟ୍ରାକର୍ସ ଓ ଚିପଚିହ୍ନ ସଂଗ୍ରହ। ବିବେକୀ ଲୋକେ ଅସୁରକ୍ଷିତ ୱାଇଫାଇ ନେଟ୍‌ୱର୍କ ବା ଆଇଏସ୍‌ପି (ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର) ବ୍ୟବହାର ନ କରି ଏକ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱର୍କ (VPN) ବ୍ୟବହାର କରନ୍ତି, ଯଥା ବ୍ରେଭ୍ ଭିପିଏନ୍, ତାହା ଅନ୍ୟମାନଙ୍କୁ, ସରକାରଙ୍କୁ ବି ତୁମ କାମଦାମକୁ ଲକ୍ଷ୍ୟ କରିବାର ସୁବିଧା ଯୋଗାଇବ ନାହିଁ। ଜର୍ଜ ଅର୍‌ୱେଲ୍ ତାଙ୍କ '୧୯୮୪' ବିଜ୍ଞାନ ଉପନ୍ୟାସରେ ଦେଖାଇଛନ୍ତି କିପରି ନାଗରିକମାନଙ୍କ ବ୍ୟକ୍ତିତ୍ୱ ଓ ସ୍ୱାଧୀନତା ଉପରେ ଓସିଆନିଆ ରାଷ୍ଟ୍ର ତା'ର ଦଖଲ ରଖିଛି, ବିଗ୍ ବ୍ରଦର୍ ବୋଲାଇ ସେନସରଶିପ୍, ପ୍ରୋପାଗଣ୍ଡା, ବ୍ରେନ୍‌ୱାଶିଂ ଆଦି ଅସ୍ତ୍ର ଜରିଆରେ। ସରକାରଙ୍କ ଯେ କୌଣସି କଥା ବା ବାର୍ତ୍ତାକୁ ଏମିତି ହେରଫେର କରୁଛି ଯେ ନାଗରିକ ସତ ବୋଲି ଭାବିନେଉଛି, ଯିଏ ସତ ବୋଲି ନ ମାନିଲା ତାକୁ ଏତେ ଯନ୍ତ୍ରଣା ଦିଆଯାଉଛି ଯେ ସେ ସତ ବୋଲି ଭାବିବାକୁ ବାଧ୍ୟ ହେଉଛି। ଗରିବ ଖାଦ୍ୟଚିନ୍ତାରେ ଯେପରି ଦେହ ବିକିବାକୁ ବାଧ୍ୟ ହୋଇଥାଏ, ସେହିଭଳି ଓସିଆନିଆ ଦେଶରେ ବଞ୍ଚି ରହିବାକୁ ହେଲେ ସରକାରୀ ଡାଞ୍ଚାରେ ବଢ଼ିବାକୁ ବାଧ୍ୟ। ଟୋଟାଲିଟାରିଆନ୍, ଡିକ୍ଟେଟରିଆଲ୍ ବା ଅଥରିଟାରିଆନ୍ ରାଷ୍ଟ୍ରରେ କିପରି ଶାସନ ଚାଲେ, ନାଗରିକମାନେ କିପରି ବ୍ୟବହାର ପାଆନ୍ତି ତାହା ୧୯୮୪ ଉପନ୍ୟାସରେ ଚିତ୍ରିତ।

ମୁଦ୍ରାଶୂନ୍ୟ ଓ ନୋଟଶୂନ୍ୟ ସମାଜରେ ଆମର ଟିକିନିଖି ନେଣଦେଣର ଛାପ ଇଣ୍ଟରନେଟ୍‌ରେ ରହିଯାଉଛି ତ ସରକାର ଦେଖିପାରିବେ। ତୁମେ ଲିଭାଇ ଦେଲେ ବି ଫୋରେନ୍ସିକ ବିଜ୍ଞାନ ତାକୁ ପଢ଼ିପାରିବ – ଯେମିତି କାଗଜରୁ ଲିଭା ପେନ୍ସିଲ୍ ଲେଖା ପଢ଼ିହୁଏ। କଲମର ପଏଣ୍ଟ ବା ନିବ୍‌ମୁନର ଚାପ କମ୍ପ୍ୟୁଟର ପଢ଼ିପାରୁଛି, ଅର୍ଥାତ୍ କମ୍ପ୍ୟୁଟର ସାମ୍ନାରେ ତୁମେ ଲଙ୍ଗଳା। (ନୂଆ ପୋଷାକ ମାନୁଛି କି ନାହିଁ ଦୋକାନର ଟ୍ରାୟାଲ୍ ରୁମ୍‌କୁ ନ ଯାଇ କମ୍ପ୍ୟୁଟର ସାମନାରେ ବସି ଇପ୍ସିତ ପୋଷାକ ପିନ୍ଧିହେବ, ଚଷମା କି ଯୋତା ସାଇଜ୍ ମାପି ହେବ)। ଜୟଦ୍ରଥର ମୁଣ୍ଡକୁ ଅର୍ଜୁନ ତପସ୍ୟାରତ ମୁନିଙ୍କ କୋଳରେ ପକାଇଥିଲେ ପା, କୃତ୍ରିମ ବୁଦ୍ଧିମତ୍ତାର ଡିପ୍‌ଫେକ୍ ତରିକା ପ୍ରୟୋଗ କରି ଜଣେ ଟେକ୍ନୋକ୍ରାଟ୍ କୌଣସି ଅପରାଧୀ ବା ବଦ୍‌ମାସର ଶରୀର ଉପରେ ତୁମ ମୁହଁ ଯୋଡ଼ିପାରିବ, କାଗଜପତ୍ର କଥା କ'ଣ କହିବା! ଡିଜିଟାଲ ଯୁଗର ବିକାଶରେ ମାନବିକତା ହଜିଯିବ, ଡିକ୍ଟେଟରମାନେ ଜଙ୍ଗଲୀ ଶାସନ (ରୁଡ୍‌ୟାର୍ଡ କିପ୍ଲିଂ ଭାଷାରେ ଲ ଅଫ୍ ଦ ଜଙ୍ଗଲ) ଚାଲୁ କରିଦେବେ! ଅବଶ୍ୟ ସରକାରଙ୍କ ଅବହେଳାରୁ ଓଡ଼ିଶାର ଦୁଇତୃତୀୟାଂଶ ଅଞ୍ଚଳରେ ଇଣ୍ଟରନେଟ୍ ନାହିଁ, ଏଆଇ କିପରି ଧସିପଶିବ?

sahadevas@yahoo.com



# ଶିଖାନ୍ତୁ ଫୋନ ଶିଷ୍ଟାଚାର

ଇପ୍ସିତା ମହାନ୍ତି

ଜଗତ୍‌ସିଂହପୁର ଜୟବଡ଼ ଗ୍ରାମର ୨୨ ବର୍ଷୀୟ ଛାତ୍ର ସୂର୍ଯ୍ୟକାନ୍ତ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ ଗେମ ଖେଳୁଥିଲା। ଏଥିପ୍ରତି ଆସକ୍ତ ଯୋଗୁ ସେ ନିଜର ସବୁ ଦାୟିତ୍ୱ ଭୁଲି ଚାଲିଲା। ଘର ଲୋକ ଅତିଷ୍ଠ ହୋଇ ଏହା ନ ଖେଳିବାକୁ ବାରଣ କଲେ। ଏଥିରୁ ନିବୃତ୍ତ ପାଇଁ ତା' ମୋବାଇଲ୍ ଫୋନକୁ ଲୁଚାଇଦେଲେ। ମୋବାଇଲ ଫୋନ ନ ପାଇ ସୂର୍ଯ୍ୟକାନ୍ତ ମାନସିକ ଭାରସାମ୍ୟ ହରାଇ ବସିଲା। ଘଟଣା ଦିନ ସମସ୍ତେ ଶୋଇଥିବାବେଳେ ସୂର୍ଯ୍ୟକାନ୍ତ ନିଜ ମାଆ, ବାପା ଓ ଭଉଣୀଙ୍କୁ ପଥର ଓ ହେମଦସ୍ତାରେ ଛେଚି ହତ୍ୟା କଲା। ଏହା ଥିଲା ୨୦୨୫ ମାର୍ଚ୍ଚ ପ୍ରଥମ ସପ୍ତାହର ଘଟଣା। ଅନ୍‌ଲାଇନ ଗେମ ଯେ କେତେ ଭୟାନକ ଓ ମାରାତ୍ମକ ହୋଇପାରେ, ଏହି ଘଟଣା ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ମୋବାଇଲ ଫୋନ ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇ ଉପଭୋକ୍ତାଙ୍କୁ ଅପରାଧ ପ୍ରବଣ କରାଉଛି। ତେଣୁ ମୋବାଇଲ ଫୋନ ବ୍ୟବହାର ଉପରେ ପିଲାଙ୍କୁ ବାଲ୍ୟକାଳରୁ ଶିକ୍ଷା ଦେବା ପାଇଁ ନିତିନିୟମ ସହ ପାଠ୍ୟକ୍ରମର ଆବଶ୍ୟକତା ରହିଛି। କିଛି ମାସ ତଳେ ଅଷ୍ଟ୍ରେଲିଆ ସରକାର ୧୬ବର୍ଷ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆ (ସାମାଜିକ ଗଣମାଧ୍ୟମ) ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଯଦି କୌଣସି ପିଲା ସୋସିଆଲ ମିଡିଆ ବ୍ୟବହାର କରେ, ତେବେ ସେମାନଙ୍କ ପରିବାରକୁ ୫ କୋଟି ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯିବାକୁ ଏହି ଆଇନରେ ପ୍ରାବଧାନ ରହିଛି। ଅଷ୍ଟ୍ରେଲିଆ ସରକାରଙ୍କ ଏ ନିଷ୍ପତ୍ତିରେ ସୋସିଆଲ ମିଡିଆ ଏବଂ ଶିଶୁଙ୍କ ବ୍ୟବହାରକୁ ନେଇ ସାରା ବିଶ୍ୱ ଚିନ୍ତା ପ୍ରକଟ କରିଛି। ଏହି ପ୍ରସଙ୍ଗ ଆଲୋଚନା ପାଇଁ ବୈଶ୍ୱିକ ସ୍ତରରେ ଏକ ବିତର୍କ ସୃଷ୍ଟି ହୋଇଛି। ଏଥିରେ ଶିଶୁ ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ଏବଂ ଡିଜିଟାଲ ସ୍ୱାଧୀନତା ଭଳି ପ୍ରସଙ୍ଗ ସ୍ଥାନ ପାଇଛି।

କମନ୍ ସେନ୍ସ ମିଡିଆର ରିପୋର୍ଟ ଅନୁଯାୟୀ, ଦଶ ବର୍ଷ ବୟସର ୪୨% ପିଲାଙ୍କ ପାଖରେ ଆଜି ସ୍ମାର୍ଟଫୋନ ଉପଲବ୍ଧ। ବାର ବର୍ଷ ବୟସକୁ ବିଚାର କଲେ ଏହି ସଂଖ୍ୟା ୭୧%ରେ ପହଞ୍ଚିଯିବ। ସେହିଭଳି ଚଉଦ ବର୍ଷ ବୟସର ୯୧% ପିଲାଙ୍କ ହାତରେ ମୋବାଇଲ ଫୋନ ରହିଥିବା ଏହି ତଥ୍ୟ ସ୍ପଷ୍ଟ କରିଛି। ଆଜିର ଡିଜିଟାଲ ଦୁନିଆ ଆମ ଯୁବକମାନଙ୍କ ମଧ୍ୟରେ ଅବସାଦ, ଉଦାସୀନତା ଏବଂ ଆତ୍ମହତ୍ୟା ଭଳି ବ୍ୟାଧି ବୃଦ୍ଧି କରୁଛି। ୨୦୦୦ ରୁ ୨୦୧୦ ପର୍ଯ୍ୟନ୍ତ ଏକ ଦଶନ୍ଧିର ଅବଧିରେ ଉଚ୍ଚ ଗତିସମ୍ପନ୍ନ ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ଆପ୍ ସହ



ସଂଯୁକ୍ତ ସ୍ମାର୍ଟଫୋନ ସର୍ବବ୍ୟାପୀ ହୋଇଗଲା। ଏଥିରେ ଆମ ଦେଶ ଭାରତ ମଧ୍ୟ ପଛରେ ରହିନି। ସର୍ବାଧିକ ମୋବାଇଲ ଫୋନ ଉପଭୋକ୍ତାଙ୍କ ତାଲିକାରେ ସାରା ଦୁନିଆରେ ଭାରତ ୨ୟ ସ୍ଥାନରେ ରହିଛି। ଭାରତରେ ମୋବାଇଲ ଫୋନ ସହିତ ପିଲାମାନେ କ'ଣ କରୁଛନ୍ତି? ମୋବାଇଲ ଫୋନକୁ କିଭଳି ବ୍ୟବହାର କରୁଛନ୍ତି? ସେ ବିଷୟରେ କେହି କିଛି ଚିନ୍ତା କରନ୍ତି ନାହିଁ! ଏହା ଯେତିକି ଆଶ୍ଚର୍ଯ୍ୟଜନକ, ସେତିକି ପରିତାପର ବିଷୟ।

କରୋନା ସମୟରେ ବିଦ୍ୟାଳୟର ଔପଚାରିକ ଶିକ୍ଷାଦାନକୁ ବନ୍ଦ କରିଦିଆଗଲା। ଅନ୍‌ଲାଇନ ଶିକ୍ଷାର ପ୍ରାଧାନ୍ୟ ବଢ଼ିଲା। ଏହି ଆଳରେ ଅଭିଭାବକମାନେ ପିଲାଙ୍କୁ ମୋବାଇଲ ଫୋନ ଧରାଇଲେ। ଏହାକୁ ଆମେ ସମୟର ଆବଶ୍ୟକତା ଅବା ବାଧ୍ୟବାଧକତା ବୋଲି କହିପାରିବା। କିନ୍ତୁ ଏହି ବ୍ୟବସ୍ଥା ଦ୍ୱାରା ପିଲାମାନେ ମୋବାଇଲ ଫୋନ ସହିତ ବାନ୍ଧି ହୋଇଗଲେ। ସ୍ମାର୍ଟଫୋନ କେବଳ ପିଲାଙ୍କୁ ବିଭ୍ରାନ୍ତ କରୁନାହିଁ, ପିଲାଙ୍କ ଖେଳିବା ବୁଲିବା ଭଳି ଗୁରୁତ୍ୱପୂର୍ଣ୍ଣ ସମୟକୁ କ୍ଷତି ପହଞ୍ଚାଇବାରେ ମଧ୍ୟ ଏହାର ବଡ଼ ଭୂମିକା ରହିଛି। ସେମାନେ ନିଜ ସାଙ୍ଗସାଥୀଙ୍କ ସହ ସମୟ କାଟିବା କିମ୍ବା ଖେଳିବା ପାଇଁ ଅବସର ପାଇଲେ ନାହିଁ।

ସ୍ମାର୍ଟଫୋନରେ ଜୀବନ ପ୍ରତି ଅସୁରକ୍ଷିତତା ବୃଦ୍ଧି ପାଇବା, ନିଦ୍ରା ହ୍ରାସ, ଅନ୍‌ଲାଇନ ଖେଳ ନିଶା ଏବଂ ନିଶାସେବନ ଭଳି ସମସ୍ୟା ଅନ୍ତର୍ଭୁକ୍ତ। ଭୟାବହତା ପାଇଁ କେହିକେହି ଏହାକୁ ମୋବାଇଲ ମହାମାରୀ କହିଲେଣି। ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଏବଂ ସାଂସ୍କୃତିକ ପରିଷଦ ୟୁନେସ୍କୋ କହିଛି ମୋବାଇଲ ଫୋନ୍ ଅତ୍ୟଧିକ ବ୍ୟବହାର ପିଲାଙ୍କ ଶୈକ୍ଷିକ ଦକ୍ଷତା ହ୍ରାସ ସହିତ ଜଡିତ। ମୋବାଇଲ ଫୋନ୍ ପରଦାରେ ମାତ୍ରାଧିକ ସମୟ ବିତାଇବା ପିଲାଙ୍କ ଭାବପ୍ରବଣତା ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ୟୁନେସ୍କୋ ନିଜ ୨୦୨୩ ଗ୍ଲୋବାଲ ଏଜୁକେଶନ ମନିଟର ରିପୋର୍ଟରେ କହିଛି ଯେ, ଡିଜିଟାଲ ଟେକ୍ନୋଲୋଜି ଶିକ୍ଷା ସହିତ ମୂଲ୍ୟବୋଧକୁ ଯୋଡିଛି। ଏକଥା ପ୍ରମାଣିତ ପାଇଁ ପର୍ଯ୍ୟାପ୍ତ ଅନୁସନ୍ଧାନ ଆବଶ୍ୟକ, କିନ୍ତୁ ତାହା ହୋଇପାରିନାହିଁ। ଅଧିକାଂଶ ଗବେଷଣାତ୍ମକ କାର୍ଯ୍ୟକ୍ରମ ଘରୋଇ ଶିକ୍ଷଣ ସଂସ୍ଥାର ଆର୍ଥିକ ପୃଷ୍ଠପୋଷକତାରେ ପରିଚାଳିତ। ବିପୁଳ ଅର୍ଥ ବିନିଯୋଗ କରୁଥିବା ହେତୁ ଏମାନେ ଡିଜିଟାଲ ଶିକ୍ଷଣ ଉତ୍ପାଦ ବିକ୍ରୟ କରିବାକୁ ପ୍ରଚେଷ୍ଟା କରୁଛନ୍ତି। ସାରା ଦୁନିଆରେ ଶିକ୍ଷା ନୀତି ଉପରେ ସେମାନଙ୍କର ବଢୁଥିବା ପ୍ରଭାବ 'ଚିନ୍ତାର କାରଣ' ପାଲଟିଛି ବୋଲି ୟୁନେସ୍କୋ ଏହି ସନ୍ଦର୍ଭରେ ପ୍ରକାଶ କରିଛି। ଚାଇନା ଡିଜିଟାଲ ଉପକରଣର ବ୍ୟବହାରକୁ ମୋଟ ଶିକ୍ଷଣ ସମୟର ୩୦% ମଧ୍ୟରେ ସୀମିତ ରଖିଛି।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ଗୋଷ୍ଠୀଗତ ଏକତାର ବଳ ଯଥେଷ୍ଟ। ସବୁବେଳେ ଏହାର ବିଜୟ ହୁଏ। ଏହି ବିଜୟ କେବଳ ଯୁଦ୍ଧ କିମ୍ବା ପ୍ରତିଯୋଗିତାରେ ନୁହେଁ, ବରଂ ପରିବେଶ ସୁରକ୍ଷା ତଥା ସ୍ୱଚ୍ଛତା କ୍ଷେତ୍ରରେ ମଧ୍ୟ ଘଟିଥାଏ। ଏଭଳି ଏକତାର ପରିଚୟ ଦେଇଛନ୍ତି ଚେନ୍ନାଇର ଚିତଲାପକମ ବାସିନ୍ଦା। ସେମାନେ '#ସେଭିଂ ଚିତଲାପକମ ଲେକ୍' ଅଭିଯାନ ଆରମ୍ଭ କରି ୫୦ ଏକର ପରିମିତ ୧୦୦ ବର୍ଷର ହ୍ରଦକୁ ପୁନରୁଦ୍ଧାର କରିବା ସହ ପରିବେଶକୁ ସ୍ୱଚ୍ଛ କରିପାରିଛନ୍ତି। ଏହି କାମ ପାଇଁ ସେମାନେ ୭ ବର୍ଷ ନିରବଚ୍ଛିନ୍ନ ଭାବେ ଚେଷ୍ଟା କରିଆସିଛନ୍ତି। ସେମାନେ ବିଭିନ୍ନ ସରକାରୀ ଓ ବେସରକାରୀ ଉତ୍ସରୁ ଆର୍ଥିକ ଅନୁଦାନ ସଂଗ୍ରହକରି ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ହ୍ରଦ ପୁନରୁଦ୍ଧାର ପାଇଁ ପ୍ରଥମେ ଚିତଲାପକମର ପ୍ରତ୍ୟେକ ପରିବାର ୧୦୦ ଟଙ୍କା ଲେଖା ଦେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଅଭିଯାନରେ ପିଲାଠାରୁ ଆରମ୍ଭକରି ୯୦ ବର୍ଷ ବୟସର ଲୋକ ଜଡ଼ିତ ରହିଛନ୍ତି। ସେମାନେ ତାଙ୍କ ଟିମ୍‌ର ନାମ ଦେଇଛନ୍ତି ଚିତଲାପକମ ରାଇଜିଂ। ୨୦୧୭ରେ ପୋଷ୍ଟକାର୍ଡ ଅଭିଯାନ, ପଥପ୍ରାନ୍ତ ନାଟକ ଓ ଗୀତ ମାଧ୍ୟମରେ ଏହି ହ୍ରଦର ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଆରମ୍ଭ କରିଥିଲେ। ଏପରିକି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାକୁ ପଡ଼ିଛି। ୨୦୧୯ ବେଳକୁ ସେମାନଙ୍କ ସହ ଧୀରେ ଧୀରେ୨୦୦୦ ଲୋକ ସାମିଲ ହୋଇଥିଲେ। ସେମାନେ ହ୍ରଦକୁ ଖୋଳିବା, ସଫା କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ଗୋଷ୍ଠୀଗତ ଭାବେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟକରି ଏବେ ତାହାର ସମ୍ପୂର୍ଣ୍ଣ ପୁନରଦ୍ଧାର କରିପାରିଛନ୍ତି। ଫଳରେ ଗୋଟିଏ ପଟେ ଗ୍ରାମରେ ଜଳ ସମସ୍ୟା ଦୂରହେବା ସହ ପରିବେଶ ମଧ୍ୟ ସ୍ୱଚ୍ଛ ରହିପାରିଛି।

## ଚିରନ୍ତନୀ

ପାଦପ-ତଳେ କୁଟୀର ବୁକେ
କୃଷକ ଅବା ଶୋଇଛି ସୁଖେ
ସ୍ୱପନ କୋଳେ ସକଳ ଶ୍ରମ
ଭାବନା ରାଶି ନାଶି
ଆମ୍ରବନ କୁଟୀର ତଳବାସୀ!
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ହୁଣ୍ଡି ଦାନ କାହା ସ୍ୱାର୍ଥରେ

ମହାଶୟ,

ଶ୍ରୀମନ୍ଦିରରେ ସ୍ଥାପିତ ହୁଣ୍ଡିରେ ପ୍ରତ୍ୟହ ଭକ୍ତମାନେ ମାନସିକ ପୂରଣ ନିମନ୍ତେ ନଗଦ ଟଙ୍କା ସହ ସୁନା ରୁପା ଆଦି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦାନ କରିଥାନ୍ତି। ଏହାପରେ ସେ ସବୁ ବ୍ୟାଙ୍କରେ ନିର୍ଦ୍ଦିଷ୍ଟ ଅବଧି ନିମନ୍ତେ ଜମା ହୋଇ ତହିଁରୁ ମିଳୁଥିବା ସୁଧ ମୂଳରେ ସାମିଲ ହୋଇ ଜମା ପରିମାଣ ବୃଦ୍ଧି କରେ। ସେହିପରି ବ୍ୟାଙ୍କ ମଧ୍ୟ ଆର୍ଥିକ କାରବାରରେ ସେହି ଅର୍ଥ ଲଗାଣ କରି ନିଜର ବ୍ୟବସାୟିକ ଫାଇଦା ଉଠାଇଥାନ୍ତି। ତେଣୁ ଭକ୍ତଙ୍କଠାରୁ ବର୍ଷକୁ ପ୍ରାୟ ୧୫ରୁ ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳୁଥିଲେ ହେଁ ଭକ୍ତମାନଙ୍କୁ କାଣିଚାଏ ମହାପ୍ରସାଦ ମାଗଣାରେ ସେବନ କରିବାକୁ ସୁଯୋଗ ମିଳେ ନାହିଁ। ଏହାର ଅର୍ଥ ହେଲା ବାହାରୁ ଆସେ ହାଣ୍ଡିରେ ପଶେ ନ୍ୟାୟରେ ହୁଣ୍ଡିରୁ ଆସି ପୁଣି ବ୍ୟାଙ୍କରେ ପଶିଲା। ଏହି ପ୍ରକ୍ରିୟା ବହୁବର୍ଷ ଧରି ଚାଲୁ ରହିଛି, ବୋଧହୁଏ ଚାଲୁଥିବ। ରତ୍ନଭଣ୍ଡାରରେ ଗଚ୍ଛିତ ବହୁମୂଲ୍ୟ ରତ୍ନ ଗଣତିମଣତି କରିବାକୁ ସରକାର ଉଦ୍‌ବିଗ୍ନ। କାଳ କାଳ ଧରି ଏସବୁ ରହିଛି ଓ ରହିଥିବ। ସେହିପରି ବ୍ୟାଙ୍କରେ ପ୍ରତିମାସ କୋଟି କୋଟି ଟଙ୍କା ଜମା ହୋଇ ଚାଲିଛି, କିନ୍ତୁ କିପରି ସେସବୁର ବିନିଯୋଗ ହେବ ତା'ର କୌଣସି ବିଚାର ଆଲୋଚନା ନାହିଁ। ମହାପ୍ରଭୁ ଭକ୍ତଙ୍କ ଦାନ ଅର୍ଥରେ କୁବେର ହୋଇଗଲେ ଭକ୍ତମାନେ ଉଲ୍ଲସିତ ହେବେ ସତ କିନ୍ତୁ ସେମାନେ ଉପକୃତ ହେବା ନିମନ୍ତେ ଉଦ୍ୟମ କାହିଁ। ନୂତନ ସରକାର ଏ ଦିଗରେ ପଦକ୍ଷେପ ନେବା ଆଶା କରାଯାଏ।

**–ହରମୋହନ ମହାନ୍ତି, ଦଉତୋଟା, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | | |
| | | 2 | | 5 | | | | 1 |
| | | | | | | 9 | 6 | |
| | 3 | | | | 8 | | | |
| 7 | | | | 1 | | | | |
| | | 1 | 3 | 2 | 4 | | | |
| 4 | | | 2 | | | | | |
| | | 3 | 6 | 7 | 9 | 1 | | |
| 8 | | | | | 1 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 7 | 8 | 6 | 1 | 4 | 5 | 9 |
| 8 | 9 | 5 | 2 | 4 | 3 | 6 | 7 | 1 |
| 4 | 6 | 1 | 9 | 7 | 5 | 3 | 8 | 2 |
| 7 | 2 | 3 | 1 | 8 | 6 | 9 | 4 | 5 |
| 1 | 8 | 4 | 7 | 5 | 9 | 2 | 6 | 3 |
| 6 | 5 | 9 | 4 | 3 | 2 | 7 | 1 | 8 |
| 5 | 7 | 8 | 3 | 9 | 4 | 1 | 2 | 6 |
| 3 | 1 | 6 | 5 | 2 | 7 | 8 | 9 | 4 |
| 9 | 4 | 2 | 6 | 1 | 8 | 5 | 3 | 7 |

ଗତକାଲିର ଉତ୍ତର

# ଋଣ ନ ମିଳିବାରୁ ବ୍ୟାଙ୍କ ଲୁଟ୍

## କ୍ରାଇମ୍ ସିରିଜ୍ ଦେଖି ଅଳଙ୍କାର ଲୁଟିଥିଲେ, ୬ମାସ ପରେ ବନ୍ଧାହେଲେ

**ବ୍ୟବସାୟ ପାଇଁ ବ୍ୟାଙ୍କରେ ଋଣ ଆବେଦନ କଲେ। ହେଲେ ସିବିଲ ସ୍କୋର ଭଲ ନ ଥିବାରୁ ବ୍ୟାଙ୍କ ଋଣ ଦେବାକୁ ମନା କରିଦେଲା। ପରେ ସମ୍ପର୍କୀୟଙ୍କ ଜରିଆରେ ଋଣ ଆବେଦନ କଲେ। ତାହା ମଧ୍ୟ ଖାରଜ ହୋଇଗଲା। ଏଥିରେ କ୍ରୋଧିତ ହୋଇ କ୍ରାଇମ୍ ସିରିଜ ଏବଂ ୟୁଟ୍ୟୁବ୍‌ରେ ଭିଡିଓ ଦେଖି ବ୍ୟାଙ୍କ ଲୁଟ କରିବାର ଉପାୟ ଶିଖିଲେ। ପରେ ଏକ ୬ଜଣିଆ ଗ୍ୟାଙ୍ଗ କରି ବ୍ୟାଙ୍କରୁ ୧୭କେଜି ଓଜନର ସୁନା ଅଳଙ୍କାର ଲୁଟ କରିନେଲେ। ଲୁଟ ଘଟଣାର ୬ମାସ ପରେ ଏବେ ଏହାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ଜଣଙ୍କୁ କର୍ଣ୍ଣାଟକ ପୋଲିସ ଗିରଫ କରିବା ସହ ଲୁଟ୍ ଅଳଙ୍କାର ଜବତ କରିଛି।**



**ବେଙ୍ଗାଲୁରୁ(କର୍ଣ୍ଣାଟକ), ୧।୪**

କର୍ଣ୍ଣାଟକ ଦେବନଗରୀ ଜିଲାର ନ୍ୟାମାଥିରେ ବିଜୟ କୁମାର ନାମକ ଜଣେ ବ୍ୟକ୍ତି ଏକ କେକ୍ ଏବଂ ମିଠା ଦୋକାନ ଦେଇଛନ୍ତି। ୨୦୨୩ ମାର୍ଚ୍ଚରେ ସେ ବ୍ୟବସାୟ ପାଇଁ ସ୍ଥାନୀୟ ଏସ୍‌ବିଆଇ ବ୍ୟାଙ୍କରେ ୧୫ଲକ୍ଷ ଟଙ୍କା ଋଣ ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କର ସିବିଲ ସ୍କୋର ଠିକ୍ ନ ଥିବାରୁ ବ୍ୟାଙ୍କ ଉକ୍ତ ଋଣ ଆବେଦନକୁ ଖାରଜ କରିଦେଇଥିଲା। ପରେ ବିଜୟ ତାଙ୍କ ସମ୍ପର୍କୀୟଙ୍କ ନାମରେ ଆବେଦନ କରିଥିଲେ ସୁଦ୍ଧା ତାହା ମଧ୍ୟ ଖାରଜ ହୋଇଯାଇଥିଲା। ବାରମ୍ବାର ଋଣ ଆବେଦନ ଖାରଜ ହୋଇଯିବାରୁ ସେ ରାଗିଯାଇ ବ୍ୟାଙ୍କ ଲୁଟ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଙ୍କ ଲୁଟ୍ କରିବା ପାଇଁ ସେ 'ମନି ହେଷ୍ଟ' କ୍ରାଇମ୍ ସିରିଜ୍ ବାରମ୍ବାର ଦେଖିଥିଲେ। ଏପରି କି ୟୁଟ୍ୟୁବରେ ବିଭିନ୍ନ ଭିଡିଓ ଦେଖିଥିଲେ। ପରେ ଏକ ଗ୍ୟାଙ୍ଗ ଗଠନ କରି ଚୋରି ଯୋଜନା କରିଥିଲେ। ଏଥିପାଇଁ ତାଙ୍କୁ ପ୍ରାୟ ୬ମାସ ଲାଗିଥିଲା। ୨୦୨୪ ଅକ୍ଟୋବର ୨୮ରେ ବିଜୟ ଏବଂ ତାଙ୍କ ଗ୍ୟାଙ୍ଗ ପୂର୍ଣ୍ଣ ଯୋଜନାବଦ୍ଧ ଅନୁସାରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ନ୍ୟାମାଥି ଶାଖାରୁ ଲୁଟ୍ କରିଥିଲେ। ବ୍ୟାଙ୍କର ଝରକା ଭାଙ୍ଗି ବ୍ୟାଙ୍କ ଭିତରେ ପଶିବା ପରେ କଟର ସାହାଯ୍ୟରେ ଲକର ଭାଙ୍ଗି ପ୍ରାୟ ୧୭କେଜି ଓଜନ(୧୩କୋଟି ଟଙ୍କା) ସୁନା ଅଳଙ୍କାର ଲୁଟି ନେଇଥିଲେ। ସେମାନେ ସିସିଟିଭି କ୍ୟାମେରାକୁ ଭାଙ୍ଗିବା ସହ ଡିଭିଆର୍‌କୁ ନେଇଯାଇଥିଲେ। ଏପରି କି ଡଗ୍ ସ୍କ୍ୱାଡ୍‌ର ତଦନ୍ତକୁ ବାଟବଣା କରିବା ପାଇଁ ଗଲାବେଳେ ଲଙ୍କାଗୁଣ୍ଡ ଫୋପାଡ଼ି ଯାଇଥିଲେ ବୋଲି ପୋଲିସ କହିଛି। ଏହା ଏକ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର କାର୍ଯ୍ୟ ବୋଲି ପୋଲିସ ପ୍ରଥମେ ସନ୍ଦେହ କରିଥିଲା। ପରେ ବିଭିନ୍ନ ଦିଗରୁ ତଦନ୍ତ କରିବା ପରେ ପୋଲିସ ବିଜୟ ଏବଂ ତାଙ୍କ ଗ୍ୟାଙ୍ଗ ଉପରେ ସନ୍ଦେହ କରିଥିଲା। ୬ଟି ପୋଲିସ ଟିମ୍ ୫ମାସ ବିଭିନ୍ନ ଛାନଭିନ୍ କଲାପରେ ସୋମବାର ବିଜୟଙ୍କ ସମେତ ୬ଜଣ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୟ, ଅଜୟ କୁମାର, ପରମାନନ୍ଦ, ଅଭିଷେକ, ଚନ୍ଦ୍ରୁ ଏବଂ ମଞ୍ଜୁନାଥ। ସେମାନଙ୍କ ମଧ୍ୟରୁ ବିଜୟ, ଅଜୟ ଏବଂ ପରମାନନ୍ଦ ତାମିଲନାଡୁ ବାସିନ୍ଦା ହୋଇଥିବାବେଳେ ଅନ୍ୟ ୩ଜଣ ଦେବନଗରୀ ଜିଲାର ବୋଲି ପୋଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କଠାରୁ ବହୁ ସୁନା ଅଳଙ୍କାର ଜବତ କରାଯାଇଛି।

# ନିର୍ମାଣାଧୀନ କୋଠା ତଳୁ ମିଳିଲା ଛାତ୍ରଙ୍କ ମୃତଦେହ

**ଭୁବନେଶ୍ୱର, ୧।୪**
**(ସତ୍ୟଜିତ୍ ରାଉତ)**



- **କିଟ୍ ବିଶ୍ୱବିଦ୍ୟାଳୟରେ ବିଟେକ୍ ପଢୁଥିଲେ**
- **ମୋବାଇଲ ମିଳୁ ନ ଥିବାରୁ ବଢ଼ାଉଛି ରହସ୍ୟ**
- **ହତ୍ୟା ନା ଆତ୍ମହତ୍ୟା, କାରଣ ଅସ୍ପଷ୍ଟ**

କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣକ ହେଲେ ପଶ୍ଚିମବଙ୍ଗ ବାଙ୍କୁରା ଜିଲାର ଅର୍ଣ୍ଣବ ମୁଖାର୍ଜୀ(୨୧)। ସେ ବି.ଟେକ୍ ତୃତୀୟ ବର୍ଷର ଛାତ୍ର ହୋଇଥିବାବେଳେ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଭୁବନେଶ୍ୱର ରସୁଲଗଡ଼ ଦୁର୍ଗାପୂଜା ମଣ୍ଡପ ନିକଟ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ନିର୍ମାଣାଧୀନ ୯ ମହଲା କୋଠା ତଳୁ ସୋମବାର ସନ୍ଧ୍ୟାରେ କ୍ଷତାକ୍ତ ଅବସ୍ଥାରେ ଅର୍ଣ୍ଣବଙ୍କ ମୃତଦେହକୁ ଠାବ କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରେ ରଖାଯାଇଛି। ତେବେ ଡାକ୍ତରଙ୍କ ଏମ୍ଏଲ୍‌ସି (ମେଡିକୋ ଲିଗାଲ କେସ୍) ଆଧାରରେ ମଞ୍ଚେଶ୍ୱର ଥାନା ପୋଲିସ ମଙ୍ଗଳବାର ଏକ ଅପମୃତ୍ୟୁ (ନଂ.୪୧/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଅର୍ଣ୍ଣବଙ୍କ ହଠାତ୍ ଏଭଳି ରହସ୍ୟଜନକ ମୃତ୍ୟୁକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ତାଙ୍କୁ ହତ୍ୟା କରାଯାଇଛି ନା ସିଏ ନିଜେ ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। କମିଶନରେଟ୍ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛି। କିଟ୍ କଲେଜଠୁ ନେଇ ଘଟଣାସ୍ଥଳ ପର୍ଯ୍ୟନ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଏକାଧିକ ସହପାଠୀଙ୍କୁ ଅର୍ଣ୍ଣବଙ୍କ ବିଷୟରେ ପଚରାଉଚରା କରି ପୋଲିସ ଛାନ୍‌ଭିନ୍ ଚଳାଇଛି।

ସୋମବାର ଅପରାହ୍ନ ପ୍ରାୟ ୪ଟା ୩୦ ବେଳେ ଅର୍ଣ୍ଣବ ଉକ୍ତ କୋଠା ତଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସୁରକ୍ଷାକର୍ମୀ ଦେଖିବାକୁ ପାଇଥିଲେ। ସେତେବେଳେ ଅର୍ଣ୍ଣବ କଳାରଙ୍ଗର ହାଫ୍ ଶାର୍ଟ ସହ ଏକ ମାଟିଆ ରଙ୍ଗର ଟ୍ରାଉଜର ପିନ୍ଧିଥିଲେ। ସୁରକ୍ଷାକର୍ମୀ ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକଙ୍କୁ କହିବା ସହ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ପରେ ମଞ୍ଚେଶ୍ୱର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅର୍ଣ୍ଣବଙ୍କ ପାଖରେ କୌଣସି ପରିଚୟ ପତ୍ର ନ ଥିବାରୁ ପୋଲିସ ସମସ୍ୟାରେ ପଡ଼ିଥିଲା। ପରେ ମଙ୍ଗଳବାର ସକାଳେ ଅର୍ଣ୍ଣବ କିଟ୍ ଛାତ୍ର ବୋଲି ଜଣାପଡ଼ିଥିଲା। ତେବେ ଉକ୍ତ ୯ ମହଲା କୋଠା ସହ ଆଖପାଖ ଅଞ୍ଚଳରେ ପୋଲିସ ପକ୍ଷରୁ ବହୁବାର ଯାଞ୍ଚ କରାଯାଇଥିଲେ ମଧ୍ୟ ଅର୍ଣ୍ଣବଙ୍କ ମୋବାଇଲ ଠାବ ହୋଇପାରିନାହିଁ, ଯାହାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ତେବେ ପୋଲିସ ପକ୍ଷରୁ ଅର୍ଣ୍ଣବଙ୍କ ମୋବାଇଲର କଲ ଡିଟେଲ୍ସ ରିପୋର୍ଟ (ସିଡିଆର୍) ମଗାଯାଇଛି। ସେପଟେ ପୋଲିସ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଅର୍ଣ୍ଣବଙ୍କ ଅଭିଭାବକଙ୍କ ମୋବାଇଲ ନମ୍ବର ନେଇ ଯୋଗାଯୋଗ କରିଛି। ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କ ଉପସ୍ଥିତିରେ ଅର୍ଣ୍ଣବଙ୍କ ବ୍ୟବଚ୍ଛେଦ କରାଯିବ। ଖବର ଲେଖାହେବା ଯାଏ ଅର୍ଣ୍ଣବଙ୍କ ପରିବାର ଲୋକ ଭୁବନେଶ୍ୱରରେ ପହଞ୍ଚି ନ ଥିବା ଜଣାପଡ଼ିଛି।

# ଡାକ୍ତରଙ୍କ ଘରୁ ଚୋରି ମାମଲାରେ ୬ ଗିରଫ

**ଯାଜପୁରରୋଡ୍, ୧।୪**
**(ପବିତ୍ର ରଞ୍ଜନ ମହାନ୍ତି)**

ଯାଜପୁରରୋଡ୍ ଥାନା ସୋବରା ପ୍ରଶାନ୍ତି ବିହାରର ଜଣେ ଡାକ୍ତରଙ୍କ ଘରୁ ଚୋରି ଘଟଣାରେ ପୋଲିସ ୩ଜଣ ପୁରୁଷ ଓ ୩ ଜଣ ମହିଳାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ଏଥିସହିତ ସେମାନଙ୍କ ନିକଟରୁ ପ୍ରାୟ ୪୫୦ ଗ୍ରାମ ସୁନା ଏବଂ ରୁପା ଅଳଙ୍କାର, ଏକ ମୋବାଇଲ ଫୋନ, ଚୋରିରେ ବ୍ୟବହୃତ ଯନ୍ତ୍ରପାତି ଏବଂ ୨ ବାଇକକୁ ପୋଲିସ ଜବତ କରିଛି। ଜବତ ସୁନା ଅଳଙ୍କାରର ମୂଲ୍ୟ ୭୦ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗିରଫ

### ୭୦ ଲକ୍ଷ ଟଙ୍କାର ସୁନାଗହଣା ଜବତ

ଅଭିଯୁକ୍ତ ହେଲେ ଏହି ଥାନା ବ୍ୟାସନଗର ସହର ସପଗାଡ଼ିଆ ଅଞ୍ଚଳର ସୁରେଶ ପାତ୍ର (୩୪), ଲକ୍ଷ୍ମୀନଗର ହୁଡ଼ିସାହିର ଚଗଲା ପାତ୍ର (୪୫), ଚଗଲାଙ୍କ ପ୍ରଥମ ସ୍ତ୍ରୀ କେତକୀ ପାତ୍ର(୨୮) ଓ ଦ୍ୱିତୀୟ ସ୍ତ୍ରୀ ସନ୍ଧ୍ୟା ପାତ୍ର (୨୭), ସୁରେଶଙ୍କ ସ୍ତ୍ରୀ ହୀନା ପାତ୍ର(୩୦) ଏବଂ ଉକ୍ତ ଚୋରି ସୁନା କିଣିଥିବା କୁଆଖିଆ ଥାନା ବାଉଁଶକଣ୍ଟା ଗ୍ରାମର ଗହଣା ଦୋକାନୀ ପ୍ରତାପ ଦାସ(୪୫)। ମଙ୍ଗଳବାର ଅପରାହ୍ନରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ ଯାଜପୁରରୋଡ୍ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ମାର୍ଚ୍ଚ ୧୮ରେ ସୋବରା ପ୍ରଶାନ୍ତି ବିହାରର ଡାକ୍ତର ଚନ୍ଦ୍ରମଣି କରଙ୍କ ଘରେ କେହି ନ ଥିଲେ। ଏହି ସୁଯୋଗରେ ଅଭିଯୁକ୍ତମାନେ ଲୁହା ରଡ୍ ଏବଂ ସ୍ଲାଏ ରେଞ୍ଚି ସାହାଯ୍ୟରେ ତାଙ୍କ କବାଟ ଭାଙ୍ଗି ଘରେ ପଶି କଳାକାନ ବୁଲାଇଥିଲେ। ଏ ସମ୍ପର୍କରେ ଥାନାରେ ଘର ମାଲିକ ସେହିଦିନ ଅଭିଯୋଗ କରିଥିଲେ। ଏସ୍‌ପି ଶ୍ରୀମଲଙ୍କ ତତ୍ତ୍ୱାବଧାନରେ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ ଅଭିଯୁକ୍ତମାନଙ୍କ ମୋବାଇଲ ନମ୍ବର ଟ୍ରାକ୍ କରି ମଙ୍ଗଳବାର ଭୋର ୫ଟାରେ ସାପଗାଡ଼ିଆ ଓ ଲକ୍ଷ୍ମୀନଗର ଅଞ୍ଚଳରେ ଚଢ଼ାଉ କରି ପୋଲିସ ସେମାନଙ୍କୁ ଗିରଫ କରିଥିଲା।

୨ ଅଭିଯୁକ୍ତ ଗିରଫ ହେବାପରେ ସେମାନେ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏହାପରେ ଚୋରି ଗହଣା କିଣିଥିବା ଯାଜପୁରରୋଡ୍ ସହର ନ୍ୟୁ ମାର୍କେଟରେ ସୁନାଦୋକାନ କରିଥିବା ପ୍ରତାପଙ୍କୁ ପୋଲିସ ଗିରଫ କରିବା ସହ ଚୋରି ଅଳଙ୍କାର ତାଙ୍କଠାରୁ ଜବତ କରିଥିଲା। ଚନ୍ଦ୍ରମଣିଙ୍କ ଘରେ ପୂର୍ବରୁ କାମ କରୁଥିବା ଚଗଲାଙ୍କ ୨ ସ୍ତ୍ରୀ କେତକୀ ଓ ସନ୍ଧ୍ୟା ଏବଂ ସୁରେଶଙ୍କ ସ୍ତ୍ରୀ ହୀନା ଏଥିରେ ସହଯୋଗ କରିଥିଲେ।

# ରାତିକରେ ୫ ଘରୁ ସୁନାଗହଣା, ଟଙ୍କା ନେଇଗଲେ

**ବ୍ରହ୍ମପୁର, ୧।୪**
**(ସୁବାସ ଚନ୍ଦ୍ର ପାଢ଼ୀ)**

ସହରରେ ଚୋର ଦଳ ସକ୍ରିୟ ହୋଇ ଉଠିଛନ୍ତି। ରାତିକରେ ୫ଟି ଘରେ ସେମାନେ କଳାକାନା ବୁଲାଇଛନ୍ତି। ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡି ନିକଟ ଟେକ୍ନୋପାର୍କ ହାଉସିଂ ଅଞ୍ଚଳରେ ସେମାନେ ଏହି ଚୋରି କରିଥିବା ଅଭିଯୋଗ ହୋଇଛି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରରୁ ଜଣାପଡିଛି, ହାଉସିଂ ଅଞ୍ଚଳରେ ଅନେକ ଆପାର୍ଟମେଣ୍ଟ ରହିଛି। ଏଗୁଡିକରେ ଅନେକ ପରିବାର ବସବାସ କରୁଛନ୍ତି। ସୋମବାର ରାତିରେ ଆପାର୍ଟମେଣ୍ଟରେ ଲୋକମାନେ ନିଜ ନିଜ ଫ୍ଲାଟରେ ଶୋଇଥିଲେ। ଏହି ସମୟରେ ଚୋର ଦଳ ଘରଗୁଡିକରେ ପଶି ଚୋରି କରିଥିଲେ। ସେମାନେ ହିମାଂଶୁ ଶେଖର ସାହୁ, ଲକ୍ଷ୍ମୀ ନାରାୟଣ ନାୟକ, ଟୁନା ବାବୁ, ସୀମାଞ୍ଚଳ ପାଢୀ ଓ ସନ୍ତୋଷ ମିଶ୍ରଙ୍କ ଘରେ ପଶି ଚୋରି କରିଛନ୍ତି। ଏହି ୫ ବ୍ୟକ୍ତିଙ୍କ ଘରୁ ନଗଦ ଲକ୍ଷାଧିକ ଟଙ୍କା ଓ ବହୁ ପରିମାଣର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଅନ୍ୟ ୨ ଜଣ ବ୍ୟକ୍ତିଙ୍କ ଘରୁ ଚୋରି କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ଚୋରମାନେ ବିଫଳ ହୋଇଛନ୍ତି। ସକାଳୁ ସମ୍ପୃକ୍ତ ଲୋକମାନେ ଉଠି ଦେଖିବା ବେଳକୁ ସେମାନଙ୍କ ଘରର କବାଟ ଖୋଲା ରହିଥିଲା। ପରେ ସେମାନଙ୍କ ଘରୁ ନଗଦ ଟଙ୍କା, ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା। ପୋଲିସ ବିଭିନ୍ନ ସ୍ଥାନରୁ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଜାରି ରଖିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଭୁବନେଶ୍ୱରସ୍ଥିତ PLASTIC FACTORY ପାଇଁ Helper, Operator, Marketing Executive ଆବଶ୍ୟକ।
Contact: 8763300340
Email: servingwareh@gmail.com

**ଆବଶ୍ୟକ**
ପୁରୀରେ ରୋଷେଇ କରିବା ପାଇଁ ଗୋଟିଏ ପୁଅ ପିଲା ଦରକାର। ବୟସ – 25 ରୁ 30 ବର୍ଷ। ଦରମା ମାସିକ 10 ହଜାର +। ଏଥି ସହିତ ରହିବା ଏବଂ ଖାଇବା ମାଗଣା ବ୍ୟବସ୍ଥା ଅଛି।
ଯୋଗାଯୋଗ - 9437281147

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

**JOB OPENINGS**
1. Welder/Fitter - 1 No. (Minimum 2 years experience required) to be employed in factory near Khordha.
2. Quality Control Engineer - 1 No. (Diploma/Engineer preferably Civil)
Contact No
9778363834 / 9861175019

**WANTED**
For Bhubaneswar Marketing Professionals - 10 Nos. (Male/Female), Delivery Executive - 05 Nos. (Male/Female)
BP TRADING & CO
Mob : 9439638972

**ଆବଶ୍ୟକ**
କଟକରେ ପ୍ରତିଷ୍ଠିତ ଲଣ୍ଡ୍ରିରେ କାମ କରିବା ପାଇଁ ଧୋବା କାରିଗର ତଥା ଆଇରନ୍ ଓ ଲୁଗା ସଫା କରିବା ଦରକାର, ରହିବା ସୁବିଧା ଦିଆଯିବ।
ଯୋଗାଯୋଗ
9337171115

**ଢଗଢମାଳି**
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିର ପାଣି ପଥର କାଟେ**
**ବାଆ ପାଣି ମୁହଁକୁ ଛାଟେ।**

ଯେତେ ଟାଣ ପଥର ହେଲେ ବି ଧୀରେ ବହୁଥିବା ପାଣିରେ ତାହା କ୍ଷୟ ହୋଇଯାଏ। ସେହିପରି ବର୍ଷାପାଣି ଦେହ ମୁହଁକୁ ଛାଟିଥାଏ ବା ଓଦା କରିଦେଇଥାଏ। ତେଣୁ ଧୀରେ ସୁସ୍ଥେ ସବୁ ଖିଆଲକୁ ନେଇ କାମ କରିବା ଉଚିତ୍ ହୋଇଥାଏ। ବିବ୍ରତ ହୋଇ କାମ କଲେ କୌଣସି ସୁଫଳ ମିଳି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଥାଳେଇ ଯିବ**
**ମାଳେଇ ଯିବା।**

ଛୋଟ ଉପାଦାନରୁ ବଡ଼ ଉପାଦାନ ପର୍ଯ୍ୟନ୍ତ ବିନା ହିସାବରେ ବିନିର୍ବ୍ୟୟ ହୋଇଯିବା। ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବା ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭଡ଼ା ଘରେ ସେକ୍ସ ର୍‍ୟାକେଟ୍, ୩ ଗିରଫ



ଉଦ୍ଧାର ହୋଇଥିବା ଯୁବତୀ।

**ରାଉରକେଲା, ୧।୪(ଦିନେଶ ମିଶ୍ର)**

### ୫ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ଅଞ୍ଚଳରେ ଥିବା ଏକ ଭଡ଼ାଘରେ ଚାଲିଥିବା ସେକ୍ସ ର୍‍ୟାକେଟ୍‌କୁ ପୋଲିସ ମଙ୍ଗଳବାର ଠାବ କରିଛି। ଏହି ଘଟଣାରେ ପୋଲିସ ଜଣେ ଗ୍ରାହକଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଏଥିସହ ଦେହ ବ୍ୟବସାୟରେ ଲିପ୍ତ ୫ ଯୁବତୀଙ୍କୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାହକ ଉମେଶ ବିଶ୍ୱାଳ(୩୬) ଏବଂ ସେକ୍ସ ର୍‍ୟାକେଟ ଚଳାଉଥିବା ଉପେନ୍ଦ୍ର ବିଶ୍ୱାଳ(୭୫) ଓ ଜ୍ୟୋତ୍ସ୍ନା ବିଶ୍ୱାଳ(୬୬)। ସେମାନଙ୍କଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (୫୦/୨୫) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ଜଗଦା ଅଞ୍ଚଳରେ ଏକ ଘର ଭଡ଼ାରେ ନେଇ ସେଠାରେ କିଛିଦିନ ହେବ ସେକ୍ସ ର୍‍ୟାକେଟ୍ ଚଳାଇ ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶକ୍ରମେ ଝିରପାଣି ଥାନା ପୋଲିସ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ମଙ୍ଗଳବାର ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ପୋଲିସ ଘର ଭିତରେ ଅସଂଯତ ଅବସ୍ଥାରେ ଥିବା ୫ ଯୁବତୀଙ୍କୁ ଉଦ୍ଧାର କରିଥିଲା। ପରେ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଚଢ଼ାଉରେ ଝିରପାଣି ଥାନାଧିକାରୀ ପ୍ରଦୀପ ନାୟକ, ଏସ୍‌ଆଇ ଏସ୍.ଏନ୍. ଆପଟ, ଏସ୍. ବାରୁଆ, ଏସ୍. ନାୟକ, ଜୋ, ଜୋଜୋ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗିରଫ ଅଭିଯୁକ୍ତମାନେ ପୂର୍ବରୁ ଦେହ ବ୍ୟବସାୟରେ ଗିରଫ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

# ପ୍ରମାଣ ଅଭାବରୁ ୨ ସୁନାଚେନ ଲୁଟ୍ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଦେବଗଡ଼, ୧।୪**
**(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଏସ୍‌ଡିଜେଏମ୍ ସୋମବାର ଆବଶ୍ୟକ ସାକ୍ଷ୍ୟ ଏବଂ ପ୍ରମାଣ ଅଭାବରୁ ୨ଜଣ ସୁନା ଚେନ୍ ଲୁଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ ୨୦୨୪ ଜୁଲାଇ ୨୯ରେ ଦେବଗଡ଼ ପୌରାଞ୍ଚଳ ନବୋଦୟ ସାହିର କମଳ ଲୋଚନା ମିଶ୍ର ଦେବଗଡ଼ ମାର୍କେଟରୁ ସଉଦା କରି ଘରକୁ ଫେରୁଥିଲେ। ଏହି ସମୟରେ ହେଲମେଟ ପିନ୍ଧିଥିବା ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ନିକଟସ୍ଥ ଗାର୍ଲ୍ସ ହାଇସ୍କୁଲ ଛକ ନିକଟରୁ ମିଶ୍ରଙ୍କ ବେକରୁ ପ୍ରାୟ ୨୦ ଗ୍ରାମ ଓଜନର ଏକ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ମିଶ୍ର ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ଏକ ନଂ. ୩୭୨, ତା–୨୯/୭/୨୦୨୪, ଦଫା ୩୦୪(୨)ବିଏନ୍ଏସ୍‌ରେ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏଥିସହ ଆଖପାଖ ଅଞ୍ଚଳରେ ଥିବା ଥାନା ଗୁଡିକୁ ମଧ୍ୟ ସୂଚନା ଦେଇଥିଲା। ଘଟଣାର କିଛିଦିନ ପରେ ଖାରସୁଗୁଡ଼ା ଥାନା ପୋଲିସ ଅନ୍ୟ ଏକ ମାମଲାରେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ଖାରଗୁଡିଆ ଗ୍ରାମର ଦୁର୍ଗା ଦାସ (୨୫) ଓ କାର୍ତ୍ତିକ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନେ ଝାରସୁଗୁଡା ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହୁଥିଲେ। ଅନ୍ୟପକ୍ଷରେ ଦେବଗଡ଼ରେ (ମିଶ୍ରଙ୍କଠାରୁ) ହୋଇଥିବା ସୁନାଚେନ ଲୁଟ୍ ମାମଲାରେ ଉପରୋକ୍ତ ୨ଜଣ ସମ୍ପୃକ୍ତ ଥିବା ଜଣାପଡିବାରୁ ପୋଲିସ ଝାରସୁଗୁଡା ଯାଇ ଘଟଣାର ତଦନ୍ତ କରିବା ସହ ଗିରଫ ଦୁର୍ବୃତ୍ତଙ୍କ ଟିଆଇ ପ୍ୟାରେଡ୍ କରିଥିଲା। ଟିଆଇ ପ୍ୟାରେଡ୍ ମାଧ୍ୟମରେ ମିଶ୍ର ମଧ୍ୟ ଉଭୟଙ୍କୁ ଚିହ୍ନଟ କରିଥିଲେ। ଦେବଗଡ଼ ଏସ୍‌ଡିଜେଏମ୍‌ରେ ସିଟି ମାମଲା (ନଂ. ୬୮୫/୨୦୨୪)ରେ ବିଚାରାଧୀନ ଥିବା ବେଳେ ଅଭିଯୋଗକାରୀ ମିଶ୍ର ଓ ତଦନ୍ତକାରୀ ପୋଲିସ ଅଫିସରଙ୍କ ସମେତ ୮ଜଣଙ୍କ ସାକ୍ଷ୍ୟ ଏବଂ ବୟାନ ରେକର୍ଡ କରାଯାଇଥିଲା। ତେବେ ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ କୌଣସି ଠୋସ ପ୍ରମାଣ ନ ମିଳିବାରୁ ଅଦାଲତ ସେମାନଙ୍କୁ ସୋମବାର ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ଦୀପକ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୧୦, ତାରିଖ: ୨୮।୦୩।୨୦୨୫।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ। **କ୍ର.ସଂ.- ୧ । ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୦-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଡିଇଏନ୍(ଏଚ୍‌କ୍ୟୁ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର ମଣ୍ଡଳରେ ଟ୍ରାକ୍ ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସଂକ୍ରାନ୍ତରେ ଆଇଆର ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଆରଡିଏସଓ ଦ୍ୱାରା ଅନୁମୋଦିତ ଏବଂ ସିଙ୍ଗଲ ଶଟ୍ କ୍ରୁସିବଲ୍ ସହିତ ୱେଲ୍ଡିଂ ଇନ୍-ସିଟୁ ଅନୁସାରେ ୬୦ କିଗ୍ରା/୯୦ ୟୁଟିଏସ୍ ରେଲ (୨୩୪୬ ଗୋଟି ଜଏଣ୍ଟ) ଏବଂ ୬୦ କିଗ୍ରା/୬୦ଇଆଇ-ଆର୍୨୬୦ ଗ୍ରେଡ୍ ରେଲ (୨୪୬୩ ଗୋଟି)ର ଆଲୁମିନୋ ଥର୍ମିକ୍ ୱେଲ୍ଡିଂ ଅଂଶର ବିନିର୍ମାଣ ଓ ଯୋଗାଣ (ମୋଟ ୪୮୦୯ ଜଏଣ୍ଟ) । **ଟେଣ୍ଡର ମୂଲ୍ୟ:** ₹୧,୦୮,୭୨,୨୪୦.୧୦ । **ଇଏମ୍‌ଡି:** ₹୨,୦୪,୪୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ । **କ୍ର.ସଂ.- ୨ । ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୧-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର ମଣ୍ଡଳରେ (୧) ସ୍କ୍ରାପ୍ ୟାର୍ଡ ଖଡ଼ଗପୁର, (୨) ଟ୍ରାଫିକ୍ ସେଟଲମେଣ୍ଟ ଖଡ଼ଗପୁର ଏବଂ (୩) ଶାଲିମାର ଗଙ୍ଗା ପ୍ରାନ୍ତଠାରେ ଅତି ପୁରୁଣା/ଭଗ୍ନ ଷ୍ଟିଲ୍ ଟାଙ୍କିଗୁଡ଼ିକୁ ଆର୍‌ସିସି ଓଭରହେଡ୍ ଟାଙ୍କି (୧,୦୦,୦୦୦ ଗ୍ୟାଲନ୍ କ୍ଷମତା) ଦ୍ୱାରା ପ୍ରତିବଦଳ କରିବା (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୪,୨୩,୭୧,୦୬୩.୯୭ । **ଇଏମ୍‌ଡି:** ₹୩,୬୧,୯୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ । **କ୍ର.ସଂ.- ୩ । ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୨-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ତାମଲୁକ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ପଂସକୁରା - ହଳଦିଆ ଏବଂ ତାମଲୁକ୍ - ଦିଘା ସେକ୍ସନରେ ନଦୀବନ୍ଧ ଏବଂ କାନଭାସ୍ ଡ୍ରେନ୍ - ୧୦୨୦୮ର ସୁଦୃଢ଼ୀକରଣ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୨୯,୨୧,୬୨,୭୭୯.୮୨ । **ଇଏମ୍‌ଡି:** ₹୧୬,୧୦,୮୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୧୮ ମାସ । **କ୍ର.ସଂ.- ୪ । ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୧୩-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏସ୍ଏସ୍‌ଇ (ପି.ୱେ)/କାନ୍ଥିଙ୍କ କ୍ଷେତ୍ରାଧିକାର ଅଧୀନରେ ତାମଲୁକ୍ - ଦିଘା ସେକ୍ସନ ମଧ୍ୟରେ ଟ୍ରାକ୍‌ର ରକ୍ଷଣାବେକ୍ଷଣ ବାବଦରେ ବିବିଧ ପି.ୱେ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୧,୦୪,୬୨,୩୧୮.୮୯ । **ଇଏମ୍‌ଡି:** ₹୨,୦୨,୩୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୦୮ ମାସ । **କ୍ର.ସଂ.- ୫ । ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୨୮-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଡିଇଏନ୍/ପୂର୍ବ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ହାଓଡା - ଖଡ଼ଗପୁର ସେକ୍ସନରେ ଥ୍ରୁ ସ୍ଲିପର୍ ନବୀକରଣ (ପ୍ରାଥମିକ) ଅର୍ଥାତ୍ ଟିଏସ୍ଆର୍(ପି)- ୨୯.୬୧୭ ଟିକେଏମ୍ କାର୍ଯ୍ୟର ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୫,୭୮,୫୩,୪୫୧.୦୫ । **ଇଏମ୍‌ଡି:** ₹୪,୩୯,୩୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ । **କ୍ର.ସଂ.- ୬ । ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୨୯-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଶାଲିମାରଠାରେ ବିଦ୍ୟମାନ ଏଆର୍‌ଏମ୍ ବିଲ୍ଡିଂକୁ ୬୦ ଶଯ୍ୟା ବିଶିଷ୍ଟ ରନିଂ ରୁମ୍‌ରେ ପରିବର୍ତ୍ତନ ଏବଂ ନବୀକରଣ କରିବା । **ଟେଣ୍ଡର ମୂଲ୍ୟ:** ₹୩,୩୧,୨୪,୧୬୫.୨୬ । **ଇଏମ୍‌ଡି:** ₹୩,୧୫,୬୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୦୯ ମାସ । **କ୍ର.ସଂ.- ୭ । ଟେଣ୍ଡର ନଂ.: ଇ-କେଜିପି-ଇଷ୍ଟ-୩୦-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଡିଇଏନ୍/ଇଷ୍ଟ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସାନ୍ତ୍ରାଗାଛିଠାରେ ପୁରୁଣା ଏଫ୍‌ଓବିକୁ ଭାଙ୍ଗିବା କାର୍ଯ୍ୟର ନିର୍ବାହ । **ଟେଣ୍ଡର ମୂଲ୍ୟ:** ₹୩୫,୧୭,୫୨୮.୨୪ । **ଇଏମ୍‌ଡି:** ₹୭୦,୪୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୦୬ ମାସ । **କ୍ର.ସଂ.- ୮ । ଟେଣ୍ଡର ନଂ.: ଇ-କେଜିପି-ସାଉଥ-୧୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ବରିଷ୍ଠ ଡିଇଏନ୍(ଦକ୍ଷିଣ)/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ଥ୍ରୁ ବାଲାଷ୍ଟ ନବୀକରଣ ଅର୍ଥାତ୍ ୫୯.୮୨୦ ଟିଆର୍ କିମି ଏବଂ ୧୦ ପିଟି. ଓ ଜିଙ୍ଗସ କାର୍ଯ୍ୟ ନିର୍ବାହ (୩ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୫,୭୧,୨୨,୭୬୬.୨୯ । **ଇଏମ୍‌ଡି:** ₹୪,୩୫,୬୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ । **କ୍ର.ସଂ.- ୯ । ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୧୩-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ନିମପୁରା - ଗୋକୁଳପୁରା ସେକ୍ସନରେ ଏଲସି ନଂ. କେୱାଇ-୧୨ର ଇଣ୍ଟରଲକିଂ ସଂକ୍ରାନ୍ତରେ ୦୧ ଗୋଟି ଗେଟ୍ ଗୁମ୍ଟିର ନିର୍ମାଣ (ଯେଉଁଥିରେ ୪.୨ ମି x ୩.୧ ମି, ୩.୨ ମି x ୩.୧ ମି, ୨.୫ ମି x ୩.୧ ମି ଆକାରର ୩ଟି କୋଠରୀ ରହିବ) । **ଟେଣ୍ଡର ମୂଲ୍ୟ:** ₹୧୮,୪୨,୩୨୫.୦୮ । **ଇଏମ୍‌ଡି:** ₹୩୬,୯୦୦ । **କାର୍ଯ୍ୟର ସମାପ୍ତି ଅବଧି:** ୦୬ ମାସ । **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୦ (ପ୍ରତ୍ୟେକ କ୍ର.ସଂ. ୧ରୁ ୯ ପାଇଁ) । **ଖୋଲାଯିବା ତାରିଖ:** ୧୫।୦୪।୨୦୨୫ (କ୍ର.ସଂ. ୧ ପାଇଁ), ୧୭।୦୪।୨୦୨୫ (ପ୍ରତ୍ୟେକ କ୍ର.ସଂ. ୨ରୁ ୭ ପାଇଁ), ୨୧।୦୪।୨୦୨୫ (କ୍ର.ସଂ. ୮ ପାଇଁ) ଏବଂ ୨୮।୦୪।୨୦୨୫ (କ୍ର.ସଂ. ୯ ପାଇଁ) । **ବିଡିଂ ଆରମ୍ଭ ତାରିଖ:** ୦୧।୦୪।୨୦୨୫ଠାରୁ ୧୫।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ପାଇଁ), ୦୩।୦୪।୨୦୨୫ଠାରୁ ୧୭।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୨ରୁ ୭ ପାଇଁ), ୦୭।୦୪।୨୦୨୫ଠାରୁ ୨୧।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୮ ପାଇଁ), ୧୪।୦୪।୨୦୨୫ଠାରୁ ୨୮।୦୪।୨୦୨୫, ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୯ ପାଇଁ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । (PR-04)

## ସଂକ୍ଷେପରେ

### ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ପରିବାରର ୮ ମୃତ

**କୋଲକାତା, ୧।୪**

ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲାର ପାଥରପ୍ରତିମା ବ୍ଲକ୍ ଧୋଲାଘାଟ ଗ୍ରାମର ଏକ ଘରେ ସୋମବାର ମଧ୍ୟରାତ୍ରିରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଗୋଟିଏ ପରିବାରର ୮ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଓ ୨ ଜଣ ମହିଳା ଥିବା ନେଇ ସୁନ୍ଦରବନ ଏସ୍‌ପି କୋଟେଶ୍ୱର ସିଂ କହିଛନ୍ତି। ସେହିପରି ଏହି ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଯେଉଁ ଘରେ ସିଲିଣ୍ଡର ବିସ୍ଫୋରଣ ଘଟିଛି ସେଠାରେ ପରିବାରର ୧୧ ସଦସ୍ୟ ରହୁଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଛି ବୋଲି କୋଟେଶ୍ୱର କହିଛନ୍ତି।

### ଘରୋଇ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ପାଇଁ ଆଇନ ଆଣିବାକୁ କଂଗ୍ରେସର ଦାବି

**ନୂଆଦିଲ୍ଲୀ, ୧।୪**

ଦେଶର ଘରୋଇ ଏବଂ ଅଣସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ନିମନ୍ତେ ସଂରକ୍ଷଣ ସୁବିଧା ଉପଲବ୍ଧ କରାଇବା ପାଇଁ ଆଇନ ଆଣିବାକୁ କଂଗ୍ରେସ ସୋମବାର ଦାବି କରିଛି। ଅନୁଚ୍ଛେଦ ୧୫(୫)କୁ କାର୍ଯ୍ୟକାରୀ କରିବା ପାଇଁ ନୂଆ ଆଇନ ଆଣିବା ନିମନ୍ତେ ଶିକ୍ଷା, ମହିଳା, ଶିଶୁ, ଯୁବ ଓ କ୍ରୀଡ଼ା ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟି ସୁପାରିସ କରିଥିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ସାମାଜିକ ଓ ଶିକ୍ଷା ଦୃଷ୍ଟିରୁ ପଛୁଆ ଶ୍ରେଣୀ, ଏସ୍‌ସି ଏବଂ ଏସ୍‌ଟି ବର୍ଗଙ୍କ ଉନ୍ନତି ପାଇଁ ଆଇନ ଜରିଆରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଅନୁଚ୍ଛେଦ ୧୫(୫) ରାଷ୍ଟ୍ରକୁ ଅନୁମତି ଦେଇଛି। ଏଥିପାଇଁ ଉଭୟ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ବ୍ୟବସ୍ଥା କରାଯାଇପାରିବ ବୋଲି କଂଗ୍ରେସ କହିଛି।

### ମହାରାଷ୍ଟ୍ର: ସମବାୟ ବ୍ୟାଙ୍କରେ ପଡ଼ିରହିଛି ୧୦୧ କୋଟିର ଅଚଳ ନୋଟ୍

**କୋହ୍ଲାପୁର, ୧।୪**

ମହାରାଷ୍ଟ୍ରର ୮ ଜିଲା କେନ୍ଦ୍ରୀୟ ସମବାୟ (ଡିସିସି) ବ୍ୟାଙ୍କରେ ୧୦୧.୨ କୋଟି ଟଙ୍କାର ପୁରୁଣା ନୋଟ ଗତ ୯ ବର୍ଷ ଧରି ପଡ଼ିପଡ଼ିଛି। ବିମୁଦ୍ରୀକରଣ ପରେ ୮ ଡିସିସି ବ୍ୟାଙ୍କ ପକ୍ଷରୁ ନୋଟଗୁଡ଼ିକୁ ବିଳମ୍ବରେ ଜମା କରାଯିବା ଯୋଗୁ ଆର୍‌ବିଆଇ ଏହାକୁ ଗ୍ରହଣ କରି ନ ଥିଲା। ସମ୍ପ୍ରତି ଏହି ପୁରୁଣା ନୋଟଗୁଡ଼ିକୁ ରଖିବାରେ ବ୍ୟାଙ୍କଗୁଡ଼ିକ ସମସ୍ୟାର ସାମ୍ନା କରୁଛନ୍ତି। କୋହ୍ଲାପୁର ଡିସିସି ବ୍ୟାଙ୍କରେ ସର୍ବାଧିକ ୨୫.୩ କୋଟି ଟଙ୍କାର ପୁରୁଣା ଅଚଳ ନୋଟ ଥିବାବେଳେ ପୁଣେ ଡିସିସି ବ୍ୟାଙ୍କରେ ୨୨.୨ କୋଟି ଟଙ୍କାର ପୁରୁଣା ନୋଟ ପଡ଼ି ରହିଛି। ତେବେ ୮ ଡିସିସି ବ୍ୟାଙ୍କରେ ପଡ଼ିରହିଥିବା ୧୦୧.୨ କୋଟି ଟଙ୍କାର ପୁରୁଣା ନୋଟଗୁଡ଼ିକ ବୈଧ ହୋଇଥିବା ନେଇ ରାଜ୍ୟର ମେଡିକାଲ ଶିକ୍ଷା ମନ୍ତ୍ରୀ ତଥା କୋହ୍ଲାପୁର ଡିସିସି ବ୍ୟାଙ୍କ'ର ଚେୟାରମ୍ୟାନ ହାସନ ମୁଶରିଫ କହିଛନ୍ତି।

# ଚନ୍ଦ୍ରବାବୁଙ୍କ ଆଭିମୁଖ୍ୟକୁ ନେଇ ଦ୍ୱନ୍ଦ୍ୱ

ଲୋକ ସଭାରେ ଆଜି ୱାକଫ୍ ବିଲ୍ ଆଲୋଚନା

## ବିରୋଧରେ ଭୋଟ ଦେବ ଇଣ୍ଡିଆ ବ୍ଲକ୍

**ନୂଆଦିଲ୍ଲୀ, ୧।୪**



ଲୋକ ସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଉଦ୍‌ବୋଧନ ଦେଉଛନ୍ତି।

ବିବାଦୀୟ ୱାକ୍‌ଫ (ସଂଶୋଧନ) ବିଲ୍ ଉପରେ ବୁଧବାର ଲୋକ ସଭାରେ ଆଲୋଚନା ହେବାକୁ ଯାଉଛି। ବିଲ୍‌କୁ ଗୃହୀତ କରାଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେବେ ଇଣ୍ଡିଆ ବ୍ଲକ୍‌ର ସମସ୍ତ ଦଳ ବିଲ୍ ବିରୋଧରେ ଭୋଟ ଦେବାକୁ ସର୍ବସମ୍ମତ ନିଷ୍ପତ୍ତି ନେଇଛନ୍ତି। ବିଲ୍ ଉପରେ ୮ ଘଣ୍ଟା ଆଲୋଚନା ହେବାକୁ ଥିବାବେଳେ ବିପକ୍ଷ ଦଳଗୁଡ଼ିକ ଜୋର୍‌ଦାର ବିରୋଧ କରିବେ ବୋଲି ସୂଚନା ଦେଇଥିବାରୁ ହଇଗୋଳ ସମ୍ଭାବନା ରହିଛି।

ବିରୋଧୀ ଦଳ ସମେତ ମୁସଲମାନ ସଂଗଠନଗୁଡ଼ିକ ୱାକ୍‌ଫ ବିଲ୍‌କୁ ଅସାମ୍ବିଧାନିକ ଏବଂ ଉକ୍ତ ସମ୍ପ୍ରଦାୟର ସ୍ୱାର୍ଥ ବିରୋଧୀ କହି ବିରୋଧ କରୁଥିବାରୁ ଏହା ଗୃହୀତ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ କେନ୍ଦ୍ରରେ ଏନ୍‌ଡିଏ ସରକାରଙ୍କୁ ସମର୍ଥନ ଦେଉଥିବା ଚନ୍ଦ୍ରବାବୁ ନାଇଡୁଙ୍କ ଆଭିମୁଖ୍ୟକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ବିଲ୍‌କୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ଟିଡିପି କହିଛି, ସମଗ୍ର ମୁସଲମାନ ସମ୍ପ୍ରଦାୟ ୱାକଫ୍ ସଂଶୋଧନ ବିଲ୍‌କୁ ପ୍ରତୀକ୍ଷା କରିଛି। ଆମ ଦଳ ଏହାକୁ ସମର୍ଥନ ଜଣାଇବ। ଅନ୍ୟପକ୍ଷରେ ମୁସଲମାନ ସମ୍ପ୍ରଦାୟର ସ୍ୱାର୍ଥ ପାଇଁ ଆମେ କାମ କରିବୁ ବୋଲି ଚନ୍ଦ୍ରବାବୁ କହିଥିବା ଟିଡିପି ମୁଖପାତ୍ର ପ୍ରେମକୁମାର ଜୈନ ସୂଚନା ଦେଇଛନ୍ତି। ବିଲ୍‌ର ତୀବ୍ର ସମାଲୋଚକ ଭାବେ ଜଣାଶୁଣା ଏଆଇଏମ୍‌ଆଇଏମ୍ ସଦସ୍ୟ ଅସାଦୁଦ୍ଦିନ ଓୱାଇସି ଏହାକୁ ଅସାମ୍ବିଧାନିକ ଦର୍ଶାଇବା ପାଇଁ ଗୃହରେ ମତ ରଖିବେ ବୋଲି କହିଛନ୍ତି। ଏହା ମୁସଲମାନଙ୍କ ଧର୍ମୀୟ ସ୍ୱାଧୀନତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ। ଲୋକେ ଭାଜପାର ସହଯୋଗୀ, ଟିଡିପି ଏବଂ ଜେଡିୟୁକୁ ଉପଯୁକ୍ତ ଶିକ୍ଷା ଦେବେ ବୋଲି ଓୱାଇସି କହିଛନ୍ତି।

ୱାକଫ୍ ବିଲ୍ ବିତକ ପାଇଁ ସମୟ ମଞ୍ଜୁରୀ ନିମନ୍ତେ ମଙ୍ଗଳବାର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବସିଥିବା ବିଜ୍‌ନେସ୍ ଆଡ୍‌ଭାଇଜରି କମିଟି (ବିଏସି) ବୈଠକରେ ଜୋର୍‌ଦାର କଥା କଟାକଟି ପରେ କଂଗ୍ରେସ ସମେତ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିଲେ। ପ୍ରସ୍ତାବିତ ଆଇନକୁ ଅସାମ୍ବିଧାନିକ କହି ବିପକ୍ଷ ଦଳଗୁଡ଼ିକ ଏହାକୁ ସମୂହ ବିରୋଧ କରିବା ସହ ନିନ୍ଦା କରିଛନ୍ତି। ସେମାନଙ୍କ କଣ୍ଠରୋଧ କରିବାକୁ ସରକାର ଉଦ୍ୟମ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଲୋକ ସଭାରେ ଗୃହର ଉପନେତା ଗୌରବ ଗୋଗୋଇ କହିଛନ୍ତି, ବିରୋଧୀଙ୍କ ସ୍ୱରକୁ ଅଣଦେଖା କରାଯାଉଛି। ଗୃହରେ ୱାକଫ୍ ପ୍ରସଙ୍ଗ ସମେତ ମଣିପୁର ସ୍ଥିତି ଏବଂ ଭୋଟର ଫଟୋ ପରିଚୟପତ୍ର ବିବାଦ ଉପରେ ଆଲୋଚନା ପାଇଁ ବିରୋଧୀ ଅଧିକ ସମୟ ଚାହୁଁଛନ୍ତି। ଅନ୍ୟପକ୍ଷରେ ବିଲ୍ ଆଲୋଚନାରୁ ଦୂରେଇ ରହିବା ପାଇଁ ବିରୋଧୀ କକ୍ଷତ୍ୟାଗକୁ ଏକ ବାହାନା କରୁଥିବା କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏକ ସାକ୍ଷାତ୍‌କାରରେ କହିଛନ୍ତି। ବିଲ୍ ଉପରେ ୮ ଘଣ୍ଟା ବିତର୍କ ପାଇଁ ବିଏସି ବୈଠକରେ ସହମତ ହୋଇଛି। ପରେ ଗୃହର ହାବଭାବକୁ ଦେଖି ସମୟସୀମା ବଢ଼ାଯାଇପାରେ ବୋଲି ରିଜିଜୁ ଗଣମାଧ୍ୟମକୁ କହିଛନ୍ତି। ବିଭିନ୍ନ ଦଳ ୪ରୁ ୬ ଘଣ୍ଟା ଆଲୋଚନା ଚାହୁଁଥିବାବେଳେ ବିରୋଧୀ ୧୨ ଘଣ୍ଟା ଦାବି କରିଥିଲେ। ଶେଷରେ ୮ ଘଣ୍ଟା ଆଲୋଚନା ପାଇଁ ସ୍ଥିର ହୋଇଥିବା ରିଜିଜୁ କହିଛନ୍ତି। ୫୪୨ ସଦସ୍ୟ ବିଶିଷ୍ଟ ଲୋକ ସଭାରେ ଏନ୍‌ଡିଏର ୨୯୩ ଏମ୍‌ପି ଥିବାବେଳେ ଭାଜପା ସ୍ୱାଧୀନ ସଦସ୍ୟ ଓ ଅନ୍ୟ ଦଳର ସମର୍ଥନ ଯୋଗାଡ଼ କରିପାରେ। ତେବେ ଟିଡିପି, ଜେଡିୟୁ, ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି (ରାମବିଳାସ) ଆଦି ଭାଜପାର କେତେକ ପ୍ରମୁଖ ସହଯୋଗୀ ବିଲ୍‌ର କେତେକ ଦିଗକୁ ନେଇ ପୂର୍ବରୁ ଭିନ୍ନମତ ପୋଷଣ କରିଥିଲେ। ତେବେ ଯୁଗ୍ମ ସଂସଦୀୟ କମିଟି ସେମାନଙ୍କ କେତେକ ପ୍ରସ୍ତାବକୁ ଗ୍ରହଣ କରିନେବା ପରେ ସେମାନେ ସମର୍ଥନ ଦେବେ ବୋଲି ସୂଚନା ମିଳିଛି।




ତେଲଙ୍ଗାନା ସରକାର ଆଇଟି ପାର୍କ ବିକାଶ ଲାଗି ହାଇଦ୍ରାବାଦ ୟୁନିଭର୍ସିଟି ପାଖରେ ଥିବା ୪୦୦ ଏକର ଜଙ୍ଗଲ ଜମି ନିଲାମ ଲାଗି ଯୋଜନା କରିଥିବାରୁ ଏହାକୁ ବିରୋଧ କରି ମଙ୍ଗଳବାର ଛାତ୍ରୀଛାତ୍ର କ୍ୟାମ୍ପସ୍‌ରୁ ପୋଲିସ ଓ ବୁଲ୍‌ଡୋଜର ହଟାଇବା ଦାବିରେ ସ୍ଲୋଗାନ ଦେଉଛନ୍ତି।

## ଭାରତ ପର୍ଯ୍ୟାପ୍ତ ଶୁଳ୍କ କମାଇବ: ଟ୍ରମ୍ପ୍

**ବ୍ୟାଙ୍କକ୍, ୧।୪**



ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନ ଯେସାକୁ ତେସା ନୀତି ସ୍ୱରୂପ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ବୁଧବାରଠାରୁ ପାରସ୍ପରିକ ଶୁଳ୍କ ବା ରେସିପ୍ରୋକାଲ ଟାରିଫ୍ ଲାଗୁ କରିବାକୁ ଯାଉଛନ୍ତି। ତେବେ ଭାରତ ସମେତ ଅନ୍ୟ ସହଯୋଗୀ ଦେଶଗୁଡ଼ିକ ପର୍ଯ୍ୟାପ୍ତ ଟାରିଫ୍ ହ୍ରାସ କରିବେ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ମଙ୍ଗଳବାର ଘୋଷଣା କରିଛନ୍ତି। ବିଶ୍ୱ ବାଣିଜ୍ୟ ନୀତି ଦ୍ୱାରା ଆମେରିକା ଅନ୍ୟାୟ ଭାବରେ ଟାର୍ଗେଟ ହୋଇଆସିଥିବା ଓ୍ୱାଇଟ ହାଉସ... ଓଭାଲ ଅଫିସରୁ ଟ୍ରମ୍ପ୍ ଦୋହରାଇଛନ୍ତି। ତେବେ ତାଙ୍କ ରଣକୌଶଳ ଫଳପ୍ରଦ ହେବାକୁ ଯାଉଛି। ଭାରତ ଯଥେଷ୍ଟ ଶୁଳ୍କ ହ୍ରାସ କରିବାକୁ ଯାଉଥିବା କିଛି ସମୟ ପୂର୍ବରୁ ସେ ଶୁଣିବାକୁ ପାଇଛନ୍ତି। ତେବେ ତାଙ୍କ ନୀତି ଆମେରିକାର ସହଯୋଗୀ ରାଷ୍ଟ୍ରଗୁଡ଼ିକୁ ଚାଇନାର ନିକଟତର କରାଇବ ବୋଲି ହେଉଥିବା ଚର୍ଚ୍ଚାକୁ ଟ୍ରମ୍ପ୍ ଖଣ୍ଡନ କରିଛନ୍ତି। ୟୁରୋପୀୟ ୟୁନିୟନ ନିକଟରେ କାର୍ ଉପରେ ଟାରିଫ୍ ୨.୫ ପ୍ରତିଶତ ହ୍ରାସ କରିଥିବା ତାଙ୍କ ନୀତି ସଫଳତାର ପ୍ରମାଣ ବୋଲି ଟ୍ରମ୍ପ୍ ଦାବି କରିଛନ୍ତି।

## ୮୦% ହାଇକୋର୍ଟ ବିଚାରପତି ଉଚ୍ଚଜାତିରୁ ନିଯୁକ୍ତ ହୋଇଛନ୍ତି

**ନୂଆଦିଲ୍ଲୀ, ୧।୪**

ଦେଶର ହାଇକୋର୍ଟଗୁଡ଼ିକରେ ୨୦୧୪ରୁ ଏପର୍ଯ୍ୟନ୍ତ ୧,୧୭୩ ଜଣ ବିଚାରପତି ନିଯୁକ୍ତ ହୋଇଥିବାବେଳେ ସୁପ୍ରିମକୋର୍ଟରେ ୬୯ ବିଚାରପତି ନିଯୁକ୍ତି ପାଇଛନ୍ତି। ତେବେ ୨୦୧୮ରୁ ୨୦୨୨ ମଧ୍ୟରେ ନିଯୁକ୍ତ ୫୪୦ ଜଣ ହାଇକୋର୍ଟ ବିଚାରପତିମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଉଚ୍ଚଜାତିର ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନିଯୁକ୍ତି ପାଇଥିବା ପ୍ରତି ୨୦ ବିଚାରପତିଙ୍କ ମଧ୍ୟରୁ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର। ସେହିପରି ୪ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ହୋଇଥିବାବେଳେ ୧୧ ପ୍ରତିଶତ ଅନ୍ୟାନ୍ୟ ପଛୁଆ ବର୍ଗରୁ ନିଯୁକ୍ତି ପାଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୨୪, ୧୭ ଏବଂ ୨୨୪ ଅନୁଯାୟୀ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟଗୁଡ଼ିକର ବିଚାରପତି ନିଯୁକ୍ତ ହୋଇଥାନ୍ତି। ଏହି ନିଯୁକ୍ତି ପାଇଁ କୌଣସି ଜାତି ବା ବର୍ଗ ନିମନ୍ତେ ସଂରକ୍ଷଣ ବ୍ୟବସ୍ଥା ନାହିଁ।

## ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ୬କୁ ହ୍ରାସ

**ନୂଆଦିଲ୍ଲୀ, ୧।୪ (ପି.ଟି.)**

ଦେଶରେ ମାଓବାଦୀ ପ୍ରଭାବିତ ଜିଲା ସଂଖ୍ୟା ପୂର୍ବରୁ ୧୨ ଥିବାବେଳେ ଏବେ ତାହା ୬ରେ ସୀମିତ ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର କହିଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ମାଓବାଦ ପ୍ରତି ନିର୍ଦ୍ଦୟ ଦୃଷ୍ଟିକୋଣ ସହ 'ସଶକ୍ତ, ସୁରକ୍ଷିତ ଏବଂ ସମୃଦ୍ଧ ଭାରତ' ନିର୍ମାଣ ଲାଗି ବ୍ୟାପକ ତଥା ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛନ୍ତି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀଙ୍କୁ ମୂଳପୋଛ କରିବାକୁ ଭାରତ ସଂକଳ୍ପବଦ୍ଧ। ମାଓବାଦମୁକ୍ତ ଭାରତ ନିର୍ମାଣ ଦିଗରେ ଦେଶକୁ ବଡ଼ ସଫଳତା ମିଳିଛି। ମାଓବାଦୀ ଅଧ୍ୟୁଷିତ ଜିଲା ସଂଖ୍ୟା ମାତ୍ର ୬ରେ ସୀମିତ ରହିଥିବା ଶାହା ଏକ୍ସ'ରେ ଲେଖିଛନ୍ତି।

## ମହାକାଶରୁ ଭାରତ ଚମକପ୍ରଦ: ସୁନୀତା

**ନ୍ୟୁୟର୍କ, ୧।୪**



ସୁନୀତା ୱିଲିୟମ୍ସ

ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୯ ମାସର ରହଣି ପରେ ଗତ ମାର୍ଚ୍ଚ ୧୮ରେ ପୃଥିବୀ ଫେରିଥିଲେ। ଏହାପରେ ସୋମବାର ସେ ପ୍ରଥମ ଥର ପାଇଁ ଏକ ଖବରଦାତା ସମ୍ମିଳନୀରେ ମହାକାଶରେ ନିଜ ଅନୁଭବ ବଖାଣିଛନ୍ତି। ମହାକାଶରୁ ଭାରତ କିପରି ଦେଖାଯାଏ ବୋଲି ଏହି ଅବସରରେ ତାଙ୍କୁ ପଚରାଯାଇଥିଲା। ଉତ୍ତରରେ ସୁନୀତା କହିଛନ୍ତି, ମହାକାଶରୁ ଭାରତ ଅତ୍ୟନ୍ତ ଚମକପ୍ରଦ ଦେଖାଯାଏ। ଆଇଏସ୍‌ଏସ୍ ତାଙ୍କ ସାଥୀ ମହାକାଶଚାରୀ ବୁଚ୍ ୱିଲମୋର ହିମାଳୟର କିଛି ଅବିଶ୍ୱସନୀୟ ଫଟୋ ମଧ୍ୟ ନେଇଛନ୍ତି। ସେହିପରି ଆଗାମୀ ଦିନରେ ସେ ନିଶ୍ଚିତ ଭାବେ ତାଙ୍କ ବାପାଙ୍କ ଦେଶ ଭାରତକୁ ଗସ୍ତ କରିବେ ବୋଲି ସୁନୀତା କହିଛନ୍ତି।

## ମ୍ୟାନ୍‌ମାର ଭୂକମ୍ପ ମୃତ୍ୟୁ ୨,୭୦୦ ଟପିଲା

**ବ୍ୟାଙ୍କକ୍, ୧।୪**

ମ୍ୟାନ୍‌ମାର ଭୂକମ୍ପ ମୃତ୍ୟୁସଂଖ୍ୟା ମଙ୍ଗଳବାର ୨,୭୦୦ ଟପିଛି। ଏବେ ବି ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳୁ ମୃତଦେହ ମିଳିବାରେ ଲାଗିଛି। ତେବେ ଫସିଥିବା ଲୋକଙ୍କ ମଧ୍ୟରୁ କେହି ଜୀବିତ ଥିବା ଆଶା ମଉଳିଯାଇଛି। ଗୃହଯୁଦ୍ଧ ମଧ୍ୟରେ ଗତି କରୁଥିବା ମ୍ୟାନ୍‌ମାରରେ ପ୍ରଳୟଙ୍କରୀ ଭୂକମ୍ପ ମାନବୀୟ ସଙ୍କଟ ସୃଷ୍ଟି କରିଛି।

ଗତ ଶୁକ୍ରବାର ୭.୭ ତୀବ୍ରତାର ଭୂକମ୍ପ ମ୍ୟାନ୍‌ମାରରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଭୂକମ୍ପର ୯୧ ଘଣ୍ଟା ପରେ ମଙ୍ଗଳବାର ନାପିତାଉରୁ ଅଗ୍ନିଶମ କର୍ମଚାରୀମାନେ ଜଣେ ମହିଳାଙ୍କୁ ଭଗ୍ନାବଶେଷ ତଳୁ ବାହାର କରିବାରେ ସଫଳ ହୋଇଛନ୍ତି। ତେବେ ୭୨ ଘଣ୍ଟା ପରେ ଜୀବିତ ବ୍ୟକ୍ତି ଉଦ୍ଧାର ହେବା ସମ୍ଭାବନା ଯଥେଷ୍ଟ କମ୍ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଭୁଶୁଡ଼ି ପଡ଼ିଥିବା କୋଠା ତଳେ ଆହୁରି ଲୋକ ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଅନୁମାନ କରାଯାଉଛି। ମ୍ୟାନ୍‌ମାର ସାମରିକ ସରକାରଙ୍କ ମୁଖ୍ୟ ସିନିୟର ଜେନେରାଲ ମିନ୍ ଅଙ୍ଗ୍ ହଲେଙ୍ଗଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ସୁଦ୍ଧା ମୃତ୍ୟୁସଂଖ୍ୟା ୨,୭୧୯ରେ ପହଞ୍ଚିଥିବାବେଳେ ୪,୫୨୧ ଆହତ ଏବଂ ୪୪୧ ଜଣ ନିଖୋଜ ଅଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ଅଧିକାଂଶ ଅଞ୍ଚଳରେ ଏବେ ବି ବିଜୁଳି, ଟେଲିଫୋନ ସଂଯୋଗ ହୋଇପାରି ନାହିଁ। ରାସ୍ତା ଓ ବ୍ରିଜ୍ ଭୁଶୁଡ଼ିପଡ଼ିଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଫଳରେ ବିପନ୍ନଙ୍କ ପାଖରେ ଖାଦ୍ୟ, ଔଷଧ ଆଦି ଅତ୍ୟାବଶ୍ୟକ ରିଲିଫ ସହାୟତା ପହଞ୍ଚିବାରେ ପ୍ରତିବନ୍ଧକ ଦେଖାଦେଇଛି।

# ଗ୍ୟାସ୍ ପାଇପଲାଇନ ଫାଟି ୧୦୦ ଆହତ

## ୪୯ ଘର ଧ୍ୱଂସ

**କୁଆଲାଲମ୍ପୁର, ୧।୪**



କୁଆଲାଲମ୍ପୁର ଉପକଣ୍ଠ ପୁତ୍ରା ହାଇଟ୍‌ସଠାରେ ଏକ ଗ୍ୟାସ୍ ପାଇପଲାଇନ ଫାଟିଯିବା ଫଳରେ ଅଗ୍ନିକାଣ୍ଡ ଘଟିଛି।

ମାଲେସିଆ ରାଜଧାନୀ କୁଆଲାଲମ୍ପୁର ନିକଟ ସେଲ୍‌ଙ୍ଗୋର ରାଜ୍ୟ ପୁତ୍ରା ହାଇଟ୍ସ ସହରରେ ଏକ ଗ୍ୟାସ୍ ପାଇପ୍‌ଲାଇନ ଫାଟିଯିବାରୁ ଭୀଷଣ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଥିଲା। ବିସ୍ଫୋରଣ ଯୋଗୁ ଫାଟିଯାଇଥିବା ଗ୍ୟାସ୍ ପାଇପଲାଇନର ୫୦୦ ମିଟର ପରିଧି ପର୍ଯ୍ୟନ୍ତ ନିଆଁ ବ୍ୟାପିଯାଇଥିଲା। ଅନେକ କିଲୋମିଟର ପର୍ଯ୍ୟନ୍ତ ନିଆଁର ଧୂଆଁ ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ୪୯ଟି ଘର ନଷ୍ଟ ହୋଇଯାଇଥିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। ସେହିପରି ଉକ୍ତ ଦୁର୍ଘଟଣାରେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବାବେଳେ ସେଥିମଧ୍ୟରୁ ୧୨ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ଘଟଣାସ୍ଥଳରେ ପୋଲିସ ଓ ସ୍ଥାନୀୟ ଅଧିକାରୀମାନେ ପହଞ୍ଚି ଦୁର୍ଘଟଣାସ୍ଥଳ ନିକଟବର୍ତ୍ତୀ ଆବାସିକ ଅଞ୍ଚଳକୁ ଖାଲି କରାଇଛନ୍ତି। ନିଆଁକୁ କାବୁ କରିବା ପାଇଁ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଥିଲା। ସେହିପରି ଉଦ୍ଧାରକାର୍ଯ୍ୟ ପାଇଁ ମେଡିକାଲ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି।

## ଫୁର୍‌ସତ



ଅଲ୍ଲୁ ଅର୍ଜୁନ

# ନାଁ ବଦଳାଇପାରନ୍ତି ଅଲ୍ଲୁ

**ହାଇଦ୍ରାବାଦ:** ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଲୋକପ୍ରିୟତା ଏବେ ଶୀର୍ଷରେ ରହିଛି। ବକ୍ସ ଅଫିସରେ 'ପୁଷ୍ପା ୨' ଫିଲ୍ମ ସୁପର ଡୁପର ହିଟ୍ ହେବା ପରେ ତାଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ନିକଟରେ ଅଲ୍ଲୁ ନିଜର କୌଣସି ଫିଲ୍ମ ପାଇଁ ନୁହେଁ, ବରଂ ଅନ୍ୟ ଏକ କାରଣ ପାଇଁ ଚର୍ଚ୍ଚାରେ ଅଛନ୍ତି। 'କୋଇମୋଇ' ଏବଂ 'ସିନେ ଜୋଶ'ର ରିପୋର୍ଟ ଅନୁଯାୟୀ, ଅଲ୍ଲୁ ତାଙ୍କ ନାମ ସାମାନ୍ୟ ବଦଳାଇବାକୁ ନେଇ ଏବେ ଚିନ୍ତା କରୁଛନ୍ତି। ଜଣେ ଅଙ୍କ ଜ୍ୟୋତିଷଙ୍କ ପରାମର୍ଶ ଆଧାରରେ ଅଲ୍ଲୁ ନିଜ ନାମର ଇଂଲିଶ ସ୍ପେଲିଂକୁ ବଦଳାଇବା ସହ ୨ଟି ଇଂଲିଶ ଆଲ୍‌ଫାବେଟ 'ୟୁ' ଏବଂ ୨ଟି ଇଂଲିଶ ଆଲ୍‌ଫାବେଟ 'ଏନ୍'କୁ କିପରି ଯୋଡ଼ାଯିବ ସେନେଇ ଚିନ୍ତା କରୁଛନ୍ତି। ଅଲ୍ଲୁ ନିଜର ସଫଳତାକୁ ଆହୁରି ବଢ଼ାଇବା ସହ ତାଙ୍କ କ୍ୟାରିୟରକୁ ଅଧିକ ମଜଭୁତ କରିବା ପାଇଁ ନିଜ ନାମର ସ୍ପେଲିଂକୁ ବଦଳାଇବାକୁ ଚିନ୍ତା କରୁଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ତେବେ ଉକ୍ତ ରିପୋର୍ଟ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଅଲ୍ଲୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହାନ୍ତି। ଆଗାମୀ ଦିନରେ ଅଲ୍ଲୁଙ୍କୁ ଏଟଲିଙ୍କ ନିର୍ଦ୍ଦେଶିତ 'ଏଏ୨୨' ଫିଲ୍ମରେ ଦେଖିବାକୁ ମିଳିବ। ଆସନ୍ତା ୮ରେ ଅଲ୍ଲୁଙ୍କ ଜନ୍ମଦିନ ଅବସରରେ ଉକ୍ତ ଫିଲ୍ମରେ ତାଙ୍କ ଲୁକ୍ ଉପରୁ ପରଦା ଉଠିପାରେ ବୋଲି ସିନେ ସମୀକ୍ଷକମାନେ କଳ୍ପନାଜଳ୍ପନା ପ୍ରକାଶ କରିଛନ୍ତି।

# ପୁଅମାନେ ଅଧିକ ଶିକାର ହୁଅନ୍ତି

## ବିଶ୍ୱ ଅଟିଜିମ୍ ସଚେତନତା ଦିବସ




ଅଟିଜିମ୍ ଏକ ମସ୍ତିଷ୍କ ସମ୍ବନ୍ଧୀୟ ଜଟିଳତା। ଏହି ସମସ୍ୟା କେବଳ ଭାରତରେ ନୁହେଁ ବରଂ ବିଶ୍ୱସ୍ତରରେ ମଧ୍ୟ ଏକ ଚିନ୍ତାଜନକ ବିଷୟ ଭାବେ ଉଭା ହୋଇଛି। ଅଟିଜିମ୍ ହେଉଛି ଏମିତି ଏକ ସମସ୍ୟା, ଯାହାର କୌଣସି ଚିକିତ୍ସା ନଥାଏ। ଏଭଳି ସ୍ଥିତିରେ, ଏହି ଜଟିଳତା ବିଷୟରେ ଲୋକଙ୍କ ମଧ୍ୟରେ ଏକ ଭିନ୍ନ ମାନସିକତା ଦେଖାଯାଏ। ଯାହାକି ଅନେକ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହା ସାଧାରଣତଃ ଶୈଶବରେ ଦେଖାଯାଇଥାଏ। ଏହା ଏକ ମସ୍ତିଷ୍କ ସମ୍ବନ୍ଧୀୟ ଜଟିଳତା। ଏହାର ଶିକାର ଶିଶୁମାନେ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବାରେ ସହଜ ଅନୁଭବ କରି ନ ଥାଆନ୍ତି। କଥା କହିବା ଓ ବୁଝିବାରେ ସେମାନଙ୍କୁ ସମସ୍ୟା ହୋଇଥାଏ। ତେବେ ଝିଅଙ୍କ ଅପେକ୍ଷା ପୁଅମାନେ ବେଶି ଏହି ଜଟିଳତାର ଶିକାର ହୋଇଥାଆନ୍ତି।

ମିଳିତ ଜାତିସଂଘ ପକ୍ଷରୁ ଏପ୍ରିଲ ୨ରେ ବିଶ୍ୱ ଅଟିଜିମ୍ ଦିବସ ସଚେତନତା ଦିବସ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ସ୍ନାୟୁ ବିବିଧତାକୁ ଆଗକୁ ବଢାଇବା ଏବଂ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ'। ଏହି ଦିନରେ ମିଳିତ ଜାତିସଂଘର ବିଶ୍ୱ ଯୋଗାଯୋଗ ବିଭାଗ ସହିତ ମିଳିତ ଭାବରେ ନ୍ୟୁରୋଡାଇଭର୍ସିଟି ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଆୟୋଜିତ ହେଉଛି। ବିଶ୍ୱ ଅଟିଜିମ୍ ସଚେତନତା ଦିବସ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, ତେଣୁ ଆ ବିଶ୍ୱ ଅଟିଜିମ ସଚେତନତା ଦିବସ କାହିଁକି ପାଳନ କରାଯାଏ ଜାଣନ୍ତୁ ସେ ସମ୍ପର୍କରେ...

ଜାତିସଂଘ ୨୦୦୭ରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ ଆରମ୍ଭ କରିଥିଲା। ଏହାର ଉଦ୍ଦେଶ୍ୟ ଥିଲା ଲୋକମାନଙ୍କୁ ଅଟିଜିମ ବିଷୟରେ ସଚେତନ କରିବ। ତେବେ ପୂର୍ବରୁ ଏହି ଦିବସଟି କେବଳ ସଚେତନତା ସୃଷ୍ଟି କରିବା ପାଇଁ ପାଳନ କରାଯାଉଥିଲା। କିନ୍ତୁ ଏବେ ଏହାର ଉଦ୍ଦେଶ୍ୟ ହେଉଛି ଅଟିଜିମ୍ ଜଟିଳତା ଥିବା ବ୍ୟକ୍ତିଙ୍କୁ ଗ୍ରହଣ, ସେମାନଙ୍କୁ ସମାଜରେ ସ୍ଥାନ ଦେବାସହ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା। ଚଳିତବର୍ଷ ଏହି ଦିନକୁ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ସହିତ ଯୋଡ଼ାଯିବ। ଯେଉଁଥିରେ ଉନ୍ନତ ସ୍ୱାସ୍ଥ୍ୟ ସୁବିଧା, ଉତ୍ତମ ଶିକ୍ଷା, ନିଯୁକ୍ତି ସୁଯୋଗ ଏବଂ ସୁବିଧାଜନକ ସହରଗୁଡ଼ିକର ବିକାଶ ଆଦି ଅନ୍ତର୍ଭୁକ୍ତ।

## ଜଙ୍ଗଲ ନଷ୍ଟକୁ ବିରୋଧକରି ଗଛର ଅନ୍ତିମ ସଂସ୍କାର ଯାତ୍ରା



**ଡେରାଡୁନ୍:** ଉତ୍ତରାଖଣ୍ଡର ରାଜଧାନୀ ଡେରାଡୁନ୍‌ରେ ବିକାଶମୂଳକ ପ୍ରକଳ୍ପ ପାଇଁ ବୃକ୍ଷ କାଟିବାକୁ ବିରୋଧ କରି 'ପରିବେଶ ବଞ୍ଚାଅ ଆନ୍ଦୋଳନ ୨.୦' ବ୍ୟାନରରେ ପରିବେଶବିତ୍ ତଥା ବୁଦ୍ଧିଜୀବୀମାନେ ଏକତ୍ର ହୋଇ ବୃକ୍ଷଗୁଡ଼ିକର ପ୍ରତୀକାତ୍ମକ ଅନ୍ତିମ ସଂସ୍କାର ଯାତ୍ରା କରିଛନ୍ତି। ସହରର ପରେଡ୍ ଗ୍ରାଉଣ୍ଡରେ ହୋଇଥିବା ଏହି ଅନ୍ତିମ ସଂସ୍କାର ଯାତ୍ରାରେ ଅନେକ ସଂଖ୍ୟାରେ ଲୋକ ଏକତ୍ରିତ ହୋଇ ବିକାଶମୂଳକ ପ୍ରକଳ୍ପ ନାମରେ କଟାଯାଇଥିବା ଗଛଗୁଡ଼ିକୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ଆନ୍ଦୋଳନକାରୀ ଧଳା ପୋଷାକ ପରିଧାନ କରିବା ସହ ମୁହଁରେ କଳାପଟି ବାନ୍ଧିଥିଲେ ଓ ଶୁଖିଲା ଗଛଗୁଡ଼ିକର ଶାଖା ନେଇ ରାଜ୍ୟ ସଚିବାଳୟ ଆଡ଼କୁ ଶାନ୍ତିପୂର୍ଣ୍ଣ ଭାବେ ଅଗ୍ରସର ହୋଇଥିଲେ। ତେବେ ପୋଲିସ ଆନ୍ଦୋଳନକାରୀମାନଙ୍କୁ ବାଟରେ ଅଟକାଇ ଦେଇଥିଲା।



# ଭେଣ୍ଡି ଚାଷରେ ଜଳସେଚନ

**ଭେ**ଣ୍ଡି ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ପ୍ରତି ୫-୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ । ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ । ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ । ଅଧିକ ଅମଳକ୍ଷମ ଭେଣ୍ଡି ପାଇଁ ଭଲ କିସମ ଚୟନ କରନ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି- ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି.x ୩୦ ସେ.ମି. ରହିବା ଦରକାର । ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ ।

# ମୁଗ ଫସଲରେ ରୋଗପୋକ ଦମନ

**ଖ**ରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍‌ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

**ଡାଲୁଅ ଧାନ**

ଡାଲୁଅ ଧାନରେ ସମୟୋପଯୋଗୀ ଜଳସେଚନ କରନ୍ତୁ । ସାର ପ୍ରୟୋଗର ୧ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନକରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ । ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ ୩-୫ ସେ.ମି. ପାଣି ରଖନ୍ତୁ। ଧାନକେଣ୍ଡା ୮୫% ପାଚିଲେ ଅମଳ କରନ୍ତୁ।

**ନଳିତା**

ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।



## ଏ ମାସର କୃଷି ସୂଚନା

**ଗହମ**

ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ । ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଚିନାବାଦାମ**

ଚିନାବାଦାମ ଫସଲ ଅମଳକରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତି ରଖନ୍ତୁ । ଆର୍ଦ୍ରତା କମାଇବା ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ ।

**ପନିପରିବା**

ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ । ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍‌ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ । ତରଭୁଜ ପାଚିଲା ପରେ ତୋଳନ୍ତୁ ।

**ଗୋପାଳନ**

ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ । ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ପିଇବାକୁ ଦିଅନ୍ତୁ। ଅଧିକ ଗରମରୁ ରକ୍ଷା ପାଇଁ ଗାଈମାନଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ ।

**ମାଛଚାଷ**

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତିଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆକୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏଁ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ ।

**ମହୁଚାଷ**

ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି । ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

**ଛତୁଚାଷ**

ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୩

## କୁକୁଡ଼ା ପାଳନ ସମୟରେ...

କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ । ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।





# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ପରିଚାଳନା

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

## ଚାଷୀଙ୍କ ପାଇଁ..



➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

➤ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।

➤ଚିନାବାଦାମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।

➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

➤ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।

# ଛେଳି ଓ ମେଣ୍ଢା ପାଳନ

**ଖ**ରାଦିନେ ଛେଳି ମେଣ୍ଢା ରହୁଥିବା ଘର ଭିତର ପରିବେଶ ଥଣ୍ଡା ରଖନ୍ତୁ । ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ । ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୧୦ ରୁ ୨୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ମେ ମାସରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଏହି ମାସରେ ଦିନକୁ ୧୦୦ ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।



# ଖରାଦିନେ ପରିବା ଚାଷ

**ସ**ମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରାକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷକରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ।



# ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଦମନ

**ଡା**ଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ।

# ମୂଳି ଆଖୁ ର ଯତ୍ନ



**ଆ**ଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ(୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ମାର୍ଚ୍ଚରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ




ନୂଆଦିଲ୍ଲୀ,୧।୪(ଅଭୟ ଦାଶ)

ଚଳିତ ବର୍ଷ ମାର୍ଚ୍ଚ ମାସରେ ରେକର୍ଡ ପରିମାଣର ରାଜସ୍ୱ ଟିକସ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷର ଶେଷ ମାସରେ ୧.୯୬ ଲକ୍ଷ କୋଟିରୁ ଅଧିକ ଟଙ୍କାର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ କରାଯାଇଛି ବୋଲି ମଙ୍ଗଳବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ଆର୍ଥିକ ବର୍ଷର ଦ୍ୱାଦଶ ବା ୧୨ତମ ମାସରେ ମଧ୍ୟ ଦେଶର ଜିଏସ୍‌ଟି ସଂଗ୍ରହ ୧.୯୬ ଲକ୍ଷ କୋଟିରୁ ଅଧିକ ଟଙ୍କାର ଟିକସ ରାଜସ୍ୱ ଆକାରରେ ସଂଗ୍ରହ କରାଯାଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ସଂଗ୍ରହ କରାଯାଇଥିବା ଟିକସ ପରିମାଣ ୧,୭୮,୪୮୪ ଲକ୍ଷ କୋଟିଠାରୁ ଏହା ୯.୯% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ୧୨ ତମ ମାସ ବା ମାର୍ଚ୍ଚ ମାସରେ ମୋଟ ୧,୯୬,୧୪୧ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ଆକାରରେ ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ବାବଦରେ ୩୮,୧୪୫ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ରାଜ୍ୟ ଟିକସ (ଏସ୍‌ଜିଏସ୍‌ଟି) ବାବଦକୁ ୪୯,୮୯୧ କୋଟି ଆଦାୟ ହୋଇଛି। ଏପରିକି ଆଇଜିଏସ୍‌ଟି ବାବଦକୁ ମୋଟ ୯୫,୮୫୩ ଟଙ୍କା ଏବଂ ସେସ୍ ବାବଦରେ ୧୨,୨୫୩ କୋଟି ଟଙ୍କା ଟିକସ ଆକାରରେ ସଂଗ୍ରହ କରାଯାଇଛି।

ସେହିପରି କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚରେ ମୋଟ ୧,୯୬,୧୪୧ ଲକ୍ଷ କୋଟି ଟଙ୍କାର

**ବାର୍ଷିକ ଭିତ୍ତିରେ ୯.୯ % ବୃଦ୍ଧି**

ଜିଏସ୍‌ଟି ରାଜସ୍ୱ ଆକାରରେ ସଂଗ୍ରହ କରିଥିଲାବେଳେ ସେଥିମଧ୍ୟରୁ ଘରୋଇ ରାଜସ୍ୱ ପ୍ରାୟ ୧, ୪୯,୨୨୨ ଲକ୍ଷ କୋଟି ଏବଂ ରପ୍ତାନି ବାବଦ ରାଜସ୍ୱ ୪୬,୯୧୯ କୋଟି ଅନ୍ତର୍ଭୁକ୍ତ ରହିଛି।

ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷର ୧୨ ତମ ମାସ ବା ୨୦୨୫ ମାର୍ଚ୍ଚରେ ଓଡ଼ିଶାରୁ ୫୮୦୯ କୋଟି ଟଙ୍କାର ରାଜସ୍ୱ ଟିକସ ଆକାରରେ ସଂଗ୍ରହ କରାଯାଇଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ରାଜ୍ୟରୁ ୫୧୦୯ କୋଟି ଟଙ୍କା ଟିକସ ସଂଗ୍ରହ ହୋଇଥିଲା। ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୧୪% ଅଧିକ ଟିକସ ରାଜସ୍ୱ ଆକାରରେ ଜିଏସ୍‌ଟି ଆଦାୟ କରାଯାଇଛି।

# ଜିଓର ଅସୀମିତ କ୍ରିକେଟ ଅଫର

ମୁମ୍ବାଇ,୧।୪

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ଅସୀମିତ କ୍ରିକେଟ ଅଫରର ଅବଧିକୁ ୨୦୨୫ ଏପ୍ରିଲ ୧୫ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପୂର୍ବରୁ ଏହି ଅଫର ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଥିଲା। ଏହି ଅଫର ଅଧୀନରେ ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ସଂଯୋଗ ନେଇ କିମ୍ବା ଅତି କମରେ ୨୯୯ ଟଙ୍କା ମୂଲ୍ୟର ପ୍ଲାନ୍ ରିଚାର୍ଜକରି ଜିଓ ଗ୍ରାହକମାନେ ଜିଓ ହଟ୍‌ଷ୍ଟାରରେ ମାଗଣାରେ ଆଇପିଏଲ୍ କ୍ରିକେଟ ସିଜନ୍ ଉପଭୋଗ କରିପାରିବେ। ସେହିଭଳି ଏହି ଅସୀମିତ କ୍ରିକେଟ ଅଫର ଜରିଆରେ ଗ୍ରାହକମାନେ ଟିଭି କିମ୍ବା ମୋବାଇଲ ଫୋନ ମାଧ୍ୟମରେ ୯୦ଦିନର ମାଗଣା ଜିଓ ହଟ୍‌ଷ୍ଟାର ସବ୍‌ସ୍କ୍ରିପସନ ପାଉଛନ୍ତି ଏବଂ ତାହା ମଧ୍ୟ ୪କେ ଗୁଣବତ୍ତାରେ ଉପଲବ୍ଧ। ଏହାର ଅର୍ଥ ହେଉଛି ଗ୍ରାହକମାନେ ଆଇପିଏଲ୍ କ୍ରିକେଟ ସିଜିନ ମାଗଣାରେ ଉପଭୋଗ କରିପାରିବେ। ଏହାସହ ଘର ପାଇଁ ଜିଓଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ମଧ୍ୟ ପ୍ରଦାନ କରିବ। ଅଲ୍ଟ୍ରା-ଫାଷ୍ଟ ଇଣ୍ଟରନେଟ୍‌ର ମାଗଣା ଟ୍ରାଏଲ୍ ସଂଯୋଗ ୫୦ଦିନ ପାଇଁ ମାଗଣା ରହିବ। ଗ୍ରାହକମାନେ ୪କେ ଗୁଣବତ୍ତାରେ ଇମର୍ସିଭ୍ କ୍ରିକେଟ ଦେଖିବାର ଅନୁଭୂତି ସହ ଶ୍ରେଷ୍ଠ ହୋମ୍ ଏଣ୍ଟରଟେନମେଣ୍ଟ ବା ଘରୋଇ ମନୋରଞ୍ଜନର ମଧ୍ୟ ମଜା ନେଇପାରିବେ। ଜିଓ ଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ ସଂଯୋଗ ସହ ୮୦୦ରୁ ଅଧିକ ଟିଭି ଚ୍ୟାନେଲ, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ମଧ୍ୟ ମିଳିବ।

# କମିଲା କମର୍ସିଆଲ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧।୪



କ୍ରମାଗତ ଭାବେ ଘରୋଇ ବଜାରରେ କମର୍ସିଆଲ ଗ୍ୟାସ୍ (୧୯କେଜି)ର ଦର ପରିବର୍ତ୍ତନ ହେଉଥିବାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.) ର ଦର ପୂର୍ବପରି ସ୍ଥିର ରହିଛି। ଏପରିକି ଚଳିତ ବର୍ଷ ଏପ୍ରିଲ ପହିଲାରୁ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୪୪ ଟଙ୍କା କମିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୪୧ ଟଙ୍କା ହ୍ରାସ ପାଇଛି।

ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀକମ୍ପାନୀଗୁଡିକ ପକ୍ଷରୁ ଚଳିତ ମାସର ନୂତନ ଦର ସୂଚୀ (ନୂଆ ଦର) ମଙ୍ଗଳବାରଠାରୁ ଲାଗୁ କରାଯାଇଛି। ଏପରିକି ନୂତନ ଦର ସୂଚୀ ଅନୁଯାୟୀ ଭୁବନେଶ୍ୱର ସହରରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୪୧ ଟଙ୍କା କମି ୧୯୦୭.୫୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ କମର୍ସିଆଲ ଗ୍ୟାସ୍ (୧୯କେ.ଜି) ଦର ୧୯୫୧.୫୦ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ (୧୪.୨ କେ.ଜି) ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି।

ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ୪୧ ଟଙ୍କା ହ୍ରାସ ଘଟି ୧୭୬୨ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.) ଦର ୮୦୩ ଟଙ୍କାରେ ରହିଛି। ସେହିପରି କୋଲାକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ଦେଶର ପ୍ରମୁଖ ମହାନଗର ଅଞ୍ଚଳରେ କମର୍ସିଆଲ ଗ୍ୟାସ୍ ଦର ପରିବର୍ତ୍ତନ ହୋଇଛି।

# ସ୍ଥାୟିତ୍ୱ ଆମର ପ୍ରମୁଖ ପ୍ରାଥମିକତା: ଅନିଲ

ଭୁବନେଶ୍ୱର,୧।୪


ଅନିଲ ଅଗ୍ରୱାଲ

ଓଡ଼ିଶା ଦିବସ ଅବସରରେ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ଏପରିକି ସେ ରାଜ୍ୟର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଏବଂ ସଫଳତାକୁ ପାଳନ କରିଛନ୍ତି। ତାଙ୍କ ବାର୍ତ୍ତାରେ ଅଗ୍ରୱାଲ ଓଡ଼ିଶାର ଆଧ୍ୟାତ୍ମିକତା, କଳା, ସଂସ୍କୃତି, ବୟନଶିଳ୍ପ, ଖାଦ୍ୟ, ଭୂଦୃଶ୍ୟ ଏବଂ ସ୍ଥାପତ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ବିଶ୍ୱସ୍ତରରେ ନିଜର ପ୍ରତିଭା ଦେଖାଇଛି। ସେ ଓଡ଼ିଆ ଲୋକଙ୍କ ପ୍ରତିଭା ଏବଂ କଠିନ ପରିଶ୍ରମ ମାଧ୍ୟମରେ ଭାରତର ବିଶ୍ୱ ପ୍ରତିଷ୍ଠାକୁ ନିରନ୍ତର ବୃଦ୍ଧି କରିବା ପାଇଁ ଓଡ଼ିଆ ସମ୍ପ୍ରଦାୟକୁ ପ୍ରଶଂସା କରିଥିଲେ। ଓଡ଼ିଶାକୁ 'ବିଶ୍ୱର ଆଲୁମିନିୟମ୍ ରାଜଧାନୀ' ଭାବେ ମାନ୍ୟତା ଦେଇ ଅଗ୍ରୱାଲ ରାଜ୍ୟ ସହ ବେଦାନ୍ତର ଗଭୀର ସମ୍ପର୍କ ପାଇଁ ଧନ୍ୟ ମନେ କରିଥିଲେ। ସେ କହିଥିଲେ,ପ୍ରଚୁର ପ୍ରାକୃତିକ ସମ୍ପଦ ମାଧ୍ୟମରେ ଓଡ଼ିଶା ଭାରତକୁ ଏକ ଦୃଢ଼ ବିଶ୍ୱ ପରିଚୟ ପ୍ରଦାନ କରିଛି। ଆମେ ଏହିଅଭିବୃଦ୍ଧିରେ ଅବଦାନ ରଖି ଆଜି ପର୍ଯ୍ୟନ୍ତ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶକରି ଗର୍ବିତ ଅଛୁ। କିନ୍ତୁ ଆମ ପାଇଁ ଏହା କେବଳ ବ୍ୟବସାୟ ନୁହେଁ-ଲୋକଙ୍କ କଲ୍ୟାଣ ଏବଂ ସ୍ଥାୟିତ୍ୱ ଆମର ପ୍ରମୁଖ ପ୍ରାଥମିକତା । ବେଦାନ୍ତର ସାମୁଦାୟିକ ପ୍ରୟାସ ଉପରେ ପ୍ରତିଫଳିତକରି ସେ ଆହୁରି କହିଛନ୍ତି, କଳାହାଣ୍ଡିରେ ସମୃଦ୍ଧି ଆଣିବାର ସ୍ୱପ୍ନ ସାକାର ହୋଇଛି ବୋଲି ମୋତେ ଅତ୍ୟନ୍ତ ଖୁସି ଲାଗୁଛି। ଆମେ ସେଠାକାର ପ୍ରତ୍ୟେକ ପରିବାର ତଥା ଘରେ ଘରେ ଖୁସି ଆଣିବାରେ ସକ୍ଷମ ହୋଇଛୁ। ସେ ନବନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇ କହିଛନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାର ଗତିଶୀଳ ମୁଖ୍ୟମନ୍ତ୍ରୀ ମୋହନ ମାଝି ରାଜ୍ୟର ବିକାଶ କାହାଣୀକୁ ଆହୁରି ଆଗକୁ ବଢ଼ାଇବେ।

# ବ୍ୟବସାୟିକ ଆହ୍ୱାନ: ଧୈର୍ଯ୍ୟ ଶ୍ରେଷ୍ଠ ଉପାୟ

**ଭାରତର ଗାର୍ମେଣ୍ଟ ଶିଳ୍ପରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଏସ୍ ସ୍କୋୟାର ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ପରିଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଏହାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମସୁନ୍ଦର ସନ୍ଥୋଲିଆ ୧୯୬୧ରେ ଜନ୍ମ ଗ୍ରହଣ କରିଥିଲେ। ଶୈଶବ ସେଠାରେ କଟିଥିଲେ ମଧ୍ୟ ରାଜସ୍ଥାନରେ ଶିକ୍ଷାଲାଭ କରିଛନ୍ତି। କୋଲକାତାରେ ପ୍ରଥମେ ୧୫୦ ଟଙ୍କା ବେତନରେ ଫାବ୍ରିକ ସେକ୍ଟରରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ଉଦ୍ୟୋଗ ଜଗତରେ ପାଦ ଦେଇଥିଲେ। ସମଗ୍ର ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**

**ପ୍ର-ବ୍ୟବସାୟିକ ଯାତ୍ରା କେବେ ଆରମ୍ଭ କରିଥିଲେ, କେତେ ସଫଳ ହୋଇଛନ୍ତି?**

ଉ- ୧୯୭୬ରେ ଓଡ଼ିଶା ଫେରିବା ପରେ ନିଜର ବ୍ୟବସାୟ ପାଇଁ ସ୍ଥିର କରିଥିଲି। ବ୍ୟବସାୟରେ ସଫଳ ହେବି କି ନାହିଁ ବୋଲି କିଛି ଚିନ୍ତା କରି ନ ଥିଲି। କହିବାକୁ ଗଲେ ଜିରୋ ଇନ୍‌ଭେଷ୍ଟମେଣ୍ଟରୁ ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲି। ବର୍ତ୍ତମାନ ଓଡ଼ିଶା ସମେତ ଛତିଶଗଡ଼ ଓ ମଧ୍ୟପ୍ରଦେଶକୁ ବ୍ୟବସାୟ ବିସ୍ତାର ହୋଇଛି। ୩୦ରୁ ଅଧିକ ସ୍ଥାନୀୟ ବ୍ରାଣ୍ଡ୍ ଓ ନ୍ୟାଶନାଲ୍ ବ୍ରାଣ୍ଡ୍‌ର ମେଲ୍ ଓ ଫିମେଲ୍ ଗାର୍ମେଣ୍ଟ ଆମେ ଗ୍ରାହକଙ୍କ ପାଖରେ ପହଞ୍ଚାଇପାରୁଛୁ। ୨୦୧୦ରେ ଜ୍ୱାଇଁ ଉମେଶ ଅଗ୍ରୱାଲ ବ୍ୟବସାୟରେ ଯୋଡ଼ିହୋଇଥିବାବେଳେ ଏସ୍ ସ୍କୋୟାର ଅଧୀନରେ ୧୮୦ ଫ୍ରାଞ୍ଚାଇଜ୍ ଏବଂ ନିଜସ୍ୱ ୧୫ଟି ଷ୍ଟୋର ରହିଛି।

**ପ୍ର-ଏସ୍ ସ୍କୋୟାର ଲୋକପ୍ରିୟତା ପଛର ରହସ୍ୟ କ'ଣ?**

ଉ- ୩୦ ବର୍ଷର ବ୍ୟବସାୟ ମଧ୍ୟରେ ବେପାରୀଙ୍କ ସହ ଉତ୍ତମ ସମ୍ପର୍କ, ଉତ୍ତମ ମାନର ଉତ୍ପାଦ ଯୋଗାଣ ଏବଂ ଚାହିଦା ମୁତାବକ ସାଇଟ୍ରସ୍, କ୍ରିମଶନ୍ କ୍ଲବ, ମାନ୍ୟବର, ମୁଫ୍ତି, ରୁକିସ୍, ସକସେସ୍ ଓ ଟର୍ଟଲ ଭଳି ଏକ୍ସକ୍ଲୁସିଭ୍ ବ୍ରାଣ୍ଡର ମେନସ୍ ଗାର୍ମେଣ୍ଟ ଉପଲବ୍ଧ କରାଇ ଏସ୍ ସ୍କୋୟାର ଲୋକପ୍ରିୟତା ହାସଲ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପକେଟକୁ ସୁହାଇଲା ଭଳି ଦରରେ ବ୍ୟବସାୟୀ ଆମଠାରୁ ଜିନିଷ ପାଉଛନ୍ତି।

**ପ୍ର- ବାର୍ଷିକ ଟର୍ନଓଭର କେତେ ରହୁଛି ଓ କେତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି?**

ଉ- ରାଜ୍ୟ ତଥା ରାଜ୍ୟ ବାହାରେ ବ୍ୟବସାୟ ଚାଲିଥିବାବେଳେ ବାର୍ଷିକ ଟର୍ନଓଭର ୨୫୦ କୋଟିରୁ ଅଧିକ ରହୁଛି। ବର୍ତ୍ତମାନ ଶତାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛୁ। ଆଗକୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଯୋଜନା ରହିଛି।

**ପ୍ର- ଅନ୍‌ଲାଇନ୍ ବ୍ୟବସାୟ ଏହି ଶିଳ୍ପ ଉପରେ କ'ଣ ପ୍ରଭାବ ରହିଛି? ବ୍ୟବସାୟ ସମ୍ପ୍ରସାରଣ ନେଇ କ'ଣ ଚିନ୍ତା କରିଛନ୍ତି?**

ଉ- ଅନ୍‌ଲାଇନ୍ ବ୍ୟବସାୟ ଆମ ଶିଳ୍ପରେ ବିଶେଷ ପ୍ରଭାବ ପକାଇପାରିନାହିଁ। କାରଣ ଆମ ପାଖରେ ଉପଲବ୍ଧ ହେଉଥିବା ଉତ୍ପାଦ ବ୍ୟବସାୟୀମାନେ ଆଖିରେ ଦେଖି ହାତରେ ପରଖି କିଣିବାର ସୁଯୋଗ ପାଉଛନ୍ତି, ଯାହା ଅନ୍‌ଲାଇନ୍‌ରେ ସମ୍ଭବ ନୁହେଁ। ବର୍ତ୍ତମାନ ଆମ ବ୍ୟବସାୟରେ ମେନସ୍ କାଜୁଆଲ, ଜିନ୍ସ, ବ୍ଲେଜର ଆଦି ଉପଲବ୍ଧ ରହିଛି। ୫ରୁ ଅଧିକ ବ୍ରାଣ୍ଡର ୱିମେନସ୍ ଗାର୍ମେଣ୍ଟ ଏଣିକି ଯୋଡ଼ାଯାଇଥିବାବେଳେ ଏହାକୁ ସମ୍ପ୍ରସାରିତ କରିବା ଯୋଜନା ରହିଛି। ଆଗକୁ କିଡସ୍ କ୍ୟାଟାଗୋରିକୁ ଧ୍ୟାନ ରଖି କିଛି ଅଭିନବ ଉପାୟରେ ବ୍ୟବସାୟ ଆଗକୁ ବଢ଼ାଇବୁ।

**ପ୍ର-ଏହି ଶିଳ୍ପରେ ଆସୁଥିବା ଆହ୍ୱାନର ମୁକାବିଲା ପାଇଁ ନୂଆ ଉଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ପ୍ରତ୍ୟେକ ଶିଳ୍ପ ପରି ଏହି ବ୍ୟବସାୟରେ ମଧ୍ୟ ଅନେକ ଆହ୍ୱାନ ରହିଛି। ତେବେ ସମସ୍ତ ଆହ୍ୱାନର ମୁକାବିଲା ପାଇଁ ଶ୍ରେଷ୍ଠ ଉପାୟ ହେଉଛି ଧୈର୍ଯ୍ୟ। ଧୈର୍ଯ୍ୟର ସହ କଠିନ ପରିଶ୍ରମ ଦ୍ୱାରା ସଫଳତାର ରାସ୍ତା ପରିଷ୍କାର ହୋଇଯାଇଥାଏ। ବ୍ୟବସାୟରେ ସଚ୍ଚୋଟତା ରକ୍ଷା କରିବା, ବ୍ୟବସାୟୀ ହୁଅନ୍ତୁ ବା ଗ୍ରାହକ ସଭିଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହିସବୁ କଥା ସଫଳତାର ମୂଳମନ୍ତ୍ର ବୋଲି ମୁଁ ବିଚାର କରେ। ତେଣୁ ସଫଳ ଉଦ୍ୟୋଗୀ ହେବା ପାଇଁ ଏଥିପ୍ରତି ସଜାଗ ରହିବା ଉଚିତ୍।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା**, ଭୁବନେଶ୍ୱର


ଶ୍ୟାମସୁନ୍ଦର ସନ୍ଥୋଲିଆ

# ନିବେଶକ ହରାଇଲେ ୩ ଲକ୍ଷ କୋଟିରୁ ଅଧିକ

ମୁମ୍ବାଇ,୧।୪

**ସେନ୍‌ସେକ୍ସ ୧୪୦୦ ପଏଣ୍ଟ କମିଲା**



ଚଳିତ ଆର୍ଥିକ ବର୍ଷର ପ୍ରଥମ କାର୍ଯ୍ୟଦିବସରେ ଶେୟାର ବଜାରର ନିବେଶକ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ହରାଇଛନ୍ତି। ଏପରିକି ଆଶା ଆଶଙ୍କା ମଧ୍ୟରେ ଥିବା ନିବେଶକମାନେ ଚଳିତ ସପ୍ତାହର ପ୍ରଥମ ଦିନରେ ୩.୨୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜିବଜାରର ବଜାର ପୁଞ୍ଜି ୩.୨୩ ଲକ୍ଷ କୋଟି ହ୍ରାସ ଘଟି ୪୦୯.୭୪ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) କାରବାରରେ ବଡ ଧରଣର ହ୍ରାସ ପାଇଛି। ଏପରିକି ବିଏସ୍‌ଇ ସେନ୍‌ସେକ୍ସର କାରବାର ପ୍ରାୟ ୧୪୦୦ ପଏଣ୍ଟ (୧୩୯୦.୪୧) କମି ୭୬,୦୨୪.୫୧ ଅଙ୍କରେ ରହିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି ୧.୫୦% କମି ୨୩,୧୬୫ ଅଙ୍କରେ ରହିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପ କାରବାରରେ ପ୍ରାୟ ୧% ହ୍ରାସ ଘଟିଛି। ଏପରିକି ନିଫ୍ଟି ମିଡକ୍ୟାପ କାରବାର ୪୪୨.୬୫ ପଏଣ୍ଟ କମି ୫୧,୨୨୯.୬୦ ଅଙ୍କରେ ପହଞ୍ଚିଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୦.୯୨% ହ୍ରାସ ଘଟି ୭୬୫୩.୩୦ ଅଙ୍କରେ ରହିଛି। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କ ୭୩୭.୩୫ ପଏଣ୍ଟ କମି ୫୦,୮୨୭.୫୦ ଅଙ୍କରେ ରହିଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୯୦ (୧୩୯୦.୪୧) ପଏଣ୍ଟ ହ୍ରାସ ଘଟି ୭୬,୦୨୪ (୭୬,୦୨୪.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୫୪(୩୫୩.୬୫) ପଏଣ୍ଟ କମି ୨୩,୧୬୬ (୨୩,୧୬୫.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

**ଅନ୍ୟାନ୍ୟ ଖବର**

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣା

## ନିର୍ମାଣାଧୀନ କୋଠାରୁ ଖସି ଶ୍ରମିକ ମୃତ

ବାଲେଶ୍ୱର,୧।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି। ନିର୍ମାଣାଧୀନ ଚାରି ମହଲା ବିଶିଷ୍ଟ କୋଠାରୁ ଖସିପଡ଼ି ଜଣେ କାର୍ଯ୍ୟରତ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତ ଶ୍ରମିକଙ୍କ ପରିଚୟ ଜଣାପଡ଼ିନାହିଁ।

ଉକ୍ତ କୋଠାର ନିର୍ମାଣ କାମ ଚାଲିଥିବା ବେଳେ ଠିକାଦାରଙ୍କ ଅଧୀନରେ ଉକ୍ତ ଶ୍ରମିକ କାମ କରୁଥିଲେ। ଅପରାହ୍ନରେ ବିଲ୍ଡିଂ ବାହାର ପାଖ ପକ୍କା କାମ ଶେଷ ହେବା ପରେ ବାଡ଼ା ଖୋଲାଯାଉଥିଲା। ଭାରସାମ୍ୟ ହରାଇ ଶ୍ରମିକଜଣକ ତଳକୁ ଖସିପଡ଼ିଥିଲେ। ତଳେ ଡ୍ୟୁଟି କରୁଥିବା ସିକ୍ୟୁରିଟି ଗାର୍ଡ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ଫାଣ୍ଡି ପୋଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

# ଟ୍ରେନ୍‌ରୁ ଖସି ଦୁଇ ଗୋଡ଼ ହରାଇଲେ ଯାତ୍ରୀ

ଜଳେଶ୍ୱର,୧।୪(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ରେଳ ଷ୍ଟେଶନରେ ମଙ୍ଗଳବାର ସକାଳେ ଜଳେଶ୍ୱର-ହାୱଡ଼ା ମେମୁ ଟ୍ରେନ୍‌କୁ ଚଢୁଥିବା ବେଳେ ହଠାତ୍ ଜଣେ ଯାତ୍ରୀ ତଳକୁ ଖସି ପଡ଼ିବାରୁ ଦୁଇଟି ଯାକ ଗୋଡ଼ ହରାଇଛନ୍ତି। ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଯାତ୍ରୀ ହେଲେ ପୂର୍ବ ମେଦିନୀପୁର ଜିଲା ପଟାସପୁର ଥାନା ଅଧୀନ ପଦିମା ଗ୍ରାମର ନିମାଇଁ ଜେନା। ନିମାଇଁ କୋଲକାତାରେ ଚାକିରି କରନ୍ତି। ବସ୍ତା ବ୍ଲକର ଭେଲୋରା ବାରୁଣୀ ମେଳାକୁ ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିବା ବେଳେ ସକାଳେ ନିଜ ଘରକୁ ଯିବା ପାଇଁ ସ୍ତ୍ରୀ ଓ ଝିଅ ସହିତ ଟ୍ରେନ୍‌ରେ ଚଢୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ନିମାଇଁଙ୍କ ଏପରି ଅବସ୍ଥା ଦେଖି ତାଙ୍କ ସ୍ତ୍ରୀ ଓ ଝିଅ ଦୁଃଖରେ ଭାଙ୍ଗିପଡିଛନ୍ତି।

# ୧୫ ସୁଦ୍ଧା ପିପିପି ପ୍ରକଳ୍ପ ରିପୋର୍ଟ ଦିଅ

■ ଭିତ୍ତିଭୂମି ବିକାଶକୁ ଅର୍ଥ ମନ୍ତ୍ରଣାଳୟର ଗୁରୁତ୍ୱ ■ ମୁଖ୍ୟସଚିବଙ୍କୁ କେନ୍ଦ୍ର ଅର୍ଥ ସଚିବଙ୍କ ପତ୍ର

ଭୁବନେଶ୍ୱର,୧।୪
(ରବିନାରାୟଣ ଜେନା)




ଦେଶରେ ଭିତ୍ତିଭୂମି ବିକାଶ କିଭଳି ତ୍ୱରାନ୍ୱିତ ହୋଇପାରିବ ତାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ନିକଟରେ କେନ୍ଦ୍ର ବଜେଟ ଅଧିବେଶନ କାଳରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି ଯେ, ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ୩ ବର୍ଷ ଭିତରେ ଯେଉଁ ପିପିପି ପ୍ରକଳ୍ପଗୁଡ଼ିକ ପାଇପଲାଇନ ଭିତରେ ରହିଛି ତାକୁ ଶେଷ କରିବାକୁ ହେବ। ଏଥିପାଇଁ ଘରୋଇ ନିବେଶକାରୀଙ୍କୁ ପ୍ରୋତ୍ସାହିତ କରି ସରକାରୀ-ଘରୋଇ ସହଭାଗିତା(ପିପିପି)ରେ ପ୍ରକଳ୍ପଗୁଡ଼ିକ ଶେଷକରି ଭିତ୍ତିଭୂମି ସୁଦୃଢ଼ କରାଯାଇପାରିବ। ଏହାକୁ ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସଚିବ ଅଜୟ ସେଠ୍ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ମାର୍ଚ୍ଚ ୧୨ରେ ପତ୍ର ଲେଖିଛନ୍ତି। ଏପ୍ରିଲ ୧୫ ସୁଦ୍ଧା ରାଜ୍ୟ ସରକାର ତାଙ୍କର ପିପିପି ପ୍ରକଳ୍ପ ରିପୋର୍ଟ ପ୍ରଦାନ କରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଅର୍ଥ ସଚିବ ଅଜୟ ସେଠ୍‌ଙ୍କ ପତ୍ର ମାର୍ଚ୍ଚ ୧୨ରେ ପାଇବା ପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି।

ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୩୧ ତଥା ସୋମବାର ଅର୍ଥ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ୧୪ଟି ବିଭାଗକୁ ପତ୍ର ଲେଖି ଭିତ୍ତିଭୂମି ସୁଦୃଢ଼ ଦିଗରେ କେଉଁ ବିଭାଗରେ କିପ୍ରକାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି କିମ୍ବା ହେବାକୁ ରହିଛି ତା'ର ପୂର୍ଣ୍ଣାଙ୍ଗ ତଥ୍ୟ ଦେବାକୁ କୁହାଯାଇଛି।

ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର ସୋମବାର ଶିଳ୍ପ ତଥା ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ ଶକ୍ତି, ନିର୍ମାଣ, କ୍ରୀଡ଼ା ଓ ଯୁବବ୍ୟାପାର, ବାଣିଜ୍ୟ ଓ ପରିବହନ, ନଗର ଉନ୍ନୟନ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, କୃଷି ବିଭାଗ ପ୍ରମୁଖ ସଚିବ ଏବଂ ସ୍ୱାସ୍ଥ୍ୟ, ସମବାୟ, ପର୍ଯ୍ୟଟନ, ଦକ୍ଷତା ବିକାଶ, ବୟନ ଓ ହସ୍ତଶିଳ୍ପ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ରାଜ୍ୟର ଭିତ୍ତିଭୂମି ବିକାଶକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି।

ଏହି କ୍ଷେତ୍ରକୁ କିଭଳି ବ୍ୟାପକ ବିକଶିତ କରାଯାଇପାରିବ ସେଥିପାଇଁ ବିଭାଗର କ'ଣ ସବୁପ୍ରକଳ୍ପ କାର୍ଯ୍ୟକାରୀ ହେଉଛି କିମ୍ବା ହେବାକୁ ରହିଛି ତା'ର ତଥ୍ୟ ପ୍ରଦାନ କର। କେଉଁସବୁ ପ୍ରକଳ୍ପ ପାଇପ ଲାଇନ ଭିତରେ ଅଛି ତଥା କେଉଁସବୁ ପ୍ରକଳ୍ପ ପିପିପି ମୋଡରେ ୩ବର୍ଷରେ ଶେଷ କରାଯାଇପାରିବ ତା' ଉପରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ଶାଶ୍ୱତ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, ଏଥିଲାଗି ଓଡ଼ିଶା ଭିତ୍ତିଭୂମି ବିକାଶ ପାଣ୍ଠି(ଓଆଇଡିଏଫ୍) ବ୍ୟବହାର କରାଯାଇ ପାରିବ। ପ୍ରସ୍ତାବିତ ପ୍ରକଳ୍ପରେ ନିୟୋଜିତ ହୋଇଥିବା ପରାମର୍ଶଦାତାଙ୍କୁ ମିଶାଇ ପିପିପି ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇବାକୁ ମିଶ୍ର ଦର୍ଶାଇଛନ୍ତି।

ସେ କହିଛନ୍ତି ଯେ, ଆପଣଙ୍କ ବିଭାଗରେ ଯେଉଁ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଉଛି ତା'ର ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କର। ଯେମିତିକି ପ୍ରକଳ୍ପର ନାମ କ'ଣ ରହିଛି, ଏହାର ନିର୍ମାଣକାରୀ ସଂସ୍ଥା କିଏ ? ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହେବ, ଏହା କେବେ ସୁଦ୍ଧା ଶେଷ ହେବାକୁ ରହିଛି ଏବଂ ନିର୍ମାଣ କାର୍ଯ୍ୟ କେତେଦୂର ଯାଇଛି ତାହା ମଧ୍ୟ ଦର୍ଶାଇବାକୁ କୁହାଯାଇଛି। ତେବେ ସମ୍ପୃକ୍ତ ବିଭାଗଗୁଡ଼ିକ ତାଙ୍କର ରିପୋର୍ଟ ଏପ୍ରିଲ ୫ ସୁଦ୍ଧା ଦେବାକୁ ପଡ଼ିବ ବୋଲି ଶାଶ୍ୱତ ପତ୍ରରେ ଉଲ୍ଲେଖ କରିଛନ୍ତି।

# ପ୍ରବଚନ ଦେଉଥିବା ବେଳେ ଟଳିପଡ଼ିଲେ

ସାବରଙ୍ଗ/ବାସୁଦେବପୁର,୧।୪(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)


ଗୋପାଳ ପ୍ରସାଦ ବେଜ

ଏମିତି ବି ମୃତ୍ୟୁ ଆସେ। ପ୍ରବଚନ ଦେଉଥିବା ବେଳେ ଟଳିପଡ଼ିଲେ ପ୍ରବଚକ। ସୋମବାର ରାତିରେ ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ସାହାଡ଼ା ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ବାସୁଦେବପୁର ବ୍ଲକ ଅଧୀନ ଅଡୁଆଁ ପଞ୍ଚାୟତ ଧାତାପୁରର ପ୍ରବଚକ ଗୋପାଳ ପ୍ରସାଦ ବେଜ(୬୫)।

ଶ୍ରୀରାମ ନବମୀ ଉପଲକ୍ଷେ ସାହାଡ଼ା ଗ୍ରାମସ୍ଥିତ ପାବନପୀଠ ରାମ ମନ୍ଦିର ପରିସରରେ ନବରାତ୍ର ପାରାୟଣ ଚାଲିଥିଲା। ଏହି ଉପଲକ୍ଷେ ପ୍ରବଚକ ଗୋପାଳ ରାମଚରିତ ମାନସ ଉପରେ ପ୍ରବଚନ ଦେଉଥିଲେ। ରାତି ପ୍ରାୟ ୯ଟା ୩୦ ବେଳେ ପ୍ରବଚନ ଦେଉଥିବା ସମୟରେ ତାଙ୍କୁ ପ୍ରବଳ କାଶ ହେବା ସହ ଧଇଁସଇଁ ହୋଇ ଟଳି ପଡ଼ିଥିଲେ। ମନ୍ଦିର କମିଟିର କର୍ମକର୍ତ୍ତାମାନେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ପୈତୃକ ଗ୍ରାମ ଧାତାପୁରରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶେଷକୃତ୍ୟ କରାଯାଇଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ସାମାଜିକ କର୍ମୀ ଉଦୟ ନାରାୟଣ ମଲ୍ଲିକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନିରାକାର ପରିଡ଼ା, ପୂର୍ବତନ ସରପଞ୍ଚ ଗିରିଶ ସାମଲ, ପ୍ରଫୁଲ୍ଲ ବିଶ୍ୱାଳ, ମୁକ୍ତିକାନ୍ତ ବାରିକ, ଦୁଃଶାସନ ରାଉତ, ସରପଞ୍ଚଙ୍କ ପ୍ରତିନିଧି ଗୌରାଙ୍ଗ ମଲ୍ଲିକ, ରତିକାନ୍ତ ରାୟ ପ୍ରମୁଖ ଶେଷଦର୍ଶନ କରିଥିଲେ।

# ପୋତି ହେଉଛି ଇନ୍ଦ୍ରାବତୀ ଜଳଭଣ୍ଡାର

■ କମୁଛି ଜଳଧାରଣ କ୍ଷମତା
■ ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ବାଧାପ୍ରାପ୍ତ ଆଶଙ୍କା

ଭବାନୀପାଟଣା,୧।୪(ଉତ୍ତମ କୁମାର ଦାଶ)

ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ କଳାହାଣ୍ଡି ଜିଲାବାସୀଙ୍କ ପାଇଁ ଏକ ବରଦାନ ସଦୃଶ। ଜିଲାବାସୀଙ୍କୁ ଉଭୟ ଖରିଫ ଓ ରବିରେ ଦୁଇ ଫସଲ ଚାଷ ପାଇଁ ଏହି ପ୍ରକଳ୍ପ ପାଣି ଯୋଗାଉଥିବା ବେଳେ ଆଖପାଖ ଅଞ୍ଚଳକୁ ବିଦ୍ୟୁତ୍ ମଧ୍ୟ ଯୋଗାଉଛି। ତେଣୁ ଜିଲାର ଏହା ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ହେଲେ ଦୀର୍ଘବର୍ଷ ହେବ ଠିକ୍ ଭାବେ ପଙ୍କ ଉଦ୍ଧାର କରାଯାଉ ନ ଥିବାରୁ ଜଳଭଣ୍ଡାର ପୋତିହେବାରେ ଲାଗିଛି। ଏଥିଯୋଗୁ ଜଳଧାରଣ କ୍ଷମତା କମୁଥିବା ବେଳେ ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ଏହାର ସ୍ଥାୟୀ ନିରାକରଣ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରକାଶ ଯେ, ୧୯୭୮ ମସିହାରେ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦୦୧ ମସିହା ବେଳକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା। ୪ଟି ଟର୍‌ବାଇନ ଯୋଗେ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ସହ ବାମ ଓ ଦକ୍ଷିଣ ମୁଖ୍ୟ କେନାଲ ଏବଂ ଉଠା ଜଳସେଚନ ମାଧ୍ୟମରେ କଳାହାଣ୍ଡି ଜିଲାର ୮ ବ୍ଲକର ୧ ଲକ୍ଷ ୨୮ ହଜାର ୧୨ ହେକ୍ଟର ଚାଷଜମିରେ ଜଳସେଚନ ହେଲା। ଏଥିଯୋଗୁ ଜିଲାର ମରୁଡ଼ି ପ୍ରବଣ ଅଞ୍ଚଳ ସବୁଜ ଶ୍ୟାମଳା ହେବା ସହ ଚାଷ କରି ଚାଷୀ ନିଜ ମେରୁଦଣ୍ଡକୁ ସୁଦୃଢ଼ କରିପାରିଛି। ଅନ୍ୟପଟେ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ରାଜ୍ୟର ଏକ ବଡ଼ ଆବଶ୍ୟକତାକୁ ପୂରଣ କରୁଛି। ହେଲେ ବର୍ତ୍ତମାନ ବିପଦରେ ଗତି କରୁଛି ଏହି ପ୍ରକଳ୍ପ। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ସର୍ବନିମ୍ନ ଜଳସ୍ତର ହେଉଛି ୬୨୫ ମିଟର। କିନ୍ତୁ ଲଗାତର କିଛିବର୍ଷ ହେଲା ଜଳଭଣ୍ଡାରର ଜଳସ୍ତର ହ୍ରାସକୁ ନେଇ ଜିଲାର ଚାଷୀ ଏବେ ଚିନ୍ତାରେ ପଡିଲେଣି। କେବଳ ବର୍ଷାକୁ ଦ୍ୱାହି ଦେଇ ନିଜର ସବୁ ଦୋଷ ଦୁର୍ବଳତାକୁ ଲୁଚାଇ ଦେଉଛନ୍ତି ବିଭାଗୀୟ ଅଧିକାରୀ। ବେଳ ଥାଉ ଥାଉ ଯଦି ଏହାର ସ୍ଥାୟୀ ସମାଧାନ ନ ହୁଏ, ତେବେ କଳାହାଣ୍ଡି ଜିଲାକୁ ସବୁଜ ଶ୍ୟାମଳ କରିଥିବା ଇନ୍ଦ୍ରାବତୀ ପ୍ରକଳ୍ପ ତା'ର ଅସ୍ତିତ୍ୱ ହରାଇବା ଆଶଙ୍କାକୁ ଏଡାଇ ଦେଇହେବ ନାହିଁ। ଅନ୍ୟପଟେ ଜଳଭଣ୍ଡାର ଉପର ମୁଣ୍ଡରେ ଜଙ୍ଗଲ କ୍ଷୟ ସହ ଆବଶ୍ୟକ ସୁରକ୍ଷା ବାଡ଼ ଅଭାବରୁ ପ୍ରତି ବର୍ଷ ବର୍ଷା ଜଳ ସହ ପଙ୍କ, କାଦୁଅ, ମାଟି, ପଥର ଜଳ ଭଣ୍ଡାରରେ ପ୍ରବେଶ କରୁଛି। ଏହାର ସ୍ଥାୟୀ ସମାଧାନ ନ କରି କେବଳ ପଙ୍କ ଉଦ୍ଧାର କାର୍ଯ୍ୟରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କେବଳ କିଛି ମିଟର ଅଞ୍ଚଳରେ ପଙ୍କ ଉଦ୍ଧାର କାର୍ଯ୍ୟ ପାଇଁ ୨୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୩ ଶହ କ୍ୟୁବିକ ମିଟର ଜଳଧାରଣ କ୍ଷମତା ଥିବା ତଥା ୨୬୩୯ ବର୍ଗ କିମିକୁ ବ୍ୟାପୀ ରହିଥିବା ଜଳଭଣ୍ଡାରରେ କେତେ ପଙ୍କ ଜମା ହୋଇଥିବ ତାହା ଆକଳନ କରିବା ସମ୍ଭବ ନୁହେଁ। ବର୍ତ୍ତମାନ ବାମ ଓ ଦକ୍ଷିଣ କେନାଲ ଦ୍ୱାରା ଚଳିତ ରବି ଚାଷ ପାଇଁ ସୀମିତ ଅଞ୍ଚଳରେ ଜଳ ସେଚନ ହେଉଛି। ସେଥିପାଇଁ ପ୍ରତିଦିନ ୬୫ କ୍ୟୁବିକ ମିଟର ପାଣି ଆବଶ୍ୟକ ହେଉଛି। ତେବେ ଜଳସେଚନକୁ ଦୃଷ୍ଟିରେ ରଖି ଦୈନିକ ୧୯୫ରୁ ୨୧୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ହେଲେ କେବେ ଜଳସ୍ତର ହ୍ରାସର କାରଣ ଖୋଜିପାଇବ ବିଭାଗ ଓ କେବେ ପଙ୍କ ନିରୋଧୀ ବାଡ଼ ନିର୍ମାଣ ହେବ ଏହାର ଉତ୍ତର ଦେବାକୁ କେହି ନାହିଁ। ଧୀରେ ଧୀରେ ଇନ୍ଦ୍ରାବତୀର ଦୁଃଖ ବୃଦ୍ଧି ପାଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ବିପନ୍ନ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କଲେଣି। ଏ ନେଇ ମୁଖିଗୁଡ଼ାସ୍ଥିତ ଉପର ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣିଙ୍କୁ ପଚାରିବାରୁ ଏହା ଉପରେ ଆମେ ଗଭୀର ଚିନ୍ତା କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ପ୍ରୟାସ କରୁଛୁ ବୋଲି କହିଥିଲେ।


ଇନ୍ଦ୍ରାବତୀ ଜଳଭଣ୍ଡାର।

# ଜଳ ବାହିନୀ ପ୍ରକଳ୍ପ ଉଦ୍‌ଘାଟିତ


ଜଳ ବାହିନୀ ପ୍ରକଳ୍ପକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧।୪(ବି.ଶଙ୍କର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ସିଏସ୍‌ଆର ବିଭାଗ ପକ୍ଷରୁ ଜଳ ବାହିନୀ ପ୍ରକଳ୍ପର ମଙ୍ଗଳବାର ବୋମାଲୋଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଉଦ୍‌ଘାଟିତ ହୋଇଛି। ଲପଙ୍ଗାସ୍ଥିତ କମ୍ପାନୀର ୟୁନିଟ୍ ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୟୁନିଟ୍ ମାନବ ସମ୍ବଳ ମୁଖ୍ୟ ବିନୋଦ ନନ୍ଦ ଠାକୁର, ଜାତି ଗୃହ ମୁଖ୍ୟ ଅଜୟ ପାଲିତ, ଡେପୁଟି ମ୍ୟାନେଜର ସିଏସ୍‌ଆର ମନୋରଞ୍ଜନ ବେହେରା, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ କର୍ମୀମାନେ ଯୋଗଦେଇ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହିପ୍ରକଳ୍ପ ୬ଟିଗ୍ରାମ ପଞ୍ଚାୟତର ୨୧ଟି ରାଜସ୍ୱ ଗ୍ରାମ, ୧୦୧ଟି ପଡ଼ାକୁ ସେବା ଯୋଗାଇବ। ଗ୍ରୀଷ୍ମ ଋତୁରେ ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ସୁବିଧା, ସ୍ୱାସ୍ଥ୍ୟ ସେବାକୁ କମ୍ପାନୀ ସର୍ବଦା ଗୁରୁତ୍ୱ ଦେଇ ଆସୁଛି। ଗ୍ରୀଷ୍ମ ଋତୁରେ ଜଳ ଅଭାବରୁ ଘରକୁ ଘର ପାନୀୟ ଜଳ ଟ୍ୟାଙ୍କର ଯୋଗେ ୯୦ ଦିନ ପାଇଁ ଉପଲବ୍ଧ ହେବ। ଫଳରେ ଅଞ୍ଚଳବାସୀଙ୍କ ଜଳାଭାବ ଦୂର ହେବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।

# ଗଞ୍ଜେଇ ଜବତ, ୨ ଗିରଫ

କନ୍ଧମାଳ,୧।୪( ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ଘଣ୍ଟାପଡା ପୋଲିସ ମଙ୍ଗଳବାର ପୃଥକ୍ ସ୍ଥାନରେ ଚଢ଼ାଉ କରି ଏକ କାର ଓ ବାଇକ୍ ସହ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆପାଲି ଗ୍ରାମର ଯୁଧିଷ୍ଠିର ବନଛୋର ଓ ଗୁଣ୍ଡୁଚିତୋରା ଗ୍ରାମର ଅଶୋକ ଗହୀର। ସେମାନଙ୍କ ନିକଟରୁ ୨୫ କେଜି ଗଞ୍ଜେଇ ଏବଂ ଏକ ବାଇକ୍ (ନଂ.ଓଡି୦୩/୪୦୭୫) ଜବତ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ପୋଲିସ ନୂଆପାଲି ଟପର୍ଣ୍ଣା ରାସ୍ତାରେ ଚଢ଼ାଉ କରି ଏକ କାର୍ (ନଂ.ଓଡି୦୩ଏଏ/୮୮୬୬) ଓ ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏ ନେଇ ଘଣ୍ଟାପଡ଼ା ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି।

# ଉତ୍ସବ ବେଳେ ଡ୍ରୋନ୍ ନଜରରେ ରହିବ ସମଗ୍ର ସହର


ଜିଲାପରିଷଦ କାର୍ଯ୍ୟାଳୟରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଇଁ ଶାନ୍ତି କମିଟି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ରାମ ନବମୀ ଓ ହନୁମାନ ଜୟନ୍ତୀ ଶାନ୍ତି କମିଟି ବୈଠକ

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)

ଆସନ୍ତା ୬ ଓ ୧୪ ତାରିଖରେ ଆୟୋଜିତ ହେବାକୁ ଥିବା ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ଉତ୍ସବ ବେଳେ ସମଗ୍ର ସମ୍ବଲପୁର ସହର ଉପରେ ୨୪ ଘଣ୍ଟା ନଜର ରଖିବ ଡ୍ରୋନ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ। ସହରରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ଉତ୍ସବ ପାଇଁ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଆଇଜି ଲାଲ ଏହା କହିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀରେ ସମଗ୍ର ସମ୍ବଲପୁର ସହର ୨୪ ଘଣ୍ଟା ଧରି ସିସିଟିଭି ଓ ଡ୍ରୋନ ନଜରରେ ରହିବ। ସେହିପରି ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଏସ୍‌ଏଫ୍, ସିଆର୍‌ପିଏଫ୍ ଓ ପୋଲିସ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଚଳିତ ବର୍ଷ ଉଭୟ ଉତ୍ସବରେ ଶାନ୍ତିଶୃଙ୍ଖଳା ଓ ସତର୍କତାର ସହିତ ପାଳନ କରିବାରେ ଆମେ ଉଦାହରଣ ସୃଷ୍ଟି କରିବାକୁ ପ୍ରୟାସ କରିବୁ। ତେବେ ସାମାଜିକ ଗଣମାଧ୍ୟମର ଦୁରୁପଯୋଗ କରିବା ବ୍ୟକ୍ତିଙ୍କୁ ଆଦୌ ଛାଡ଼ା ଯିବ ନାହିଁ। ତାଙ୍କ ବିରୋଧରେ କେବଳ କଡ଼ା ନୁହେଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଆଇଜି। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଶେଷ କରି ଶୋଭାଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ତଥା ଅଂଶୁଘାତରୁ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ରାସ୍ତା ମରାମତି ଓ ସମ୍ପ୍ରସାରଣ ଆଦିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଅଭାବନୀୟ ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ପୋଲିସ ବିଭାଗ ପକ୍ଷରୁ ଆଗୁଆ ବ୍ୟବସ୍ଥା ସ୍ୱରୂପ ବିଶେଷ ସତର୍କତା ଅବଲମ୍ବନ କରାଯାଇଛି।

# ଅଟୋକୁ ଧକ୍କା ଦେଲା ପିକ୍‌ଅପ୍, ବୃଦ୍ଧା ମୃତ

ରେଢାଖୋଲ,୧।୪(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା ୫୫ ନଂ ଜାତୀୟ ରାଜପଥର ବର୍ଷକିଆ ଛକ ନିକଟରେ ମଙ୍ଗଳବାର ଅପରାହ୍ଣ ୩ଟାବେଳେ ଏକ ଅଟୋକୁ ପିକ୍‌ଅପ ଭ୍ୟାନ ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଥିଲେ। ମୃତା ବୃଦ୍ଧା ହେଲେ ରେଢାଖୋଲ ସହର ଲୁକାପାଲିର ହସିନା ବିବି(୬୨)। ଗୁରୁତର ଆହତ ଅଟୋ ଚାଳକ ବଡମାଳ ଗ୍ରାମର ବୃନ୍ଦାବନ ମହାକୁଡ ବୋଲି ରେଢାଖୋଲ ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି। ରେଢାଖୋଲ ଥାନା ପୋଲିସ ଅଟୋ ଓ ପିକ୍‌ଅପ ଭ୍ୟାନକୁ ଜବତ କରିଛି। ଭ୍ୟାନ୍ ଚାଳକ ଫେରାର ହୋଇଯାଇଛନ୍ତି। ହସିନା ବିବି ମଙ୍ଗଳବାର ଚାରମାଳ ବଜାରକୁ ଯାଇ ଅଟୋ (ନଂ. ଓଡି ୧୫ ଆର ୩୬୦୯) ଯୋଗେ ଫେରୁଥିବା ବେଳେ ପିକ୍‌ଅପ ଭ୍ୟାନ (ନଂ. ଓଡି ୦୨ସିଟି ୯୩୯୧) ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଟୋ ଚାଳକ ବୃନ୍ଦାବନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

# ଯୁବତୀଙ୍କ ଜୀବନ ବଞ୍ଚାଇଲେ ଅଗ୍ନିଶମ କର୍ମଚାରୀ

ରେଢାଖୋଲ,୧।୪(ଅଚ୍ୟୁତାନନ୍ଦ ପୁରୋହିତ)

ଆତ୍ମହତ୍ୟା କରୁଥିବା ଜଣେ ଯୁବତୀଙ୍କ ଜୀବନ ବଞ୍ଚାଇଲେ ଅଗ୍ନିଶମ କର୍ମଚାରୀ। ଯୁବତୀ ଜଣକ ହେଲେ ସମ୍ବଲପୁର ଜିଲା ରେଢାଖୋଲ ଥାନା ଯୁବରାଜପୁର ଗ୍ରାମର। ଯୁବତୀ ଜଣକ ସୋମବାର ରାତିରେ କଦଳୀଗଡ ଟୋଲଗେଟ ନିକଟରେ ଏକ ଗଛରେ ଚଢି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ କେତେଜଣ ଲୋକେ ଗଛକୁ ଚଢି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ପରେ ସେମାନଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେଠାରୁ ସେମାନେ ଯୁବତୀଙ୍କୁ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣି ଚିକିତ୍ସା କରିଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଥିଲା।

# ରେଳ ନିରାପତ୍ତା କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧।୪(ପ୍ରମୋଦ ବହିଦାର): ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ୨ଜଣ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ରେଳ ଚଳାଚଳରେ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣ ଜନିତ ସଠିକ୍ ନିରାପତ୍ତା ନିୟମ ଅବଲମ୍ବନ ପାଇଁ ରେହେନଭଟ୍ଟା ରେଳ ଷ୍ଟେଶନର ଟେକ୍ନିସିଆନ ପ୍ରଭାତ କୁମାର ଘଡେଇ ଓ ନର୍ଲାରୋଡ଼ ଷ୍ଟେଶନର ସିଗନାଲ ମ୍ୟାଣ୍ଟେନର ଅଶୋକ କୁମାର ସସମଲଙ୍କୁ ମାନପତ୍ର ଓ ନଗଦରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ଉଭୟ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁର ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ମଣ୍ଡଳ ସିଗନାଲ ଓ ଟେଲି ଯୋଗାଯୋଗ ଯନ୍ତ୍ରୀ ପ୍ରଭାତ କୁମାର ଓ ବରିଷ୍ଠ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


ସଭାରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୧।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କେଚ୍ଛୁପାଣି ଶକ୍ତିଶ୍ରୀ ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଲୋଚନ ମେହେରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ରଞ୍ଜନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ ସଭାପତି କିରଣ କୁମାର ନାୟକ ମୁଖ୍ୟଅତିଥି, ସମାଜସେବୀ ଯୋଗବିହାରୀ ପରିଡ଼ା ମୁଖ୍ୟବକ୍ତା, ସିଆରସିସି ସହଦେବ ବଙ୍କରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦାନନ୍ଦ ସୁରୁଜାଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅବନୀ କୁମାର ସାହୁ, ଦୈତ୍ୟାରି ଚରଣ ନାଏକ, ଜୟଶ୍ରୀ ସାହୁ, ରଶ୍ମି ସାହୁ, ରେବତୀ ଜୟପୁରିଆ, ସାବିତ୍ରୀ ବାଘ, ରାଜକୁମାରୀ ସୁନାନି, ଟିକେଶ୍ୱର ପରିଡ଼ା, ଦୁର୍ଯ୍ୟୋଧନ ନାଏକ, କ୍ଷୀରୋଦ କୁମାର ସା, କନ୍ଦର୍ପ ବାଘ, ଲିଙ୍ଗରାଜ ବାଘ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଅବସର ନେଉଥିବା ପ୍ରଧାନ ଶିକ୍ଷକ ମେହେର ୨୦୦୫ରୁ ୨୦୨୫ ପର୍ଯ୍ୟନ୍ତ ଦୀର୍ଘ ୨୫ବର୍ଷ ଧରି ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ହୋଇଛି। ତାଙ୍କର ଏଭଳି ବଦାନ୍ୟତା ପାଇଁ ସେ ଜଣେ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ।

# ପ୍ରତି ଓଡ଼ିଆ ଭାଷା, ସଂସ୍କୃତିକୁ ନେଇ ଗର୍ବ କରନ୍ତୁ

ରେଢ଼ାଖୋଲ,୧।୪(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା ସଦନରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଓଡ଼ିଆ ଭାବେ ଗର୍ବ କରିବା ସହିତ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେଇଛନ୍ତି। ଏହା ସହିତ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ନାମ ଫଳକକୁ ସୁନିଶ୍ଚିତ କରିବାପାଇଁ ବୈଠକରେ ଅତିଥିମାନେ ମତ ଦେଇଥିଲେ। ଅତିଥିମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଏଥିରେ ଯୋଗଦାନ କରିଥିବା ବୀର ପୁରୁଷଙ୍କୁ ସ୍ମରଣ କରିଥିଲେ। ମୁଖ୍ୟବକ୍ତାଭାବେ ଭୀମ ଭୋଇ ମହାବିଦ୍ୟାଳୟ ରେଢ଼ାଖୋଲର ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ମହନ୍ତ ଯୋଗ ଦେଇଥିଲେ। ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଞ୍ଝାପିତା ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ବିଞ୍ଝାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଓଡିଶା ଦିବସ ସଂକ୍ରାନ୍ତରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜିଲା କଂଗ୍ରେସ କମିଟିର ମହମବତୀ ଶୋଭାଯାତ୍ରା



ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ରାତିରେ ବାହାରିଥିବା ମହମବତୀ ଶୋଭାଯାତ୍ରା।

ନାରୀ ନିର୍ଯ୍ୟାତନା ରୋକିବାରେ ଭାଜପା ସରକାର ଫେଲ

ସମ୍ବଲପୁର,୧।୪(ବି.ଶଙ୍କର)

ସମ୍ବଲପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ରାଜ୍ୟରେ ବୃଦ୍ଧି ପାଇଥିବା ନାରୀ ନିର୍ଯ୍ୟାତନା, ବଳାତ୍କାର, ହତ୍ୟା, ଅପହରଣ ବିରୋଧରେ ମଙ୍ଗଳବାର ରାତିରେ ମହମବତୀ ଶୋଭାଯାତ୍ରା କରି ପ୍ରତିବାଦ କରାଯାଇଛି। ଜିଲା ସଭାପତି ଜୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କଂଗ୍ରେସ କର୍ମୀମାନେ ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟଠାରୁ ଏକ ମହମବତୀ ଶୋଭାଯାତ୍ରାରେ ବାହାରି ଲକ୍ଷ୍ମୀ ଟକିଜ ଛକ ପରିକ୍ରମା କରି ସରକାରୀ ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଲେ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ କରାଯାଇଥିଲା। ଜିଲା କଂଗ୍ରେସ କମିଟି ନେତୃବୃନ୍ଦ ଅଭିଯୋଗ କରିଛନ୍ତି, ଭାଜପା ସରକାର ଶାସନ ଭାର ନେବାପରେ ରାଜ୍ୟରେ ଅହେତୁକ ଭାବରେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇଛି। ଏହାକୁ ରୋକିବାରେ ସରକାର ଫେଲ ମାରିଛି। ଏହାକୁ ନେଇ ହାତରେ ମହମବତୀ ଧରି କଂଗ୍ରେସର ସମସ୍ତ ସଭ୍ୟାସଭ୍ୟମାନେ ଭାଜପା ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରି ପ୍ରତିବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ରାଉତ, ବିଜୟଲକ୍ଷ୍ମୀ ବେହେରା, ଦିଲୀପ ଦୁରିଆ, ଗିରିଜା ନାୟକ, ମହମ୍ମଦ ଜୁବେର, ମହମ୍ମଦ ସଲିମ, ବସିର ଖାନ, ଓକିଲ ଚୌଧୁରୀ, ଚୁମକି ମହାନନ୍ଦ, ସତ୍ୟନାରାୟଣ ସେନାପତି, ଜୟନ୍ତ ସାହୁ, ସନାନନ୍ଦ ବରାଡ଼ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

■ କର୍ମଚାରୀ ଛଟେଇ ମାମଲା
■ କୌଣସି ନିର୍ଦ୍ଦେଶନାମା ହସ୍ତଗତ ହୋଇ ନାହିଁ: ଅଧ୍ୟକ୍ଷ

ସମ୍ବଲପୁର,୧।୪
(ପ୍ରମୋଦ ବହିଦାର)

ଭିମ୍‌ସାରରେ କାର୍ଯ୍ୟରତ ୩ଜଣ କର୍ମଚାରୀଙ୍କ ଛଟେଇ ମାମଲାରେ ଭାରତର ଉଚ୍ଚତମ ନ୍ୟାୟାଳୟ ପକ୍ଷରୁ ଭିମ୍‌ସାର ଅଧ୍ୟକ୍ଷ ଓ ଡିନ୍‌ଙ୍କୁ ପରବର୍ତ୍ତୀ ଶୁଣାଣି ବେଳେ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚତମ ନ୍ୟାୟାଳୟରେ ଏହି ମାମଲା ପରିଚାଳନା କରୁଥିବା ଓକିଲ ଜ୍ଞାନଦତ୍ତ ଚୌହାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଷ୍ଟିସ ଜେ. କେ ମାହେଶ୍ୱରୀ ଓ ଜଷ୍ଟିସ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୦୦୭ରେ ଭିମସାର ଶ୍ରମିକଙ୍କ ଛଟେଇ ମାମଲାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଦାଖଲ କରିଥିବା ସତ୍ୟପାଠକୁ ସମାଲୋଚନା କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣୀରେ ଭିମ୍‌ସାର ଅଧ୍ୟକ୍ଷ ଓ ଡିନ୍‌ଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ଖଣ୍ଡପୀଠଙ୍କ ପକ୍ଷରୁ ମଙ୍ଗଳବାର ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଛଟେଇ ବିରୋଧରେ ଆବେଦନ କରିଥିବା ରେବତୀକାନ୍ତ କଲେତ ଭିମ୍‌ସାରରେ ୨୦୦୦ରୁ ୨୦୦୭ ପର୍ଯ୍ୟନ୍ତ ସଫେଇ କର୍ମଚାରୀ ଭାବେ, ଶମ୍ଭୁନାଥ ସାହୁ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ଶ୍ରମିକ ଭାବେ ଓ କ୍ଷୀରୋଦ କୁମାର ସାହୁ ଇଲେକ୍ଟ୍ରିସିଆନ ଓ ଲେଡିସ୍ ହଷ୍ଟେଲ ଜଗୁଆଳି ଭାବେ ୧୯୯୧ରୁ ୨୦୦୭ ପର୍ଯ୍ୟନ୍ତ ଦୀର୍ଘଦିନ ଧରି ବିନା ବେତନରେ କାମ କରୁଥିଲେ। ତେବେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ପରବର୍ତ୍ତୀକାଳରେ ଦୈନିକ ୪୦ ଟଙ୍କା ମଜୁରିରେ ଶ୍ରମିକ ଭାବେ ସପ୍ତାହକୁ ଦୁଇଦିନ ପାଇଁ ନିଯୁକ୍ତ କରାଯାଇଥିଲା। ଭିମ୍‌ସାର କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ତାଙ୍କଠାରୁ ସେବା ଗ୍ରହଣ କଲାପରେ ଗତ ୨୦୦୭ ମସିହାରେ ଉକ୍ତ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଅନ୍ତର କରି ଦେଇଥିଲେ। କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପ ବିରୋଧରେ ଛଟେଇ କର୍ମଚାରୀମାନେ ସର୍ବ ପ୍ରଥମେ ଶ୍ରମ ଅଦାଲତର ଦ୍ୱାରସ୍ଥ ହେଇଥିଲେ। ଏହାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟ ଅଦାଲତ ସେମାନଙ୍କ ସପକ୍ଷରେ ରାୟ ଦେଇ ପୁନଃ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଭିମ୍‌ସାର କର୍ତ୍ତୃପକ୍ଷ ସେମାନଙ୍କୁ ପୁନଃ ନିଯୁକ୍ତି ଦେଇ ନ ଥିଲେ। ଫଳରେ ପୀଡ଼ିତ କର୍ମଚାରୀମାନେ ବାଧ ହୋଇ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଗତ ମାର୍ଚ୍ଚ ୩ ତାରିଖରେ ତିନି ଆବେଦନକାରୀଙ୍କୁ ତୁରନ୍ତ ନିଃସର୍ତ୍ତମୂଳକ ପୁନଃ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଭିମ୍‌ସାର କର୍ତ୍ତୃପକ୍ଷ ଉକ୍ତ କର୍ମଚାରୀମାନଙ୍କୁ ସର୍ତ୍ତମୂଳକଭାବେ ପୂର୍ବବତ ସପ୍ତାହକୁ ଦୁଇଦିନ ପାଇଁ ନିଯୁକ୍ତ କରିଛନ୍ତି। ଯାହା ଉଚ୍ଚତମ ନ୍ୟାୟାଳୟର ଆଦେଶର ଖଲାପ ବୋଲି କହିଛନ୍ତି ଓକିଲ ଚୌହାନ। ମାତ୍ର ଭିମ୍‌ସାର କର୍ତ୍ତୃପକ୍ଷଙ୍କ ଏତାଦୃଶ ପଦକ୍ଷେପରେ ଉଚ୍ଚତମ ନ୍ୟାୟାଳୟ ବିରକ୍ତି ପ୍ରକାଶ କରି ମାମଲାର ଆଗାମୀ ସପ୍ତାହରେ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମ କୋର୍ଟରେ ଡ. କେଦାରନାଥ ତ୍ରିପାଠୀ, ଜ୍ଞାନଦତ୍ତ ଚୌହାନ ଓ ଆଦିତ୍ୟନାରାୟଣ ତ୍ରିପାଠୀ ମାମଲାର ପରିଚାଳନା କରୁଛନ୍ତି।ଅପରପକ୍ଷରେ ଏନେଇ ପଚାରିବାରେ ଭିମ୍‌ସାର ଡିନ୍ ଓ ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତି କହିଛନ୍ତି ଯେ, ଏ ସମ୍ପର୍କିତ କୌଣସି ନିର୍ଦ୍ଦେଶନାମା ତାଙ୍କର ହସ୍ତଗତ ହୋଇନାହିଁ। ତେବେ ମାମଲା ନ୍ୟାୟାଳୟରେ ବିଚାରାଧୀନ ରହିଥିବାରୁ ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେବା ଉଚିତ ହେବ ନାହିଁ ବୋଲି କହିଛନ୍ତି।

# ପୋତି ହେଉଛି ଇନ୍ଦ୍ରାବତୀ ଜଳଭଣ୍ଡାର

ଭବାନୀପାଟଣା,୧।୪(ଉତ୍ତମ କୁମାର ଦାଶ)

■ କମୁଛି ଜଳଧାରଣ କ୍ଷମତା
■ ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ ବାଧାପ୍ରାପ୍ତ ଆଶଙ୍କା

ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ କଳାହାଣ୍ଡି ଜିଲାବାସୀଙ୍କ ପାଇଁ ଏକ ବରଦାନ ସଦୃଶ। ଜିଲାବାସୀଙ୍କୁ ଉଭୟ ଖରିଫ ଓ ରବିରେ ଦୁଇ ଫସଲ ଚାଷ ପାଇଁ ଏହି ପ୍ରକଳ୍ପ ପାଣି ଯୋଗାଉଥିବା ବେଳେ ଆଖପାଖ ଅଞ୍ଚଳକୁ ବିଦ୍ୟୁତ୍ ମଧ ଯୋଗାଉଛି। ତେଣୁ ଜିଲାର ଏହା ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ। ହେଲେ ଦୀର୍ଘବର୍ଷ ହେବ ଠିକ୍ ଭାବେ ପଙ୍କ ଉଦ୍ଧାର କରାଯାଉ ନ ଥିବାରୁ ଜଳଭଣ୍ଡାର ପୋତିହେବାରେ ଲାଗିଛି। ଏଥିଯୋଗୁ ଜଳଧାରଣ କ୍ଷମତା କମୁଥିବା ବେଳେ ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି। ଏହାର ସ୍ଥାୟୀ ନିରାକରଣ ପାଇଁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

ପ୍ରକାଶ ଯେ, ୧୯୭୮ ମସିହାରେ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦୦୧ ମସିହା ବେଳକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା। ୪ଟି ଟର୍‌ବାଇନ ଯୋଗେ ୬୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ସହ ବାମ ଓ



ଇନ୍ଦ୍ରାବତୀ ଜଳଭଣ୍ଡାର।

ଦକ୍ଷିଣ ମୁଖ୍ୟ କେନାଲ ଏବଂ ଉଠା ଜଳସେଚନ ମାଧ୍ୟମରେ କଳାହାଣ୍ଡି ଜିଲାର ୮ ବ୍ଲକର ୧ ଲକ୍ଷ ୨୮ ହଜାର ୧୨ ହେକ୍ଟର ଚାଷଜମିରେ ଜଳସେଚନ ହେଲା। ଏଥିଯୋଗୁ ଜିଲାର ମରୁଡ଼ି ପ୍ରବଣ ଅଞ୍ଚଳ ସବୁଜ ଶ୍ୟାମଳା ହେବା ସହ ଚାଷ କରି ଚାଷୀ ନିଜ ମେରୁଦଣ୍ଡକୁ ସୁଦୃଢ଼ କରିପାରିଛି। ଅନ୍ୟପଟେ ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ରାଜ୍ୟର ଏକ ବଡ଼ ଆବଶ୍ୟକତାକୁ ପୂରଣ କରୁଛି। ହେଲେ ବର୍ତ୍ତମାନ ବିପଦରେ ଗତି କରୁଛି ଏହି ପ୍ରକଳ୍ପ। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ସର୍ବନିମ୍ନ ଜଳସ୍ତର ହେଉଛି ୬୨୫ ମିଟର। କିନ୍ତୁ ଲଗାତର କିଛିବର୍ଷ ହେଲା ଜଳଭଣ୍ଡାରର ଜଳସ୍ତର ହ୍ରାସକୁ ନେଇ ଜିଲାର ଚାଷୀ ଏବେ ଚିନ୍ତାରେ ପଡିଲେଣି। କେବଳ ବର୍ଷାକୁ ଦ୍ୱାହି ଦେଇ ନିଜର ସବୁ ଦୋଷ ଦୁର୍ବଳତାକୁ ଲୁଚାଇ ଦେଉଛନ୍ତି ବିଭାଗୀୟ ଅଧିକାରୀ। ବେଳ ଥାଉ ଥାଉ ଯଦି ଏହାର ସ୍ଥାୟୀ ସମାଧାନ ନ ହୁଏ, ତେବେ କଳାହାଣ୍ଡି ଜିଲାକୁ ସବୁଜ ଶ୍ୟାମଳ କରିଥିବା ଇନ୍ଦ୍ରାବତୀ ପ୍ରକଳ୍ପ ତା'ର ଅସ୍ତିତ୍ୱ ହରାଇବା ଆଶଙ୍କାକୁ ଏଡାଇ ଦେଇହେବ ନାହିଁ। ଅନ୍ୟପଟେ ଜଳଭଣ୍ଡାର ଉପର ମୁଣ୍ଡରେ ଜଙ୍ଗଲ କ୍ଷୟ ସହ ଆବଶ୍ୟକ ସୁରକ୍ଷା ବାଡ଼ ଅଭାବରୁ ପ୍ରତି ବର୍ଷ ବର୍ଷା ଜଳ ସହ ପଙ୍କ, କାଦୁଅ, ମାଟି, ପଥର ଜଳ ଭଣ୍ଡାରରେ ପ୍ରବେଶ କରୁଛି। ଏହାର ସ୍ଥାୟୀ ସମାଧାନ ନ କରି କେବଳ ପଙ୍କ ଉଦ୍ଧାର କାର୍ଯ୍ୟରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ କେବଳ କିଛି ମିଟର ଅଞ୍ଚଳରେ ପଙ୍କ ଉଦ୍ଧାର କାର୍ଯ୍ୟ ପାଇଁ ୨୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୩ ଶହ କ୍ୟୁବିକ ମିଟର ଜଳଧାରଣ କ୍ଷମତା ଥିବା ତଥା ୨୬୩୯ ବର୍ଗ କିମିକୁ ବ୍ୟାପୀ ରହିଥିବା ଜଳଭଣ୍ଡାରରେ କେତେ ପଙ୍କ ଜମା ହୋଇଥିବ ତାହା ଆକଳନ କରିବା ସମ୍ଭବ ନୁହେଁ। ବର୍ତ୍ତମାନ ବାମ ଓ ଦକ୍ଷିଣ କେନାଲ ଦ୍ୱାରା ଚଳିତ ରବି ଚାଷ ପାଇଁ ସୀମିତ ଅଞ୍ଚଳରେ ଜଳ ସେଚନ ହେଉଛି। ସେଥିପାଇଁ ପ୍ରତିଦିନ ୬୫ କ୍ୟୁବିକ ମିଟର ପାଣି ଆବଶ୍ୟକ ହେଉଛି। ତେବେ ଜଳସେଚନକୁ ଦୃଷ୍ଟିରେ ରଖି ଦୈନିକ ୧୯୫ରୁ ୨୧୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ହେଲେ କେବେ ଜଳସ୍ତର ହ୍ରାସର କାରଣ ଖୋଜିପାଇବ ବିଭାଗ ଓ କେବେ ପଙ୍କ ନିରୋଧୀ ବାଡ଼ ନିର୍ମାଣ ହେବ ଏହାର ଉତ୍ତର ଦେବାକୁ କେହି ନାହିଁ। ଧୀରେ ଧୀରେ ଇନ୍ଦ୍ରାବତୀର ଦୁଃଖ ବୃଦ୍ଧି ପାଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ବିପନ୍ନ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କଲେଣି। ଏ ନେଇ ମୁଖିଗୁଡ଼ାସ୍ଥିତ ଉପର ଇନ୍ଦ୍ରାବତୀ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଜଗନ୍ନାଥ ପାଣିଙ୍କୁ ପଚାରିବାରୁ ଏହା ଉପରେ ଆମେ ଗଭୀର ଚିନ୍ତା କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ପ୍ରୟାସ କରୁଛୁ ବୋଲି କହିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ଦିବସ



ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

ଖୁଣ୍ଟିଗୋରା,୧।୪(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପ୍ରଧାନ ଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଶତପଥୀ ମୁଖ୍ୟ ଅତିଥି ଓ ପଦ୍ମିନୀ ରଣା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରି ବରପୁତ୍ରମାନଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ଅବସରରେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ମାଣ୍ଡିଆ ଲଡ୍ଡୁ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସବ୍ୟସାଚୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ୨ ଗିରଫ

କଣ୍ଟାମାଳ,୧।୪( ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା ଘଣ୍ଟାପଡା ପୋଲିସ ମଙ୍ଗଳବାର ପୃଥକ୍ ସ୍ଥାନରେ ଚଢ଼ାଉ କରି ଏକ କାର ଓ ବାଇକ୍ ସହ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆପାଲି ଗ୍ରାମର ଯୁଧିଷ୍ଠିର ବନଛୋର ଓ ଗୁଣ୍ଡୁଚିତାରା ଗ୍ରାମର ଅଶୋକ ଗହୀର। ସେମାନଙ୍କ ନିକଟରୁ ୨୫ କେଜି ଗଞ୍ଜେଇ ଏବଂ ଏକ ବାଇକ୍ (ନଂ.ଓଡି଼୦୩/୪୦୭୫) ଜବତ ହୋଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ପୋଲିସ ନୂଆପାଲି ଟପର୍ଣ୍ଣା ରାସ୍ତାରେ ଚଢ଼ାଉ କରି ଏକ କାର୍ (ନଂ.ଓଡି଼୦୩ଏଏ/୮୮୬୬) ଓ ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏ ନେଇ ଘଣ୍ଟାପଡ଼ା ପୋଲିସ ଦୁଇଟି ପୃଥକ୍ ମାମଲା (ନଂ.୪୬/୨୫. ନଂ.୪୭/୨୫) ରୁଜୁ କରି ତଦନ୍ତ କରୁଛି ବୋଲି ଘଣ୍ଟାପଡ଼ା ଥାନାଧିକାରୀ ନରସିଂହ ମହାପାତ୍ର ସୂଚନା ଦେଇଛନ୍ତି।

### ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

କଣ୍ଟାମାଳ,୧।୪( ଆଦିତେଶ୍ୱର ମିଶ୍ର)

ଓଡ଼ିଶା ଦିବସ ପାଳନ ଅବସରରେ ବୌଦ୍ଧ ଜିଲା କଣ୍ଟାମାଳଠାରେ ବିଜେଡ଼ି ପକ୍ଷରୁ ପୂର୍ବତନ କଣ୍ଟାମାଳ ବିଧାୟକ ତଥା ବୌଦ୍ଧ ଜିଲା ବିଜେଡିସଭାପତି ମହିଧର ରଣା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି କରିଥିବା ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ବରିଷ୍ଠ ବିଜେଡି ନେତା ରାଧାବଲ୍ଲଭ ପ୍ରଧାନ, ଶମ୍ଭୁପ୍ରସାଦ ସାହୁ, ଜାନି ସେନାପତି, ସିମାଞ୍ଚଳ ରଣା, କଣ୍ଟାମାଳ ବାର୍ ଆସୋସିଏଶନ ସଭାପତି ଦୃତିଆ ଚରଣ ସାହୁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଉତ୍ସବ ବେଳେ ଡ୍ରୋନ୍ ନଜରରେ ରହିବ ସମଗ୍ର ସହର



ଜିଲାପରିଷଦ କାର୍ଯ୍ୟାଳୟରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଇଁ ଶାନ୍ତି କମିଟି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ସମ୍ବଲପୁର,୧।୪(ପ୍ରମୋଦ ବହିଦାର)

**ରାମ ନବମୀ ଓ ହନୁମାନ ଜୟନ୍ତୀ ଶାନ୍ତି କମିଟି ବୈଠକ**

ଆସନ୍ତା ୬ ଓ ୧୪ ତାରିଖରେ ଆୟୋଜିତ ହେବାକୁ ଥିବା ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ଉତ୍ସବ ବେଳେ ସମଗ୍ର ସମ୍ବଲପୁର ସହର ଉପରେ ୨୪ ଘଣ୍ଟା ନଜର ରଖିବ ଡ୍ରୋନ ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ। ସହରରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ଉତ୍ସବ ପାଇଁ ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଆଇଜି ଲାଲ ଏହା କହିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀରେ ସମଗ୍ର ସମ୍ବଲପୁର ସହର ୨୪ ଘଣ୍ଟା ଧରି ସିସିଟିଭି ଓ ଡ୍ରୋନ ନଜରରେ ରହିବ। ସେହିପରି ସହରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବିଏସ୍‌ଏଫ୍, ସିଆର୍‌ପିଏଫ୍ ଓ ପୋଲିସ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଚଳିତ ବର୍ଷ ଉଭୟ ଉତ୍ସବରେ ଶାନ୍ତିଶୃଙ୍ଖଳା ଓ ସତର୍କତାର ସହିତ ପାଳନ କରିବାରେ ଆମେ ଉଦାହରଣ ସୃଷ୍ଟି କରିବାକୁ ପ୍ରୟାସ କରିବୁ। ତେବେ ସାମାଜିକ ଗଣମାଧ୍ୟମର ଦୁରୂପଯୋଗ କରିବା ବ୍ୟକ୍ତିଙ୍କୁ ଆଦୌ ଛାଡ଼ା ଯିବ ନାହିଁ। ତାଙ୍କ ବିରୋଧରେ କେବଳ କଡ଼ା ନୁହେଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଆଇଜି। ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ବିଶେଷ କରି ଶୋଭାଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ତଥା ଅଂଶୁଘାତରୁ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ରାସ୍ତା ମରାମତି ଓ ସମ୍ପ୍ରସାରଣ ଆଦିକୁ ମଧ ବିଶେଷ ଗୁରତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୩ ମସିହାରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଅଭାବନୀୟ ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ପୋଲିସ ବିଭାଗ ପକ୍ଷରୁ ଆଗୁଆ ବ୍ୟବସ୍ଥା ସ୍ୱରୂପ ବିଶେଷ ସତର୍କତା ଅବଲମ୍ବନ କରାଯାଇଛି।

## ଅଟୋକୁ ଧକ୍କା ଦେଲା ପିକ୍‌ଅପ୍, ବୃଦ୍ଧା ମୃତ

ରେଢାଖୋଲ,୧।୪(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା ୫୫ ନଂ ଜାତୀୟ ରାଜପଥର ବର୍ଷକିଆ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୩ଟାବେଳେ ଏକ ଅଟୋକୁ ପିକ୍‌ଅପ ଭ୍ୟାନ ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଥିଲେ। ମୃତା ବୃଦ୍ଧା ହେଲେ ରେଢାଖୋଲ ସହର ଲୁକାପାଲିର ହସିନା ବିବି(୬୨)। ଗୁରୁତର ଆହତ ଅଟୋ ଚାଳକ ବଡମାଳ ଗ୍ରାମର ବୃନ୍ଦାବନ ମହାକୁଡ ବୋଲି ରେଢାଖୋଲ ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି। ରେଢାଖୋଲ ଥାନା ପୋଲିସ ଅଟୋ ଓ ପିକ୍‌ଅପ ଭ୍ୟାନକୁ ଜବତ କରିଛି। ଭ୍ୟାନ୍ ଚାଳକ ଫେରାର ହୋଇଯାଇଛନ୍ତି। ହସିନା ବିବି ମଙ୍ଗଳବାର ଚାରମାଳ ବଜାରକୁ ଯାଇ ଅଟୋ (ନଂ. ଓଡି ୧୫ ଆର ୩୬୦୯) ଯୋଗେ ଫେରୁଥିବା ବେଳେ ପିକ୍‌ଅପ ଭ୍ୟାନ (ନଂ. ଓଡି ୦୨ସିଟି ୯୩୯୧) ତାଙ୍କୁ ଧକ୍କା ଦେଇଥିଲା। ପୋଲିସ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଟୋ ଚାଳକ ବୃନ୍ଦାବନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ଯୁବତୀଙ୍କ ଜୀବନ ବଞ୍ଚାଇଲେ ଅଗ୍ନିଶମ କର୍ମଚାରୀ

ରେଢାଖୋଲ,୧।୪(ଅଚ୍ୟୁତାନନ୍ଦ ପୁରୋହିତ)

ଆତ୍ମହତ୍ୟା କରୁଥିବା ଜଣେ ଯୁବତୀଙ୍କ ଜୀବନ ବଞ୍ଚାଇଲେ ଅଗ୍ନିଶମ କର୍ମଚାରୀ। ଯୁବତୀ ଜଣକ ହେଲେ ରେଢାଖୋଲ ଥାନା ଯୁବରାଜପୁର ଗ୍ରାମର ମାନସୀ ନାଏକ(୨୮)। ଯୁବତୀ ଜଣକ ସୋମବାର ରାତିରେ କଦଳିଗଡ ଟୋଲଗେଟ ନିକଟରେ ଏକ ଗଛରେ ଚଢି ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ କେତେଜଣ ଲୋକେ ଗଛକୁ ଚଢି ଯୁବତୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ପରେ ସେମାନଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ଗଛରେ ଶିଡି ଲଗାଇ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣି ଚିକିତ୍ସା କରିଥିଲେ। ପରେ ତାଙ୍କୁ ବୁର୍ଲା ପଠାଯାଇଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସଭାରେ ଯୋଗଦେଇଥିବା ଅତିଥିମାନେ ।

କୁଚିଣ୍ଡା,୧।୪(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ କେଛୁପାଣି ଶକ୍ତିଶ୍ରୀ ପଞ୍ଚାୟତ ସମିତି ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଲୋଚନ ମେହେରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମାନସ ରଞ୍ଜନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ ସଭାପତି କିରଣ କୁମାର ନାୟକ ମୁଖ୍ୟଅତିଥି, ସମାଜସେବୀ ଯୋଗବିହାରୀ ପରିଡ଼ା ମୁଖ୍ୟବକ୍ତା, ସିଆରସିସି ସହଦେବ ବଙ୍କରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦାନନ୍ଦ ସୁରୁଜାଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅବନୀ କୁମାର ସାହୁ, ଦୈତ୍ୟାରି ଚରଣ ନାଏକ, ଜୟଶ୍ରୀ ସାହୁ, ରଶ୍ମି ସାହୁ, ରେବତୀ ଜୟପୁରିଆ, ସାବିତ୍ରୀ ବାଘ, ରାଜକୁମାରୀ ସୁନାନି, ଟିକେଶ୍ୱର ପରିଡ଼ା, ଦୁର୍ଯ୍ୟୋଧନ ନାଏକ, କ୍ଷୀରୋଦ କୁମାର ସା, କନ୍ଦର୍ପ ବାଘ, ଲିଙ୍ଗରାଜ ବାଘ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ ଅବସର ନେଉଥିବା ପ୍ରଧାନ ଶିକ୍ଷକ ମେହେର ୨୦୦୫ରୁ ୨୦୨୫ ପର୍ଯ୍ୟନ୍ତ ଦୀର୍ଘ ୨୫ବର୍ଷ ଧରି ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ହୋଇଛି। ତାଙ୍କର ଏଭଳି ବଦାନ୍ୟତା ପାଇଁ ସେ ଜଣେ ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ।

## ପ୍ରତି ଓଡ଼ିଆ ଭାଷା, ସଂସ୍କୃତିକୁ ନେଇ ଗର୍ବ କରନ୍ତୁ

ରେଢ଼ାଖୋଲ,୧।୪(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକସ୍ଥିତ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା ସଦନରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଓଡ଼ିଆ ଭାବେ ଗର୍ବ କରିବା ସହିତ ମାତୃଭୂମି ଓ ମାତୃଭାଷାକୁ ଭଲ ପାଇବାକୁ ଆହ୍ୱାନ ଦେଇଛନ୍ତି। ଏହା ସହିତ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ନାମ ଫଳକକୁ ସୁନିଶ୍ଚିତ କରିବାପାଇଁ ବୈଠକରେ ଅତିଥିମାନେ ମତ ଦେଇଥିଲେ। ଅତିଥିମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଏବଂ ଏଥିରେ ଯୋଗଦାନ କରିଥିବା ବୀର ପୁରୁଷଙ୍କୁ ସ୍ମରଣ କରିଥିଲେ। ମୁଖ୍ୟବକ୍ତାଭାବେ ଭୀମ ଭୋଇ ମହାବିଦ୍ୟାଳୟ ରେଢ଼ାଖୋଲର ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ମହନ୍ତ ଯୋଗ ଦେଇଥିଲେ। ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବିଜ୍ଞାପିତା ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଶିବରାମ ସାହୁ, ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଓଡିଶା ଦିବସ ସଂକ୍ରାନ୍ତରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଓଡ଼ିଶା ଦିବସରେ ମହାପୁରୁଷଙ୍କୁ ମାଲ୍ୟାର୍ପଣ

ବୌଦ୍ଧ,୧।୪ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାସ୍ତରୀୟ ଓଡ଼ିଶା ଦିବସ ଟାଉନହଲଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ର ଏବଂ ଫିଲାଟେଲିଷ୍ଟ ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ସଂଗୃହୀତ ଡାକଟିକଟ ପ୍ରଦର୍ଶନୀ ହୋଇଥିଲା। ସନ୍ଧ୍ୟାରେ ଟାଉନ ହଲଠାରେ ଆୟୋଜିତ ଜିଲାସ୍ତରୀୟ ଓଡ଼ିଶା ଦିବସ ଆଲୋଚନା ସଭାରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥି ଓ ଏସ୍‌ପି ରାହୁଲ ଗୋୟଲ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ କୁମାର ରଥ, ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନର ଆବଶ୍ୟକତା ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷମାନଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଓଡିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

## ଓଡ଼ିଶା ପୋଲିସ ଲୋକଙ୍କ ସେବକ

ବୌଦ୍ଧ,୧।୪(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ବଲାସିଙ୍ଗାସ୍ଥିତ ରିଜର୍ଭ ପୋଲିସ ଲାଇନ ପରେଡ ପଡିଆଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ଓ ସର୍ଜେଣ୍ଟ ଖଗେଶ୍ୱର ବିଶ୍ୱାଳ ପରେଡ୍ ପରିଚାଳନା କରିଥିଲେ। ଓଡିଶା ପୋଲିସ ସେବକ ଭଳି କାମ କରିଆସୁଛି ଏବଂ ସବୁବେଳେ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେଇଆସୁଥିବା ଆରକ୍ଷୀ ଅଧୀକ୍ଷକ ଗୋୟଲ ତାଙ୍କ ବକ୍ତବ୍ୟରେ କହିଥିଲେ। ଆରକ୍ଷୀ ଅଧୀକ୍ଷକ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ପୋଲିସର ଏସ୍‌ଆଇ ଯଶୋବନ୍ତ କହଁର, ଏଏସ୍‌ଆଇ ସୁନିଲ କୁମାର ମହାପାତ୍ର, ହାବିଲଦାର ରଞ୍ଜନ କୁମାର ମହାପାତ୍ର, କନଷ୍ଟେବଳ ପ୍ରତିମା କର୍ଣ୍ଣ, କନଷ୍ଟେବଳ ଚୈତନ୍ୟ ସେଠିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ବୌଦ୍ଧ ଥାନାଧିକାରୀ ରଞ୍ଜିତ କୁମାର ମୁନୀ ଓ ଜିଲା ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।



ପରେଡରେ ଆରକ୍ଷୀ ଅଧୀକ୍ଷକ ଅଭିବାଦନ ଗ୍ରହଣ କରୁଛନ୍ତି।

**ବୌଦ୍ଧରେ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜନୀତି ମୋ ପୂର୍ଣ୍ଣକାଳୀନ କାର୍ଯ୍ୟ ନୁହେଁ: ଯୋଗୀ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ମହାରାଷ୍ଟ୍ରର ନାଗପୁରସ୍ଥିତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟାଳୟ ପରିଦର୍ଶନରେ ଯାଇଥିଲେ। ତାଙ୍କ ଗସ୍ତକୁ ଉପଲକ୍ଷ୍ୟ କରି ଶିବସେନା ଉଦ୍ଧବ ଗୋଷ୍ଠୀର ବରିଷ୍ଠ ନେତା ସଞ୍ଜୟ ରାଉତ କହିଥିଲେ, ମୋଦି ୭୫ ବର୍ଷ ପୂରଣ କରିବା ପରେ ପ୍ରଧାନମନ୍ତ୍ରୀ ପଦରୁ ଅବସର ନେବେ। ଖୁବ୍‌ଶୀଘ୍ର ତାଙ୍କ ଉତ୍ତରାଧିକାରୀ ଚୟନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ସଞ୍ଜୟଙ୍କ ଏଭଳି ମନ୍ତବ୍ୟ ପରେ ଦେଶବ୍ୟାପୀ 'ଉତ୍ତାଧିକାରୀ' ଚର୍ଚ୍ଚା ବଢ଼ିଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନାମ ସର୍ବାଗ୍ରେ ଆଲୋଚନାକୁ ଆସିଛି। ଏହି ପରିପ୍ରେକ୍ଷୀରେ ଯୋଗୀଙ୍କ ସହ ଖବର ସରବରାହ ସଂସ୍ଥା ପିଟିଆଇ ପକ୍ଷରୁ କରାଯାଇଥିବା ଏକ ସାକ୍ଷାତ୍‌କାରର କିୟଦଂଶ**

ନୂଆଦିଲ୍ଲୀ,୧।୪(ପି.ଟି.)

ରାଜନୀତି ତାଙ୍କ ପାଇଁ ପୂର୍ଣ୍ଣକାଳୀନ କାର୍ଯ୍ୟ ନୁହେଁ ଓ ସେ ଜଣେ ଯୋଗୀ ହୋଇ ରହିବାକୁ ଚାହାନ୍ତି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ମଙ୍ଗଳବାର ଖବର ସରବରାହ ସଂସ୍ଥା 'ପିଟିଆଇ'କୁ ଏକ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି, ତାଙ୍କର ପ୍ରାଥମିକ ଲକ୍ଷ୍ୟ ହେଉଛି ଉତ୍ତରପ୍ରଦେଶବାସୀଙ୍କୁ ସେବା ଯୋଗାଇବା, ଯାହା ତାଙ୍କୁ ପାର୍ଟି ପକ୍ଷରୁ ନ୍ୟସ୍ତ କରାଯାଇଛି। ଦଳ ଚାହିଁଥିବାରୁ ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି ବୋଲି କହିଛନ୍ତି। ଭବିଷ୍ୟତ ପ୍ରଧାନମନ୍ତ୍ରୀ ଭାବେ ତାଙ୍କୁ ସମର୍ଥନ ମିଳୁଛି ବୋଲି ହୋଇଥିବା ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଛନ୍ତି, ତାଙ୍କ ପାଇଁ ରାଜନୀତି ଏକ ପୂର୍ଣ୍ଣକାଳୀନ କାର୍ଯ୍ୟ ନୁହେଁ। ଏମିତି ଦେଖିବାକୁ ଗଲେ ସେ ଜଣେ ଯୋଗୀ (ସନ୍ନ୍ୟାସୀ)। ତେବେ କେବେ ଯାଏ ଆପଣ ମୁଖ୍ୟମନ୍ତ୍ରୀ ହୋଇ ରହିବେ ବୋଲି ପଚରାଯିବାରୁ ସେ କହିଛନ୍ତି, ଏଥିପାଇଁ ଗୋଟେ ସମୟସୀମା ରହିଛି। ରାଜନୀତି ଓ ଧର୍ମ ସମ୍ବନ୍ଧରେ ସେ କହିଛନ୍ତି, 'ଆମେ ଧର୍ମକୁ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ରଖିଦେଉଛେ ଓ କିଛି ଲୋକଙ୍କ ହାତରେ ରାଜନୀତିକୁ ସୀମିତ କରିଦେଉଛେ। ସମ୍ଭବତଃ ସେଥିପାଇଁ ସମସ୍ୟା ଉପୁଜୁଛି। ଯଦି ରାଜନୀତି ସ୍ୱାର୍ଥକୈନ୍ଦ୍ରିକ ହୋଇଯିବ, ତାହା ଅସୁବିଧା ସୃଷ୍ଟି କରିବ। ଯଦି ତାହା ବୃହତ୍ତର ସ୍ୱାର୍ଥ ପାଇଁ ଉପଯୋଗ ହେବ, ତାହା ହେଲେ ସମାଧାନର ବାଟ ଦେଖାଇବ। ସେହିପରି ଧର୍ମ ଯଦି ଆତ୍ମସ୍ୱାର୍ଥରେ ରହିବ, ତାହା ମଧ୍ୟ ନୂଆ ଆହ୍ୱାନ ସୃଷ୍ଟି କରିବ। କିନ୍ତୁ ଯେଉଁମାନେ ଏକ ମହତ୍ତର ଉଦ୍ଦେଶ୍ୟ ପ୍ରତି ସମର୍ପିତ ହେବେ, ତାହା ପ୍ରଗତି ସକାଶେ ଏକ ନୂଆ ରାସ୍ତା ଦେଖାଇବ। କିନ୍ତୁ ମନେରଖିବାକୁ ହେବ ଯେ, ଭାରତୀୟ ପରମ୍ପରା କେବେ ହେଲେ ଧର୍ମକୁ ଆତ୍ମସ୍ୱାର୍ଥରେ ଜଡ଼ିତ କରି ନ ଥାଏ।'

## ଭବିଷ୍ୟତରେ ଯୋଗୀ ପ୍ରଧାନମନ୍ତ୍ରୀ ହେବେ କି



ଯୋଗୀ ଆଦିତ୍ୟନାଥ

ନିଜର ଧର୍ମୀୟ ବ୍ୟକ୍ତିତ୍ୱ କିମ୍ବା ରାଜନୈତିକ ନେତୃତ୍ୱ ମଧ୍ୟରୁ କାହାକୁ ଅଧିକ ଗୁରୁତ୍ୱ ଦେଇଥାଆନ୍ତି ବୋଲି ପ୍ରଶ୍ନର ଉତ୍ତରରେ ଯୋଗୀ କହିଛନ୍ତି, ସେ କେବଳ ଜଣେ ନାଗରିକ ଭାବେ କାର୍ଯ୍ୟ କରନ୍ତି ଓ ନିଜକୁ କଦାପି ବିଶେଷ ବ୍ୟକ୍ତି ଭାବେ ଭାବନ୍ତି ନାହିଁ। ଜଣେ ନାଗରିକ ଭାବେ ସେ ସାମ୍ବିଧାନିକ କାର୍ଯ୍ୟ ତୁଲାଇଥାଆନ୍ତି ବୋଲି କହିଛନ୍ତି। ତାଙ୍କ ପାଇଁ ଦେଶ ହେଉଛି ସବୁଠୁ ଆଗରେ। ସେ ପୁଣି କହିଛନ୍ତି, ଯେତେବେଳେ ଧର୍ମ ସୁରକ୍ଷିତ ସେତେବେଳେ ମଙ୍ଗଳର ମାର୍ଗ ପ୍ରଶସ୍ତ ହୋଇଥାଏ। ଏବେଠାରୁ ୧୦୦ ବର୍ଷ ଯାଏ ସେ ନିଜର ଲେଗାସି ଛାଡ଼ିଯିବାକୁ ଚାହାନ୍ତି କି ବୋଲି ପଚରାଯିବାରୁ ସେ କହିଛନ୍ତି, ଜଣଙ୍କର ନାମ ନୁହେଁ ବରଂ କାର୍ଯ୍ୟ ଯୁଗ ଯୁଗ ଧରି ମନେରହିଥାଏ। ଜଣଙ୍କ ପରିଚୟ ତାଙ୍କ କାମରୁ ଜଣାପଡ଼େ, କଦାପି ନାମରୁ ନୁହେଁ ବୋଲି ଯୋଗୀ କହିଛନ୍ତି।

# ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ପ୍ରୟାସ କରୁଛି ଭାଜପା



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୧।୪(ସୁନିତ୍ ମିଶ୍ର)

୧୯୩୬ ଏପ୍ରିଲ ୧ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ ଦିନ। ଏହା ସବୁ ଓଡ଼ିଆଙ୍କ ପାଇଁ ପ୍ରେରଣାର ଓ ସ୍ୱାଭିମାନର ଦିନ। ଏହିଦିନ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ରାଜ୍ୟକୁ ମାନ୍ୟତା ମିଳିଥିଲା। ଉକ୍ତ ଦିନକୁ ନେଇ ସବୁ ଓଡ଼ିଆ ନିଜକୁ ଗର୍ବିତ ମନେକରନ୍ତି। ଓଡ଼ିଆ କେବଳ ଏକ ଭାଷା ନୁହେଁ ଏହା ପ୍ରତ୍ୟେକଙ୍କ ପାଇଁ ସମ୍ପର୍କ ସ୍ଥାପନର ମୂଳଦୁଆ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଯେଉଁମାନେ ଅହରହ ପ୍ରୟାସ କରିଥିଲେ ବର୍ତ୍ତମାନ ଆମେ ସେମାନଙ୍କୁ ମନେ ପକାଉଛନ୍ତି। ଏହି ମହାପୁରଷମାନଙ୍କ ଆନ୍ଦୋଳନ ହିଁ ଥିଲା ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ଭାଜପାର ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ୮୯ ତମ ଓଡ଼ିଶା ଦିବସ ପାଳନ ହୋଇଛି। ଦେଶ ତଥା ବିଶ୍ୱର କୋଣ ଅନୁକୋଣରେ ଓଡ଼ିଆମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଆମ ସମସ୍ତଙ୍କୁ ଗୌରବାନ୍ୱିତ କରୁଛନ୍ତି। ରାଜ୍ୟରେ ଭାଜପା ଏକାକୀ ସରକାର ଗଠନ କରିବା ପରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସରକାରଙ୍କ ସହ ତାଳଦେଇ ଯୁବପିଢ଼ି ନୂତନ ଓଡ଼ିଶା ଗଠନରେ ନିଜକୁ ସାମିଲ ହୁଅନ୍ତୁ ବୋଲି ଦଳର ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି କହିଛନ୍ତି।

# ନାରୀ ଅସ୍ମିତା ସବୁଠୁ ବଡ଼: ଭକ୍ତ





ମହିଳା କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ ପିସିସି ସଭାପତି ଭକ୍ତଚରଣ ଦାସ ଓ ଅନ୍ୟମାନେ।

ଭୁବନେଶ୍ୱର,୧।୪ (ରବିନାରାୟଣ ଜେନା)

## ନାରୀ ନିର୍ଯାତନା ପ୍ରସଙ୍ଗ
### ମହିଳା କଂଗ୍ରେସର କ୍ୟାଣ୍ଡେଲ ରାଲି

ରାଜ୍ୟରେ ମହିଳାମାନଙ୍କ ପ୍ରତି ବଢ଼ି ଚାଲିଥିବା ନିର୍ଯାତନା ପ୍ରସଙ୍ଗକୁ ନେଇ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିଥିବାବେଳେ ମଙ୍ଗଳବାର ମହିଳା କଂଗ୍ରେସ ଅଭିନବ ପ୍ରତିବାଦ କରିଛି। ହଜି ଯାଇଥିବା ମହିଳାଙ୍କୁ ଖୋଜିବା ଏବଂ ନାରୀ ନିର୍ଯାତନାକୁ ରୋକିବା ଆଭିମୁଖ୍ୟ ନେଇ ମହିଳା କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେଶନ ପର୍ଯ୍ୟନ୍ତ ଯାଇ ସରକାର ବିରୋଧୀ ନାରା ଦେଇଥିଲା।

ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ, ଓଡ଼ିଆ ଅସ୍ମିତା ତଥା ନାରୀ ଅସ୍ମିତା ସବୁଠୁ ବଡ଼। ହେଲେ ରାଜ୍ୟ ସରକାରଙ୍କ ଚରମ ଅବହେଳା ଯୋଗୁ ରାଜ୍ୟରେ ୬୦ହଜାର ମହିଳା ନିର୍ଯାତନାର ଶିକାର ହେଲେଣି। ସେଥିରେ କେତେକ ମା', ଭଉଣୀ ଓ ଶିଶୁ ହଜି ଯାଇଥିବାବେଳେ ଆଉ କେତେକ ବଳାତ୍କାରୀଙ୍କ ଶିକାର ହୋଇଛନ୍ତି। ସରକାର ତୁରନ୍ତ ନିଖୋଜ ମହିଳାଙ୍କୁ ଖୋଜି ଆଣନ୍ତୁ ଏବଂ ଅନ୍ୟମାନଙ୍କୁ ନ୍ୟାୟ ଦିଅନ୍ତୁ।

ସେ କହିଥିଲେ, ସଂପ୍ରତି ମହିଳାମାନେ କିଭଳି ସୁରକ୍ଷିତ ରହିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ମଧ୍ୟ ଜଣେ ମହିଳା ନିର୍ଯାତନାର ଶିକାର ହୋଇଥିବା ଖବର ଆସିଛି। ଏହାଠାରୁ ବଳି ଲଜ୍ଜାଜନକ ଆଉ କିଛି ଥାଇ ନ ପାରେ। ଆଜି ମହିଳାମାନେ ଯେଉଁ କ୍ୟାଣ୍ଡେଲ ଧରି ଖୋଜିବା ପାଇଁ ବାହାରିଛନ୍ତି ଏହା ନିଶ୍ଚିତ ଭାବେ ସରକାରଙ୍କୁ ଚେତାଇ ଦେବ। ଓଡ଼ିଶା ଦିବସରେ ମହିଳା କଂଗ୍ରେସ ଯେଉଁ ଏହି ରଚନାତ୍ମକ କାର୍ଯ୍ୟକ୍ରମ ହାତକୁ ନେଇଛି ତାହା ନିଶ୍ଚିତ ଭାବେ ସରକାର ଏବଂ ବଳାତ୍କାରୀଙ୍କୁ ଚେତାଇ ଦେବ। ଯଦି ଏଥିରେ ସରକାର ଏବଂ ବଳାତ୍କାରୀ ନ ଚେତିବେ ତେବେ ଆଗକୁ ସାଧାରଣ ଲୋକେ ଓ କଂଗ୍ରେସ ଚେତାଇଦେବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ ପ୍ରମୁଖ ସାମିଲ ଥିଲେ।

# ରୋଚକ ମୋଡ଼ ନେଉଛି କୁକୁଡ଼ାଖଣ୍ଡି ବ୍ଲକ ରାଜନୀତି

ବ୍ରହ୍ମପୁର,୧।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନମଣ୍ଡଳୀର କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ୨୦୨୪ ଜୁନ ୬ରେ ମୃତ୍ୟୁ ହୋଇଥିଲା। ଏହାପରେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର ସରକାରୀ ନିୟମ ଅନୁଯାୟୀ ୧୮୦ ଦିନ ପର୍ଯ୍ୟନ୍ତ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ବର୍ତ୍ତମାନ ୯ ମାସ ବିତିଯାଇଥିବା ବେଳେ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ଏହି ପଦବୀ ହାତେଇବା ଆଶାରେ ଗୋଟେ ପଟେ ଅଙ୍କୁଶପୁର ପଞ୍ଚାୟତ ସମିତି ସଭ୍ୟା ସୁନୀତା ସେଠୀ ନିଜ ସମର୍ଥକଙ୍କ ସହ ଦିଲ୍ଲୀ ଗସ୍ତ କରି କେନ୍ଦ୍ରୀୟ ନେତୃବୃନ୍ଦ ତଥା ଭାଜପାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଦୁଷ୍ମନ୍ତ ଗୌତମ ଓ ବନ୍ଦର ଓ ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାୟକଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଛନ୍ତି। ଅନ୍ୟପଟେ ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱରରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଭୂଷଣ ଜେନା ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି। କିନ୍ତୁ ଏଠାରେ ଆଲୋଚନାର ବିଷୟ ହେଉଛି, ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ଟାଣୁଆ ବିଜେଡି ନେତା ସ୍ୱର୍ଗତ ସୂର୍ଯ୍ୟ ପାତ୍ରଙ୍କ ନିକଟରେ ବିଷ୍ଣୁପ୍ରିୟା ଏବଂ ସୁନିତା ବ୍ଲକ ଅଧ୍ୟକ୍ଷ ପଦ ନିମନ୍ତେ ସେତେବେଳେ ଜୋରଦାର ପ୍ରୟାସ କରିଥିଲେ। ପର ମୁହୂର୍ତ୍ତରେ ଦ୍ୱିତୀୟ ଥର ପାଇଁ ଅଧ୍ୟକ୍ଷ ପଦ ହାତେଇବାରେ ସଫଳ ହୋଇଥିଲେ ସ୍ୱର୍ଗତ କାମାକ୍ଷା ପ୍ରସାଦ ପାତ୍ର। ଅଧ୍ୟକ୍ଷ ହେବା ଆଶା ମଉଳିଯିବା ପରେ ବିଷ୍ଣୁପ୍ରିୟାଙ୍କୁ ଉପାଧ୍ୟକ୍ଷା ପଦରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ବର୍ତ୍ତମାନ ଭାଜପା ରାଜ୍ୟ ଏବଂ କେନ୍ଦ୍ରରେ କ୍ଷମତାରେ ରହିଛି। ତେଣୁ ବିଷ୍ଣୁପ୍ରିୟା ଓ ସୁନୀତା ଉଭୟ ବ୍ଲକ ଅଧ୍ୟକ୍ଷ ପଦ ହାତେଇବା ଲକ୍ଷ୍ୟରେ ନିଜ ସମର୍ଥକଙ୍କ ସହ ବିଜେଡି ଛାଡ଼ି ଭାଜପା ଶିବିରକୁ ଲମ୍ଫ ଦେଇଥିବା ଆଲୋଚନା ହେଉଛି। ସୁନୀତା ପ୍ରଥମେ ଭାଜପାରେ ଯୋଗଦେବାର ଗୋଟିଏ ଦିନପରେ ବିଷ୍ଣୁପ୍ରିୟା ତରବରିଆ ଭାବରେ ଭାଜପାରେ ଯୋଗଦେବା ବ୍ଲକ ରାଜନୀତିକୁ ସରଗରମ କରିଛି। କ୍ଷମତା ଲୋଭରେ ଉଭୟଙ୍କ ମଧ୍ୟରେ ଜୋରଦାର ଲଢେଇ ଚାଲିବ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ତେବେ ଅଧ୍ୟକ୍ଷ ପଦ ଦିଲ୍ଲୀ ଯାଇ ଭାଜପାରେ ଯୋଗ ଦେଇଥିବା ଗୋଷ୍ଠୀ ନା ଭୁବନେଶ୍ୱର ଯାଇ ଭାଜପାରେ ସାମିଲ ହୋଇଥିବା ଗୋଷ୍ଠୀଙ୍କୁ ମିଳିବ ସେ ନେଇ ଚର୍ଚ୍ଚା ହେଉଛି।



ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଥିବା କର୍ମୀମାନେ।

# କଂଗ୍ରେସ ସଙ୍ଗଠନକୁ ଅଧିକ ମଜଭୁତ କରିବାକୁ ଗୁରୁତ୍ୱ

ତିର୍ତ୍ତୋଲ,୧।୪ (ଗୌରାଙ୍ଗ ଚରଣ ସ୍ୱାଇଁ)

## ଆମ ପଞ୍ଚାୟତ ଆମ ଦାୟିତ୍ୱ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରାଯିବ ବୋଲି କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ କହିଛନ୍ତି। ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର(ଶ) ଗ୍ରାମ ପଞ୍ଚାୟତରେ ମଙ୍ଗଳବାର 'ଆମ ପଞ୍ଚାୟତ ଆମ ଦାୟିତ୍ୱ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇଂ. ମଲ୍ଲିକ ଯୋଗଦେଇ ଦଳୀୟ ସଙ୍ଗଠନ ମଜଭୁତ ସହ କର୍ମୀମାନଙ୍କୁ ଏକ୍‌ଜୁଟ୍ ହେବାକୁ ଆହ୍ୱାନ ଦେଇଛନ୍ତି। ସଭା ଆରମ୍ଭ ପୂର୍ବରୁ ଓଡ଼ିଶା ଦିବସ ପାଳନ କରାଯାଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ କଂଗ୍ରେସ କର୍ମୀମାନଙ୍କୁ ନେଇ ଦଳୀୟ ଆଲୋଚନା କରାଯାଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ କିପରି କଂଗ୍ରେସ ଭଲ ପ୍ରଦର୍ଶନ କରିବ, ସେବିଷୟରେ କର୍ମୀମାନଙ୍କ ସହ ଆଲୋଚନା କରି ଭବିଷ୍ୟତର କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ବୈଠକରେ ପଞ୍ଚାୟତ କଂଗ୍ରେସର ନୂତନ ସଭାପତି ଭାବେ ଦେବାଶିଷ ଦାସ, ଉପସଭାପତି ବିଜୟ କୁମାର ପୃଷ୍ଟି, ବିଜନ ବରାଳ, ସାଧାରଣ ସମ୍ପାଦକ ସତ୍ୟାନନ୍ଦ ବେହେରାଙ୍କୁ ମନୋନୀତ କରାଯାଇଥିଲେ। କାର୍ଯ୍ୟକ୍ରମରେ ଯୁବ ସଙ୍ଗଠକ ଇଂ. ରୂପରଞ୍ଜନ ମିଶ୍ର, ରବିନାରାୟଣ ନନ୍ଦ, ହିମାଂଶୁ ଶେଖର ମାହାନ୍ତି, ଜପହରି ମାହାନ୍ତି, ସାରଦା ପ୍ରସନ୍ନ ମାହାନ୍ତି, ନରେଶ ମାହାନ୍ତି, ଦୀପ୍ତିରଞ୍ଜନ ସୂତାର, ଧୂନଚନ୍ଦ୍ର ସେଠୀ, ଶୁକଦେବ ସେଠୀ, ପୂର୍ବତନ ଉପସଭାପତି ବିଦ୍ୟାଧର ପୃଷ୍ଟି, ଗଙ୍ଗାଧର ପୃଷ୍ଟି, ରଞ୍ଜନ ପୃଷ୍ଟି, ପ୍ରସନ୍ନ ପୃଷ୍ଟି, ବାବୁଲି ସେଠୀଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ଅନ୍ୟାନ୍ୟ ଖବର

# ଦନ୍ତାହାତୀର ମୃତଦେହ ଜବତ



ନାଳ ଭିତରେ ପଡ଼ିଥିବା ହାତୀର ମୃତଦେହ।

ପାଲଲହଡ଼ା,୧।୪ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ରେଞ୍ଜ ସଇଡ଼ା ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ ନାଳରୁ ମଙ୍ଗଳବାର ଦନ୍ତା ହାତୀର ମୃତଦେହ ବନ ବିଭାଗ ଜବତ କରିଛି। ସୂଚନା ଅନୁଯାୟୀ, ଭୋର ସମୟରେ ଏକ ନାଳ ଭିତରେ ଦନ୍ତା ହାତୀର ମୃତଦେହ ପଡ଼ିଥିବା ସଇଡ଼ା ଗ୍ରାମର କେତେଜଣ ଲୋକ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ପାଲଲହଡ଼ା ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ୭ ରୁ ୮ ବର୍ଷର ଦନ୍ତାହାତୀର ମୃତଦେହ ଜବତ କରିଥିଲେ। ନାଳକୁ ପାଣି ପିଇବାକୁ ଆସିଥିବା ହାତୀଟି ଖସି ପଡ଼ି ପ୍ରାଣ ହରାଇଥିବା ଅନୁମାନ କରାଯାଉଥିବା ରେଞ୍ଜ ଅଧିକାରୀ କହିଛନ୍ତି। ଦେବଗଡ଼ ଡିଏଫ୍‌ଓ ଏବଂ ୱାଇଲଡ ଲାଇଫ ଏକ୍ସପୋର୍ଟ ଟିମ୍ ପହଞ୍ଚି ତଦନ୍ତ କରିବା ପରେ ପାଲଲହଡ଼ା ପ୍ରାଣୀଧନ ଚିକିତ୍ସାଳୟର ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରିଥିଲେ।

**Classified Everyday 0674-2580101, 9692975378**



**MATRIMONIAL**

**BRIDE WANTED**

ବୟସ 29, Private ଚାକିରୀ କରୁଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7077016578. D-75374

**GROOM WANTED**

Tall, Handsome Brahmin boy 1989 born, 5'10" MBA (IB) & LLB, Lawyer in Puri earning 7Lacs per Annum invites suitable Brahmin proposals. Contact: 7978626462. D-3466

Beautiful Brahmin girl 1991, 5'3", B.Tech, Serving Manager, Nationalised Bank, "SUNASANSAR". 9937512659. D-76255



**AUTOMOBILE SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254



**REAL ESTATE SALE**

**Building for sale 70,000 sqft. with land area 11 acre of land near Brahmapur, Ganjam for Hospital/College/ School. Contact No- 8260780200.** D-76806

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 94 39856856.** D-3219

**HEALTH CARE**

All types hair cutting, body massage by smart lady room services available. Contact: 7077240328. D-71396

Newly open Jyoti SPA positively health benefits (Expert therapist). 8458067955. D-76904

**AFFIDAVIT**

I, Jayanti Bhuyan, D/o- Late Madhusudan Bhuyan, resident of 14, Cantonment Road, Buxibazar, Cuttack Sadar, P.O.- Cuttack, GPO, Dist.- Cuttack, PIN-753001 declare by this affidavit No.-1684, dtd 22.03.2010. That now onwards I shall be known as **JAYANTI SENAPATI** for all future purposes. D-001

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଭାକର ନାୟକ
ପ୍ଲଟ୍ ନଂ.: ୬୨୨, ନୟାପଲ୍ଲୀ (ବେହେରା ସାହି), କଳିଙ୍ଗ ଷ୍ଟାଡ଼ିୟମ ପାଖ, ଭୁବନେଶ୍ୱର
ଆବିର୍ଭାବ: ୧୫.୦୬.୧୯୪୪
ତିରୋଧାନ:୨୩.୦୩.୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନିଷ୍ଠ ଭ୍ରାତା ଦ୍ୱୟ ଓ ଭ୍ରାତୃବଧୂମାନେ, ଦୁହିତା, ଜାମାତା,ପୌତ୍ର, ପୌତ୍ରୀ,ବନ୍ଧୁ ଓ ପରିବାର ବର୍ଗ
ଧ-୦୦୩

**କୋଶଳ ସଂଘର୍ଷ ବାହିନୀ ପକ୍ଷରୁ ପ୍ରତିବାଦ ସଭା**

ଖଡ଼ିଆଳ(ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡିଆଳ ବ୍ଲକ୍ ଦୋହେଲପଡ଼ା ଠାରେ କୋଶଳ ସଂଘର୍ଷ ବାହିନୀ ପକ୍ଷରୁ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କର୍ମକର୍ତ୍ତାମାନେ କୋଶଳ ରାଜ୍ୟ ଦାବି ସହ ଓଡ଼ିଶା ଦିବସକୁ କଳା ଦିବସ ରୂପେ ପାଳନ କରିଛନ୍ତି। ସଂଗଠନର ଜିଲା ସଭାପତି କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ୧୫ରୁ ଉର୍ଦ୍ଧ୍ୱ ନାଗରିକ ଯୋଗ ଦେଇଥିଲେ।



## ସଂକ୍ଷେପରେ

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୋଡ଼େନ୍,୧।୪ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ କଲୋନି ଅମେରାଠାରେ ଆମ ଖେଳଣା ଆମ ସଂସ୍କୃତି କାର୍ଯ୍ୟକ୍ରମ ଅନ୍ତର୍ଗତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧବଳେଶ୍ୱର କୁରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ସାଧନା କର୍ମୀ ନବବସନ୍ତ ଯୋଶୀ ମୁଖ୍ୟ ଅତିଥି ଓ ୱାର୍ଡମେମ୍ବର ଅନାଦି ମାଝୀ, ପରିଚାଳନା କମିଟି ସଭାପତି ନରସିଂହ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ଚନ୍ଦନ ସିଂ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ପରିଚାଳନା କମିଟି ସଭାପତି ନରସିଂହ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ହେଲୋ କିଡ୍ସ ପ୍ରାରମ୍ଭିକ ସ୍କୁଲର ବାର୍ଷିକୋତ୍ସବ

**ଖଡ଼ିଆଳ,୧।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଧର୍ମଶାଳା ପରିସରରେ ହେଲୋ କିଡ୍ସ ପ୍ରାରମ୍ଭିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରତିଷ୍ଠାତା ଦିନ୍‌ଦୟାଲ ଅଗ୍ରୱାଲ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ଯୁବଗୋଷ୍ଠୀଙ୍କ ଅନନ୍ୟ ପ୍ରୟାସ ପ୍ରଶଂସନୀୟ

**ଖଡ଼ିଆଳ,୧।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଂ ଫର୍ ହେଲ୍ପଲେସ ପିପୁଲ ଫାଉଣ୍ଡେଶନର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଙ୍ଗଠନର ଯୁବଗୋଷ୍ଠୀଙ୍କ ଅନନ୍ୟ ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ସାହିତ୍ୟିକ ଗୌରାଙ୍ଗ କୁମାର ସାହୁ ମୁଖ୍ୟବକ୍ତା ଓ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସାମାଜିକ କର୍ମୀ ଅକ୍ଷୟ ନନ୍ଦ, ସଂଗଠନର ପ୍ରତିଷ୍ଠାତା କୈଳାସ ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଗଠନର ସଭାପତି ରାଜେଶ୍ୱର ଦର୍ଜୀ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସଂଗଠନର ଉପସଭାପତି ବିନ୍ଦିଆ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ସମାଜସେବୀ ୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଥିଲା।

### ଜଙ୍ଗଲ ନିଆଁ: ଭିଡିଓ ମାଧ୍ୟମରେ ସଚେତନତା

**କେସିଙ୍ଗା,୧।୪ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବନାଞ୍ଚଳ ରେଞ୍ଜର ଏସ୍.ଏସ୍. ବଲିୟାରସିଂଙ୍କ ନେତୃତ୍ୱରେ ଜଙ୍ଗଲ ନିଆଁକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମରେ ଭିଡିଓ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ଜଙ୍ଗଲ ଓ ଜୀବଜନ୍ତୁଙ୍କୁ କିଭଳି ସୁରକ୍ଷା କରାଯିବ ସେଥିପାଇଁ କେସିଙ୍ଗା ରେଞ୍ଜର ଗ୍ରାମ ଗ୍ରାମ ବୁଲି ଭିଡିଓ ପ୍ରଦର୍ଶନ କରାଯାଉଛି। ଏହି ରେଞ୍ଜ ଅଧୀନ ସୌରା ପଦର, ବାହାଦୁର ପିଟା, ତୁମେରମୁଣ୍ଡା, କୁର୍ଲୁପଡା, ବଗାଡ଼, ତସହସିର ଆଦି ଗ୍ରାମରେ ଏହି ସଚେତନତା କରାଯାଇଛି। କାର୍ଯ୍ୟକ୍ରମରେ ଫରେଷ୍ଟର ଯଶୋବନ୍ତ ନାଏକ, ବନରକ୍ଷୀ ଧନୁର୍ଯ୍ୟ ନିଆଲ ପ୍ରମୁଖ ସାମିଲ ଅଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ପତରପଡ଼ାବାସୀ

**ଅଭିଯୋଗ ପରେ ବି ହୋଇପାରୁନି ରାସ୍ତା ଓ ପାନୀୟ ଜଳ ବ୍ୟବସ୍ଥା**

**ଲାଞ୍ଜିଗଡ଼,୧।୪(ରମେଶ ଚନ୍ଦ୍ର ନାୟକ)**


ପତରପଡ଼ା ଗାଁ ଦୃଶ୍ୟ।

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତର ପତରପଡ଼ାବାସୀ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆସିଥିବା କହୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ପତରପଡ଼ା ଗ୍ରାମକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ଦୁଇଶହ ମିଟର ଦୂରରେ ଥିବା ଏହି ଗ୍ରାମକୁ ଗମନାଗମନ ପାଇଁ ଭଲ ରାସ୍ତା ଓ ପିଇବା ପାଇଁ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସୂଚନାନୁସାରେ ଏହି ଗାଁରେ ହାରାହାରି ୪୦ ବର୍ଷ ହେଲା ୧୬ ଗୋଟି ଆଦିବାସୀ ପରିବାର ବସବାସ କରୁଛନ୍ତି। ଭଲ ରାସ୍ତା ନ ଥିବାରୁ ପାଦ ଚଲା ରାସ୍ତା ଯୋଗୁ ଗ୍ରାମବାସୀ ନାନାଦି ଅସୁବିଧା ଭୋଗିଥାନ୍ତି। ଖରା ଦିନେ କଷ୍ଟେମଷ୍ଟେ ଗାଁକୁ ମୋଟରସାଇକେଲ ଯାଉଛି। ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆରେ ବୋହି ଲାଖବାହାଲି ଗାଁ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ନେବାକୁ ପଡିଥାଏ। କିନ୍ତୁ ବର୍ଷା ଦିନେ କାଦୁଅ ରାସ୍ତା ଯୋଗୁ ବର୍ଷା ୪ ମାସ ଅନେକ କଷ୍ଟ ଭୋଗୁଛୁ ବୋଲି ଗାଁ ଲୋକେ ପ୍ରକାଶ କରିଛନ୍ତି। ପାଣି ମୁନ୍ଦାଏ ପାଇଁ ପାଖ ପଡାକୁ ଯାଇ ପାଣି ଆଣିବାକୁ ପଡେ ପଡାବାସୀଙ୍କୁ। ରାସ୍ତା ଓ ପାନୀୟ ଜଳ ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ତୁରନ୍ତ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ମାଳି ମାଝୀ, ବନ ମାଝୀ, ଘାଷି ମାଝୀ, ଡମେ ମାଝୀ, ବିଗ୍ନ ମାଝୀ, ଜୟମଲ ମାଝୀ, ସୁଦ ମାଝୀ, ସମିତ୍ର ମାଝୀ, ଫୁଲ ମାଝୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ଏହି ଗାଁକୁ ରାସ୍ତା ଓ ପାଣି ପାଇଁ ମୁଁ ବ୍ଲକକୁ ପ୍ରସ୍ତାବ ଦେଇ ସାରିଛି। କିଛି ମାସ ଭିତରେ ପ୍ରସ୍ତାବ ଗୃହୀତ ହେଲେ ନିଶ୍ଚିତ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ବିଦ୍ୟାଳୟରେ ମାଣ୍ଡିଆଲଡ୍ଡୁ ବଣ୍ଟନ


ରତନ ଭୋଇ ଉଚ୍ଚ ବିଦ୍ୟାଳୟଠାରେ ମାଣ୍ଡିଆଲଡ୍ଡୁ ବଣ୍ଟନ କରାଯାଉଛି।

**କର୍ଲାମୁଣ୍ଡା,୧।୪(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ମାଣ୍ଡିଆଲଡ୍ଡୁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟଠାରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦିକିଶୋର ଭୋଇ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଗୋପମଣୀ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ୱାର୍ଡମେମ୍ବର ଚନ୍ଦ୍ର ଭାନୁ ସାହୁ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ପୋଷଣ ଯୋଜନାର ଶୁଭାରମ୍ଭ କରିବା ସହ ଛାତ୍ରୀଛାତ୍ରଙ୍କୁ ମାଣ୍ଡିଆଲଡ୍ଡୁ ଓ ରାଶିଲଡ୍ଡୁ ବଣ୍ଟନ କରିଥିଲେ। ସେହିପରି ବ୍ଲକ୍‌ର ବଡ଼ତୁଙ୍ଗୁରିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜେ. ମାଲିପଡ଼ା ପ୍ରାଥମିକ ବିଦ୍ୟାଳୟ, ବୀରକିଶୋର ଉଚ୍ଚ ବିଦ୍ୟାଳୟ ଭଟାପଲା, ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ମାଣ୍ଡିଆଲଡ୍ଡୁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।


ମାରାଗୁଡ଼ା ଲୋକ ମହୋତ୍ସବ ମଶାଲ ଶୋଭାଯାତ୍ରାରେ ଜିଲାପାଳ ମୃଦଙ୍ଗ ଓ ଏସ୍‌ପି ଢୋଲ ବଜାଉଛନ୍ତି।

## ୪ ୱାର୍ଡ ସଭ୍ୟାସଭ୍ୟଙ୍କୁ ବହିଷ୍କାରକଲେ ଜିଲାପାଳ

**କେସିଙ୍ଗା,୧।୪(ତୁମେଶର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଫଟକାମାଲ ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ୪ ୱାର୍ଡ ସଭ୍ୟାସଭ୍ୟାଙ୍କୁ ଜିଲାପାଳ ବହିଷ୍କାର କରିଛନ୍ତି। ସେମାନେ ହେଲେ ଲଟକାବାହାଲି ଗ୍ରାମର ବଲିଷ୍ଠ ମାଝୀ, ଫଟକାମାଲ ଗ୍ରାମର ରାଜେନ୍ଦ୍ର ସେଠୀ, ଖୁସିରାମ ଭୋଇ ଓ ଭାନୁମତି ମେହେର। ଦୁଇରୁ ଅଧିକ ସନ୍ତାନ ଥିଲେ ମଧ୍ୟ ଏମାନେ ୨୦୨୨ ପଞ୍ଚାୟତ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦେଇ ନିର୍ବାଚିତ ହୋଇଥିଲେ। ଗ୍ରାମବାସୀ ଏହି ମିଥ୍ୟା ସତ୍ୟପାଠ ଉପରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ତଦନ୍ତ କରି ଏହି ୱାର୍ଡ ସଭ୍ୟାସଭ୍ୟଙ୍କ ଦୁଇରୁ ଅଧିକ ସନ୍ତାନ ଥିବା ଜାଣିବାକୁ ପାଇଥିଲେ। ଓଡିଶା ଗ୍ରାମ ପଞ୍ଚାୟତ ଆକ୍ଟ ୧୯୬୪ ପ୍ରକାର ଜିଲାପାଳ ସେମାନଙ୍କୁ ବହିଷ୍କାର କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳଙ୍କ ଚିଠି ସଂଖ୍ୟା.୭୪୭/୨୫।୩।୨୫ ଅନୁସାରେ ଉପରୋକ୍ତ ୪ଜଣଙ୍କୁ ଫଟକାମାଲ ଗ୍ରାମ ପଞ୍ଚାୟତରୁ ବହିଷ୍କାର କରିଥିବାର ଜଣାପଡ଼ିଛି।

## କଳାହାଣ୍ଡି କିସ୍‌ରେ ଓଡ଼ିଶା ଦିବସ


ଛାତ୍ରୀଛାତ୍ରଙ୍କ ଦ୍ୱାରା ପିରାମିଡ ପ୍ରଦର୍ଶନ।

**ଭବାନୀପାଟଣା,୧।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବାଦଲିସ୍ଥିତ କିସ୍ ପରିସରରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ମୁଖ୍ୟ ଅତିଥି ଓ ବରିଷ୍ଠ ଖବରଦାତା ଶୁଭେନ୍ଦୁ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା, ଉପକାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶାଳ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଅଚ୍ୟୁତ ସାମନ୍ତଙ୍କ ଏଭଳି ଅନୁଷ୍ଠାନକୁ ଭୂୟସୀ ପ୍ରଶଂସାକରି ପିଲାଙ୍କୁ ଉଚ୍ଚ ହେବା ପାଇଁ କଠିନ ପରିଶ୍ରମ ଓ ନିଜ ମାତୃଭାଷାକୁ ଆଦରି ନେଇ ଓଡ଼ିଶାର ଗୌରବ ଆଣିବାକୁ କହିଥିଲେ। ତୃତୀୟ ଶ୍ରେଣୀ ଛାତ୍ରୀ ବିନୋଦିନୀ ମାଝୀ, ଷଷ୍ଠ ଶ୍ରେଣୀ ଛାତ୍ରୀ ହଂସିକା ନାଏକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଜନୀଗନ୍ଧା ରାଉତ ଓଡ଼ିଶା ଦିବସ ଉପରେ ଭାଷଣ ରଖିଥିଲେ। ଛାତ୍ରୀମାନେ ଦେଶାତ୍ମବୋଧକ ନୃତ୍ୟ ସହ ଓଡ଼ିଶା ସଦୃଶ ଏକ ପିରାମିଡ୍ ପ୍ରଦର୍ଶନକରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ କିସ୍‌ର ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁରୀ ନାଚଗୀତରେ ଝୁମିଲେ ଦର୍ଶକ

**ମାରାଗୁଡ଼ା ଲୋକ ମହୋତ୍ସବ ଉଦ୍‌ଘାଟିତ**

**ନୂଆପଡ଼ା,୧।୪ (ମକାରୁ ବେମାଲ)**

ସ୍ଥାନୀୟ ଲୋକ ସଂସ୍କୃତି, ପରମ୍ପରା, ଐତିହ୍ୟକୁ ନେଇ ନୂଆପଡା ମିନି ଷ୍ଟାଡିୟମଠାରେ ମଙ୍ଗଳବାର ମାରାଗୁଡା ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ନେତୃତ୍ୱରେ ସକାଳେ କଣାଭଇଁରା ମନ୍ଦିର-ସାଲିହା ସ୍ମୃତିପୀଠରୁ ମଶାଳ ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଖୋଦ ଜିଲାପାଳ ମୃଦଙ୍ଗ ଓ ଏସ୍‌ପି ଢୋଲ ବଜାଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ମୁଖ୍ୟଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ଅବନୀ ରଞ୍ଜନ ଯୋଶୀ, ଜିଲା ପରିଷଦ ସଦସ୍ୟା ଯାଜ୍ଞସିନୀ କଟା, ଶିକ୍ଷାବିତ ଓ ସାହିତ୍ୟିକ ମହେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର କୁଳପତି ପ୍ରାଧ୍ୟାପକ ପ୍ରସନ୍ନ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାରାଗୁଡା ମହୋତ୍ସବ ପୁରାଣ ଇତିହାସର ଗାଥା କହିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୁରୁମପୁରିର ମା' ତାରିଣୀ ଶୁଆନାଚ, ପଲସଦା ସେବାଶ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ନାଚ, ବୋଡେନର ଆଦିବାସୀ ରାମକାଠି ନାଚ, ଟିଟିଲାଗଡ ଢାପ ଲୋକ ନୃତ୍ୟ, କୋରାପୁଟ କୋଟପାଡର ଢେମସା ପରିବେଷଣ କରାଯାଇଥିଲା। ପ୍ରଥମ ଦିନରୁ ଦର୍ଶକ ସମ୍ବଲପୁରୀ ନାଚଗୀତରେ ଝୁମି ଉଠିଥିଲେ। ବରିଷ୍ଠ ସହାୟକ ବିଭୂଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

**କୋମନା,୧।୪(ସୋବିନ ଛତ୍ରିଆ)**

ନୂଆପଡ଼ା ଜିଲା କୋମନା ବ୍ଲକ କୁରେଶ୍ୱର କ୍ଲଷ୍ଟର ଅଧୀନ ମାନିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ ମୁଖ୍ୟଅତିଥି, ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ମାଝୀ, ସମିତିସଭ୍ୟ କୃଷ୍ଣ ଚନ୍ଦ୍ର ବେମାଲ, ସମାଜସେବୀ ହଳଧର ଜଲ, ମିନିକେତନ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମାନିଗୁଡା ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତାରା ଚନ ଥପା ଯୋଗ ଦେଇ ଶିଶୁମାନଙ୍କୁ ଶିକ୍ଷକ, ଶିକ୍ଷୟିତ୍ରୀ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କ ଚରିତ୍ର ଗଠନ ଉପରେ ଧ୍ୟାନ ଦେବାପାଇଁ ମାର୍ଗଦର୍ଶନ କରିଥିଲେ ବିଦ୍ୟାଳୟରେ ସର୍ବୋଚ୍ଚ ଉପସ୍ଥାନ, ପରୀକ୍ଷା, ଖେଳାକୁଦରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉତ୍ତମ ଛାତ୍ର ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୂଆପଡ଼ା,୧।୪ (ମକାରୁ ବେମାଲ)**


ଜିଲାପାଳ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ସରସ୍ୱତୀ ଶିଶୁ ମନ୍ଦିରର ୨୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି, ପୂର୍ବତନ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସମ୍ଭାଗ ସମ୍ପାଦକ ରୁଦ୍ର ମାଧବ ବାରିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତମ ଛାତ୍ର ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ପରିଚାଳାନା ସମିତି ସମ୍ପାଦକ ପୁରନମଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ସର୍ବାଧିକ ଉପସ୍ଥାନ, ସରକାରୀ ବୃତ୍ତି, ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଦକ୍ଷତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଓଡ଼ିଶା ଦିବସ, ନୂଆପଡ଼ା ଜିଲା ପ୍ରତିଷ୍ଠା ଦିବସ

**ନୂଆପଡ଼ା,୧।୪ (ମକାରୁ ବେମାଲ)**

ସ୍ଥାନୀୟ ନ୍ୟଶନାଲ ଉଚ୍ଚ ବିଦ୍ୟାଳୟ ମାରାଗୁଡା ରଙ୍ଗ ମଞ୍ଚରେ ମଙ୍ଗଳବାର ୯୦ ତମ ଓଡ଼ିଶା ଦିବସ ଓ ୩୧ତମ ନୂଆପଡ଼ା ଜିଲା ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି, ଶିକ୍ଷାବିତ୍ ତଥା ପୂର୍ବତନ କଲେଜ ଅଧ୍ୟକ୍ଷ ଫଣିନ୍ଦମ ସିଂଦେଓ ମୁଖ୍ୟବକ୍ତା ଓ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ପୂର୍ବତନ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ବରିଷ୍ଠ ଓକିଲ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ପ୍ରଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମହାପୁରୁଷ, ନୂଆପଡା ଜିଲା ଗଠନର ମୁଖ୍ୟ ପୁରୋଧା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝି ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୁର୍ଯ୍ୟୋଧନ ମାଝିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

## ପ୍ରଗତି ମହାବିଦ୍ୟାଳୟରେ ପ୍ରଥମ ଆଲୁମ୍ନି ମିଟ୍

**ଭବାନୀପାଟଣା,୧।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ପ୍ରଗତି ମହାବିଦ୍ୟାଳୟରେ ଦଶବର୍ଷ ପୂର୍ତ୍ତି ଅବସରରେ ରବିବାର ପୂର୍ବତନ ଛାତ୍ରୀଛାତ୍ର ତଥା ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପ୍ରଥମ ଆଲୁମ୍ନି ମିଟ୍ ଓ ଜାତୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ଓ ଚେୟାର ପର୍ସନ ସୁଶ୍ରୀ ସଂଗୀତା ପଣ୍ଡା ପୌରହିତ୍ୟ କରିଥିଲେ। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ ମୁଖ୍ୟ ଅତିଥି ଓ ଗୁରୁ ଘାସିଦାସ ବିଲାସପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ସୁନୀଲ କୁମାର ସିଂହ, ଆସିଷ୍ଟାଣ୍ଟ ପ୍ରଫେସର ସୁଭାଷ ବାନାର୍ଜୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅସୋସିଏଟ ପ୍ରଫେସର ଡ଼. ନିରିଉସ ଜେନାନ ଏକ୍କା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ପରିଚାଳନା ସମିତି ସଭାପତି ଲକ୍ଷ୍ମୀକାନ୍ତ ବେହେରା, ଅଧ୍ୟକ୍ଷ ତାପସ ପରିମାଣିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କରିଥିଲେ। ଏଥିରେ ୨୦୧୮ରୁ ୨୦୨୪ ବ୍ୟାଚର ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇ ନିଜର ସ୍ମୃତି ଓ ଅନୁଭୂତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ଏହି ଅବସରରେ ପ୍ରଗତି ମହାବିଦ୍ୟାଳୟର ପ୍ରଥମ ମାଗାଜିନ 'ପ୍ରଗତି ଇନ୍ସପେୟାରା' ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିଙ୍କ ଦ୍ୱାରା ମେଗାଜିନ ଉନ୍ମୋଚନ କରାଯାଉଛି।

## ଓଡ଼ିଶା ହେଉଛି ଶରୀର, ଓଡ଼ିଆ ତା'ର ଆତ୍ମା

**ଭବାନୀପାଟଣା,୧।୪ (ଉତ୍ତମ କୁମାର ଦାଶ)**



ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଓଡ଼ିଶା ଦିବସ-୨୦୨୫ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରି ଓଡ଼ିଶା ହେଉଛି ଶରୀର, ଓଡ଼ିଆ ତା'ର ଆତ୍ମା ବୋଲି କହିବା ସହ ପ୍ରାଚୀନ ଓଡ଼ିଶାର ସ୍ମୃତିଚାରଣ କରିଥିଲେ। ଏଥିରେ ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ସହକାରୀ ପ୍ରଫେସର ଡୋଲାମଣି ଧରୁଆ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ, ସମାଜବିଜ୍ଞାନ ବିଭାଗ ମୁଖ୍ୟ ଡ. ବିରେନ୍ଦ୍ର କୁମାର ସୁନା ଓଡ଼ିଆ ଭାଷାର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡ. ମଧୁଲିକା ସାହୁ ଓଡ଼ିଶା ଦିବସର ଗୁରୁତ୍ୱ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବାବେଳେ ଗବେଷକ ଅଭିମନ୍ୟୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାତୃଭାଷା ସୁରକ୍ଷା, ରାଜ୍ୟର ବିକାଶରେ ସାମିଲ ହେବାକୁ ଆହ୍ୱାନ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଜିଲାସ୍ତରୀୟ ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥିଭାବେ ଯୋଗଦେଇ ଥିବାବେଳେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା ମଧ ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସଭା କବି ଗଙ୍ଗାଧର ମେହେର, ଘରୋଇ ବସଷ୍ଟାଣ୍ଡ ନିକଟସ୍ଥ ବହ୍ନିକନ୍ୟା ସ୍ୱର୍ଗତ ପାର୍ବତୀ ଗିରି, କଚେରୀ ପରିସରରେ ସ୍ଥିତ ଡଃ ଭୀମ ରାଓ ଆମ୍ବେଦକର ଏବଂ ବୀର ସୁରେନ୍ଦ୍ର ସାଏ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସମେତ ଜିଲା ମୁଖ୍ୟାଳୟରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିବୃନ୍ଦ ମାଲ୍ୟାର୍ପଣ କରିଥିଲେ । ଏହାପରେ ଜିଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ଓଡ଼ିଶା ଦିବସ ତଥା ଜିଲା ପ୍ରତିଷ୍ଠା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ପାଇଁ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ସାଧାରଣ ସଭା ଓ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଜିଲାପାଳ ଗୋୟଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ସଭା ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଓଡ଼ିଶାର ସମସ୍ତ ବରପୁତ୍ରଙ୍କ ଅବଦାନକୁ ସ୍ମରଣ କରି କୃତଜ୍ଞତାର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗ ଦେଇ ଦୀର୍ଘ ୮୯ ବର୍ଷ ତଳେ ସ୍ୱାଧୀନ ପୂର୍ବ ଭାରତ ବର୍ଷରେ ଭାଷା ଭିତ୍ତିକ ଏକ ରାଜ୍ୟ ଗଠନ ତଥା ଗୋଟିଏ ପଟେ ଦେଶର ସ୍ୱାଧୀନତା ଲାଗି ଲଢ଼େଇ ଓ ତାରି ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ଏବଂ ମାତୃଭାଷା ସୁରକ୍ଷା ପାଇଁ ହୋଇଥିବା ବଡ଼ ସଂଗ୍ରାମରେ ଆମ ମହାନ ବରପୁତ୍ରମାନେ କିଭଳି ସଂଘର୍ଷ କରି ଆମକୁ ଏହି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ରାଜ୍ୟ ଉପହାର ଦେଇଥିଲେ ସେ ବିଷୟରେ ଆଲୋଚନା କରିଥିଲେ। ଜିଲା ପରିଷଦ ଅଧକ୍ଷା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆମେ ସବୁ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ଭଲ, କିନ୍ତୁ ନିଜ ମାତୃଭାଷା' ଓଡ଼ିଆକୁ ଭଲ ପାଇବା ତଥା ତାର ସୁରକ୍ଷା ଓ ବିକାଶ ଦିଗରେ ଚେଷ୍ଟା କରିବା ବିଧେୟ ବୋଲି କହିବା ସହ ଆମ ଉନ୍ନତି ପାଇଁ ଜିଲାର ସମସ୍ତ ମହାମନିଷୀଙ୍କ ପଥ ଅନୁସରଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଭୂମିକା ସମ୍ପର୍କରେ ମୁଖ୍ୟ ଅତିଥି ତଥା ଜିଲାପାଳ ଗୋୟଲ ଆଲୋକପାତ କରିବା ସହିତ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଜିଲାର ଉନ୍ନତି ପାଇଁ ଚେଷ୍ଟା କରିବା ସହିତ ଆମ ଜିଲାର ଜନ୍ମଦିନରେ କିଛି ଉପହାର ଦେବା କହିଥିଲେ। ବରଗଡ଼ ଜିଲା ତଥା ଆମ ରାଜ୍ୟର ବିକାଶଧାରା ଉପରେ ଆଲୋଚନା କରି ଯୁବପିଢ଼ି, ଛାତ୍ରୀଛାତ୍ରଙ୍କୁ ପାଠ ପଢି ଭଲ ମଣିଷ ହେବା ପାଇଁ ଜିଲାପାଳ ପ୍ରେରଣା ଦେଇଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିବା ବେଳେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଖୋସ୍ଲା ସଭା ପରିଚାଳନା କରିଥିଲେ।

ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ



ଜିଲାସ୍ତରୀୟ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସରେ ଅତିଥିବୃନ୍ଦ ଏବଂ ଅନ୍ୟମାନେ।



ଜିଲାପାଳ ବରପୁତ୍ରଙ୍କ ପ୍ରତିଛବିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

### ଗାନ୍ଧୀ ସ୍ମୃତି ପାଠାଗାରର ନୂତନ କର୍ମକର୍ତ୍ତା ନିର୍ବାଚନ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାରର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସମ୍ପାଦକ ପ୍ରଦୀପ କୁମାର ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଥମେ ସମ୍ପାଦକ ହୋତା ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ପରେ ନୂତନ କର୍ମକର୍ତ୍ତାମାନଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ଅରୁଣ କୁମାର ମହାନ୍ତି ସଭାପତି ମନୋନୀତ ହୋଇଥିବା ବେଳେ ରବି ପଣ୍ଡା ସମ୍ପାଦକ, ବରିଷ୍ଠ ସଦସ୍ୟ ମନୋରଞ୍ଜନ ସାହୁ ଉପ ସଭାପତି, ଅନୁପ କୁମାର ଦର୍ଜୀ ଯୁଗ୍ମ ସମ୍ପାଦକ, ହୃଷୀକେଶ ଦାଶ କୋଷାଧକ୍ଷ ଭାବରେ ମନୋନୀତ ହୋଇଥିଲେ। ବୈଠକରେ ଆଗାମୀ ଦିନରେ ପାଠାଗାରର ସମସ୍ତ କାର୍ଯ୍ୟକ୍ରମ ସମସ୍ତେ ମିଳିମିଶି କରିବାକୁ ନବ ନିର୍ବାଚିତ ସଭାପତି ମହାନ୍ତି ଉପସ୍ଥିତ ସଦସ୍ୟ ମାନଙ୍କୁ ଅନୁରୋଧ କରିଥିଲେ। ବୈଠକରେ ସମ୍ପାଦକ ହୋତାଙ୍କ ସମେତ ଅରୁଣ କୁମାର ମହାନ୍ତି, ମନୋରଞ୍ଜନ ସାହୁ, ସନ୍ତୋଷ ପଣ୍ଡା, ପତିତପାବନ ସାହୁ, ଜୟ ପ୍ରକାଶ ଶତପଥୀ, ବିକ୍ରମାଦିତ୍ୟ ପଣ୍ଡା, ରବି ପଣ୍ଡା, ଗୌରୀ ଶଙ୍କର ପଣ୍ଡା, ରବି ନାରାୟଣ ସାହୁ, ଅମୀୟ ଭୂଷଣ ସାହୁ, ଅନୁପ କୁମାର ଦର୍ଜୀ, ଡୋଲାମଣି ଶତପଥୀ, ହୃଷୀକେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା

#### କୃଷକ ସଂଗଠନର ପ୍ରତିଷ୍ଠା ଦିବସ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ): ଓଡ଼ିଶା ରାଜ୍ୟର ପୁରାତନ କୃଷକ ସଂଗଠନ ତଥା ଓଡିଶା ରାଜ୍ୟ କୃଷକ ସଂଗଠନର ୪୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବ୍ଲକ ଅନ୍ତର୍ଗତ ନୁନିଆଁ ଜାମପାଲିସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷକ ସଙ୍ଗଠନର ଆବଶ୍ୟକତା ଓ ଏହାର ଉଦ୍ଦେଶ୍ୟ, ଚାଷୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଧାନବିକ୍ରି, କଟନି ଛଟନୀ, ପଞ୍ଜୀକରଣ ବେଳେ ଜଳକର, ବିଦ୍ୟୁତ୍ ବିଲ, ପଙ୍ଗା ଭଳି ସମସ୍ୟା ଦେଖା ଦେଉଥିବାରୁ ଏହାର ସରଳିକରଣ ଓ ସମାଧାନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସଂଗଠନ ନିଜର ଉପସ୍ଥିତ ଜାହିର କରିବା ସହ ଗାଁ ସ୍ତରରେ ସଂଗଠନକୁ ମଜବୁତ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ସେହିପରି ଏହି ସମସ୍ୟା ନେଇ ଜିଲାପାଳଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ଭେଟି ଆଲୋଚନା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଚାଷୀ ପରିବାରର ସାମାଜିକ, ଅର୍ଥନୈତିକ ସ୍ଥିତିକୁ ମଜବୁତ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଗୌରଚନ୍ଦ୍ର ଖମାରୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜେଠୁ ଭୋଇ, ଷଡ଼ାନନ ଭୋଇ, ପତିତପାବନ ସାହୁ ମଞ୍ଚାସୀନ ଥିଲେ। ରବୀନ୍ଦ୍ର ବିଶି, ସନାତନ ପ୍ରଧାନ, ଲୋକେଶ୍ୱର ପ୍ରଧାନ, ଗୌର ଚନ୍ଦ୍ର ବାରିକ, ଅମୀୟ ସାହୁ, ଅଶୋକ ଭୋଇ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ।

## ଜିଲାସ୍ତରୀୟ ଏସବିଆଇ ପେନସନର୍ସ ମିଟ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ) : ବରଗଡ଼ ସାଇକ୍ରିଷ୍ଣା ପେଲେସରେ ଗୋପୀନାଥ ଦେବତାଙ୍କ ସଭାପତିତ୍ୱରେ ବରଗଡ ଏସବିଆଇ ପେନସନର୍ସ ୱେଲଫେୟାର ସଂଘ ତରଫରୁ ଏକ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କୁଞ୍ଜ ବିହାରୀ ଭୋଇ ବାର୍ଷିକ ବିବରଣୀ ପାଠ କରିଥିଲେ। କିଶୋର ଷଡ଼ଙ୍ଗୀ ପେନସନ ଓ ଏକ୍ସ ଗ୍ରାସିଆର ସ୍ଥିତି ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ସ୍ୱାସ୍ଥ୍ୟ ବୀମା ସମ୍ପର୍କିତ ପ୍ରଶ୍ନ ସବୁର ଉତ୍ତର ମଧ ସେ ଦେଇଥିଲେ। ଉପ ସଭାପତି ଗଙ୍ଗାଧର ବିଭାର ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ। ସୁରେଶ ଦଣ୍ଡସେନା, ଛବିଳ ଅଗ୍ରୱାଲ, ବିନୋଦ ପତି, କୃଷ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ନୂତନ କାର୍ଯ୍ୟକାରୀ ସଦସ୍ୟଭାବେ ସର୍ବ ସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ରୋହିତ ଦାଶ ଓ ସହ ସମ୍ପାଦକ ମନୋରଞ୍ଜନ ପୁଝାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସଭ୍ୟ ଟିକେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ମଧ ଏମିତି ସଭା ଆୟୋଜନ କରି ସଦସ୍ୟମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସଭାରେ ସ୍ଥିର ହୋଇଥିଲା। ବରଗଡ଼ ଓ ସମ୍ବଲପୁର ଜିଲାର ୫୦ସଦସ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଶିକ୍ଷା କ୍ଷେତ୍ରରେ ଅତାବିରାରେ ଏମ୍ସ କରିବ ମାଇଲଖୁଣ୍ଟ

ଅତାବିରା,୧।୪(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରାଠାରେ ଏମ୍ସ ଇଣ୍ଟରନ୍ୟାଶନାଲ ସ୍କୁଲର ଉଦ୍‌ଘାଟନୀ ଉତ୍ସବ 'ଆରମ୍ଭ' ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ତ ଭୋଜରାଜ ସ୍ୱାଇଁ ଯୋଗ ଦେଇ ଅତାବିରାରେ ଏପରି ଏକ ଶିକ୍ଷାନୁଷ୍ଠାନର ଆବଶ୍ୟକତା ଥିଲା ବୋଲି କହିଛନ୍ତି। ଏମ୍ସ ସମ୍ବଲପୁରରେ ଯେଉଁ ୧୬ ବର୍ଷର ଅଭିଜ୍ଞତା ରହିଛି ତାହା ଏଠି ଶିକ୍ଷା କ୍ଷେତ୍ରରେ ଏମ୍ସ କରିବ ମାଇଲଖୁଣ୍ଟ। ଅତୁଳନୀୟ ଅବଦାନ ରହିବ ବୋଲି କହିଥିଲେ। ସ୍କୁଲର ଅଧକ୍ଷା ପ୍ରଜ୍ଞା ପରିମିତା ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଆରମ୍ଭ ଉତ୍ସବରେ ମୁଖ୍ୟଅତିଥି ସ୍ୱାଇଁଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନ, ଶରତ ପାତ୍ର, ସଂମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର, ପରିଚାଳନା କମିଟି ସଭାପତି ଶ୍ରୀନିବାସ ପାତ୍ର, ସମ୍ପାଦକ ବିନୀତ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରାରମ୍ଭରେ ଅତିଥି ମାନେ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ସହ ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଏମ୍ସ କଲେଜର ଛାତ୍ରୀମାନେ ସ୍ୱାଗତଂ ଓ ଉଦ୍‌ଯାପନୀ ସଙ୍ଗୀତଗାନ କରିଥିବା ବେଳେ ସ୍କୁଲର ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ପାଞ୍ଚଟି ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସର୍ବ ପ୍ରଥମେ ପଣ୍ଡିତ ଜୟକୁମାର ଦାଶଙ୍କ ପୌରାହିତ୍ୟରେ ସତ୍ୟନାରାୟଣ ପୂଜା କରାଯାଇଥିଲା। ଏଥିରେ ଶରତ ପାତ୍ର ଓ ତାଙ୍କ ସ୍ତ୍ରୀ ଯଶୋଦା ପାତ୍ର କର୍ତ୍ତାକର୍ତ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସ୍କୁଲରେ ପ୍ଲେ ସ୍କୁଲରୁ ଅଷ୍ଟମ ଶ୍ରେଣୀ ଯାଏ ଏ ପର୍ଯ୍ୟନ୍ତ ୮୭ ଜଣ ଛାତ୍ରୀଛାତ୍ର ନାମ ଲେଖାଇ ଥିବା ବେଳେ ଆଗକୁ ଯୁକ୍ତ ୨ ଯାଏ ମହାବିଦ୍ୟାଳୟ ଖୋଲାଯିବ ବୋଲି ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଥିଲେ। ଆସନ୍ତା ୪ ତାରିଖରୁ ଏମ୍ସ ଇଣ୍ଟରନ୍ୟାଶନାଲ ସ୍କୁଲରେ ପାଠପଢ଼ା ଆରମ୍ଭ କରାଯିବ। ଶେଷରେ ବିନୀତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ମଞ୍ଚସୀନା ଅତିଥି ।

#### ଏମ୍ସ ଇଣ୍ଟରନ୍ୟାଶନାଲ ସ୍କୁଲର ଉଦ୍‌ଘାଟନୀ ଉତ୍ସବ 'ଆରମ୍ଭ'

## ରାଷ୍ଟ୍ରୀୟ ହିନ୍ଦୁ ଏକତା ପଦଯାତ୍ରା

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ରାଷ୍ଟ୍ରୀୟ ହିନ୍ଦୁ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାରାଜ ବାଗେଶ୍ୱର ବାବାଙ୍କ ଶିଷ୍ୟ ପ୍ରଫୁଲ୍ଲ ମହାପାତ୍ର, କାଳିମା ତୃପ୍ତିମୟୀ, ସ୍ୱାମୀଜୀ ନିତ୍ୟବଧାନ, ପଣ୍ଡିତ ବିଶ୍ୱେଶ୍ୱର ପାଣିଗ୍ରାହୀ, ଦିଲୀପ ନନ୍ଦ, ମହେନ୍ଦ୍ର ପୁରୋହିତ, ଲଳିତ ମିତ୍ତଲ, ଗଙ୍ଗାଧର ପୂଜାରୀ ପ୍ରମୁଖ ଯୋଗଦାନ କରିଥିଲେ। ସେମାନେ ରାଷ୍ଟ୍ରୀୟ ହିନ୍ଦୁ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉତ୍କଳ ଦିବସ

ବାଉଁଶୁଣୀ,୧।୪(ଦେବାଶିଷ ନେପାକ)

ବାଉଁଶୁଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତର୍କଶାସ୍ତ୍ର ଅଧାପକ ମକର ମହାରଣା ଯୋଗଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ତରଞ୍ଜନ ମେହେର, ସାମାଜିକକର୍ମୀ ଗୁଣନିଧି ମେହେର ଯୋଗ ଦେଇଥିଲେ ।

## ବିକାଶ ଲ ସ୍କୁଲରେ ଓଡ଼ିଶା ଦିବସ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ଲ ସ୍କୁଲରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଲ ସ୍କୁଲ ଅଧକ୍ଷ ପ୍ରଫେସର ବିକ୍ରମ କୁମାର ଦାସ ଅଧକ୍ଷତା କରିଥିଲେ। ଓଡ଼ିଶା ଦିବସକୁ ସେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମର ସାକ୍ଷୀ ଓ ପ୍ରତୀକଭାବେ ସେ ସମ୍ବୋଧନ କରିଥିଲେ। ଏହି ଦିବସ ଓଡ଼ିଆ ସମାଜ ଓ ସଂସ୍କୃତିର ପ୍ରତୀକ ଏବଂ ନୂତନ ଚିନ୍ତାଧାରା, ବିକାଶର ପଥ ଦେଖାଯାଉଛି ବୋଲି ପ୍ରଫେସର ଦାସ ମତବ୍ୟକ୍ତ କରିଥିଲେ। ଲକ୍ଷ୍ମୀ ବିକାଶ ଗୃପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଉପସ୍ଥିତ ଥିଲେ।

# ସାରସ୍ୱତ ସାଧକ ମାନଭଞ୍ଜନ ପ୍ରଧାନ ଜୟନ୍ତୀ





ଅତିଥିମାନଙ୍କ ଦ୍ୱାରା ପତ୍ରିକା ଉନ୍ମୋଚିତ।

ପଦ୍ମପୁର,୧।୪(ପ୍ରଦୀପ୍ତ ଦାଶ)

ପଦ୍ମପୁର ସହର ଉପକଣ୍ଠସ୍ଥ ଲୁ ନାଟକ ଆଶ୍ରମ, ମହୁଲପାଲି ସାରସ୍ୱତ ସାଧକ ତଥା ସଂସ୍କୃତି ଉପାସକ ଡ. ମାନଭଞ୍ଜନ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ବ୍ୟଂଗକବି ମନୋରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ଭବ୍ୟ ସମାବେଶରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଏକ ସଭାରେ ସହରର ଅନେକ ଗଣ୍ୟମାନ୍ୟ ବ୍ୟକ୍ତ ଯୋଗଦେଇ ପ୍ରଧାନଙ୍କ ବ୍ୟକ୍ତିତ୍ୱର ବହୁବିଧ ଦିଗର ଆଲୋକପାତ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏ ଅବସରରେ ସ୍ୱର୍ଗତ ମାନଭଞ୍ଜନ ପ୍ରଧାନଙ୍କ ଲିଖିତ ଓ ଗୁରୁ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ବୋଡ଼ାସମ୍ବର ସାହିତ୍ୟାକାଶର ସପ୍ତର୍ଷିମଣ୍ଡଳ ଓ ଧ୍ରୁବତାରା ଉନ୍ମୋଚିତ ହୋଇଥିଲା। ଏ ପୁସ୍ତକର ସମୀକ୍ଷା କରି ଡ. ଦ୍ୱାରିକାନାଥ ନାୟକ ଏ ମହାର୍ଘ ରଚନା ବଳରେ ବୋଡାସମ୍ବର ଅଞ୍ଚଳର ଯଥାର୍ଥ ସାରସ୍ୱତ ଆକଳନ ହୋଇପାରିବ ବୋଲି କହିଥିଲେ। ଉତ୍ସବର ପରବର୍ତ୍ତୀ ପର୍ଯ୍ୟାୟରେ ଏ ବର୍ଷର ମାନଭଞ୍ଜନ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ କବି ଡ଼. ପ୍ରଦୀପ ପଣ୍ଡା। 'ଲୋକ ସଂସ୍କୃତି: ଆଦିମତମ ଆଧୁନିକତା' ଶୀର୍ଷକ ଏ ବକ୍ତବ୍ୟ ଶ୍ରୋତୃମହଲରେ ପ୍ରବଳ ଆଲୋଡ଼ନ ସୃଷ୍ଟି କରିଥିଲା । ପରିଶେଷରେ ପ୍ରୀତି ରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଶଲ ସଂଗ୍ରାମୀଙ୍କୁ ଉଠାଇନେଲା ପୋଲିସ

ବରଗଡ଼/ଅତାବିରା, ୧।୪
(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ମଙ୍ଗଳବାର ଉତ୍କଳ ଦିବସ। ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ କୋଶଳ ସଂଗଠନ ସମୂହ ଉତ୍କଳ ଦିବସ ଏବଂ ବନ୍ଦେ ଉତ୍କଳ ଜନନୀକୁ ବିରୋଧ କରି ଆସୁଛନ୍ତି। ଏଥର ମଧ ଉତ୍କଳ ଦିବସକୁ କଳା ଦିବସ ଭାବେ ପାଳନ କରିବା ପାଇଁ କୋଶଳ ସଂଗ୍ରାମୀମାନେ ଡାକରା ଦେଇଥିଲେ। କେତେକ କୋଶଲ ସଂଗ୍ରାମୀ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ଆଉ କେତେକ ବିରୋଧ ପାଇଁ ସଜବାଜ ହେଉଥିଲେ। ବିରୋଧ କରିବା ପୂର୍ବରୁ ପୋଲିସ ବାହିନୀ ଜିଲାର ଅନେକ କୋଶଲ ସଂଗ୍ରାମୀମାନଙ୍କୁ ଉଠାଇ ନେଇଥିବାବେଳେ ଆଉ କେତେକ ବିରୋଧ ସମୟରେ ପୋଲିସ ସହିତ ମୁହାଁମୁହିଁ ହୋଇଥିଲେ। ପୋଲିସ ସମସ୍ତଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ଅତାବିରା ଥାନାରେ ଅଜିତ ପତି, ରମଣୀ ଦନ୍ତା, ଯତୀନ ନାୟକ, ବରଗଡ଼ ଟାଉନ ଥାନାରେ ସୁରେନ୍ଦ୍ର ପଣ୍ଡାଙ୍କ ସମେତ ୬ଜଣ, ବରଗଡ଼ ସଦର ଥାନାରେ ବିରବଲ ମହାକୁଡ, ସୋହେଲା ଥାନାରେ ସୁଶାନ୍ତ ମିଶ୍ର, ଗାଇସିଲେଟ ଥାନାରେ ଗ୍ରାମର ଗଜପତି ସାହୁ ପ୍ରମୁଖଙ୍କୁ ପୋଲିସ ଅଟକ ରଖିଥିଲା। ଜିଲାସ୍ତରୀୟ ଓଡ଼ିଶା ପ୍ରତିଷ୍ଠା ଦିବସ ପାଳନ ସରିବା ପରେ ଅପରାହ୍ନରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା।



ବରଗଡ଼ ଟାଉନ ଥାନାରେ ଅଟକ ରହିଥିବା କୋଶଲ ସଂଗ୍ରାମୀ।

#### ଉତ୍କଳକୁ ବିରୋଧ

# ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ କଂଗ୍ରେସର ପ୍ରତିବାଦ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ମଙ୍ଗଳବାର ଓଡ଼ିଶା ପ୍ରଦେଶ ଗଠନ ଓ ବରଗଡ଼ ଜିଲା ଗଠନ ଦିବସ ଅବସରରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଖୁସି ମନାଇବା ସହିତ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ସନ୍ଧ୍ୟାରେ ଓଡ଼ିଶାରେ ବଢୁଥିବା ନାରୀ ନିର୍ଯ୍ୟାତନା, ହତ୍ୟା, ବଳାତ୍କାର, ଅପହରଣ ଓ ନିଖୋଜ ଘଟଣା ଉପରେ ପ୍ରତିବାଦ ସ୍ୱରୂପ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ କ୍ୟାଣ୍ଡେଲ ଜାଳି ପ୍ରତିବାଦ କରିଥିଲେ। କର୍ମକର୍ତ୍ତାମାନେ ଓଡ଼ିଶା ରାଜ୍ୟ ଗଠନ ଓ ବରଗଡ଼ ଜିଲା ଗଠନ ସପକ୍ଷରେ ବିଭିନ୍ନ ସ୍ଲୋଗାନ ପ୍ରଦାନ କରିଥିବା ବେଳେ ରାଜ୍ୟରେ ନାରୀ ନିର୍ଯ୍ୟାତନା ଯେଭଳି ଭାବରେ ବଢ଼ିଛି, ସେ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ମଧ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ଜିଲା କଂଗ୍ରେସ କମିଟି ସଭାପତି ହରଦିପ ସିଂ, ଜିଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ଅନନ୍ତ ଶୟନ ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ସରୋଜ ଷଡ଼ଙ୍ଗୀ, ବ୍ରହ୍ମା ମହାକୁଡ଼, ଶୁଭେନ୍ଦୁ ସାହୁ, ଉପସଭାପତି ରବି ପଣ୍ଡା, ସମ୍ପାଦକ ପ୍ରତାପ ନାୟକ, ନଗର କଂଗ୍ରେସ ସଭାପତି ସୁଧୀର ଜେନା, ଜିଲା ଯୁବ କଂଗ୍ରେସର ପୂର୍ବତନ ସଭାପତି ସୁଶାନ୍ତ ସାହୁ, ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ଆଜାଦ ପତି, ବରଗଡ଼ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ତାଣ୍ଡି, ଜିଲା ମହିଳା କଂଗ୍ରେସ ସମ୍ପାଦିକା ନିଳୀମା ଅଗ୍ରୱାଲ, ଉମାକାନ୍ତ ଭୋଇ, ସନ୍ତୋଷ ସାହୁ, ସୁରେଶ ମହାନନ୍ଦ, ପାଣ୍ଡବ ବିଭାର, ଅବଦୁଲ ଗଫର, ସାହିଲ ଅନସାରି, ଭୋଜରାଜ ଦୋରା, ଗୋପ ଶିଖା, ବିମଲ ଶିଖା, ନିତିସ ସୁନା, ଦିନେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିମୂର୍ତ୍ତି ତଳେ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ପ୍ରତିବାଦ।

# ତେଜଗୋଲାରେ ମହକ - ୨୦୨୫ କାର୍ଯ୍ୟକ୍ରମ

ବରଗଡ଼,୧।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ବ୍ଲକ ତେଜାଗୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହକ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ବାର୍ଷିକ ଉତ୍ସବ ଅବସରରେ ସାମାଜିକ କର୍ମୀ ତଥା ଭାଜପାର ଜିଲା ସଭାପତି ଡଃ. ଅରୂପାନନ୍ଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଏକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଅଞ୍ଚଳ ତଥାର ରାଜ୍ୟର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ବୋଲି ମତ ରଖିଥିଲେ। ସେହିପରି ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପିଲାଙ୍କ ସର୍ବାଙ୍ଗୀନ ବିକାଶରେ କାର୍ଯ୍ୟକ୍ରମ ପାଳନର ଉପାଦେୟତା କଣ ରହିଛି ତାହା ବିସ୍ତୃତ ଭାବେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ନିରଞ୍ଜନ ବେହେରା, କେନ୍ଦ୍ର ସଂଯୋଜକ ଶୁକ୍ରୁ ଗର୍ଡିଆ, ଭଟଲି ବ୍ଲକ ଉପାଧକ୍ଷ ଲଳିତା ବାଗ ଏବଂ ସ୍ଥାନୀୟ ସରପଞ୍ଚ ଅମ୍ବାଲିକା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଫିରୋଜ ସାହୁ ଅଧକ୍ଷତା କରିଥିବାବେଳେ ପ୍ରଧାନ ଶିକ୍ଷକ ଲମ୍ବୋଦର ପ୍ରଧାନ ବିବରଣୀ ପଠନ କରିଥିଲେ। ଶିକ୍ଷକ ଉପେନ୍ଦ୍ର ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ବିଦ୍ୟାଳୟର ପ୍ରାଚୀର ପତ୍ର 'ସୃଜନୀ'କୁ ଲୋକାର୍ପିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦାରା ଗୀତିନାଟ୍ୟ "ଭ୍ରାତୃ ଭକ୍ତ ଭରତ" ପ୍ରଦର୍ଶିତ ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଞ୍ଚସଖା ଶିକ୍ଷା ସେତୁ ମାଧମରେ ବିଦ୍ୟାଳୟକୁ ଆର୍ଥିକ ସହଯୋଗ କରିଥିବା ଅଭିଭାବକ ତଥା ସ୍ଥାନୀୟ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଦସ୍ୟ, ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।





ବାର୍ଷିକ ଉତ୍ସବ ମହକ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

#### ବିଦ୍ୟାଳୟର ପ୍ରାଚୀର ପତ୍ର 'ସୃଜନୀ' ଲୋକାର୍ପିତ

# ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କୁ ଓଡ଼ିଶାରେ ସାମିଲ କର

**ସୁନ୍ଦରଗଡ଼,୧।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ରେଭିନ୍ୟୁ କଲୋନିସ୍ଥିତ ସେବା ନିବୃତ୍ତ କର୍ମଚାରୀ ସଂଘ ପରିସରରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଂଘ ଉପସଭାପତି ଗୁଣନିଧି ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ନଗରପାଳ ତଥା ଗାଳ୍ପିକ ରାଜକିଶୋର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଓଡ଼ିଆ ଓଡିଆ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଡ. ଧରଣୀଧର ପଟେଲ, ଗୋବିନ୍ଦ ଚନ୍ଦ୍ର ସୁଆର, ସଦସ୍ୟ ଚିନ୍ମୟ ପାଣିଗ୍ରାହୀ ଓଡ଼ିଆ ଭାଷା, ଖାଦ୍ୟ, ପୋଷାକ, ଚଳଣି ସର୍ବୋପରି ସଂସ୍କୃତିକୁ ବଜାୟ ରଖିବାକୁ ହେଲେ ପ୍ରତ୍ୟେକ ଓଡିଆ ନିଜ ରାଜ୍ୟ ଓଡ଼ିଶାକୁ ନେଇ ଗର୍ବ ଅନୁଭବ କରିବା ଉଚିତ ବୋଲି ମତ ରଖିଥିଲେ। ବର୍ତ୍ତମାନ ସୁଦ୍ଧା ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଓଡିଆମାନଙ୍କୁ ଓଡ଼ିଶାରେ ସାମିଲ କରିବା ପାଇଁ ସରକାର ପଦକ୍ଷେପ ନେବାକୁ ସେମାନେ ଦାବି ରଖିଥିଲେ। ପ୍ରାରମ୍ଭରେ ଓଡ଼ିଶାର ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତ ସଭା ସଞ୍ଚାଳନ କରିଥିବା ବେଳେ ଉପସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ହୋଇଥିଲା। ଏହି ଅବସରରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା। ଡ. ସୁକାନ୍ତ ପାଣିଗ୍ରାହୀ ଓ ଡ. ଚିତ୍ରସେନ ବାସ୍କେଙ୍କ ତତ୍ତ୍ୱାବଧାନରେ ୫୧ ଜଣ ସେବା ନିବୃତ୍ତ କର୍ମଚାରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା।

ସେହିପରି ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ସହକାରୀ ପ୍ରଫେସର ଡ. ସଞ୍ଜିତା ଅଭିଜିତା ସଭାପତିତ୍ୱ କରି ଏହି ଦିବସ ପାଳନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡ. ପ୍ରେରଣା ପଣ୍ଡା ଛାତ୍ରୀମାନଙ୍କୁ ଓଡ଼ିଶାର ଐତିହ୍ୟ ଓ ଗୌରବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଅମିତା ପ୍ରିୟଦର୍ଶିନୀ ବେହେରା, ସହକାରୀ ପ୍ରଫେସର ଡ. କୀର୍ତ୍ତିଦା ସିଂ ବରିହା, ସହକାରୀ ପ୍ରଫେସର ଡ. ଭାନୁପ୍ରିୟା, ଅଧ୍ୟାପିକା ଅର୍ଚ୍ଚନା ପଧାନ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପକ ସୌରଭ ପ୍ରଧାନ ସଭା ସଞ୍ଚାଳନ କରିଥିଲେ। ଅଧ୍ୟାପକ ସୁରଥ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଛି। ଉକ୍ତ ଉତ୍ସବରେ ଡାଲମିଆ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷା ତଥା ଶିକ୍ଷାବିତ୍ ଡକ୍ଟର ହିରନ ଲୁଗୁନ ମୁଖ୍ୟ ଅତିଥି, କୁଣ୍ଡୁକେଲା ଲମ୍ବୋଦର ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ନାୟକ ଓ ବିଦ୍ୟାଳୟ ଟ୍ରଷ୍ଟି ସଦସ୍ୟ ନିମାଇଁ ଚରଣ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ହରିପ୍ରିୟା ପଟେଲ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଓଡ଼ିଆ ଜାତିକୁ ସବୁଠୁ ବିଶାଳ ଜାତି ଓ ସୁନ୍ଦର ଜାତିର ଆଖ୍ୟା ଦେଇ ଉତ୍କଳର ସୌନ୍ଦର୍ଯ୍ୟ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ନାୟକ ତାଙ୍କ ଅଭିଭାଷଣରେ ଆମେ ଯେଉଁ ଦେଶ ଯାଉ ନା କାହିଁକି ଆମ ମନ ପ୍ରାଣରେ ସବୁବେଳେ ଓଡ଼ିଆ ଭାଷା ଓଡ଼ିଆ ଜାତି ଉତ୍କଳ ମା' ପାଇଁ ଭଲ ପାଇବା ରହିବା ଏକାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ଡକ୍ଟର ଲୁଗୁନ୍ ତାଙ୍କ ଅଭିଭାଷଣରେ ଓଡ଼ିଆ ଜାତିର ଗୌରବ, ଐତିହ୍ୟ ଓ ସଂସ୍କୃତି ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବେଶ ପରିପାଟୀ ପ୍ରତିଯୋଗିତା କରାଯାଇଥିଲା। ଉତ୍କଳ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଟ୍ରଷ୍ଟି ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା ପରିଚାଳନା କରିଥିଲେ। ଶିକ୍ଷକ ଦେବାଶିଷ ଦାସ, ରଞ୍ଜନ ମହାପାତ୍ର, ସସ୍ମିତା ସାହୁ, ରାଜଲକ୍ଷ୍ମୀ ନାୟକ, ପ୍ରୀତି ପ୍ରସାଦ, ତୃପ୍ତି ପଟେଲ, ପଲ୍ଲୀଶ୍ରୀ ଦାସ, ରୀନା ପ୍ରଧାନ, ପ୍ରତିମା ମୈତି, ମିକେଲା ଖାଲଖୋ, ଆଶା ସିଂ, ମିନତି ଦାସ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।


ସେବା ନିବୃତ୍ତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

# ଓଡ଼ିଆ ଭାଷା, ସଂସ୍କୃତି ଉପରେ ଆଲୋଚନା

**ରାଜଗାଙ୍ଗପୁର ୧।୪(ଅଶୋକ ପାଣି)**

ରାଜଗାଙ୍ଗପୁରର ଓଡ଼ିଆ ଭାଷା ଓ ସ୍ୱାଭିମାନର ବାର୍ତ୍ତା ପ୍ରଚାର କରୁଥିବା ନୀଳଚକ୍ର ସଂସ୍ଥା ଦ୍ୱାରା ମଙ୍ଗଳବାର ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ସକାଳ ସମୟରେ ଲିପଲୋଇ ନୀଳଚକ୍ର କାର୍ଯ୍ୟାଳୟରୁ ଏକ ରଥ ବାହାରି ସହର ପରିକ୍ରମା କରି ସହରରେ ଥିବା ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ କାର୍ଯ୍ୟାଳୟ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନୀଳଚକ୍ରର ସଭାପତି ପୂର୍ବତନ ପୌରାଧ୍ୟକ୍ଷା ଶଶିରେଖା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ କଟକ ନୀଳଚକ୍ର ଶାଖାର ଉପଦେଷ୍ଟା ଦିପକ ମହାନ୍ତ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଡା.ବିକେ ମହାନ୍ତି, ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ସରୋଜ ଦାସ, ରାଜଗାଙ୍ଗପୁର ଓକିଲସଂଘ ସଭାପତି ଅଶୋକ ପାଣି ପ୍ରମୁଖ ଯୋଗଦାନ କରି ଓଡିଆ ଭାଷା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ନୀଳଚକ୍ରର ସମ୍ପାଦକ ଜୟକୃଷ୍ଣ ଜେନା ସଭାକାର୍ଯ୍ୟକୁ ପରିଚାଳିତ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ, ସୁଜାତା ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଶିଷ୍ଟ ଶିକ୍ଷୟିତ୍ରୀ ସୁଜାତା ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ଆର୍‌ଏସ୍‌ପିର ପୁରସ୍କାର ବିତରଣ କାର୍ଯ୍ୟକ୍ରମ

**ରାଉରକେଲା,୧।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ଗୋପବନ୍ଧୁ ପ୍ରେକ୍ଷାଳୟରେ ମଙ୍ଗଳବାର ବାର୍ଷିକ ନିଷ୍ପାଦନ ସମୀକ୍ଷା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳଚୌଧୁରୀ ମଞ୍ଚାସୀନ ଥିଲେ। ସମାବେଶରେ କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଗୋପବନ୍ଧୁ ପ୍ରେକ୍ଷାଳୟରେ ନୂତନ ଆର୍ଥିକ ବର୍ଷ ଆରମ୍ଭରେ ପ୍ରତ୍ୟେକ ବର୍ଷ ଆୟୋଜିତ ଉତ୍ସବରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବିଭାଗ କର୍ମଚାରୀମାନଙ୍କୁ ପୁରସ୍କୃତ କରିବା ଏବଂ ନୂତନ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଖସଡା ପ୍ରସ୍ତୁତ ପାଇଁ ସମର୍ପିତ ଥିଲା। ସାମ୍ପ୍ରତିକ ବଜାର ସ୍ଥିତି ବିଷୟରେ ଉଲ୍ଲେଖ କରି ଡିଆଇସି ନିମ୍ନଗାମୀ ନେଟ୍ ସେଲ୍ସ ରିଅଲାଇଜେଶନ ବା ବିକ୍ରିଲବ୍ଧ ରାଶି ଦ୍ୱାରା ଉପୁଜିଥିବା ଆହ୍ୱାନଗୁଡିକ ସମ୍ବନ୍ଧରେ ଅବତାରଣା କରିଥିଲେ। ବର୍ମା ପ୍ରତ୍ୟେକ ବିଭାଗ ଏବଂ ଉତ୍ପାଦନ ୟୁନିଟ୍‌କୁ ସେମାନଙ୍କ ନିରନ୍ତର ପ୍ରୟାସ ପାଇଁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଡିଆଇସି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବନ୍ଦେ ଉତ୍କଳ ଜନନୀ ଗାନ ହୋଇଥିଲା। ପରେ ପଲାଇ ୨୦୨୪-୨୫ରେ କାରଖାନା ପ୍ରଦର୍ଶନ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଡିଆଇସି ଏବଂ ଅନ୍ୟ ଅତିଥିମାନେ ୩ଶହରୁ ଅଧିକ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନୂତନ ପ୍ଲେଟ ମିଲ୍ ବିଭାଗ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଚାମ୍ପିୟନ ଅଫ ଦି ଇୟର ପୁରସ୍କାର ଲାଭ କରିଥିବା ବେଳେ ସିଣ୍ଟରିଙ୍ଗ ପ୍ଲାଣ୍ଟ-୩ ରନର୍ସ ଅପ୍ ଆଖ୍ୟା ଲାଭ କରିଥିଲା। ଆଲୋକ ବର୍ମା ବାର୍ଷିକ ବିଜନେସ ଯୋଜନା ପୁସ୍ତିକାର ଉନ୍ମୋଚନ କରିଥିଲେ। ସିଜିଏମ କ୍ୱାଲିଟି ତଥା ଆୟୋଜନ କମିଟି ଅଧ୍ୟକ୍ଷ ରାମକୃଷ୍ଣ ପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥବଲେ। ଏଚ୍‌ଆର ଏଲ ଏଣ୍ଡ ଡି ବିଭାଗ ସିଜିଏମ ପି. କେ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ପିପି ବିଭାଗର ଡେପୁଟି ମ୍ୟାନେଜର ସମ୍ବ ଗଜାଲି ଏବଂ ସୁରକ୍ଷା ଇଞ୍ଜିନିୟରି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଜଗାଙ୍ଗପୁର, ୧।୪(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରପରିଷଦର ୭ନଂ ୱାଡରେ ଥିବା ପାଣି ଟାଙ୍କି ପଛପଟ ଜଙ୍ଗଲରୁ ମଙ୍ଗଳବାର ସ୍ଥାନୀୟ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଟ୍ରାକସନ କଲୋନି ନିବାସି ଗୌତମ ଯାଦବ(୩୫)। ଗୌତମ ବଡବାପା ଘରକୁ ଯାଇଥିଲେ, ସେଠାରୁ ଘରକୁ ଯାଉଛି କହି ବାହାରିଥିଲେ। କିନ୍ତୁ ସୋମବାର ରାତିରେ ଉକ୍ତ ସ୍ଥାନରେ ଥିବା ଏକ ଗଛରେ ପ୍ଲାଷ୍ଟିକ ରସି ଦ୍ୱାରା ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ସକାଳେ ସ୍ଥାନିୟ ଲୋକ ଦେଖି ରାଜଗାଙ୍ଗପୁର ପୋଲିସକୁ ଜଣାଇଥିଲେ। ଏସଆଇ ଦମୟନ୍ତି ମହନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ମେଡିକାଲକୁ ପଠାଇଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଯୁବକଙ୍କ ଆତ୍ମହତ୍ୟା

**ଟେନସା,୧।୪(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ରଜନୀ ଡ୍ୟାମ ନିକଟ ଥିବା ଏକ ଭଡ଼ା ଘରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୟୁରଭଞ୍ଜ ଜିଲା ବେତନଟୀ ଗ୍ରାମର ହରକାନ୍ତ ପଣ୍ଡିତ (୩୫)। କୋଇଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବଦ କରିଛି। ମୟୁରଭଞ୍ଜ ଜିଲା ବେତନଟୀ ଗ୍ରାମର ହରକାନ୍ତ କୋଇଡ଼ାରେ ଘର ଭଡା ନେଇ ରହୁଥିଲେ। ସେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସୋମବାର ରାତିରେ କୌଣସି କାରଣ ନେଇ ହରକାନ୍ତ ବେକରେ ଲୁଗା ଲଗାଇ ଫ୍ୟାନରେ ଝୁଲିପଡ଼ିଥିଲେ। କୋଇଡ଼ା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମ୍ୟୁଜିକ୍ ସର୍କଲର ବସନ୍ତ ସମାରୋହ ଉଦ୍‌ଯାପିତ

**ରାଉରକେଲା,୧।୪(ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡସ୍ଥିତ ମ୍ୟୁଜିକ୍ ସର୍କଲ ପରିସରରେ ୫ଦିନ ଧରି ଚାଲିଥିବା ବସନ୍ତ ସମାରୋହ ଉତ୍ସବ-୨୦୨୫ ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ମ୍ୟୁଜିକ ସର୍କଲର କଳାକାରମାନେ ସ୍ୱାଗତ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ପ୍ରଫେସର ଡ. ସମର ମୁଦାଲୀ ସଭାରେ ସଭାପତିତ୍ୱ କରି କରିଥିଲେ। ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସହକାରୀ ଉପସଭାପତି ଆର.ଏସ୍ ରଘୁବଂଶୀ, ମ୍ୟୁନିସିପାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଇଞ୍ଜିନିୟର ଅଭୟ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଭଞ୍ଜ କଳାକେନ୍ଦ୍ର ଓ ଅନୀଲ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲାର ପି. ସୌଜନ୍ୟ ଗ୍ରୁପ୍ ପକ୍ଷରୁ ଆସାମର ବିହୁ ନୃତ୍ୟ, ସମ୍ବଲପୁରର ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଭୁବନେଶ୍ୱର ଉତ୍କଳ ପାଇକ ଆଖଡା ଗ୍ରୁପ୍ ଗୋଟିପୁଅ ନୃତ୍ୟ ପରିବେଷଣ ହୋଇଥିଲା। ସନ୍ତୋଷ ମଲ୍ଲିକ, ଉମାକାନ୍ତ ମଲ୍ଲିକ, ବିବେକାନନ୍ଦ ପଣ୍ଡା, ସ୍ନେହଲତା ନାୟକ, ଅନନ୍ଦିତା ମାଇତି, ନିଖିଳେଶ୍ୱର ଦାଶ, ଲକ୍ଷ୍ମଣ ନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା ଏବଂ ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ପାଉଣା ଦାବିରେ ଆଶାକର୍ମୀଙ୍କ ଧାରଣା

**ଲହୁଣୀପଡା,୧।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆଶା କର୍ମୀମାନେ ପାଉଣା ପାଇବା ଦାବିରେ ଧାରଣା ଦେବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ପ୍ରାୟ ୧୯୪ ଜଣ ଆଶାକର୍ମୀ କାର୍ଯ୍ୟରତ ଅଛନ୍ତି। ସେଥି ମଧ୍ୟରୁ ଅନେକ ଆଶା ବିଧବା, ସ୍ୱାମୀ ପରିତକ୍ତା, ଅସହାୟ ଓ ଦରିଦ୍ର ସୀମାରେଖା ତଳେ ବସବାସ କରୁଥିବା ଜଣାପଡ଼ିଛି। ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା ସତ୍ତ୍ୱେ ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଶାମାନେ ଫେବ୍ରୁଆରୀ ଓ ମାର୍ଚ୍ଚ ମାସର ପାଉଣା ପାଇବାରୁ ବଞ୍ଚିତ ହେଇଛନ୍ତି। ଏଥି ଯୋଗୁ ଅନେକ ଅଭାବ ଅସୁବିଧାରେ ଚଳିବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଶୀଘ୍ର ପାରିଶ୍ରମିକ ଦିଆଯାଉ ବୋଲି ସୋମବାର ଆଶା କର୍ମୀ ସଭାପତି ମଞ୍ଜୁ ମାହାନ୍ତ ଓ ସମ୍ପାଦକ ସରୋଜିନୀ ଦାସଙ୍କ ନେତୃତ୍ୱରେ ଲହୁଣୀପଡ଼ା ଡାକ୍ତରଖାନା ପରିସରରେ ଆଶାମାନେ ଧାରଣା ଦେଇଥିଲେ। ଏଥିସହିତ ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା,ସଞ୍ଜୟ କୁମାରଙ୍କୁ ଯୋଗାଯୋଗ କରିବାରୁ ଶୀଘ୍ର ଆଶା କର୍ମୀମାନଙ୍କର ପାଉଣା ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।



ଆଶାକର୍ମୀମାନେ ଧାରଣାରେ ବସିଛନ୍ତି।

## ଲହୁଣୀପଡାରେ ଅଷ୍ଟପ୍ରହର ନାମଯଜ୍ଞ

**ଲହୁଣୀପଡ଼ା,୧।୪(ଦାଶରଥି ପଣ୍ଡା):** ଲହୁଣୀପଡ଼ା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳାମାନେ ନିକଟସ୍ଥ ପତିବନ୍ଧ ଜଳାଶୟରୁ ପୂର୍ଣ୍ଣ କଳସୀ ଧରି ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ଏବଂ ଘଟସ୍ଥାପନା ଓ ଅଧିବାସ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ସକାଳୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଅନୀଲ କୁମାର ମାହାନ୍ତ ଓ ତାଙ୍କ ସହଧର୍ମିଣୀ ସରିତା ମାହାନ୍ତ ଦାୟିତ୍ୱ ସମ୍ପାଦନା କରିଥିବା ବେଳେ ରୁଦ୍ର ନାରାୟଣ ଦାସ ଯଜ୍ଞ ସଞ୍ଚାଳନ କରିଥିଲେ। ଲହୁଣୀପଡ଼ା, ଉଲୁସୁରେଇ, ରାଜାମୁଣ୍ଡା, କେନାଭେଟା, ଉଲକୁଣ୍ଡି, ଭୁଗୁଲା, ବିଲେଇପଡ଼ା ଆଦି ଗ୍ରାମର କିର୍ତ୍ତନ ମଣ୍ଡଳୀମାନେ ଅଂଶ ଗ୍ରହଣ କରି ନାମସଂକିର୍ତ୍ତନ କରିଥିଲେ। ସୋମବାର ପୂର୍ଣ୍ଣାହୂତି ଯଜ୍ଞ ଓ ନଗର କିର୍ତ୍ତନ ଅନୁଷ୍ଠିତ ହୋଇଥିଲା। ରାଜୀବ ମାହାନ୍ତ, ସାଧୁ ଚରଣ ମାହାନ୍ତ, ଗୋବର୍ଦ୍ଧନ ଦିଗାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଥମିକ ଶିକ୍ଷା, ଚିକିତ୍ସା ଉପକରଣ ପ୍ରଦର୍ଶନ କର୍ମଶାଳା



ଜଣେ ଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଉଛି।

**କୁତ୍ରା,୧।୪(ଦେବାଶିଷ ସାହୁ)**

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର ଏକ ପ୍ରାଥମିକ ଶିକ୍ଷା ଓ ପ୍ରାଥମିକ ଚିକିତ୍ସା ଉପକରଣ ପ୍ରଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶିକ୍ଷକ ଭାବେ ଅନୁଷ୍ଠାନର ଶିକ୍ଷୟିତ୍ରୀ ରକ୍ଷକ ସୁନିତା ପଟେଲ ଛାତ୍ରୀଛାତ୍ରଙ୍କ ପ୍ରାଥମିକ ଚିକିତ୍ସା ଉପରେ ତାଲିମ ପ୍ରଦାନ କରିଥିବା ବେଳେ ଅନ୍ୟତମ ପ୍ରାଥମିକ ଚିକିତ୍ସା ପ୍ରଧ୍ୟାପକ ଡ.ବିଭୀଷଣ ବାରିକ ଓ ଦୀପିକା କେର୍କେଟା ଯୁଗ୍ମ ଭାବେ ପ୍ରାଥମିକ ଚିକିତ୍ସା ପ୍ରଣାଳୀ, ବ୍ୟାଣ୍ଡେଜ ଓ ଉଦ୍ଧାର ସଂପର୍କରେ ସୁନ୍ଦର କୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ହାତ ଭଙ୍ଗା, ଗୋଡ ଭଙ୍ଗା, ମୁଣ୍ଡ ଆଘାତ, ଅଚେତ ବ୍ୟକ୍ତିର ଉପଚାର, ଷ୍ଟ୍ରେଚର ପ୍ରଭୃତିର ନମୁନା ପ୍ରଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଲିପିକା କାଲୋ ପରିଚାଳନା କରିଥିବା ବେଳେ କାଉନସିଲର ରୋହିତ ଜୟପୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଅବିନାଶ କର, କାହ୍ନାଚରଣ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।

# ଫୁଟବଲ ଟୁର୍ନାମେଣ୍ଟ, କୁତ୍ରା ବିଜୟୀ

**କୁତ୍ରା,୧।୪(ଦେବାଶିଷ ସାହୁ)**

କୁତ୍ରା ସରକାରୀ ଆଇଟିଆଇ ପାଖ ପେଲ ପଡ଼ିଆରେ ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୁତ୍ରା ଓ ଲିଗିବେଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ବରାବର ହେବାରୁ ପେନାଲ୍ଟି ସୁଟଆଉଟର ସାହାଯ୍ୟ ନିଆଯାଇଥିଲା। ଏଥିରେ ୪-୨ ଗୋଲରେ କୁତ୍ରା ବିଜୟୀ ହୋଇଥିଲା। ଏହି ଫୁଟବଲ ମ୍ୟାଚରେ ଅତିଥି ଭାବରେ ସାମାଜିକ କର୍ମୀ ବିଶ୍ୱନାଥ ଟପ୍ପୋ, ଆଇଟିଆଇର ତାଲିମଦାତା ସୁଭ୍ରାଂଶୁ ମୋହନ ବେହେରା, କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଓଡ଼ିଶାର ଭାଷା, ପରମ୍ପରାକୁ ଉଜ୍ଜୀବିତ ରଖିବାକୁ ଆହ୍ୱାନ

## ବନାନୀ ସାହିତ୍ୟ ସଂସଦ ତରଫରୁ ଉତ୍କଳ ଦିବସ

**ଲହୁଣୀପଡ଼ା,୧।୪(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜାଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମଙ୍ଗଳବାର ବନାନୀ ସାହିତ୍ୟ ସଂସଦ ଲହୁଣୀପଡ଼ା ତରଫରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦର୍ଜାଂ ସରପଞ୍ଚ ସିଂ ରାୟ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ମୀନାମାହାନ୍ତ, ସାହିତ୍ୟିକ, ସୁବେଦାର ଦେବରାଜ କିସାନ, ଇନ୍ଦୁମତୀ ନାଏକ, ମୁଖ୍ୟ ବକ୍ତା ଭାବେ ଚାନ୍ଦିଲି ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ରଞ୍ଜନ କୁମାର ପତି ଅଧ୍ୟକ୍ଷତା କରିଥିବା ବେଳେ ସଂସଦ ସମ୍ପାଦକ କୁମାର ଗୌତମ ବାରିକ ପରିଚୟ ପ୍ରଦାନ ଓ ଉତ୍କଳ ଦିବସ ପାଳନ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅତିଥି ବୃନ୍ଦ ସ୍ୱତନ୍ତ୍ର ଓଡ଼ିଶା ଗଠନର ବରପୁତ୍ରମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନ ଓ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ଉଦ୍‌ଯିବିତ ରଖିବା ପାଇଁ ଅତିଥିମାନେ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଶେଷରେ ନାଥୁରାମ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର, ଶିକ୍ଷୟିତ୍ରୀ ସଙ୍ଗୀତା ପ୍ରଧାନ, ମୋହନ ପ୍ରିୟା ମାହାନ୍ତ, ସୁକାନ୍ତି ମାହାନ୍ତ, ଗ୍ରାମବାସୀ, ସାହିତ୍ୟ ପ୍ରେମୀ, ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିବା ଜଣାପଡ଼ିଛି।


ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଓଡ଼ିଆ ଜାତିକୁ ଏକତ୍ର ହେବା ପାଇଁ ଆହ୍ୱାନ

ଦେବଗଡ଼,୧।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ୯୦ତମ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ ଜିଲା ପରିଷଦ କୌଶିକ କୁମାର ପ୍ରଧାନ, ଏମ୍‌ପିଙ୍କ ନମିନୀ ଅରୁଣ ସାହୁ, ଭାରପ୍ରାପ୍ତ ଅଧ୍ୟକ୍ଷ ପୌର ପରିଷଦ ପ୍ରଜିତ ଭୋଜ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପୌର ପରିଷଦ କୃପାସିନ୍ଧୁ ସ୍ୱାଇଁ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ସାଧାରଣ ସଭା ଆୟୋଜନ ହୋଇଥିଲା। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ବରେଣ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଏମ୍‌ପିଙ୍କ ନମିନୀ ଅରୁଣ ସାହୁ, ଭାରପ୍ରାପ୍ତ ଅଧ୍ୟକ୍ଷ ପୌର ପରିଷଦ ପ୍ରଜିତ ଭୋଜ, ଉପଜିଲାପାଳ ପରକ୍ଷିତ ସାହୁ ପ୍ରମୁଖ ଯୋଗଦେଇ ବରପୁତ୍ରମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ଓଡ଼ିଆ ଜାତି ପ୍ରତି ଥିବା ଘଭୀର ଅନୁରାଗ ଜାତୀୟତା ଓ ଓଡ଼ିଆ ଅସ୍ମିତା ପ୍ରତି ତାଙ୍କ ଯେଉଁ ବଳିଦାନ ଥିଲା ତାହା ସ୍ମୃତି ଚାରଣ କରି ଆଜିର ଦିବସର ଓଡ଼ିଆ ଜାତିକୁ ଏକତ୍ର ହେବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ


ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

### ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ

ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ୍ରିମ ଡ୍ୟାନ୍ସ ଏକାଡେମୀ ଓ ମାହାରୀ ନୃତ୍ୟ କଳା ମଣ୍ଡପ କଳାକାରମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଳିଆପାଳ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରା, ନନ୍ଦିନୀ ସାହୁ, ସିଆର୍‌ସିସି ପ୍ରାଣବନ୍ଧୁ ଘୋଡେଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ଫଟୋ ଚିତ୍ର ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, ମିଶନ ଶକ୍ତି ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଝାରସୁଗୁଡ଼ା,୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବିଜେଡି ପକ୍ଷରୁ ମଙ୍ଗଳବାର ଓଡ଼ିଶା ଦିବସ ପାଳନ କରାଯାଇଛି। ସକାଳ ୯ଟା ୩୦ରେ ଜିଲା ବିଜେଡି ସଭାପତି ରବି ସିଂଙ୍କ ସହ ଜିଲା ବିଜେଡି ର ସଦସ୍ୟମାନେ ଝାରସୁଗୁଡା ବଡ଼ମାଲସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଓଡ଼ିଶା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଜିଲାବାସୀଙ୍କୁ ଓଡ଼ିଶା ଦିବସର ଶୁଭେଚ୍ଛା ଦେଇଛନ୍ତି। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଏବଂ ଏହାର ବିକାଶ ପାଇଁ ଓଡ଼ିଶାର ସମସ୍ତ ବରପୁତ୍ର ଚିର ସ୍ମରଣୀୟ ବୋଲି ବିଜୁ ଜନତା ଦଳ ଝାରସୁଗୁଡା ପକ୍ଷରୁ ପ୍ରକାଶ କରାଯାଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରାନୀ ହାତୀ, ତାପସ ରାୟ ଚୌଧୁରୀ, ସନ୍ଦିପ ଅବସ୍ଥି, ହରିଶ ଗଣତ୍ରା, ଅଶୋକ ଦାସ, ପିଣ୍ଟୁ ପାଢ଼ୀ, ଦାମୋଦର ନାଥ, ଦିଗାମ୍ବର ଭୋଇ, ମଦନ ହାତୀ, ତୁଳସୀ ଦାସ, ଚିରଞ୍ଜିବୀ ପତି, ଲିଙ୍ଗରାଜ ମହାପାତ୍ର, ସୁବାଷ କେଡିଆ, ଗୀତାଞ୍ଜଳି ପଣ୍ଡା, ଦୀପା ନାଏକଙ୍କ ସମେତ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଓଡ଼ିଶା ଦିବସ, ସ୍ୱରଚିତ କବିତା ପାଠ


ଓଡ଼ିଶା ଦିବସ ସମାରୋହରେ ଆୟୋଜିତ କବିତା ପାଠ ଉତ୍ସବରେ ଉପସ୍ଥିତ କବିମାନେ।

ଦେବଗଡ଼,୧।୪(ଶଶାଙ୍କ ଶେଖର ଝାଙ୍କର)

ଜିଲା ସଂସ୍କୃତି ଭବନଠାରେ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଓଡ଼ିଆ ଦିବସ ସମାରୋହ ଓ ସ୍ୱରଚିତ କବିତା ପାଠୋତ୍ସବ ମନୋରଞ୍ଜନ ସୂତାର ସୂଚନା ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦେବଗଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅତିଥିମାନେ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧା ସୁମନ ଦେଇ ମାଲ୍ୟାର୍ପଣ କରିଥିଲେ। ସମାରୋହରେ ମୁଖ୍ୟଅତିଥି ଉପ ଜିଲାପାଳ ପରିକ୍ଷୀତ ସାହୁ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ସମ୍ମାନିତ ଅତିଥି, ବିଜୟ କୁମାର ଉପାଧ୍ୟାୟ ଜିଲା ନିୟୋଜନ ଅଧିକାରୀ, ପ୍ରଫୁଲ୍ଲ କୁମାର ମହାପାତ୍ର ଦେବଗଡ଼ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଚିତ୍ତରଞ୍ଜନ ଦାସ ଓଡ଼ିଆ ଅଧ୍ୟାପକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଦେବ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜଦେଓ, ଗୌରୀଶଙ୍କର ରାୟ, ଡାକ୍ତର ହରେକୃଷ୍ଣ ମହତାବ, ରାଜା ସାର୍ ବାସୁଦେବ ସୁଲଦେବ, ନୀଳମଣି ବିଦ୍ୟାରତ୍ନ ତଥା ଅନ୍ୟାନ୍ୟ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଅବଦାନ ଦେଇଥିବା ଗୁଣଗାନ କରିଥିଲେ। ପଦ୍ମିନୀ ଦାଶମହାପାତ୍ର ଓ ଅଞ୍ଜନା ନାଏକ କବିତା ସଂଯୋଜନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମିଶ୍ର, ଲୋକନାଥ ବେହେରା, ମାର୍କଣ୍ଡେଶ୍ୱର ଶତପଥି, ଟିକେଶ୍ବର ସାହୁ, ଡାକ୍ତର ବିଲାସିନୀ ଦ୍ୱିବେଦୀ, ଗୌରହରି ଷଡ଼ଙ୍ଗୀ, ଜଗମୋହନ ସାହୁ, ସନ୍ତୋଷ କୁମାର ପ୍ରଧାନ, ଫୀକୀର ମୋହନ ଦେହୁରୀ, ସୌଦାମିନୀ ଆଚାର୍ଯ୍ୟ, ପଣ୍ଡିତ ପ୍ରକାଶଚନ୍ଦ୍ର ପ୍ରଧାନ, ଶ୍ରୀମନ୍ତ ସାହୁ, ନରେନ୍ଦ୍ର କୁମାର ନାଥ, ଯୁଧିଷ୍ଠିର ଦାଶ, ଦେବକୀ ସ୍ୱାଇଁ, ଭ୍ରାତୃ କୁମାର ପ୍ରଫୁଲ୍ଲ, ଅଞ୍ଜନା ନାଏକ, ପଙ୍କଜିନୀ ବେହେରା, ଅଶୋକ ମିଶ୍ର, ପଦ୍ମିନୀ ଦାଶମହାପାତ୍ର, ଗୀତାଞ୍ଜଳୀ ସାଏ, ପ୍ରିୟ ଲାମ୍ବା ଦ୍ୱିବେଦୀ, ପ୍ରଫୁଲ୍ଲ କୁମାର ମହାପାତ୍ର ଓଡ଼ିଶା ଦିବସ ସମ୍ବନ୍ଧରେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ରବି ଧାନ ପାଇଁ ଚାଷୀଙ୍କୁ ପାଣି ଚିନ୍ତା

ଝାରସୁଗୁଡ଼ା,୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୁଡାବଗା ଉଠାଜଳ ସେଚନ ପ୍ରକଳ୍ପ ଉପରେ ନିର୍ଭର କରି ରବି ଧାନ ଚାଷ କରିଥିବା ଚାଷୀଙ୍କୁ ଏବେ ପାଣି ଚିନ୍ତା ଘାରିଛି। ଏ ନେଇ ମଙ୍ଗଳବାର ଭଅଁରଖୋଲ ଗ୍ରାମପଞ୍ଚାୟତ ସାଗରପାଲି ଗ୍ରାମରେ ଚାଷୀମାନେ ଏକ ବୈଠକ କରିଛନ୍ତି। ଧାନ ଏବେ କେଣ୍ଡା ଧରୁଥିବାବେଳେ କୁଡାବଗା ମେଗା ଜଳ ଯୋଗାଣ ପ୍ରକଳ୍ପରୁ ପାଣି ଆସୁନାହିଁ। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଅନ୍ୟପଟେ ଯେଉଁ ସଂସ୍ଥା କୁଡାବଗା ପ୍ରକଳ୍ପରୁ ପାଣି ଦେବା ପାଇଁ ନିୟୋଜିତ ଥିଲା ସେହି ସଂସ୍ଥାର ଟେଣ୍ଡର ଶେଷ ହୋଇଥିବା ଯୋଗୁ ଜଳ ଯୋଗାଣ ଠପ ରହିଛି ବୋଲି ଚାଷୀମାନେ କହିଛନ୍ତି। କେବେ ନୂତନ ସଂସ୍ଥା ଟେଣ୍ଡର ପାଇବ ଏବଂ ପୁଣି ଚାଷ ଜମିକୁ ପାଣି ଆସିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଯଦି ଦିନେ ଦୁଇ ଦିନ ମଧ୍ୟରେ ଚାଷ ଜମିକୁ ପାଣି ନ ଆସେ ତେବେ ଏକର ଏକର ଜମିର ଧାନ ଫସଲ ନଷ୍ଟ ହୋଇଯିବ। ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନଦେଇ ଶୀଘ୍ର କୁଡାବଗା ମେଗା ଜଳ ସେଚନ ପ୍ରକଳ୍ପରୁ ଚାଷ ଜମିକୁ ଜଳ ଯୋଗାଇବା ପାଇଁ ସାଗରପାଲିର ଚାଷୀମାନେ ଦାବି କରିଛନ୍ତି।

### ଜିଲା କଂଗ୍ରେସ ପକ୍ଷରୁ ଓଡ଼ିଶା ଦିବସ ପାଳିତ

ଦେବଗଡ଼,୧।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଜିଲା କଂଗ୍ରେସ ଓ ଜିଲା ମହିଳା କଂଗ୍ରେସର ବହୁ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟ ଉପସ୍ଥିତ ରହି ସ୍ୱତନ୍ତ୍ର ପ୍ରେଦେଶ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହର ବିଭିନ୍ନ ସ୍ଥାନରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଓ ରାଣୀ ଡମ୍ବରୁଧର ପ୍ରିୟା ଦେବୀ, ବୀର ବୀର୍ସା ମୁଣ୍ଡା ଓ ଡ. ବିଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ରେବତୀ ମୋହନ ପଟ୍ଟନାୟକ, ରମେଶ ଚନ୍ଦ୍ର ପାତ୍ର, ଅଲେଖ ନାଏକ, ଆକାଶ ଦାଶ, ବିନୟ ଦେବତା, ସୁଶୀଳ କୁମାର ଗୁଡିଆ ଓ ସାଗର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ଦ୍ୱାରା ନଳକୂପ ଖନନ କାର୍ଯ୍ୟ ଶୁଭାରମ୍ଭ

ଝାରସୁଗୁଡ଼ା,୧।୪(ଆଶିଷ ରଞ୍ଜନ ଦାଶ)

ଗ୍ରୀଷ୍ମ ଋତୁରେ ଲୋକଙ୍କୁ ପାନୀୟ ଜଳ ଉପଲବ୍ଧ କରାଇବା ପାଇଁ ଝାରସୁଗୁଡା ବ୍ଲକ ଅନ୍ତର୍ଗତ ତାଳପଚିଆ ଗ୍ରାମ ଗଣ୍ଡପଡ଼ାଠାରେ ବିଧାୟକ ଟଙ୍କଧର ତ୍ରିପାଠୀ ନଳକୂପ ଖନନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଶୁଭାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବସୁଧା ଯୋଜନା ଅନ୍ତର୍ଗତ ଏହି ନଳକୂପ ଖନନ ପାଇଁ ୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅନ୍ୟ ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ନଳକୂପ ଖନନ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

# ଓଡ଼ିଶାର ମାନ, ମର୍ଯ୍ୟାଦା ରକ୍ଷା କରିବା ଲାଗି ଆହ୍ୱାନ

ଝାରସୁଗୁଡ଼ା,୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ତଥା ସହରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଭବନଠାରେ ଅପରାହ୍ନ ୫ଟାରେ ଓଡ଼ିଶା ଦିବସରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ୨୮ଜଣଙ୍କୁ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ସିଡିଓ ପ୍ରବୀର ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ଓଡ଼ିଶାର ଐତିହ୍ୟ, ପରମ୍ପରା ଏବଂ ଓଡ଼ିଆ ଭାଷା ପାଇଁ ସଂଗ୍ରାମୀମାନଙ୍କ ଲଢେଇ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଝାରସୁଗୁଡ଼ା ଡିଏଭି ସ୍କୁଲରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳନ ଅବସରରେ ଅଭିଜ୍ଞ ଶିକ୍ଷକ, ସାହିତ୍ୟିକ ତଥା ସାମାଜିକ କର୍ମୀ ଅକ୍ଷୟ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସଂସ୍କୃତି ଓ ଅସ୍ମିତାକୁ ନେଇ ଗର୍ବ କରିବା ସହିତ ସମ୍ମିଳିତ ଭାବେ ଓଡ଼ିଶା ମାଟିର ମାନ ଓ ମର୍ଯ୍ୟାଦା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଝାରସୁଗୁଡ଼ା ଶାଖା ଓ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ତଥା ଉତ୍କଳ ସମ୍ମିଳନୀ ଝାରସୁଗୁଡ଼ା ଶାଖାର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ସେମିନାର ପ୍ରକୋଷ୍ଠରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଅଧ୍ୟକ୍ଷା ସୁଶ୍ରୀ ଅଞ୍ଜଳିପ୍ରଭା ପଟ୍ଟନାୟକଙ୍କ ସଂଯୋଜନାରେ ଲୋକ ସଂସଦ, ଝାରସୁଗୁଡ଼ାର ସଭାପତି ଡ. ବିଶ୍ୱଜିତ ଖମାରୀ ଓଡ଼ିଶା ଦିବସର ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ। ସାହିତ୍ୟା ଲୋକର ଅଧ୍ୟକ୍ଷା ମନ୍ଦାକିନୀ ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୁଡାପଡା ବୁରୋମାଲ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟ ପକ୍ଷରୁ ଝଡ଼େଶ୍ୱରୀ


ଜିଲାସ୍ତରୀୟ ଓଡ଼ିଶା ଦିବସରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

### ଝାରସୁଗୁଡ଼ା ଜିଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ସମନ୍ୱିତ ଦିବ୍ୟାଙ୍ଗ ସ୍କୁଲରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁଗ୍ମ ସଚିବ ବିଜୟ ସାହିଗଲ ଯୋଗଦେଇ ଓଡିଶା ଗଠନରେ ମହାପୁରୁଷମାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ବେଲପାହାଡ଼ ରିଫ୍ରାକ୍ଟୋରୀଜ ଉଚ୍ଚ ବିଦ୍ୟାଳୟରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭା ଆୟୋଜିତ ହୋଇଥିଲା। ସରବାହାଲସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ଼ ସରୋଜ କୁଅଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ପ୍ରଶାନ୍ତ ଦାସ, ଅଶୋକ ସାକୁନିଆ ପ୍ରମୁଖ ଯୋଗଦେଇ ଓଡ଼ିଶାର କଳା, ସଂସ୍କୃତି,ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ।

# କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

କୋଲାବିରା,୧।୪(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ସମାସିଂହାସ୍ଥିତ କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଗୁଣାତ୍ମ ଶିକ୍ଷାର ଅନ୍ୱେଷଣର ସହାୟକ ଏହି ବାଳିକା ବିଦ୍ୟାଳୟର ଫଳାଫଳ ପ୍ରତିବିମ୍ବିତ କରି ତୋଳିଛି ବୋଲି କହିଥିଲେ। ୨୫ ବର୍ଷ ପୂର୍ବେ ଝିଅମାନେ ପାଠ ପଢିବା ପାଇଁ କ୍ଷୀରୋଦ ଗୋନ୍ତିଆଙ୍କ ପରିବାର କରିଥିବା ଚିନ୍ତା ଏକ ସାଧାରଣ ଚିନ୍ତା ନୁହେଁ ଏହା ଏକ ନିଚ୍ଛକ ଚିନ୍ତନ ଯାହା ଆଜିକାର ଦିନରେ ପ୍ରତିଫଳିତ ହୋଇପାରିଛି ବୋଲି କହିଥିଲେ। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ ବିଭିନ୍ନ କ୍ଷେତ୍ରରେ ଜିଲା ତଥା ଜିଲା ବାହାରୁ ଗୌରବ ଅର୍ଜନ କରିଥିବା ଏହି ବିଦ୍ୟାଳୟର ପ୍ରସଂଶା କରିଥିଲେ। ପରିଚାଳନା କମିଟି ସଭାପତି ତୁଳାରାମ ସେନାପତିଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସିଇଓ ପ୍ରବୀର ନାୟକ, ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମିତ୍ର,ବରିଷ୍ଠ ଗାୟକ ତଥା ସମ୍ବଲପୁର ସୁରମନ୍ଦିର ଅଧ୍ୟକ୍ଷା ସୁପ୍ରଭା ପାଢ଼ୀ, ଆକାଶବାଣୀ ଓ ଦୁରଦର୍ଶନ ଗୀତିକାର ମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ସ୍ମରଣିକା ନିର୍ଝରିଣୀ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତୀ ହାସଲ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟକୁ ଭୂମି ଦାନ କରିଥିବା ଗ୍ରାମର ରଣାନନ୍ଦ ପଟେଲ, ପଞ୍ଚାନନ୍ଦ ପଟେଲ ଓ ମିତ୍ରଭାନୁ ପଟେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାସିଂହାସ୍ଥିତ ପ୍ରଗତୀ ସଂଘ, ଧରଣୀଧର ସଙ୍ଗୀତ ପରିଷଦ, ସୁପରଫାଷ୍ଟ କ୍ଲବ, ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍, ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ନାଗରିକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପ୍ରଶିକ୍ଷକ ଶଚିନ୍ଦ୍ର କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ସ୍ୱେଚ୍ଛାସେବୀ ଓଙ୍କାରମଲ ସାହୁ, ଭିଷ୍ମଦେବ ପଟେଲ, ଗୋବର୍ଦ୍ଧନ ବଗାର, ମନୋଜ କାଲୋ, ପ୍ରକାଶ ସାହୁ, ଯୋଗେଶ୍ୱର ସେନାପତି, ରୀତୁ ସାହୁ ପ୍ରମୁଖଙ୍କ ସମେତ କଲୋପଡା ସୁପରଫାଷ୍ଟ କ୍ଲବ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରୌପ୍ୟ ଜୟନ୍ତୀ କମିଟି ଆୟୋଜକ ସଭାପତି ନିର୍ମଳ ଚାନ୍ଦ, ପୂର୍ବାପରିତା ସାହୁ, ଶିବାନୀ ଜୟପୁରିୟା, ଶିକ୍ଷୟିତ୍ରୀ ସୁପ୍ରଭା ସହୁ, ମଞ୍ଜୁ ସାହୁ, ପୁଷ୍ପାଞ୍ଜଳି ପୂଝାରୀ, ଆଶା ମଞ୍ଜରୀ ଚୌଧୁରୀ, ରଶ୍ମିରେଖା ପଟେଲ, ଅଞ୍ଜଳି ପଟେଲ, ସୁନନ୍ଦ ପଟେଲ, ମନୋଜ ମିର୍ଦ୍ଧା, ପ୍ରଶନ୍ନ ବଗାରଙ୍କ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ଅତିଥିମାନଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ସ୍ମରଣିକା ନିର୍ଝରିଣୀ ଉନ୍ମୋଚନ କରାଯାଉଛି।

# କମ୍ପାନୀ ଫାଟକରେ ଘେରାଉ ୪ ଚକିଆ ଯାନ ମାଲିକ ସଂଘ ଧାରଣା

ଝାରସୁଗୁଡ଼ା,୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସହର ସୁନାରିମୁଣ୍ଡା ବେଦାନ୍ତ କମ୍ପାନୀ ଗେଟ ସମ୍ମୁଖରେ କମ୍ପାନୀରେ କାର୍ଯ୍ୟରତ ୪ଚକିଆ ଯାନ ମାଲିକ ସଂଘ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଧାରଣା ଦେଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଗାଡି ମାଲିକ ସଂଘକୁ ଡାକି ଆଲୋଚନା କରିଥିଲେ। ୨ ମାସ ମଧ୍ୟରେ ସମସ୍ୟା ସମାଧାନ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହେବା ସହିତ ଯାନବାହାନ କମ୍ପାନୀ ଭିତରକୁ ଯାତାୟାତ କରିଥିଲା। ସୂଚନା ଅନୁସାରେ କମ୍ପାନୀ ଏବଂ ଠିକା କମ୍ପାନୀରେ ବିଭିନ୍ନ କାର୍ଯ୍ୟ ପାଇଁ ୪ ଚକିଆ ଯାନଗୁଡିକ ନିୟୋଜିତ ହୋଇଥାଏ। କିନ୍ତୁ ନୂତନ ଆର୍ଥିକ ବର୍ଷରେ କିଛି ଆଇନ ପରିବର୍ତ୍ତନ ତଥା ମୂଲ୍ୟ ବୃଦ୍ଧି ନେଇ କମ୍ପାନୀ ଗେଟ ସାମନାରେ ଚାରି ଚକିଆ ଯାନ ମାଲିକ ସଂଘ ଧାରଣାରେ ବସିଥିଲେ।

# ଝାରସୁଗୁଡ଼ାରେ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଝାରସୁଗୁଡ଼ା,୧।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଓଏସ୍‌ଏପି ପରେଡ଼ ଗ୍ରାଉଣ୍ଡଠାରେ ପୋଲିସ ପକ୍ଷରୁ ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଏବଂ ଓଡିଶା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, କମାଣ୍ଡାଣ୍ଟ ଓଏସଏପି ଦ୍ୱିତୀୟ ବାଟାଲିଆନ ପ୍ରସାଦ ତମଙ୍ଗଙ୍କ ସମେତ ଝାରସୁଗୁଡା ପୋଲିସ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଦେଶ ତଥା ଜନ ସେବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ବୀରମାନଙ୍କ ସ୍ମୃତିଚାରଣ କରାଯାଇଛି। ପୋଲିସ କର୍ମଚାରୀ ଏବଂ ଅଧିକାରୀମାନେ ଲୋକଙ୍କୁ ସେବା ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ। ଆଇନଶୃଙ୍ଖଳା ପରିସ୍ଥିତି କିପରି ବଜାୟ ରହିବ ସେ ଦିଗରେ ଯତ୍ନବାନ ହେବେ ବୋଲି ଝାରସୁଗୁଡା ଏସପି ସ୍ମିତ ପି ପରାମାର ପ୍ରକାଶ କରିଛନ୍ତି।


ପୋଲିସ ପ୍ରତିଷ୍ଠା ଦିବସରେ ଏସ୍‌ପି ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି। ।

# ଶାନ୍ତିଶୃଙ୍ଖଳା, ଅପରାଧ ନିୟନ୍ତ୍ରଣରେ ପୋଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦେବଗଡ଼,୧।୪(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ରିଜର୍ଭ ପୋଲିସ ପଡିଆଠାରେ ମଙ୍ଗଳବାର ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପରେଡରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଓଡ଼ିଶା ପୋଲିସ ସବୁ କ୍ଷେତ୍ରରେ ଆଗକୁ ବଢିଥିବା ପ୍ରକାଶ କରିବା ସହ ଅଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା କରିବା ତଥା ଅପରାଧ ନିୟନ୍ତ୍ରଣରେ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ସମ୍ମିଳିତ ପରେଡରେ ଜିଲା ଆରକ୍ଷୀ ବାହିନୀ ଆନୁଷ୍ଠାନିକ ବାବେର ସାମିଲ ହୋଇଥିବା ବେଳେ ଏହି ଅବସରରେ ଦକ୍ଷତାର ସହିତ ଦାୟିତ୍ୱ ସମ୍ପାଦନ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ମାନପତ୍ର ଏବଂ


ମୁଖ୍ୟଅତିଥି ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି।

### ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ଅର୍ଥ ପୁରସ୍କାର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଦେବଗଡ଼ ଥାନାର ଉପ ଆରକ୍ଷୀ ନିରୀକ୍ଷକ ରୁଦ୍ରନାରାୟଣ ପ୍ରଧାନ, ସହକାରୀ ଉପ ଆରକ୍ଷୀ ନିରୀକ୍ଷକ ସରୋଜ କୁମାର ପ୍ରଧାନ, ଅପରାଧ ଅନୁସନ୍ଧାନ ମୁଖ୍ୟ ଆରକ୍ଷୀ ଧିର ସାହୁ, ସାଧାରଣ ଆରକ୍ଷୀ (ଟ୍ରଫିକ୍) ସବିତା ବେହେରା, ସାଧାରଣ ଆରକ୍ଷୀ ପ୍ରିୟରଞ୍ଜନ ମୁଦୁଲୀ ଓ ସଶସ୍ତ୍ର ଆରକ୍ଷୀ ତାପସ କୁମାର ସାହୁଙ୍କୁ ମୁଖ୍ୟଅତିଥି ମିଶ୍ରଙ୍କ ଦ୍ୱାରା ମାନପତ୍ର ଏବଂ ଅର୍ଥ ପୁରସ୍କାର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଅରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ମଞ୍ଚାସୀନ ଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଦେବଗଡ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଏସ୍‌ପି ପବିତ୍ର କିଷାନଙ୍କ ସମେତ ବିଭାଗୀୟ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଧରିତ୍ରୀ 51 Years
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨/୨୦୨୫ Bhubaneswar, Wednesday, April 2/ 2025

# ପଞ୍ଜାବର ସହଜ ବିଜୟ

ଲକ୍ଷ୍ନୌ,୧।୪

ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୮ ଉଇକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଲକ୍ଷ୍ନୌ ପକ୍ଷରୁ ଧାର୍ଯ୍ୟ ୧୭୨ ରନର ବିଜୟ ଲକ୍ଷ୍ୟକୁ ପଞ୍ଜାବ ୧୬.୨ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହା ପଞ୍ଜାବ ପାଇଁ ଲଗାତର ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ଲକ୍ଷ୍ନୌ ଲାଗି ତୃତୀୟ ମ୍ୟାଚରେ ଏହା ଦ୍ୱିତୀୟ ପରାଜୟ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୧ ରନ କରିଥିଲା। ଦଳ ପକ୍ଷରୁ ନିକୋଲସ ପୁରନ ୪୪, ଆୟୁଷ ବଡୋନୀ ୪୧, ଆଇଡେନ ମାରକ୍ରାମ ୨୮, ଅବଦୁଲ ସମଦ ୨୭ ରନ କରିଥିଲେ। ପଞ୍ଜାବ ପାଇଁ ଅର୍ଶଦୀପ ସିଂ ୩ ଉଇକେଟ ନେଇଥିବା ବେଳେ ଲୋକି ଫର୍ଗୁସନ, ଗ୍ଲେନ ମ୍ୟାକ୍ସୱେଲ, ମାର୍କୋ ଜାନସେନ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ଉଇକେଟ ନେବା ପରେ ଉଲ୍ଲସିତ ଅର୍ଶଦୀପ ସିଂ।

ଜବାବରେ ପଞ୍ଜାବ ଆରମ୍ଭରୁ ପ୍ରିୟାଂଶ ଆର୍ଯ୍ୟାଙ୍କ ଉଇକେଟ ହରାଇଥିଲା। ଓପନର ପ୍ରଭସିମରନ ସିଂଙ୍କ ସହ ଅଧିନାୟକ ଶ୍ରେୟସ ଆୟର ମିଶି ଦ୍ୱିତୀୟ ଉଇକେଟରେ ୮୪ ରନ ଯୋଡ଼ିଥିଲେ। ବିସ୍ଫୋରକ ବ୍ୟାଟିଂ କରିଥିବା ପ୍ରଭସିମରନ ୩୪ ବଲରେ ୯ ଚୌକା ଓ ୩ ଛକା ସହିତ ୬୯ ରନ କରି ଆଉଟ ହୋଇଥିଲେ। ଏହାପରେ ଆୟର ଓ ନେହାଲ ୱାଧେରା ଦଳର ବିଜୟ ଲାଗି ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ଆୟାର ୩୦ ବଲରେ ୩ ଚୌକା ଓ ୪ ଛକା ସହିତ ୫୨ ଏବଂ ୱାଧେରା ୨୫ ବଲରେ ୩ ଚୌକା ଓ ୪ ଛକା ସହିତ ୪୩ ରନ କରି ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୭୧/୭ (ପୁରନ-୪୪, ଆୟୁଷ ବଡୋନୀ-୪୧, ଆଇଡେନ ମାରକ୍ରାମ-୨୮, ଅବଦୁଲ ସମଦ-୨୭, ଅର୍ଶଦୀପ ସିଂ-୩/୪୩, ମ୍ୟାକ୍ସୱେଲ-୧/୨୨, ଫର୍ଗୁସନ-୧/୨୬, ଜାନସେନ-୧/୨୮, ଚହଲ-୧/୩୬)। ପଞ୍ଜାବ କିଙ୍ଗ୍ସ: ୧୬.୨ ଓଭରରେ ୧୭୭/୨ (ପ୍ରଭସିମରନ ସିଂ-୬୯, ଶ୍ରେୟସ-୫୨*, ନେହାଲ ୱାଧେରା-୪୩*, ଦିଗଭେଶ ସିଂ ରାଠୀ-୨/୩୦)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
ବେଙ୍ଗାଲୁରୁ ବନାମ ଗୁଜରାଟ
ସ୍ଥାନ: ବେଙ୍ଗାଲୁରୁ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ରାଜ୍ୟ ରୋଲର ସ୍କେଟିଂ: ଖୋର୍ଦ୍ଧା ଚାମ୍ପିୟନ


ରାଜ୍ୟ ରୋଲର ସ୍କେଟିଂରେ ଭାଗ ନେଇଥିବା ପ୍ରତିଯୋଗୀ।

ଭୁବନେଶ୍ୱର,୧।୪ (ଅନାଦି କର)

ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ (ଓଆର୍‌ଏସ୍‌ଏ) ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ୧୫ତମ ଓଡ଼ିଶା ରାଜ୍ୟ ରୋଲର ସ୍କେଟିଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଉପ ସଚିବ ଅମିତ କୁମାର ନାୟକ, ଓଆର୍‌ଏସ୍‌ଏ ସମ୍ପାଦକ ପାର୍ଥ ସାରଥି ଜେନା, ଅଲିମ୍ପିଆନ ଶ୍ରାବଣୀ ନନ୍ଦ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାର ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲାକୁ ସର୍ବାଧିକ ପଦକ ମିଳିଥିବା ବେଳେ ଯାଜପୁର ଓ କଟକ ପଦକ ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।

# ଅଲ୍‌ଟିମେଟ୍ ଟେବୁଲ ଟେନିସରେ କୋଲକାତା ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ, ୧।୪ (ପି.ଟି.)

ଆସନ୍ତା ମାସରେ ଆରମ୍ଭ ହେବାକୁଥିବା ଅଲଟିମେଟ ଟେବୁଲ ଟେନିସ (ୟୁଟିଟି)ର ସିଜନ ୨୦୨୫ରେ ପୁନେରୀ ପଲ୍‌ଟନ ସ୍ଥାନରେ କୋଲକାତା ଥଣ୍ଡର ବ୍ଲେଡ୍ସ ଲିଗ୍‌ରେ ଅଂଶଗ୍ରହଣ କରିବ। ପୁନେରୀ ପଲ୍‌ଟନ ଟୁର୍ନାମେଣ୍ଟରୁ ବାହାରିଯିବା ପରେ ବେଙ୍ଗାଲୁରୁ ସ୍ମାସର୍ସର ମାଲିକ ପୁନିତ ବାଲାନ ଗ୍ରୁପ୍ ସେମାନଙ୍କ ଦଳର ନାମ ପରିବର୍ତ୍ତନ କରି ପୁଣେ ଜାଗୁଆର୍ସ ରଖିଛନ୍ତି। ପୁନେରୀ ପଲ୍‌ଟନର ପ୍ରସ୍ଥାନ ଓ କୋଲକାତା ଫ୍ରାଞ୍ଚାଇଜର ଯୋଗଦାନ ପରେ ଟୁର୍ନାମେଣ୍ଟ ପୂର୍ବଭଳି ୮ଟି ଦଳକୁ ନେଇ ଅନୁଷ୍ଠିତ ହେବ। ଚଳିତ ସିଜନରେ ବେଙ୍ଗାଲୁରୁରୁ କୌଣସି ଦଳ ପ୍ରତିନିଧିତ୍ୱ କରିବେ ନାହିଁ। ୨୦୨୫ ସିଜନରେ ଟୁର୍ନାମେଣ୍ଟ ମେ ୨୯ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଖେଳାଯିବ। କୋଲକାତା ଫ୍ରାଞ୍ଚାଇଜର ଦୁଇ ମାଲିକ ରହିଛନ୍ତି। ସେମାନେ ହେଲେ ୟୁନି କମ୍ପ ଗ୍ରୁପ୍ ଓ ଏମ୍‌ବିକାଶ ଗ୍ରୁପ୍। ପୂର୍ବତନ ଖେଳାଳି ଅଂଶୁଲ ଗର୍ଗ ନୂଆ ଫ୍ରାଞ୍ଚାଇଜର ଟିମ୍ ଡାଇରେକ୍ଟର ରହିଛନ୍ତି।

# ଲଳିତ ଚାମ୍ପିୟନ, ଶ୍ରେୟସ୍କର ରନର ଅପ୍

କଟକ,୧।୪(କାର୍ତ୍ତିକ ସାହୁ)

ଆଇଏସ୍ ଚେସ୍ ସେଣ୍ଟର ଓ ଅଲ୍ ଓଡ଼ିଶା ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ମହାନଦୀ ବିହାରସ୍ଥିତ ଋଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଫିଡେ ରେଟିଂ ଓପନ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଦୀୟମାନ ଖେଳାଳି ଲଳିତ ରଞ୍ଜନନ ସାହୁ ମୋଟ ୮ ପଏଣ୍ଟ ସହ ଚାମ୍ପିୟନ ହୋଇ ପନ୍ଦର ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ଟ୍ରଫି ଜିତିଛନ୍ତି। ପଶ୍ଚିମବଙ୍ଗର ଶ୍ରେୟସ୍କର ତନ୍ତୀ ୭.୫ ପଏଣ୍ଟ ପାଇ ୨ୟ ହେବା ସହ ୧୨,୦୦୦ ଟଙ୍କା ଓ ଓଡ଼ିଶାର ରବୀନ୍ଦ୍ର ଓଝା ୭.୫ ପଏଣ୍ଟ ପାଇ ୩ୟ ହୋଇ ୧୦,୦୦୦ ଟଙ୍କା ସହ ଟ୍ରଫି ହାସଲ କରିଛନ୍ତି। ମନୀଷ ମିଶ୍ର, ବିଶ୍ୱପ୍ରୀତ ରାୟ, ଅହାନଜୀତ ବାନାର୍ଜୀ, ସମ୍ପିତ ଘୋଷ, ଶୁଭେନ୍ଦୁ ପାତ୍ର, ଆଡଭିକ ଆଦିତ୍ୟ ସ୍ୱାଇଁ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନ ଅଧିକାର କରିଥିଲେ। ଶ୍ରୀୟଂସ ସାହୁ, ଆରାଧ୍ୟା ମହାରଣା, ସିଦ୍ଧାର୍ଥ ମଲ୍ଲିକ, ଅଦିତି ମହାରଣା, ଦେବରାଜ ସେନାପତି, ପ୍ରୀତିକା ପ୍ରଧାନ, ପ୍ରିୟଦର୍ଶନ ରାୟ, ଇ. ରାଗିଣୀ, ପ୍ରଂଶୁ ଦାଶ, ଶ୍ରଦ୍ଧା ସ୍ମରଣିକା ନନ୍ଦ ବିଭିନ୍ନ ବୟସ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଉଦୟ କାନ୍ତ ନାୟକ, ଆରାଧ୍ୟା ବୁଦେକ, ଆୟୁଷ ଦାଶ, ଭିୟନ ଖାର୍ବ, ସ୍ମିତପ୍ରଜ୍ଞ ଖୁଣ୍ଟିଆ, ପ୍ରତ୍ୟୁଷ ଦୀକ୍ଷିତ, ଶ୍ରୀହର୍ଷ ମହାନ୍ତି, ସାଇ ବିଦ୍ୟାଶ୍ରୀ, ସୁମିତ କୁମାର ସିହ୍ନା ଓ ଶୁଭ୍ରଜିତ ମହାରଣା ବେଷ୍ଟ ଅନ ରେଟେଡ ଖେଳାଳି ଭବେ ଅର୍ଥ ରାଶି ପୁରସ୍କାର ପାଇଥିଲେ। ପ୍ରଥମ ଥର ପାଇଁ କଟକରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ୮ଟି ରାଜ୍ୟରୁ ୨୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୪ ଜଣ ଅର୍ନ୍ତାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଥିଲେ। ମାନସ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅମୀୟ ରଞ୍ଜନ ରାଉତରାୟ, ସମ୍ପାଦକ ଦେବବ୍ରତ ଭଞ୍ଜ, ଆଇଏସଚେସ ସେଣ୍ଟର ସଭାପତି ମନୋଜ କୁମାର ପତି, ସଞ୍ଜୟ ଜେନା, ସୁବ୍ରତ ଘଡ଼େଇ, ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ସୁରେଶ ସାହୁ, ସନ୍ତୋଷ ମହାପାତ୍ର, ସୁରଜ ମହାରଣା ପ୍ରତିଯୋଗିତା ପରିଚାଳନା କରିଥିଲେ। ଶଙ୍କର ରାଓ, ପ୍ରଣିତା ସେନ, ଭେଙ୍କଟ ରାଓ, ଏ. ପବନୀ, ଗୁଣନିଧି ମହାନ୍ତି, ରୁଦ୍ରଶିଷ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

### ଫିଡେ ରେଟିଂ ଓପନ ଚେସ ପ୍ରତିଯୋଗିତା

# କ୍ରିକେଟ ଅଷ୍ଟ୍ରେଲିଆର ଟପ୍ ଲିଷ୍ଟରେ କୁହ୍ନେମାନ

ମେଲବୋର୍ନ, ୧।୪ (ଏପି): ଅଷ୍ଟ୍ରେଲିଆର ବାମହାତୀ ସ୍ପିନର ମ୍ୟାଟ୍ କୁହ୍ନେମାନଙ୍କ ବୋଲିଂ ଆକ୍ସନ କ୍ଲିଅର ହେବା ପରେ ମଙ୍ଗଳବାର ତାଙ୍କୁ ୨୦୨୫-୨୬ ପାଇଁ କ୍ରିକେଟ ଅଷ୍ଟ୍ରେଲିଆର ଶ୍ରେଷ୍ଠ ଖେଳାଳି ଚୁକ୍ତି ତାଲିକାରେ ସ୍ଥାନ ମିଳିଛି। କୁହ୍ନେମାନ ଶ୍ରୀଲଙ୍କା ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୨୫ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ ତାଙ୍କର ଦୁଇଥର ୫ଉଇକେଟ ସଫଳତା ରହିଛି। ଶ୍ରୀଲଙ୍କା ଟୁର୍ ପରେ ତାଙ୍କ ବୋଲିଂ ଆକ୍ସନକୁ ନେଇ ସନ୍ଦେହ କରାଯାଇଥିଲା। ନିଜକୁ ତ୍ରୁଟିହୀନ ପ୍ରମାଣ କରିବା ଲାଗି ତାଙ୍କୁ ପରୀକ୍ଷା ଦେବାକୁ ପଡ଼ିଥିଲା। ଆଇସିସି ପକ୍ଷରୁ ଏକ ତଦନ୍ତ ପରେ ତାଙ୍କୁ ଦୋଷମୁକ୍ତ ଘୋଷଣା କରାଯାଇଛି। ଆସନ୍ତା ୧୮ମାସ ପାଇଁ ଅଷ୍ଟ୍ରେଲିଆ କାର୍ଯ୍ୟସୂଚୀରେ ତାଙ୍କଠାରୁ ପୁଣି ଥରେ ଉଲ୍ଲେଖନୀୟ ପ୍ରଦର୍ଶନ ଆଶା କରାଯାଉଛି। ଖେଳାଳି ଚୁକ୍ତି ତାଲିକା ପ୍ରକାଶ କରିବା ଅବସରରେ ଅଷ୍ଟ୍ରେଲିଆ ଚୟନ କମିଟି ଚେୟାରମ୍ୟାନ ଜର୍ଜ ବେଲି ଏକଥା ପ୍ରକାଶ କରିଛନ୍ତି। ସ୍ୱଳ୍ପ ବୟସ୍କ ସାମ୍ କୋଣ୍ଟାସଙ୍କୁ ମଧ୍ୟ ଟପ୍ ଟିଅର ଚୁକ୍ତି ତାଲିକାରେ ସ୍ଥାନ ମିଳିଛି। ଭାରତ ବିପକ୍ଷ ବକ୍ସିଂ ଡେ’ ଟେଷ୍ଟ ଡେବ୍ୟୁରେ ସେ ୬୫ ବଲ୍‌ରେ ଆକର୍ଷଣୀୟ ୬୦ ରନ ସ୍କୋର କରିଥିଲେ, ଯାହା ଫଳରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆ ୩-୧ରେ ସିରିଜ ବିଜୟୀ ହୋଇ ପାରିଥିଲା।

# ଓଡ଼ିଶାକୁ ୯ ସ୍ୱର୍ଣ୍ଣ ସମେତ ୨୯ ପଦକ


ଅତିଥିଙ୍କ ସହ ପଦକ ବିଜେତା।

### ଜାତୀୟ ପାରା ଫେନ୍‌ସିଂ ଚାମ୍ପିୟନଶିପ

ଭୁବନେଶ୍ୱର,୧।୪(ଅନାଦି କର)

ଓଡ଼ିଶା ପାରା ଫେନ୍ସିଂ ଦଳ ଜାତୀୟ ପାରା ଫେନ୍ସିଂ ଚାମ୍ପିୟନଶିପରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଓଡ଼ିଶାର ପାରା ଆଥଲେଟମାନେ ବିଭିନ୍ନ କ୍ୟାଟେଗୋରୀରେ ୨୯ ପଦକ ଜିତିଛନ୍ତି। ପଦକ ତାଲିକାରେ ୯ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୯ ବ୍ରୋଞ୍ଜ ରହିଛି। ପୁରୁଷ ସାବ୍ରେରେ ରାଖାଲ କୁମାର ସେଠୀ (କ୍ୟାଟେଗୋରୀ -ଏ), ରୁଦ୍ର ନାରାୟଣ ବେହେରା (କ୍ୟାଟେଗୋରୀ -ବି), ମହିଳା ଇପିରେ ମାଳତୀ ପାନାଉରେ (କ୍ୟାଟେଗୋରୀ -ଏ), ଆଶା ସିଂ (କ୍ୟାଟେଗୋରୀ -ବି), ପୁରୁଷ ଫଏଲରେ ଓମ ପ୍ରକାଶ ବେହେରା (କ୍ୟାଟେଗୋରୀ -ବି) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ଓ ମହିଳା ଫଏଲ ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରଫୁଲ କୁମାର ଖଣ୍ଡାୟତ ରାୟ ପୁରୁଷ ସାବ୍ରେ (କ୍ୟାଟେଗୋରୀ-ବି), ଶିଳା ମନ୍ତ୍ରୀ ମହିଳା ଇପି (କ୍ୟାଟେଗୋରୀ-ଏ), ଭି ରମେଶ ରାଓ ପୁରୁଷ ଫଏଲ (କ୍ୟାଟେଗୋରୀ-ଏ), ମାଳତୀ ପାନାଉରେ ମହିଳା ସାବ୍ରେ (କ୍ୟାଟେଗୋରୀ-ଏ), ଆଶା ସିଂ ମହିଳା ସାବ୍ରେ (କ୍ୟାଟେଗୋରୀ-ବି), ପବିତ୍ର ସାହୁ ପୁରୁଷ ଇପି (କ୍ୟାଟେଗୋରୀ-ଏ), ଓମ ପ୍ରକାଶ ବେହେରା (କ୍ୟାଟେଗୋରୀ-ବି) ରୌପ୍ୟ ପଦକ ଜିତିଛନ୍ତି। ଶିଳା ମନ୍ତ୍ରୀ, ପୂଜାସ୍ୱିନି ନାୟକ, ମାଳତୀ ପାନାଉରେ ଓ ମଧୁସ୍ମିତା ସାହୁଙ୍କୁ ନେଇ ଗଠିତ ମହିଳାଙ୍କ ଏପି ଓ ସାବ୍ରେ ଦଳ ଏବଂ ଓମ ପ୍ରକାଶ ବେହେରା, ଭି ରମେଶ ରାଓ, ରାଖାଲ କୁମାର ସେଠୀ ଓ ପବିତ୍ର ସାହୁଙ୍କୁ ନେଇ ଗଠିତ ପୁରୁଷ ଇପି ଦଳ ରୌପ୍ୟ ପଦକ ଜିତିଛନ୍ତି। ପୂଜାସ୍ୱିନୀ ନାୟକ ମହିଳା ଇପି (କ୍ୟାଟେଗୋରୀ-ବି), ଶିଳା ମନ୍ତ୍ରୀ ମହିଳା ଇପି (କ୍ୟାଟେଗୋରୀ-ଏ), ରାଖାଲ କୁମାର ସେଠୀ ପୁରୁଷ ଫଏଲ (କ୍ୟାଟେଗୋରୀ-ଏ), ପ୍ରଫୁଲ କୁମାର ଖଣ୍ଡାୟତ ରାୟ ପୁରୁଷ ଫଏଲ (କ୍ୟାଟେଗୋରୀ-ବି), ପୂଜାଶ୍ୱିନୀ ନାୟକ ମହିଳା ସାବ୍ରେ (କ୍ୟାଟେଗୋରୀ-ବି), ଭି ରମେଶ ରାଓ ପୁରୁଷ ଇପି (କ୍ୟାଟେଗୋରୀ-ଏ), ଶିଳା ମନ୍ତ୍ରୀ ମହିଳା ଫଏଲ (କ୍ୟାଟେଗୋରୀ-ଏ), ପୂଜାଶ୍ୱିନୀ ନାୟକ ମହିଳା ଫଏଲ (କ୍ୟାଟେଗୋରୀ-ବି) ଓ ଆଶା ସିଂ ମହିଳା ଫଏଲ (କ୍ୟାଟେଗୋରୀ-ବି)ରେ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି।

# ତନୟଙ୍କ ଶତକ, ଭାଗିଶଙ୍କୁ ୭ ଉଇକେଟ

ଭୁବନେଶ୍ୱର, ୧।୪ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ଭୁବନେଶ୍ୱର ‘ଏ’, ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ମାଲକାନଗିରି, ଝାରସୁଗୁଡ଼ା, ଭଦ୍ରକ, କିଟ୍ ଓ ଢେଙ୍କାନାଳ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି।

ଜଟଣୀ ରେଲୱେ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ‘ଏ’ ରାଉରକେଲାକୁ ୮ ଉଇକେଟରେ ପରାସ୍ତ କରିଛି। ଏଥିରେ ରିତେଶ ପ୍ରିୟରଞ୍ଜନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେ ୨୦ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ।

### କଳାହାଣ୍ଡି କପ୍

ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଗୋଳ ୧୦୯ରନରେ ପୁରୀକୁ ହରାଇ ଦେଇଛି। ଏଥିରେ ରାକେଶ ବିଶ୍ୱାଳ ୧୩ ରନ ଦେଇ ୪ଉଇକେଟ ନେବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଦେବଗଡ଼ ବିପକ୍ଷରେ ବଲାଙ୍ଗୀର ୮ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ଅଂଶୁମାନ ମିଶ୍ର ୩୨ ରନ କରିବା ସହ ୩ଟି ଉଇକେଟ ନେଇଥିଲେ।


ତନୟ କେ. ବିଶ୍ୱାଳ


ଭାଗିଶ ଶର୍ମା

ଅଡ଼ଶପୁର ଗ୍ରାଉଣ୍ଡରେ ସମ୍ବଲପୁର ‘ଏ’କୁ ୧ ଉଇକେଟରେ ପରାଜିତ କରିଛି ବାଲେଶ୍ୱର। ବିଜୟୀ ଦଳ ନୌତମ ଭଞ୍ଜ ୪ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

ରେଲୱେ ଗ୍ରାଉଣ୍ଡରେ ବରଗଡ଼ ବିପକ୍ଷରେ ମାଲକାନଗିରି ୧୪୩ ରନରେ ବିଜୟୀ ହୋଇଛି। ଶ୍ରେଷ୍ଠ ଖେଳାଳି ବିବେଚିତ ଭାଗିଶ ଶର୍ମା ୨୯ରନ ଦେଇ ୭ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୬ଉଇକେଟରେ କେନ୍ଦ୍ରାପଡ଼ାକୁ ହରାଇଛି। ଏଥିରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା କ୍ରିଷ୍ଣା ପଲାଇ ୩୭ ରନ ଦେଇ ୪ଉଇକେଟ ନେଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଭଦ୍ରକ ୬ ଉଇକେଟରେ କଟକ ‘ବି’କୁ ପରାସ୍ତ କରିଛି। ବିଜୟୀ ଦଳର କିଶନ ମହାନ୍ତି ୩ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୧ରେ ରାୟଗଡ଼ା ବିପକ୍ଷରେ କିଟ୍ ୨୧୩ ରନରେ ବିପୁଳ ବିଜୟ ହାସଲ କରିଛି। ଏଥିରେ ବିଜୟୀ ଦଳର ତନୟ କେ. ବିଶ୍ୱାଳ ୧୩୫ ରନ କରିଥିବା ବେଳେ ୪୮ରନ ବିନିମୟରେ ୪ ଉଇକେଟ ନେଇଥିବା ପାର୍ଥସାରଥୀ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

ଖୋର୍ଦ୍ଧା ଗ୍ରାଉଣ୍ଡରେ ଢେଙ୍କାନାଳ ୫ଉଇକେଟରେ ସମ୍ବଲପୁରକୁ ପରାସ୍ତ କରିଛି। ଏଥିରେ ୩୫ରନ ଦେଇ ୫ଉଇକେଟ ଅକ୍ତିଆର କରିଥିବା ବିଜୟୀ ଦଳର ମୁସ୍ତାକ ବେଗ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

# ବନ୍ଦନା କାଟାରିୟାଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ,୧।୪(ପି.ଟି.)

ଭାରତୀୟ ମହିଳା ହକି ଦଳ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ବନ୍ଦନା କାଟାରିୟା ମଙ୍ଗଳବାର ଅବସର ଘୋଷଣା କରିଛନ୍ତି। ଏଥିସହିତ ତାଙ୍କର ୧୫ ବର୍ଷ ଲମ୍ବା ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ୩୨ ବର୍ଷୀୟ ଭେଟେରାନ ଷ୍ଟ୍ରାଇକର ଭାରତ ପାଇଁ ୩୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସହ ୧୫୮ ଗୋଲ କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ହାସଲ କରିଥିବା ଭାରତୀୟ ଦଳର ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ।

‘ଆଜି ବହୁ ଦୁଃଖର ସହିତ ମୁଁ ଅନ୍ତର୍ଜାତୀୟ ହକିରୁ ମୋର ଅବସର ଘୋଷଣା କରୁଛି। ମୋର ଏହି ନିଷ୍ପତ୍ତିରେ ଉଭୟ ଦୁଃଖ ଓ ଖୁସି ଭରି ରହିଛି। ମୁଁ ଅନ୍ତର୍ଜାତୀୟ ହକିରୁ ଦୂରକୁ ଯିବାର ନିଷ୍ପତ୍ତି ନେଇଛି। ଏହା ପଛର କାରଣ ନୁହେଁ ଯେ, ମୋ ଭିତରେ ଦେଶ ପାଇଁ ଖେଳିବା ଲାଗି ଥିବା ନିଆଁ ଲିଭି ଯାଇଛି, ତା’ ନୁହେଁ। ଏହାର କାରଣ ହେଉଛି, ମୁଁ ମୋ କ୍ୟାରିୟରର ଶୀର୍ଷରେ ଥାଇ ବିଦାୟ ନେବାକୁ ଚାହେଁ। ମୁଁ ଥକି ପଡ଼ିଥିବାରୁ ବିଦାୟ ନେଉନାହିଁ। ମୁଁ ମୋ ସର୍ତ୍ତରେ ମୁଣ୍ଡ ଟେକି ଅନ୍ତର୍ଜାତୀୟ ହକିକୁ ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଦର୍ଶକଙ୍କ ଚିତ୍କାର, ପ୍ରତ୍ୟେକ ଗୋଲରେ ରୋମାଞ୍ଚ ଓ ଭାରତୀୟ ଜର୍ସି ପିନ୍ଧିବାର ଗର୍ବ ମୋ ସହିତ ସର୍ବଦା ରହିବ’ ବୋଲି କାଟାରିୟା ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ୨୦୦୯ରେ ସିନିୟର ସ୍ତରରେ ପଦାର୍ପଣ କରିବା ପରଠାରୁ ସେ ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇ ରହିଥିଲେ। ସେ ପ୍ରଥମ ଓ ଏକମାତ୍ର ଭାରତୀୟ ମହିଳା ଭାବେ ଟୋକିଓ ଗେମ୍ସରେ ହ୍ୟାଟ୍ରିକ ଗୋଲ କରିଥିଲେ। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଟୋକିଓ ଗେମ୍ସ ସମ୍ପର୍କରେ ଚିନ୍ତା କଲେ ମୋର ଏବେ ବି ଲୋମ ଟାଙ୍କୁରି ଉଠୁଛି। ଅଲିମ୍ପିକ୍ସ ସର୍ବଦା ସ୍ୱତନ୍ତ୍ର ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ ମୋ ଜୀବନର ଅନ୍ୟତମ ଭାବବିହ୍ୱଳପୂର୍ଣ୍ଣ ମ୍ୟାଚ ଥିଲା। ସେହି ହ୍ୟାଟ୍ରିକ ସ୍ୱତନ୍ତ୍ର ଥିଲା। କିନ୍ତୁ ହ୍ୟାଟ୍ରିକଠାରୁ ଆମେ ସେହି ଷ୍ଟେଜର ଅଂଶବିଶେଷ ବୋଲି ପ୍ରମାଣିତ କରିବା ଅଧିକ ଆନନ୍ଦଦାୟକ ଥିଲା। ତେବେ ସେ ଖେଳାଳି ଭାବେ ହକିରୁ ଅବସର ନେଉନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ମୁଁ ମୋ ଷ୍ଟିକ ଛାଡୁ ନାହିଁ। ମୁଁ ହକି ଇଣ୍ଡିଆ ଲିଗ ଓ ଅନ୍ୟ ଟୁର୍ନାମେଣ୍ଟରେ ଖେଳିବା ଓ ସ୍କୋର କରିବା ଜାରି ରଖିବି। ଆଜି ମୁଁ ଅନ୍ତର୍ଜାତୀୟ ହକିରୁ ଅବସର ନେଇଛି। କିନ୍ତୁ ମୋତେ ମିଳିଥିବା ଭଲ ପାଇବା, ପ୍ରତ୍ୟେକ ଶିକ୍ଷା ଓ ପ୍ରତ୍ୟେକ ସ୍ମୃତିକୁ ଆଗକୁ ନେଇଯାଉଛି। ମୋ ପରିବାର, ମୋ ଇନ୍ଧନ ଏବଂ ସର୍ବଦା ସାଥି ଖେଳାଳି ହୋଇ ରହିବା ପାଇଁ ଧନ୍ୟବାଦ ବୋଲି ବନ୍ଦନା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। କାଟାରିୟା ସମ୍ମାନଜନକ ପଦ୍ମଶୀ ଓ ଅର୍ଜୁନ ପୁରସ୍କାର ପାଇଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୨୦୧୬ ଓ ୨୦୨୩ ଓମେନ୍ସ ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ୨୦୨୨ରେ ଏଫ୍‌ଆଇଏଚ୍ ହକି ଓମେନ ନେଶନ୍ସ କପରେ ସ୍ୱର୍ଣ୍ଣ ପଦକ ଜିତିଥିଲା।



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ